# ଉତ୍କଳ ପ୍ରସଙ୍ଗ

ପୂଜା ବିଶେଷାଙ୍କ



**Vol. XLIII** **No. 11** UTKAL PRASANGA Regd No. O-05/87

Licence No. C. R. N. P. 5—Licensed to post without Pre-Payment



ପୁରୀ ସାହି ଯାତ୍ରାର ମହାଦେବ ବେଶ ....

PRINTED AT ORISSA GOVERNMENT PRESS, CUTTACK-10



ଏକ ବିଂଶତମ ସମାବର୍ତ୍ତନ ଉତ୍ସବରେ ଡକ୍ଟର କେ. ରାମେୟାଙ୍କୁ ଡି.ଏସ୍.ସି ଉପାଧି ପ୍ରଦାନ ।



କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ଏକବିଂଶତମସମାବର୍ତ୍ତନ ଉତ୍ସବରେ ଶ୍ରୀ ଡି.ଏନ୍. ଘୋଷ, ମୁଖ୍ୟ ଅତିଥି; ଶ୍ରୀ ବିଶ୍ୱମ୍ଭର ନାଥ ପାଣ୍ଡେ, କୁଳାଧିପତି; ଶ୍ରୀ ରାସ ବିହାରୀ ବେହେରା, ଉପକୁଳାଧିପତି ତଥା କୃଷି-ସମବାୟ ମନ୍ତ୍ରୀ, ଶ୍ରୀ କେ. ରାମମୂର୍ତ୍ତି, କୁଳପତି ଏବଂ ଡକ୍ଟର କେ. ରାମେୟା ପ୍ରମୁଖ ।

# ଉତ୍କଳ ପ୍ରସଙ୍ଗ

ଆଷାଢ଼ ୧୯୦୮ ଶକାବ୍ଦ ୪୨ ଭାଗ ୧୨ଶ ସଂଖ୍ୟା ଜୁଲାଇ ୧୯୮୬

● ସମ୍ପାଦନା ମଣ୍ଡଳୀ

ନିର୍ଦ୍ଦେଶକ : ଶ୍ରୀ ଫଣୀ ଭୂଷଣ ଦାସ

ସମ୍ପାଦକ . ସମର ବିକାଶ ପଟ୍ଟନାୟକ

ସହ ସମ୍ପାଦକ : ମହାରାଜ ସତ୍ୟନାରାୟଣ ନନ୍ଦ

ସହଯୋଗୀ ସମ୍ପାଦକ : ଶ୍ରୀ ସୁରେନ୍ଦ୍ର କୁମାର ପଟ୍ଟନାୟକ

●

ମୁଖ୍ୟ ସମ୍ପାଦକ

ଶ୍ରୀ ସତ୍ୟାନନ୍ଦ ଚମ୍ପତିରାୟ

● ପ୍ରଚ୍ଛଦପଟ

ଶ୍ରୀ ସୂର୍ଯ୍ୟ ନାରାୟଣ ରଥ

ପ୍ରକାଶକ : ସୂଚନା ଓ ଲୋକ ସମ୍ପର୍କ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର

ବାର୍ଷିକ ଦେୟ : ୨୦.୦୦

ପ୍ରତି ଖଣ୍ଡ : ୨.୦୦

ମୁଦ୍ରଣ :
ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ


ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଜନସ୍ୱାର୍ଥ ସମ୍ବନ୍ଧୀୟ ସଂକ୍ଷିପ୍ତ ବିବରଣୀ "ଉତ୍କଳ ପ୍ରସଙ୍ଗ"ରେ ପ୍ରକାଶିତ ହୋଇଥାଏ। ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ। ସେହିଭଳି ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠବୋଲି ଭାବିବା ଉଚିତ ନୁହେଁ।

'ଉତ୍କଳ ପ୍ରସଙ୍ଗ' ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ମଧ୍ୟ ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସମ୍ପୂର୍ଣ୍ଣରୂପେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ।

# ସୂଚୀପତ୍ର


| | | |
|---|---|---|
| ଜଳ ଓ ଜମିର ସୁପରିଚାଳନା .. | ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ | .. ୧ |
| କୃଷି ବିକାଶର ତ୍ରିବେଣୀ .. | ଶ୍ରୀ କେ: ରାମ ମୂର୍ତ୍ତି | .. ୩ |
| ଓଡ଼ିଶାରେ ଗ୍ରାମ୍ୟ ଉନ୍ନୟନ ଓ ଦାରିଦ୍ର୍ୟ ଦୂରୀକରଣ | ଶ୍ରୀ ଅଜିତ କୁମାର ତ୍ରିପାଠୀ | .. ୬ |
| ଓଡ଼ିଶାରେ କୃଷି ବିକାଶ .. | ଡଃ: ରବିନାରାୟଣ ମହାନ୍ତି | .. ୧୧ |
| ଓଡ଼ିଶାରେ ମୃତ୍ତିକା ସଂରକ୍ଷଣ କାର୍ଯ୍ୟକ୍ରମ .. | ଶ୍ରୀ ରଘୁନାଥ ବେହେରା | .. ୧୪ |
| ଓଡ଼ିଶାରେ ଉଦ୍ୟାନ କୃଷିର ଅଗ୍ରଗତି .. | ଶ୍ରୀ ସଦାନନ୍ଦ ମଲ୍ଲିକ | .. ୧୬ |
| କୃଷି ଉତ୍ପାଦନ ଓ କୃଷି ଶିକ୍ଷା ବ୍ୟବସ୍ଥା .. | ଡକ୍ଟର ପ୍ରକାଶ ଚନ୍ଦ୍ର ପରିଡ଼ା | .. ୧୯ |
| କୃଷି ଗବେଷଣାର ନୂତନ ଆଭିମୁଖ୍ୟ .. | ଡକ୍ଟର ସୀତାନାଥ ଦାସ | .. ୨୨ |
| ଦୁଗ୍ଧ ଉତ୍ପାଦନର ଅର୍ଥନୀତିରେ ଘାସ ସ୍ୱତ୍ତର ଭୂମିକା | ଡଃ: ନୃସିଂହ ଚରଣ ପଣ୍ଡା | .. ୨୫ |
| ଓଡ଼ିଶାର ଉପକୂଳ ଅଞ୍ଚଳରେ ଫସଲ, ଜଳ ଓ ମୃତ୍ତିକା ପରିଚାଳନା ସମସ୍ୟା | ଡକ୍ଟର ଦାମୋଦର ଲେଙ୍କା | .. ୨୯ |
| କୃଷି କ୍ଷେତ୍ରରେ ସଫଳତାର ଏକ କାହାଣୀ .. | ଡଃ: ଅନିରୁଦ୍ଧ ମିଶ୍ର | .. ୩୪ |
| ପନିପରିବା ଫସଲର ଝାଉଁଳା ରୋଗ ଓ ତାହାର ପ୍ରତିକାର | ଅଧ୍ୟାପକ ବିରଞ୍ଚି ନାରାୟଣ ରାଉତରାୟ, ଡକ୍ଟର ସୀତାନାଥ ଦାସ | .. ୩୬ |
| ପଟାଙ୍ଗି ଉଚ୍ଚ ପରନ ଗବେଷଣା କେନ୍ଦ୍ର .. | ଡଃ: ଧ୍ରୁବ ଚରଣ ମହାନ୍ତି ଡଃ: ଅନିରୁଦ୍ଧ ମିଶ୍ର | .. ୩୮ |
| ସବ୍ଜୀ ଲଙ୍କା ଏକ ଏକରରୁ ଲକ୍ଷେ ଟଙ୍କା .. | | .. ୪୦ |
| ଉନ୍ନତ ଜାଲଡ଼ ସ୍ତମ୍ଭ .. | ଅଧ୍ୟାପକ ତ୍ରିନାଥ ମହାରଣା | .. ୪୪ |
| ଠେକୁଆ ପାଳନ ଏକ ଲାଭଜନକ ବ୍ୟବସାୟ .. | ଡଃ: ପ୍ରସନ୍ନ କୁମାର ମିଶ୍ର, ଡାଃ: ଶରତ ଚନ୍ଦ୍ର ମିଶ୍ର | .. ୪୬ |
| କୃଷକଙ୍କ ସେବାରେ କୃଷି ବିଶ୍ୱବିଦ୍ୟାଳୟ .. | ଶ୍ରୀ ଗୋପେଶ୍ୱର ଭାଳଗୁରୁ | .. ୪୮ |
| କୃଷି କ୍ଷେତ୍ରରେ କମ୍ପ୍ୟୁଟର ପ୍ରଚଳନ .. | ଶ୍ରୀ ପ୍ରକାଶ ଚନ୍ଦ୍ର ସାହୁ | .. ୫୦ |
| କୃଷି ବିଶ୍ୱବିଦ୍ୟାଳୟ: ଏକ ସିଂହାବଲୋକନ .. | ଶ୍ରୀ ରଘୁନାଥ ଦାସ | .. ୫୨ |
| ଉନ୍ନତ ଜର୍ଶି ଜାତୀୟ ଗାଈଙ୍କ ସ୍ୱାସ୍ଥ୍ୟରକ୍ଷାର କେତୋ[illegible] | ଡଃ: ଶଶୀଭୂଷଣ ତ୍ରିପାଠୀ ଓ ଡଃ: ପ୍ରବୋଧ ଚନ୍ଦ୍ର ଦେ | .. ୫୬ |
| କାଜୁଅ [illegible]ର ମୁଖ୍ୟ ଅନିଷ୍ଟକାରୀ ପୋକ ଓ ତାର ନି[illegible]ରଣ | ଶ୍ରୀ ରମାକାନ୍ତ ନନ୍ଦ, ଶ୍ରୀ ଇନ୍ଦୁ କିଶୋର ରଥ | .. ୫୮ |
| ସଫଳ କାହାଣୀ .. | | .. ୬୧ |
| ପଲ୍ଲୀ ପ୍ରସଙ୍ଗ | | .. ୬୬ |

# ମୋ ଦୃଷ୍ଟିରେ ....

ଏ ବର୍ଷର ପ୍ରଚଣ୍ଡ ନିଦାଘର ପ୍ରଖର ତାପ ପରେ ବର୍ଷାର ରୁମ୍‌ଝୁମ୍ ନୂପୁର ଖଚିତ ପାଦର ଆଗମନ, ଅବଶ୍ୟମ୍ଭାବୀ ହେଲେ ମଧ୍ୟ, ଶୁଭାକାଂକ୍ଷୀର ଆଶୀର୍ବାଦ ପରି ଓଡ଼ିଶାବାସୀଙ୍କ ପକ୍ଷରେ ସ୍ୱାଗତଯୋଗ୍ୟ । ଏ ବର୍ଷର ଗ୍ରୀଷ୍ମ ଋତୁ ଅତ୍ୟନ୍ତ ପ୍ରଖର ତଥା ଦୀର୍ଘକାଳ ବ୍ୟାପୀ ହୋଇଥିଲା । ଗ୍ରାମେ ଗ୍ରାମେ କୃଷକମାନେ ଆକାଶକୁ ଚାତକ ପରି ଚାହିଁ ରହିଥିଲେ ବର୍ଷା ଆଶାରେ । ଅବଶେଷରେ ସେହି ଚିରାକାଂକ୍ଷିତ, ମାନବ ପ୍ରାଣର ଜୀବନ ଆକାଶରୁ ଅଜାଡ଼ି ହୋଇଗଲା, ଚିରାଚରିତ ଆଷାଢ଼ରେ ନୁହେଁ, ଶ୍ୟାମଳା ଶ୍ରାବଣରେ । ଓଡ଼ିଶାବାସୀଙ୍କ ସହ "ଉତ୍କଳ ପ୍ରସଙ୍ଗ" ମଧ୍ୟ ଏହି ବର୍ଷା ଧାରାକୁ ସ୍ୱାଗତ ଜଣାଉଛି ଏ ସଂଖ୍ୟାର 'କୃଷି ବିଶେଷାଙ୍କ' ମାଧ୍ୟମରେ ।

ଓଡ଼ିଶାକୁ ଶିଳ୍ପ ଭିତ୍ତିକ ରାଜ୍ୟ କରି ଗଢ଼ି ତୋଳିବାରେ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ନେତୃତ୍ୱରେ ଗଠିତ ମନ୍ତ୍ରିମଣ୍ଡଳ ଅତୁଳନୀୟ ଉଦ୍ୟମ କରିଥିଲେ ମଧ୍ୟ, କୃଷି ଯେ ଆମ ଅର୍ଥନୀତିର ମୂଳ ଆଧାର ଏବଂ କୃଷକହିଁ ଆମ ସମାଜର ମେରୁଦଣ୍ଡ — ଏ କଥାକୁ ସେ ଭୁଲି ଯାଇ ନାହାନ୍ତି । କୃଷିରେ ସମ୍ୟକ ବିକାଶ ଓ ଉତ୍ପାଦନ ବୃଦ୍ଧି ପ୍ରତି ସେ ଯଥେଷ୍ଟ ଗୁରୁତ୍ୱ ଦେଇ ଆସିଛନ୍ତି । କୃଷିର ବିଭିନ୍ନ ଦିଗ ଏବଂ ବୈଜ୍ଞାନିକ ଦୃଷ୍ଟି-କୋଣକୁ ନେଇ ଏଥରର "ଉତ୍କଳ ପ୍ରସଙ୍ଗ" ଆତ୍ମ ପ୍ରକାଶ କରିଛି ଏବଂ ଏ ସଂଖ୍ୟାଟି କୃଷକମାନଙ୍କ ନିମନ୍ତେ ବିଶେଷ ଉପଯୋଗୀ ହେବ ବୋଲି ଆମେ ଆନ୍ତରିକ ଆଶା କରୁଛୁ ।

କୃଷି ସାଧାରଣତଃ ଜଳ ଉପରେହିଁ ନିର୍ଭର କରେ । କିନ୍ତୁ ଜଳର ସମପରିମାଣୀୟ ସଦୁପଯୋଗ ହୋଇ ଏହାର ଉଚିତ ବ୍ୟବହାର ସମସ୍ତେ ଜାଣିବା କଥା ।

ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କର 'ଜଳ ଓ ଭୂମି ପରିଚାଳନା' ପ୍ରବନ୍ଧରେ ଏହି ବିଷୟରେ ବିଶଦ ତଥ୍ୟର ଅବତାରଣା କରାଯାଇଛି । ଏହା ଆମ ପାଠକ ତଥା କୃଷକଙ୍କର ଦୃଷ୍ଟି ଆକର୍ଷଣ କରିବ ବୋଲି ଆମର ଆଶା ।

ଓଡ଼ିଶାର କୃଷି ବିଶ୍ୱବିଦ୍ୟାଳୟର କୁଳପତି ତଥା ପ୍ରବୀଣ ଶାସକ ଶ୍ରୀ କେ. ରାମମୂର୍ତ୍ତି ଏହି ସଂଖ୍ୟାରେ 'କୃଷି ବିକାଶ'ର ତ୍ରିବେଣୀ' ଶୀର୍ଷକ ସନ୍ଦର୍ଭ ଲେଖିଛନ୍ତି । ଏହି ପ୍ରବନ୍ଧରେ ସେ କୃଷି ବିଜ୍ଞାନର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଛନ୍ତି ।

କୃଷି ସହ ଗୋପାଳନ ଓ ପଶୁପାଳନ ମଧ୍ୟ ସମ ପର୍ଯ୍ୟାୟରେ ପ୍ରାଧାନ୍ୟ ଲାଭ କରିଛି । ଉନ୍ନତ ଜର୍ସି ଜାତୀୟ ଗାଈ ତଥା ଠେକୁଆ ପାଳନର ଗୁରୁତ୍ୱ ବିଷୟରେ ଏବଂ ଡକ୍ଟର ନୃସିଂହ ଚରଣ ପଣ୍ଡାଙ୍କର ଗୋଚର ଉନ୍ନୟନ ବିଷୟରେ ଦୁଇଟି ପ୍ରବନ୍ଧ ପ୍ରକାଶିତ ହୋଇଛି ।

ଭାରତରେ ଏବେ ଏକ ନୂତନ ଯୁଗ ଆରମ୍ଭ ହୋଇଛି । କମ୍ପ୍ୟୁଟର ସାହାଯ୍ୟରେ ଭାରତକୁ ଏକବିଂଶ ଶତାବ୍ଦୀକୁ ଘେନିଯିବା ନିମନ୍ତେ ପ୍ରଧାନ ମନ୍ତ୍ରୀ ଶ୍ରୀ ରାଜୀବ ଗାନ୍ଧିଙ୍କ ଅଭିନବ ଓ ଅଦମ୍ୟ ପଦକ୍ଷେପକୁ ଆଜି ସମଗ୍ର ଦେଶବାସୀ ସ୍ୱାଗତ କରୁଛନ୍ତି । ଏହି କମ୍ପ୍ୟୁଟରର କୃଷିକ୍ଷେତ୍ରରେ ପ୍ରଚଳନ ଆଜି ନୂତନ ହେଲେ ମଧ୍ୟ ଆବଶ୍ୟକ ଏବଂ ତାହାର ଏକ ପର୍ଯ୍ୟାଲୋଚନା ଏହି ସଂଖ୍ୟାରେ କରାଯାଇଅଛି ।

ଉତ୍କଳ ପ୍ରସଙ୍ଗ ଓଡ଼ିଶାର କୃଷିଭାଇଙ୍କୁ ସ୍ୱାଗତ ଜଣାଇ ଏହି ସଂଖ୍ୟାଟି ତାଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ହେଉଛି ।



# ଜଳ ଓ ଜମିର ସୁପରିଚାଳନା

ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ

ଆଜକୁ ଦୁଇବର୍ଷ ତଳେ ଜଳ ଓ ଭୂମି ପରିଚାଳନା ଅନୁଷ୍ଠାନ ଆରମ୍ଭ କରାଯାଇଥିଲା । ଭୁବନେଶ୍ୱରରେ ଗୋଟିଏ ଅଫିସ୍ ଘରେ ଅସ୍ଥାୟୀ ଭାବେ ଏହାର କାର୍ଯ୍ୟ ଚାଲିଛି । ବର୍ତ୍ତମାନ ସଂପୂର୍ଣ୍ଣ ଅନୁଷ୍ଠାନଟି କଟକ ଜିଲ୍ଲା ପ୍ରତାପ ନଗରୀଠାରେ ନିର୍ମାଣ କରାଯାଉଛି । ଏଥିରେ ୭ କୋଟି ଟଙ୍କା ବିନିଯୋଗ କରାଯିବ । କୃଷି ବିଭାଗ ଓ ଇଞ୍ଜିନିୟରିଂ ବିଭାଗର ବିଶେଷଜ୍ଞମାନେ ଏଠାରେ ଶିକ୍ଷା ଦେବେ । ଏହା ଦ୍ୱାରା ରାଜ୍ୟରେ କୃଷିର ବିକାଶ ସାଧିତ ହେବ ଓ କୃଷକମାନେ ବିଶେଷ ଭାବରେ ଉପକୃତ ହେବେ । ଏହି ଉଦ୍ଦେଶ୍ୟରେ ଏଭଳି ଏକ ନୂତନ ଅନୁଷ୍ଠାନ ଆରମ୍ଭ କରାଯାଇଛି ।

ଆଧୁନିକ କୃଷି ବିଜ୍ଞାନ ଅନୁଯାୟୀ ପ୍ରତ୍ୟେକ ଜମିକୁ ଜଳ ଦରକାର, କିନ୍ତୁ କେତେ ପରିମାଣରେ ଜଳ ଦରକାର, ତା' ଅନେକ ସମୟରେ ଆମେ ନିରୂପଣ କରୁନାହୁଁ । ଯେତିକି ଜଳ ଦରକାର, ତା' ଅପେକ୍ଷା ଅଧିକ ଜଳ ନିଆଯାଏ । ଫଳରେ କେନାଲର ଉପର ମୁଣ୍ଡରେ ଥିବା ଜମିକୁ ଯଥେଷ୍ଟ ଜଳ ମିଳେ, ଅଥଚ ତଳ ମୁଣ୍ଡ ଜମିରେ ଜଳ ପହଞ୍ଚି ପାରେ ନାହିଁ । ଏଭଳି ଅସୁବିଧା ରବି ସମୟରେ ବିଶେଷ ଭାବରେ ଦେଖାଯାଏ । ଆହୁରି ମଧ୍ୟ, ଯେତିକି ଜମି ପାଇଁ କେନାଲ ହୋଇଛି, ତା' ଅପେକ୍ଷା ଅଧିକ ଜମି ମଧ୍ୟ ଚାଷ କରାଯାଉଛି । ଫଳରେ ପାଣି ଅଣ୍ଟୁ ନାହିଁ । ଏ ସମସ୍ୟାର ସମାଧାନ ହେବା ଆବଶ୍ୟକ । କେନାଲରେ ପାଣି ନେବା କିଛି ବଡ଼ କଥା ନୁହେଁ, ଠିକ୍ ଭାବରେ ପାଣିକୁ ଆମେ ପରିଚାଳନା କରିବା ହେଉଛି ବଡ଼ କଥା । ଚାଷୀମାନେ କିପରି ପାଣି ପାଇବେ, ଯେତିକି ପାଣି ଦରକାର, ତା'ଠାରୁ ବେଶୀ ବା କମ୍ ଯେପରି ନପାଇବେ, ଏ ସମସ୍ତ କାର୍ଯ୍ୟକାରୀ କରିବା ହେଉଛି ଏହି ଅନୁଷ୍ଠାନର ଅନ୍ୟତମ ଉଦ୍ଦେଶ୍ୟ ।

ଜଳସେଚନକୁ ଠିକ୍ ଭାବରେ ପରିଚାଳନା କରିବା ହେଉଛି, ଉନ୍ନତ ଜଳସେଚନ ବ୍ୟବସ୍ଥାର ଅନ୍ୟ ଏକ ଦିଗ । ଆମର ଯେତିକି ପାଣି ଅଛି, ସେହି ଅନୁସାରେ ବିଭିନ୍ନ ଫସଲ ଆମେ କିପରି କରିପାରିବା, ସେ ବିଷୟରେ ଚାଷୀମାନଙ୍କୁ ପରାମର୍ଶ ଦେଇ କାର୍ଯ୍ୟରେ ପରିଣତ କରିବା ହେଉଛି ଏ ଅନୁଷ୍ଠାନର ଗୋଟିଏ ପ୍ରଧାନ କାର୍ଯ୍ୟ । ଏଠାରେ ଇଂଜିନିୟରମାନେ ଏବଂ କୃଷି କାର୍ଯ୍ୟରେ ନିୟୋଜିତ ଅଫିସରମାନେ ମଧ୍ୟ ତାଲିମ୍ ପାଇବେ । ଏହି ଅନୁଷ୍ଠାନ ନିକଟରେ ଗୋଟିଏ ଆଦର୍ଶ କୃଷି ଫାର୍ମ କରାଯିବ । କେଉଁ ଫସଲ ପାଇଁ କେତେ ପାଣି ଦରକାର, ତାହା ଏହି ଫାର୍ମ କରିଆରେ ଚାଷୀମାନଙ୍କୁ ବୁଝାଇ ଦିଆଯିବ । ଏହା କେବଳ ଶିକ୍ଷାଦାନ ବା ତାଲିମ୍ କରିବାର ଅନୁଷ୍ଠାନ ନୁହେଁ, ଉନ୍ନତ ଧରଣର ଚାଷ ଓ ଜଳସେଚନ ବ୍ୟବସ୍ଥା ସଂପର୍କରେ ପ୍ରତ୍ୟକ୍ଷଭାବେ ବୁଝାଇବା ହେଉଛି ଏହାର ପ୍ରଧାନ କାର୍ଯ୍ୟ ।

ଓଡ଼ିଶାରେ ଆମେ ଠିକ୍ ସମୟରେ ପାଣିର ବ୍ୟବହାର କରୁନାହୁଁ । ବର୍ଷାଦିନେ ଓ ଖରାଦିନେ ଦୁଇଥର ଧାନଚାଷ କରିବା ପାଇଁ ଚାହୁଁଛୁ । ଯଦି ଖରାଦିନେ ଧାନ ଚାଷ ନକରି ଚିନାବାଦାମ ଚାଷ କରିବା, ତେବେ କମ୍ ପାଣି ଦରକାର ହେବ ଏବଂ ଅମଳ ମଧ୍ୟ ଅଧିକ ମିଳିବ । କଟକ ଓ ପୁରୀ ଜିଲ୍ଲାର ଚାଷୀମାନେ ଏକଥା ଅନୁଭବ କରି ଅନେକ ଜମିରେ ଚିନାବାଦାମ ଚାଷ କରି ପ୍ରଚୁର ଲାଭ ପାଉଛନ୍ତି । ବଲାଙ୍ଗୀର ଜିଲ୍ଲାର ଚାଷୀମାନେ ମଧ୍ୟ ଚିନାବାଦାମ ଚାଷରେ ସଫଳତା ଅର୍ଜନ କରିଛନ୍ତି । କିନ୍ତୁ ସମ୍ବଲପୁର ଜିଲ୍ଲାର ଚାଷୀମାନେ ଏହା ଅନୁଭବ କରି ନାହାନ୍ତି । ତେଣୁ, ଅନେକ ସମୟରେ ହୀରାକୁଦର ପାଣି ନେଇ ବିବାଦ ଉପୁଜୁଛି । ଉପର ମୁଣ୍ଡର ଚାଷୀ ପାଣି ପାଉଛନ୍ତି, ତଳମୁଣ୍ଡର ଚାଷୀଙ୍କ ପାଇଁ ପାଣି ଯଥେଷ୍ଟ ହେଉନି । ଗୋଟିଏ ଫସଲ ଧାନ ଚାଷ ଓ ଅନ୍ୟଟି ଚିନାବାଦାମ ଚାଷ କରିବା ପାଇଁ ଏ ଅନୁଷ୍ଠାନ ଚାଷୀମାନଙ୍କୁ ଶିକ୍ଷା ଦେବ । ଚିନାବାଦାମ ଚାଷ ସାରା ଓଡ଼ିଶାରେ ସଫଳ ହୋଇଛି ଏବଂ ଧାନ ଅପେକ୍ଷା ଅଧିକ ଲାଭ ମଧ୍ୟ ମିଳୁଛି ।

ଆଉ ଏକ ସମସ୍ୟା ହେଲା, ଅତିରିକ୍ତ ପାଣି ଜମିରେ ଜମା ହୋଇ ରହୁଥିବାରୁ ଅନେକ ମୂଲ୍ୟବାନ୍ ଜମି ନଷ୍ଟ ହୋଇଗଲାଣି । ସେଥିପାଇଁ ଚାଷୀମାନେ ବର୍ଷାଦିନେ ଧାନଚାଷ ଓ ଖରାଦିନେ ଚିନାବାଦାମ ଚାଷ କରିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି । ଏହାଦ୍ୱାରା ଚିନାବାଦାମ ପାଇଁ କମ୍ ପାଣି ଦରକାର ହେବ ଏବଂ ଜମିରେ ଆଉ ପାଣି ଜମା ହୋଇ ରହିବ ନାହିଁ ।

ଆମେ ଯଦି ପାଣିକୁ ଠିକ୍ ଭାବରେ ନିୟନ୍ତ୍ରିତ କରି ପାରିବା, ତା'ହେଲେ ସବୁ ସମୟରେ କେନାଲରେ ପାଣି ଛାଡ଼ିବାର କୌଣସି ଆବଶ୍ୟକତା ରହିବ ନାହିଁ । କେବଳ ସପ୍ତାହରେ ଚାରି ଦିନ ପାଣି ଛଡା ଯାଇ ପାରିବ, ଅନ୍ୟ ତିନିଦିନ ପାଣି ରହି ପାରିବ । କାରଣ ଚାଷୀମାନେ ପ୍ରତିଦିନ ଜମିରେ ପାଣି ମଡ଼ାଇବା ଦରକାର ନାହିଁ । ସେଥିପାଇଁ ଆମେ ଯଦି ସୁଚିନ୍ତିତ ବ୍ୟବସ୍ଥା କରିବା, ତା'ହେଲେ ଯେତେ ପାଣି କେନାଲରେ ଯାଉଛି, ତା'ଠାରୁ କମ୍ ପାଣି ଅଧିକ ଜମିରେ ମଡ଼ାଇ ପାରିବା । ତା'ଛଡା ନାଳ ପାଇଁ ଭଲ ଭାବରେ ଜଳ ନାଳ ଗୁଡ଼ିକ ହେବା ଦରକାର । ଜଳନାଳ ସହିତ ପ୍ରତ୍ୟେକ ଜମିରେ ଯେପରି ପାଣି ମାଡ଼ି ପାରିବ, ସେଥିପାଇଁ ଛୋଟଛୋଟ ନାଳର ବ୍ୟବସ୍ଥା ହେଲେ ପାଣି ସବୁ ଜମିରେ ଠିକ୍ ଭାବରେ ମାଡ଼ି ପାରିବ । ଏ ହେଉଛି ଜଳ ନିୟନ୍ତ୍ରଣ ବା (water management) ର ଗୋଟିଏ ପ୍ରଧାନ ପ୍ରଶ୍ନ ।

ଆଜି ଆମ ଦେଶରେ ଯେତିକି ବୃଷ୍ଟି ହଉଛି ଏବଂ ଯେତିକି ଜଳସେଚନ ଆଧାର ରହିଛି, ତା'ର ପାଣି ସେତିକି ଜମିରେ ମାଡ଼ିପାରୁ ନଥା, ଯାହା କଥା ନାହିଁ । ଆମ ଓଡ଼ିଶାରେ ମଧ୍ୟ ଠିକ୍ ଏହିପରି । ଜଳସେଚନ ସୁବିଧାପ୍ରାପ୍ତ ଅଞ୍ଚଳରୁ ଅଧିକରୁ ଅଧିକ ଜମିରେ ପାଣି ମାଡ଼ି ପାରୁ ନାହିଁ । ଏହା ଫଳରେ ଅଧିକ ଫସଲ ମଧ୍ୟ ହୋଇ ପାରୁନି ।

ଆମର କେନାଲଗୁଡ଼ିକ ଏପରି କରାଯାଇଛି ଯେ ପାଣି ତଳକୁ ତଳକୁ ସ୍ଥାନରେ ପାଖାପାଖି ଜମିକୁ ଜଳସେଚିତ କରୁଛି ଏବଂ କେତେବେଳେ ଜମିରେ ମଧ୍ୟ ପାଣି ଜମା ହୋଇ ରହୁଛି । ଏ ସମସ୍ୟାର ସମାଧାନ କରିବାକୁ ହେଲେ ଅତ୍ୟାଧୁନିକ ବ୍ୟବସ୍ଥା ଅନୁଯାୟୀ କେନାଲରେ ଲାଇନିଂ କରିବା ଦରକାର । ହରିୟାନା ଓ ପଞ୍ଜାବ ଭଳି ଅନେକ ରାଜ୍ୟରେ କେନାଲରୁ ସିମେଣ୍ଟ ଓ ପ୍ଲାଷ୍ଟିକ ପାଇପ୍ ଯୋଗେ ଜମିକୁ ପାଣି ନେଉଛନ୍ତି । ଏହା ଦ୍ୱାରା ପାଣି ଅଯଥା ଜମା ହୋଇ ରହୁନାହିଁ କି ପାଖାପାଖି ଜମି ଓଦାଳିଆ ହେଉ ନାହିଁ । ପାଣିର ସଦୁପଯୋଗ ହେବା ଦ୍ୱାରା ଅଧିକ ଜମିରେ ମଧ୍ୟ ଫସଲ ହୋଇ ପାରୁଛି । ଆମେ କେନାଲ କରିବା ସମୟରେ ଏ ସମସ୍ତ ଦୃଷ୍ଟିରେ ରଖି କେନାଲ କରିବାକୁ ପଡ଼ିବ ।

ଆମେ କି କି ଫସଲ କରିବା, ସେଥିପାଇଁ କେତେ ପାଣି ଦରକାର ହେବ, ପାଣିର ସୁପରିଚାଳନା କିପରି ହେବ ଏବଂ ପ୍ରତ୍ୟେକ ଗାଁର ଜମିରେ ବିନା ବିବାଦରେ ପାଣି ଯେପରି ମାଡ଼ି ପାରିବ, ଏସବୁ ବିଷୟ ଇଂଜିନିୟର, କୃଷି ବିଶେଷଜ୍ଞ ଓ ଗ୍ରାମମାନଙ୍କର ଜମିଦାର ଏକାଠି ବସି ଆଲୋଚନା ମାଧ୍ୟମରେ ସ୍ଥିର କରିବା ଉଚିତ ହେବ । ଏହା ଦ୍ୱାରା ଅନେକ ସମସ୍ୟାର ସମାଧାନ ହୋଇପାରିବ । ଏପରିକି ଆରାଣ ପାଣିଆ ଜମିଗୁଡ଼ିକରେ ପାଣି ନିଅଣ୍ଟରୁ ମୁକ୍ତି ମିଳିବ, ଧାନ ବଦଳରେ ଯେଉଁରେ କି ଫସଲ କଲେ ଆମେ ଲାଭବାନ ହେବା, ତାହା ମଧ୍ୟ ବିଚାର କରାଯିବା ଆବଶ୍ୟକ ।

ବର୍ତ୍ତମାନ ଆମ ରାଜ୍ୟରେ ଅନେକ ଚିନିକଳ ଓ ସୂତାକଳ ରହିଛି । ଚିନିକଳ ଅଞ୍ଚଳରେ ଆଖୁଚାଷ ଓ ସୂତାକଳ ଅଞ୍ଚଳରେ କପାଚାଷ ହେବା ଦରକାର । ଏହା ଦ୍ୱାରା ଗ୍ରାମମାନଙ୍କୁ ତାଲିମ୍ ବିଷୟରେ ଅନେକ ସୁଯୋଗ ମିଳିବ । ଏସବୁ ପାଇଁ କେତେ ପାଣି ଦରକାର, ତା'ର ବ୍ୟବସ୍ଥା ମଧ୍ୟ କରିବାକୁ ହେବ ।

ଏ ସମସ୍ତ କାର୍ଯ୍ୟ ପାଇଁ ଗୋଟିଏ ବୈଜ୍ଞାନିକ ପ୍ରତିଷ୍ଠାନର ଆବଶ୍ୟକତା ରହିଛି । ଏଣୁ ଜଳ ଓ ଜମି ପରିଚାଳନା ଅନୁଷ୍ଠାନ ଗଢ଼ାଯିବା ପାଇଁ ପରିକଳ୍ପନା କରାଯାଇଛି । ଏଥିପାଇଁ ଚଳିତ ବର୍ଷ ଚାରି କୋଟି ଟଙ୍କାର ଅର୍ଥ ବ୍ୟବସ୍ଥା କରାଯାଇଛି ।

ସତ୍ୟପନଗରୀଠାରେ ଜଳ ଓ ଜମି ପରିଚାଳନା ଅନୁଷ୍ଠାନ ଗଢ଼ି ଉଠିବା ଫଳରେ ଏ ଅଞ୍ଚଳବାସୀ ବିଶେଷ ଭାବରେ ଉପକୃତ ହେବେ । ଅନେକ ଏଠାରେ ମଧ୍ୟ କାମଧନ୍ଦା ପାଇ ପାରିବେ । ଏହାଛଡ଼ା, ଏ ଅଞ୍ଚଳରେ ଗୋଟିଏ ଅତ୍ୟାଧୁନିକ ସ୍କୁଲ ହେବ । ଦୋକାନ ବଜାର ମଧ୍ୟ ଗଢ଼ି ଉଠିବ । ତେଣୁ, ଏଭଳି ଏକ ନୂତନ ଅନୁଷ୍ଠାନ ଆମ ସମସ୍ତଙ୍କ ପାଇଁ ସର୍ବତୋଭାବେ ସ୍ୱାଗତ ଯୋଗ୍ୟ ।

[ଭାଷଣରୁ ସଂଗୃହୀତ]



# କୃଷି ବିକାଶର ତ୍ରିବେଣୀ

ଶ୍ରୀ କେ. ରାମମୂର୍ତ୍ତି

କୃଷି ଶିକ୍ଷା, ଗବେଷଣା ଓ ସଂପ୍ରସାରଣ ମଧ୍ୟରେ ସମନ୍ୱୟ ପ୍ରତିଷ୍ଠା କରିବା ପାଇଁ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ନିରନ୍ତର ଉଦ୍ୟମରତ । କେବଳ ଭାରତରେ ନୁହେଁ ପୃଥିବୀର ଅନେକ ଦେଶରେ ଏପରି ସମନ୍ୱୟ ପ୍ରତିଷ୍ଠା ସମ୍ଭବ ହୋଇ ପାରିନାହିଁ । ଏହି ତିନୋଟି ମଧ୍ୟରେ ସଂହତି ପ୍ରତିଷ୍ଠା ଫଳରେ ଏଇ ବିଶ୍ୱବିଦ୍ୟାଳୟରୁ ପ୍ରତିବର୍ଷ ଶହ ଶହ ଉଚ୍ଚ ପ୍ରତିଭାବାନ ଛାତ୍ରରୂପେ ସାଫଲ୍ୟ ଲାଭ କରିଛନ୍ତି । ଏପରିକି ଆମ ଦେଶରେ କେତେକ କୃଷି ବିଶ୍ୱବିଦ୍ୟାଳୟ ରହିଛି ଯେଉଁଠି କୃଷି ଶିକ୍ଷାରେ ଏପରି 'ସଂହତି' ସମ୍ଭବ ହୋଇପାରି ନାହିଁ । କହିବା ବାହୁଲ୍ୟ ଯେ, ସେ ସବୁ ବିଶ୍ୱବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ଛାତ୍ରମାନଙ୍କର ଗୁଣାତ୍ମକ ମାନ ଆମ ଛାତ୍ରଛାତ୍ରୀଙ୍କ ଠାରୁ ସଂପୂର୍ଣ୍ଣ ଅଲଗା ।

ଏହି ବିଶ୍ୱବିଦ୍ୟାଳୟ ତରଫରୁ କରାଯାଉଥିବା ବିଭିନ୍ନ ଗବେଷଣାମାନ ଅତ୍ୟନ୍ତ ଉଚ୍ଚରେ ରହି ଆସିଛି । ବର୍ଷକୁ ବର୍ଷ ପ୍ରତିଭାବାନ ବୈଜ୍ଞାନିକମାନେ ବିଜ୍ଞାନ କ୍ଷେତ୍ରରେ କେତେକ ଯୁଗାନ୍ତକାରୀ ତଥ୍ୟ ଉଦ୍‌ଭାବନ କରିଛନ୍ତି । ସେମାନଙ୍କ ମଧ୍ୟରୁ କେବଳ ସର୍ବଭାରତୀୟ ସମ୍ମାନ ନୁହେଁ ଆନ୍ତର୍ଜାତିକ କ୍ଷେତ୍ରରେ ଯଶ ଅର୍ଜନ କରିଛନ୍ତି । କେତେଜଣ ମଧ୍ୟ ବିଶ୍ୱର କେତେକ ଅନୁନ୍ନତ ରାଷ୍ଟ୍ର ପରିଦର୍ଶନ କରି ସେଗୁଡ଼ିକର ଉନ୍ନତି ନିମନ୍ତେ ଆବଶ୍ୟକୀୟ ଉପଦେଶ ପ୍ରଦାନ କରିଛନ୍ତି ।

ଉତ୍ତର ପ୍ରଦେଶର ପନ୍ତନଗର କୃଷି ବିଶ୍ୱବିଦ୍ୟାଳୟ ସ୍ଥାପିତ ହେବାର ଅବ୍ୟବହିତ ପରେ ଆଜକୁ ପ୍ରାୟ ୨[illegible] ବର୍ଷ ପୂର୍ବେ ଏହି ବିଶ୍ୱବିଦ୍ୟାଳୟ ସ୍ଥାପନ କରାଯାଇଥିଲା । ପଞ୍ଜାବ, ହରିଆନା ଓ ପନ୍ତନଗର କୃଷି ବିଶ୍ୱବିଦ୍ୟାଳୟ ଗୁଡ଼ିକ ବହୁ କ୍ଷେତ୍ରରେ ଭିନ୍ନ ଭିନ୍ନଭାବେ ଆମ ବିଶ୍ୱବିଦ୍ୟାଳୟ ଠାରୁ ଅନେକ ସାଫଲ୍ୟ ହାସଲ କରିଛନ୍ତି । କୃଷି ବିଶ୍ୱବିଦ୍ୟାଳୟ ଗୁଡ଼ିକରେ ପ୍ରଗତିରେ ଏହି ବୈଷମ୍ୟର କାରଣ ଅନୁଧ୍ୟାନ କରିବା ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ଅତୀତରେ ଅନେକ କମିଟି ଗଠନ କରାଯାଇଅଛି । ସେମାନଙ୍କ ମତରେ ସଂପୃକ୍ତ ରାଜ୍ୟ ସରକାରଙ୍କ ଦ୍ୱାରା ବିଶ୍ୱବିଦ୍ୟାଳୟଗୁଡ଼ିକୁ ଦିଆଯାଉଥିବା ଆର୍ଥିକ ଅନୁଦାନ ପରିମାଣରେ ଭିନ୍ନତା ଯୋଗୁଁ ଏପରି ହେଉଛି ।

ମୁଁ ଏହା ସ୍ୱୀକାର କରୁଛି ଯେ ବିଗତ କେତେବର୍ଷ ମଧ୍ୟରେ ଏ ଅବସ୍ଥାର ଉନ୍ନତି ଘଟିଛି । ଏହି ବିଶ୍ୱବିଦ୍ୟାଳୟର ଅର୍ଥନୈତିକ ସ୍ଥିତି ଦୃଢ଼ କରିବା ପାଇଁ ଓଡ଼ିଶା ସରକାର ତାଙ୍କର ଅନୁଦାନ ପରିମାଣ ବୃଦ୍ଧି କରିଛନ୍ତି । ଫଳରେ ବିଗତ କେତେବର୍ଷ ମଧ୍ୟରେ ଏଇ ବିଶ୍ୱବିଦ୍ୟାଳୟର ପ୍ରକୃତ ପ୍ରଗତି ସାଧିତ ହୋଇଛି ।

ରାଜ୍ୟସରକାରଙ୍କ ସହାୟତାରେ ଚିପିଲିମା ଠାରେ ଦ୍ୱିତୀୟ କୃଷି ମହାବିଦ୍ୟାଳୟ, ରଙ୍ଗେଇଲୁଣ୍ଡାରେ ମତ୍ସ୍ୟ ବିଜ୍ଞାନ ମହାବିଦ୍ୟାଳୟ ଓ ଭୁବନେଶ୍ୱରଠାରେ ଗୃହବିଜ୍ଞାନ ମହାବିଦ୍ୟାଳୟ ଏବଂ ଯାନ୍ତ୍ରିକ ଓ ବୈଷୟିକ ମହାବିଦ୍ୟାଳୟ ସ୍ଥାପିତ ହୋଇଛି । ସଂପ୍ରତି ପନ୍ତନଗର ବ୍ୟତୀତ ଦେଶର ଅନ୍ୟାନ୍ୟ କୃଷି ବିଦ୍ୟାଳୟମାନଙ୍କ ଅପେକ୍ଷା ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟରେ ସର୍ବାଧିକ ବିଭାଗ ରହିଛି । କୃଷି ମହାବିଦ୍ୟାଳୟ ଏବଂ ପଶୁଚିକିତ୍ସା ଓ ପଶୁପାଳନ ମହାବିଦ୍ୟାଳୟର ସମସ୍ତ ବିଭାଗରେ ସ୍ନାତକୋତ୍ତର ଶିକ୍ଷା ଦାନର ବ୍ୟବସ୍ଥା ମଧ୍ୟ ଅଛି । ଏହାଛଡ଼ା କୃଷି ଯାନ୍ତ୍ରିକ ଓ ବୈଷୟିକ ମହାବିଦ୍ୟାଳୟର ଦୁଇଟି ବିଭାଗ ଏବଂ ମତ୍ସ୍ୟ ବିଜ୍ଞାନରେ ମଧ୍ୟ ସ୍ନାତକୋତ୍ତର ଶିକ୍ଷାଦାନ ବ୍ୟବସ୍ଥା ରହିଛି । ଯାନ୍ତ୍ରିକ ଓ ବୈଷୟିକ ମହାବିଦ୍ୟାଳୟରେ ସିଭିଲ, ମେକାନିକାଲ ଓ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ପାଠ୍ୟକ୍ରମ ବ୍ୟତୀତ ସ୍ଥାପତ୍ୟବିଦ୍ୟା ଏବଂ କମ୍ପ୍ୟୁଟର ପ୍ରୟୋଗରେ ଉପାଧ୍ୟୁତ୍ତର ଡିପ୍ଲୋମା ପାଠ୍ୟକ୍ରମ ରହିଛି । ଯାନ୍ତ୍ରିକ ଓ ବୈଷୟିକ ମହାବିଦ୍ୟାଳୟ ତରଫରୁ ଆରମ୍ଭ କରାଯାଇଥିବା କଂପ୍ୟୁଟର ବିଜ୍ଞାନରେ ପାର୍ଟଟାଇମ୍ ପାଠ୍ୟକ୍ରମ ଖୁବ୍ ଲୋକପ୍ରିୟ ହୋଇପାରିଛି । ନିକଟ ଭବିଷ୍ୟତରେ କୃଷି ମହାବିଦ୍ୟାଳୟରେ ବନ ବିଭାଗ ପାଠ୍ୟକ୍ରମ ଖୋଲା ଯାଉଛି ।

ଭାରତୀୟ କୃଷି ଗବେଷଣା ପରିଷଦ ଏହି ବିଶ୍ୱବିଦ୍ୟାଳୟକୁ ମୁକ୍ତହସ୍ତରେ ଅନୁଦାନ ପ୍ରଦାନ କରିଆସୁଛି । ସେମାନଙ୍କ

ସାହାଯ୍ୟରେ ଓଡ଼ିଶାର ସମସ୍ତ କୃଷି-ଜଳବାୟୁ ଅଞ୍ଚଳରେ ଆଞ୍ଚଳିକ ଗବେଷଣା କେନ୍ଦ୍ରମାନ ସ୍ଥାପନ କରାଯାଇଛି । ଅନ୍ୟାନ୍ୟ ଅନେକ ସଂସ୍ଥା ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ-ବିଶ୍ୱବିଦ୍ୟାଳୟ ପ୍ରଦାନ କରୁଥିବା ବିଶେଷଜ୍ଞ ପରାମର୍ଶମାନ ଗ୍ରହଣ କରୁଛନ୍ତି । ସେଗୁଡ଼ିକ ଜାତୀୟ କୃଷି ଗବେଷଣା କାର୍ଯ୍ୟକ୍ରମର ଅଗ୍ରଗତି ଅଟେ । ଏ ସଂପର୍କରେ ବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ ହେଲା :–

(କ) ଅନ୍ୟାନ୍ୟ ସଂସ୍ଥାମାନଙ୍କ ଦ୍ୱାରା ପ୍ରଯୋଜିତ ଓ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନଙ୍କ ଦ୍ୱାରା ପରିଚାଳିତ ଗବେଷଣା କାର୍ଯ୍ୟକ୍ରମ ।

| ଗବେଷଣାର ନାମ (୧) | ପ୍ରଯୋଜକ ସଂସ୍ଥା (୨) |
|---|---|
| ୧–ଆମ୍ବ ଓ କାଜୁବାଦାମର ଫଳ ଝଡ଼ା ରୋଗ ପାଇଁ ଗୁଜୁରାଟ ଆଗ୍ରୋକେମିକାଲସ୍ ଦ୍ୱାରା ପ୍ରସ୍ତୁତ ଔଷଧର ମୂଲ୍ୟାୟନ । | ଗୁଜୁରାଟ ଆଗ୍ରୋ କେମିକାଲ । |
| ୨–ଉଦ୍ୟାନ ଫସଲରେ ଅମୃତ ସଞ୍ଜିବନୀର ମୂଲ୍ୟାୟନ । | ଶ୍ରୀ ଆଗ୍ରୋକେମିକାଲସ |
| ୩–ଫଳଗଛ ପାଇଁ ହିନ୍ଦ୍ ଓ ମିଲର କାର୍ଯ୍ୟଦକ୍ଷତା ଅନୁଧ୍ୟାନ । | ହିନ୍ଦୁସ୍ତାନ କେମିକାଲ ଇଣ୍ଡଷ୍ଟ୍ରିଜ୍ । |
| ୪–କୃଷକ ଜମିରେ ଓଡ଼ିଶାର ଧାନଶସ୍ୟ ପଦ୍ଧତି ଉପରେ ଗବେଷଣା | ଫୋର୍ଡ ଫାଉଣ୍ଡେସନ୍ |
| ୫–କୃଷିରେ ମହିଳା ତାଲିମ ଓ ଓଡ଼ିଶାର ଯୁବଗୋଷ୍ଠୀ । | ଡାନିଡ଼ା ମିଶନ |

| (୧) | (୨) |
|---|---|
| ୬ । କୋରାପୁଟ ଜିଲ୍ଲାରେ ଗୋ–ଅର୍ଥନୀତିର ବିକାଶ | ଡାନିଡା ମିଶନ |
| ୭ । ମହାନଦୀ – ବିରୂପା ପ୍ରକଳ୍ପରେ ଜଳ ବିନିଯୋଗ ସଂପର୍କରେ ଅନୁଧ୍ୟାନ | ବିଶ୍ୱ ବ୍ୟାଙ୍କ |
| ୮ । କୃମଳ ବାନାଇ, ଅପରଯୋଙ୍କ ଏବଂ ପିଲସାଲୁଣି ମଧ୍ୟମ ଜଳସେଚନ ପ୍ରକଳ୍ପର କୃଷି ପାଇଁ ଉପଯୋଗୀତା ସଂପର୍କରେ ଅନୁଧ୍ୟାନ | ବିଶ୍ୱବ୍ୟାଙ୍କ |

(ଖ) ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗ ଦ୍ୱାରା ବିଶ୍ୱବିଦ୍ୟାଳୟ ଉପରେ ନ୍ୟସ୍ତ କରାଯାଇଥିବା କାର୍ଯ୍ୟକ୍ରମ :–

| | |
|---|---|
| ୧ । ଜାଙ୍ଗଲର ଉନ୍ନତି ସାଧନ । | ବିଜ୍ଞାନ, ବୈଷୟିକ ଓ ପରିବେଶ ବିଭାଗ, ଓଡ଼ିଶା । |
| ୨ । ସୁନ୍ଦରଗଡ଼ ଜିଲ୍ଲାରେ ସମନ୍ୱିତ ଗ୍ରାମ ଉନ୍ନୟନ ଯୋଜନାର ମୂଲ୍ୟାୟନ । | ଗୋଷ୍ଠୀ ଉନ୍ନୟନ ଓ ଗ୍ରାମ୍ୟ ପୁନର୍ଗଠନ ବିଭାଗ, ଓଡ଼ିଶା । |
| ୩ । ଢେଙ୍କାନାଳ ଜିଲ୍ଲାରେ ସମନ୍ୱିତ ଗ୍ରାମ୍ୟ ଉନ୍ନୟନ ଯୋଜନାର ମୂଲ୍ୟାଙ୍କନ । | ଗୋଷ୍ଠୀଉନ୍ନୟନ ଓ ଗ୍ରାମ୍ୟ ପୁନର୍ଗଠନ ବିଭାଗ, ଓଡ଼ିଶା । |
| ୪ । ଗଂପୁଆରେ ସମନ୍ୱିତ ଆଦିବାସୀ ଉନ୍ନୟନ ଯୋଜନାର ମୂଲ୍ୟାୟନ । | ହରିଜନ ଓ ଆଦିବାସୀ ମଙ୍ଗଳ ବିଭାଗ, ଓଡ଼ିଶା । |
| ୫ । ବଲାଙ୍ଗୀର ଓ ସମ୍ବଲପୁର ଜିଲ୍ଲାରେ ଭାରତ-ଇଟାଲୀୟ (ସାର) ପ୍ରକଳ୍ପର ମୂଲ୍ୟାୟନ । | କୃଷି ଓ ସମବାୟ ବିଭାଗ, ଓଡ଼ିଶା । |

(ଗ) ଭାରତ ସରକାର ଓ ଅନ୍ୟାନ୍ୟ ସଂସ୍ଥାମାନଙ୍କ ଦ୍ୱାରା ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଉପରେ ନ୍ୟସ୍ତ କରାଯାଇଥିବା କାର୍ଯ୍ୟକ୍ରମ :–

| | |
|---|---|
| ୧ । ଓଡ଼ିଶାରେ ସମନ୍ୱିତ ଗ୍ରାମ ଉନ୍ନୟନ ପ୍ରକଳ୍ପର ମୂଲ୍ୟାୟନ । | କୃଷି ମନ୍ତ୍ରଣାଳୟ, ଭାରତ, ସରକାର |
| ୨ । ଓଡ଼ିଶାରେ ଭୂ-ସଂସାରରେ ମୂଲ୍ୟାୟନ | କୃଷି ମନ୍ତ୍ରଣାଳୟ, ଭାରତ ସରକାର |
| ୩ । ଓଡ଼ିଶାର ଗ୍ରାମାଞ୍ଚଳରେ ଜଳଯୋଗାଣର ସମବର୍ତୀ ମୂଲ୍ୟାଙ୍କନ | ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ଭାରତ ସରକାର |
| ୪ ଆମ୍ବ, ଲେମ୍ବୁ, ଡେଙ୍ଗୁଜି ଓ ପଣସର ଜର୍ମପ୍ଲାଜମ୍ ସର୍ଭେ ଓ ମୂଲ୍ୟାୟନ । | ପରିବେଶ ବିଭାଗ, ଭାରତ ସରକାର |
| ୫ କୃଷୀମାନଙ୍କ ମଧ୍ୟରେ ବୈଦ୍ୟୁତିକ ଯନ୍ତ୍ରପାତି ପ୍ରଚଳନ ପାଇଁ ପ୍ରକଳ୍ପ । | ଇଲେକ୍ଟ୍ରୋନିକ୍ସ ବିଭାଗ, ଭାରତ ସରକାର |

ଓଡ଼ିଶାର କୃଷି ଗବେଷଣା କେବଳ ଧାନ ମଧ୍ୟରେ ସୀମିତ ଥିଲା ; ବର୍ତ୍ତମାନ କୃଷି ଇଞ୍ଜିନିୟରିଂ ପଶୁପାଳନ ବ୍ୟତୀତ ବିବିଧ ଫସଲ ସଂପର୍କରେ ଗବେଷଣା କରାଯାଉଛି । ହଳଦୀ, ଅଦା, କାଜୁବାଦାମ, ଅଳସୀ, ଗୁଲ୍ଜି ଓ ମାଣ୍ଡିଆ ଆଦି ଫସଲ ସଂପର୍କରେ ଗବେଷଣା କାର୍ଯ୍ୟ ଆଗେଇ ଚାଲିଛି । ନୂଆ କିସମର ଫସଲ ଆବିଷ୍କାର କରାଯାଉଛି । ଫସଲ ବଢ଼ାଇବା ପାଇଁ ନୂତନ ପ୍ରଣାଳୀ ବାହାର କରାଯାଉଛି ।

ବିଗତ ଦଶନ୍ଧିରେ ଆମେ ଓଡ଼ିଶାର ବିଭିନ୍ନ ଅଞ୍ଚଳର କୃଷି ସମସ୍ୟା ଅଧିକରୁ ଅଧିକ ବୁଝିପାରିଛୁ । ବର୍ତ୍ତମାନ ଆଞ୍ଚଳିକ ଗବେଷଣା କେନ୍ଦ୍ରମାନଙ୍କ ସହାୟତାରେ ବିଭିନ୍ନ ଫସଲର ଜର୍ମପ୍ଲାଜମ୍ ସଂଗ୍ରହ କରିବା ସମ୍ଭବ ହୋଇପାରୁଛି ।

ମୁଁ ଆନନ୍ଦର ସହିତ କହୁଛି ଯେ ଏବର୍ଷ ରଜତ ଜୟନ୍ତୀ ପାଳନ ଅବସରରେ ପ୍ରତ୍ୟେକ ଆଞ୍ଚଳିକ ଗବେଷଣା କେନ୍ଦ୍ରରେ କୃଷକ ଦିବସମାନ ଆୟୋଜିତ ହୋଇ ପାରିଛି । ବିଶ୍ୱବିଦ୍ୟାଳୟର ମୁଖ୍ୟ କ୍ୟାମ୍ପସରୁ ବହୁ ସଂଖ୍ୟକ ପ୍ରଫେସର ଓ ବିଶେଷଜ୍ଞ ଏଠାରୁ ଯାଇ ବହୁ ସଂଖ୍ୟାରେ ଯୋଗଦେଇଥିବା ଆଦିବାସୀ ତଥା ଅନ୍ୟାନ୍ୟ କୃଷକମାନଙ୍କ ପ୍ରଶ୍ନର ଉତ୍ତର ଦେଇଛନ୍ତି । କେତେକ କୃଷକ ମେଳାରେ ଆମର କୃଷିମନ୍ତ୍ରୀ

ମଧ୍ୟ ଯୋଗଦେଇ ଆମକୁ ଉତ୍ସାହିତ କରୁଛନ୍ତି । ଏହି ଗଲତ ଜୟନ୍ତୀ ବର୍ଷରେ ଦୂରଶିକ୍ଷା ନାମରେ ଏକ ନୂତନ କାର୍ଯ୍ୟକ୍ରମ ମଧ୍ୟ ଆରମ୍ଭ କରାଯାଇଛି । ଏହା ମାଧ୍ୟମରେ ଡାକଯୋଗେ ଯେ କୌଣସି ସାକ୍ଷର ଚାଷୀଙ୍କୁ ଶିକ୍ଷାଦାନର ବ୍ୟବସ୍ଥା ହୋଇଛି । ଏଥିପାଇଁ ନାମମାତ୍ର ଶୁଳ୍କ ନେଇ ଚାଷୀଙ୍କୁ ଛଅମାସ ମଧ୍ୟରେ ପ୍ରାୟ ବାରଟି ବିଷୟ ଶିକ୍ଷା ଦିଆଯିବ । ସେ ଇଚ୍ଛାନୁଯାୟୀ କୃଷି ଓ ଆନୁଷଙ୍ଗିକ ବିଷୟରେ ଏହାଦ୍ୱାରା ଶିକ୍ଷା ପାଇପାରିବ । ଯେଉଁ ଶିକ୍ଷା ଦିଆଯାଇଥିବ ସେ ବିଷୟରେ ପ୍ରତ୍ୟକ୍ଷ ଜ୍ଞାନ ଅର୍ଜନ କରିବା ପାଇଁ କୃଷକମାନଙ୍କୁ ନିକଟସ୍ଥ ଆଞ୍ଚଳିକ ଗବେଷଣା କେନ୍ଦ୍ରକୁ ନିଆଯିବ । ଶିକ୍ଷା ଶେଷରେ ଚାଷୀମାନଙ୍କୁ ଛୋଟ ଛୋଟ ପ୍ରଶ୍ନ ପଚରାଯିବ । ସେମାନେ ଦେଇଥିବା ଉତ୍ତରକୁ ମୂଲ୍ୟାୟନ କରି ଚାଷୀମାନଙ୍କୁ ସାର୍ଟିଫିକେଟ୍ ଦିଆଯିବ । ବର୍ତ୍ତମାନ ଏ ବିଷୟରେ ଚାଷୀମାନେ ଯଥେଷ୍ଟ ଆଗ୍ରହ ପ୍ରକାଶ କରୁଛନ୍ତି ।

ସ୍ଥାନୀୟ ବାସିନ୍ଦାମାନଙ୍କୁ ସାହାଯ୍ୟ କରିବା ପାଇଁ ତଥା ଛାତ୍ରମାନଙ୍କର ପ୍ରତ୍ୟକ୍ଷ ଅଭିଜ୍ଞତା ବୃଦ୍ଧି କରିବା ପାଇଁ ଭୁବନେଶ୍ୱରରେ ତିନୋଟି ନୂଆ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏପର୍ଯ୍ୟନ୍ତ ଓଡ଼ିଶାରେ ପାରମ୍ପାରିକ କିସମମାନଙ୍କ ତୁଳନାରେ ଅଧିକ ଅମଳକ୍ଷମ ବିହନ କିସମ ସେତେ ଜନପ୍ରିୟ ହୋଇ ପାରିନାହିଁ । ସ୍ୱତନ୍ତ୍ର ଗୁଣ ଥିବା ଜର୍ମପ୍ଲାଜମ୍ ସଂଗ୍ରହ କରି ସାଇତି ରଖିବା ପାଇଁ ପ୍ରଚୁର ସୁବିଧା ରହିଛି । ଜାତୀୟ କୃଷି ଗବେଷଣା କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ଉଦ୍ୟାନ ବିଭାଗ କୃଷି ଯନ୍ତ୍ରପାତି, ପ୍ରାଣୀ ପୁଷ୍ଟି ଓ ପ୍ରସୂତି, ଜଳ ପରିଚାଳନା, ଅମଳ ପରବର୍ତ୍ତୀ ଏବଂ ସାମାଜିକ ବନ ଉପରେ ଗବେଷଣା କରିବାପାଇଁ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପ୍ରସ୍ତାବ ଦେଇଛି ।

ଏମିତି ଅନେକ ପଛୁଆ ଅଞ୍ଚଳ ରହିଛି ଯେଉଁଠାରେ ଖୁବ୍ କମ୍ ଗବେଷଣା କରାଯାଇଛି । ସେଠାରେ ଘାସ ଚାଷ, ଗୋ-ଜାତିର ଉନ୍ନତି, ବଳଦଟଣା କୃଷି ଯନ୍ତ୍ରପାତି ପ୍ରଚଳନ ଆଦି ଆବଶ୍ୟକ । ଏଥି ସହିତ କୃଷି ଉପଲବ୍ଧ ଦ୍ରବ୍ୟର ବିପଣନ, ସଂସାଧନ ( Processing ), ତଥା ଶସ୍ୟ ସଂରକ୍ଷଣ ଉପରେ ଦୃଷ୍ଟି ଦିଆଯିବା ଆବଶ୍ୟକ ।

ବ୍ରିଡ଼ର ଓ ଫାଉଣ୍ଡେସନ୍ ବିହନ ପ୍ରସ୍ତୁତ କରି କୃଷି ବିଭାଗ ତଥା ଓଡ଼ିଶା ରାଜ୍ୟ ବିହନ ନିଗମକୁ ଯୋଗାଇଦେବା ବିଶ୍ୱବିଦ୍ୟାଳୟର ଅନ୍ୟତମ ମୁଖ୍ୟ ଦାୟିତ୍ୱ । ଗତ ଦୁଇବର୍ଷ ମଧ୍ୟରେ ଭାରତୀୟ ଷ୍ଟେଟ୍‌ବ୍ୟାଙ୍କରୁ ଋଣ ଅଣାଯାଇ ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇ ପାରିଛି । ଏବର୍ଷ ମଧ୍ୟ ଓଡ଼ିଶା ସରକାର ବିହନର ଉପଯୁକ୍ତ ମୂଲ୍ୟ ନିର୍ଦ୍ଧାରଣ କରି ଆମକୁ ଅନେକ ସାହାଯ୍ୟ କରିଛନ୍ତି । ବର୍ତ୍ତମାନ ଧାନ ବ୍ୟତୀତ ଅନ୍ୟାନ୍ୟ ଫସଲର ବିହନ ଉତ୍ପାଦନରେ ଗୁରୁତ୍ୱ ଦିଆଯାଉଛି । ଏ ସବୁରୁ ବିଶ୍ୱବିଦ୍ୟାଳୟ ଯଥେଷ୍ଟ ଲାଭ ପାଇବ ବୋଲି ଆଶା କରାଯାଉଅଛି । ଆଗାମୀ ଦିନମାନଙ୍କରେ ବିଶ୍ୱବିଦ୍ୟାଳୟର ସମସ୍ତ ଫାର୍ମକୁ ଏହି କାର୍ଯ୍ୟରେ ନିୟୋଜିତ କରାଯିବ ।

ପ୍ରଥମଟି ଭେଟେରିନାରୀ ସ୍ୱାସ୍ଥ୍ୟକେନ୍ଦ୍ର । ଯେ କୌଣସି ଲୋକଠାରୁ ଟେଲିଫୋନ୍ ବା ଅନ୍ୟ ସୂତ୍ରରେ ଡକରା ପାଇଲେ ସ୍ନାତକୋତ୍ତର ଭେଟେରିନାରୀ ଛାତ୍ରମାନେ ଉକ୍ତ ବ୍ୟକ୍ତି ଘରକୁ ଯିବେ । ସେଠାରେ ସେମାନଙ୍କର ଗାଈ, ପୋଷା କୁକୁର ବା କୁକୁଡ଼ା ରୋଗ ନିର୍ଣ୍ଣୟ କରିବେ । ଏଥି ସହିତ ସାମାନ୍ୟ ଫିସ୍‌ଦେଲେ ପ୍ରତିଷେଧକ ଟୀକା ଦାନ, ଛୋଟଛୋଟ ଅପରେସନ୍, କୃତ୍ରିମ ପ୍ରଜନନ ବା ରୋଗର ଚିକିତ୍ସା କରାଯାଇ ପାରିବ । ଏହି କାର୍ଯ୍ୟକ୍ରମ ଆସ୍ତେ ଆସ୍ତେ ଲୋକପ୍ରିୟ ହେବାରେ ଲାଗିଛି ।

ବାଡ଼ି ବଗିଚା ପାଇଁ ମଧ୍ୟ ଅନ୍ୟ ଗୋଟିଏ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । କୌଣସି ବ୍ୟକ୍ତି ଅନୁରୋଧକଲେ ଉଦ୍ୟାନ ବିଭାଗର ସ୍ନାତକୋତ୍ତର ଛାତ୍ରମାନେ ସେ ଲୋକର ଘରକୁ ଯାଇ ତାଙ୍କ ବଗିଚା ପାଇଁ ପନି ପରିବା, ଫୁଲଗଛ ବା ଅନ୍ୟାନ୍ୟ ଶୋଭାବର୍ଦ୍ଧକ ଗଛଗଛା ଲଗାଇବା ବିଷୟରେ ପରାମର୍ଶ



ଦେବେ, ଏଥିପାଇଁ ଉକ୍ତ ବ୍ୟକ୍ତିଙ୍କୁ ସାମାନ୍ୟ ଫିସ୍ ଦେବାକୁ ପଡ଼ିବ। ଉକ୍ତ ବଗିଚା କରିବାପାଇଁ ଗୃହ ମାଲିକଙ୍କୁ ଛାତ୍ରମାନେ ସାହାଯ୍ୟ କରିବେ । ପରସା ଦେଲେ ବିହନ, ଗଛଚାରା ଆଦି ଯୋଗାଇ ଦିଆଯିବ । ରୋଗ ପୋକ ନିୟନ୍ତ୍ରଣ ପାଇଁ ମଧ୍ୟ ଏହି ଛାତ୍ରମାନେ ପରାମର୍ଶ ଦେବେ ।

ଶେଷରେ, ଭୁବନେଶ୍ୱର ବା ଏହାର ଆଖପାଖ ଅଞ୍ଚଳରେ ଯଦି କୌଣସି ଲୋକ ଛତୁଚାଷ କରିବାପାଇଁ ଆଗ୍ରହୀ, ତେବେ ତାଙ୍କୁ ମଧ୍ୟ ସମାନ ସୁବିଧା ଯୋଗାଇ ଦିଆଯିବ । ଛତୁ ମଞ୍ଜି ଯୋଗାଇ ଦେବା ସହିତ ଆଗ୍ରହୀ ବ୍ୟକ୍ତିଙ୍କୁ ଛତୁଚାଷ କରିବାରେ ସାହାଯ୍ୟ କରାଯିବ ।

ନୀତି ନିର୍ଦ୍ଧାରଣ–ଗବେଷଣା ପାଇଁ ଏହି ବିଶ୍ୱବିଦ୍ୟାଳୟରେ ଏକ କେନ୍ଦ୍ର ସ୍ଥାପନ କରାଯାଇ ଅଛି । ଜୁଲାଇ ୫ ତାରିଖରେ ଏହି କେନ୍ଦ୍ରର ପ୍ରଥମ ସେମିନାର ଅନୁଷ୍ଠିତ ହୋଇଥିଲା । ବିଷୟବସ୍ତୁ ଥିଲା "ଓଡ଼ିଶାର କୃଷି ଉତ୍ପାଦନ ଓ ଉତ୍ପାଦିକା ଶକ୍ତି" । ଏହି ଆଲୋଚନା ଚକ୍ରରେ ବହୁସଂଖ୍ୟକ ଅର୍ଥନୀତିଜ୍ଞ, ଶାସକ, ଶିକ୍ଷାବିତ୍, ରାଜନୀତିଜ୍ଞ, ସାମ୍ବାଦିକ ଓ ଅନ୍ୟମାନେ ଯୋଗ ଦେବେ । ଏହି ଆଲୋଚନା ଚକ୍ରରେ ଯାହା ଆଲୋଚନା କରାଯିବ ତାହାକୁ ବିଶ୍ୱବିଦ୍ୟାଳୟ ତରଫରୁ ମୁଦ୍ରିତ ଓ ପ୍ରକାଶ କରାଯିବ । ଆମେ ଆଗାମୀ ଦିନରେ ଜଳସେଚନ, ଋଣ, ଆଦିବାସୀ ଉନ୍ନୟନ ଓ ପଶୁପାଳନ ଉପରେ ଏହିପରି ଆଲୋଚନା ଚକ୍ରମାନ କରିବା ପାଇଁ ଚିନ୍ତା କରୁଛୁ । ଏହି କେନ୍ଦ୍ରରୁ ପ୍ରକାଶ ପାଉଥିବା ତଥ୍ୟ ରାଜ୍ୟର ଉନ୍ନତି ପାଇଁ ଇଚ୍ଛୁକ ବ୍ୟକ୍ତିମାନଙ୍କର ବେଶ୍ ଉପକାର ସାଧନ କରିବ । ଏହାଦ୍ୱାରା ସେମାନେ ରାଜ୍ୟର ସମସ୍ୟାମାନ ହୃଦୟଙ୍ଗମ କରିବେ ଓ ସମାଧାନର ସୂତ୍ର ମଧ୍ୟ ପାଇ ପାରିବେ ।

ଆଗାମୀ ୨୫ ବର୍ଷ ମଧ୍ୟରେ ଗ୍ରାମ ଉନ୍ନୟନର ପ୍ରତି କ୍ଷେତ୍ରରେ ଏହି ବିଶ୍ୱବିଦ୍ୟାଳୟର ଅବଦାନ ଯେ ଉଲ୍ଲେଖନୀୟ ହୋଇପାରିବ, ମୁଁ ଏ ବିଷୟରେ ଦୃଢ଼ ନିଶ୍ଚିତ ।



ହରିଜନ ଆଶ୍ରମ ଅଗଣାରେ
ନବକୃଷ୍ଣ ଚୌଧୁରୀ

# ଓଡ଼ିଶାରେ ଗ୍ରାମ୍ୟ ଉନ୍ନୟନ ଓ ଦାରିଦ୍ର୍ୟ ଦୂରୀକରଣ

ଶ୍ରୀ ଅଜିତ୍ କୁମାର ତ୍ରିପାଠୀ

୧୯୮୬-୮୭ ବର୍ଷରେ ଓଡ଼ିଶା ରାଜ୍ୟରେ ଦାରିଦ୍ର୍ୟ ଦୂରୀକରଣ ଓ ଗ୍ରାମ୍ୟ ନିଯୁକ୍ତି କାର୍ଯ୍ୟକ୍ରମ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଗତି ସମ୍ଭବ ହୋଇଛି । ବିଗତ ବର୍ଷଗୁଡ଼ିକ ତୁଳନାରେ କେବଳ ଯେ ଆର୍ଥିକ ବ୍ୟୟ ଓ ଧାର୍ଯ୍ୟ ଲକ୍ଷ୍ୟର ପୂରଣ ଦୃଷ୍ଟିରୁ ଏବର୍ଷର ଅଗ୍ରଗତି ଉଲ୍ଲେଖନୀୟ ତା'ନୁହେଁ, କାର୍ଯ୍ୟର ଗୁଣାତ୍ମକ ମାନ ଦୃଷ୍ଟିରୁ ମଧ୍ୟ ଏବର୍ଷ ଅତୀତର ଅନ୍ୟାନ୍ୟ ସମସ୍ତ ବର୍ଷ ତୁଳନାରେ ଅଗ୍ରଣୀ ।

ସମନ୍ୱିତ ଗ୍ରାମ୍ୟ ଉନ୍ନୟନ ଯୋଜନାରେ ନୂତନଭାବେ ସାହାଯ୍ୟ ପାଉଥିବା ହିତାଧିକାରୀଙ୍କ ଲକ୍ଷ୍ୟ ନବେ ହଜାର ଥିବା ସ୍ଥଳେ ଏ ବର୍ଷ ଏକ ଲକ୍ଷ ତେତିଶି ହଜାର ଦୁଇଶତ ଚଉରାଅଶୀଟି ପରିବାରଙ୍କୁ ପ୍ରଥମ ଦଫା ସାହାଯ୍ୟ ଦିଆଯାଇପାରିଛି । ଷଷ୍ଠ ଯୋଜନାରେ ଉପକୃତ ହୋଇଥିବା ପରିବାରମାନଙ୍କ ମଧ୍ୟରୁ ଯେଉଁମାନେ ଋଣ ପରିଶୋଧରେ ଇଚ୍ଛାକୃତଭାବେ ଅନିୟମିତ ନଥିବେ ପ୍ରଦତ୍ତ ପୁଞ୍ଜିଦ୍ରବ୍ୟ ଉପଯୋଗ କରିନଥିବେ, ଏବଂ ତଥାପି ଦାରିଦ୍ର୍ୟ ସୀମାରେଖାକୁ ଅତିକ୍ରମ କରିନଥିବେ, ସେମାନେ ଦ୍ୱିତୀୟ ଦଫା ସାହାଯ୍ୟ ପାଇବାକୁ ହକ୍‌ଦାର । ୧୯୮୫-୮୬ ମସିହାରେ କେବଳ ମାତ୍ର ୮,୫୩୬ (ଆଠହଜାର ପାଞ୍ଚଶତ ଛତିଶ) ପରିବାର ଏଭଳି ଦ୍ୱିତୀୟ ଦଫା ସାହାଯ୍ୟ ପାଇଥିବା ସ୍ଥଳେ ୧୯୮୬-୮୭ ମସିହାରେ ୭୪-୫୮୮ (ଚଉସ୍ତରୀ ହଜାର ପାଞ୍ଚଶହ ଅଠାଅଶୀ) ପରିବାର ଦ୍ୱିତୀୟ ଦଫା ସାହାଯ୍ୟ ପାଇଛନ୍ତି । ଏହିଭଳି ଏହି ବର୍ଷ ସମୁଦାୟ ଦୁଇଲକ୍ଷ ସାତ ହଜାର ଆଠଶହ ବାସ୍ତରୀ ଜଣ ପରିବାର ଆଇ. ଆର. ଡି. କାର୍ଯ୍ୟକ୍ରମରେ ଉପକୃତ ହୋଇଛନ୍ତି ଯାହାକି, ୧୯୮୫-୮୬ ମସିହାରେ ଏହି କାର୍ଯ୍ୟକ୍ରମରେ ୨୨ କୋଟି ୪୫ ଲକ୍ଷ ୬୦ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ସ୍ଥଳେ ୧୯୮୬-୮୭ ମସିହାରେ ୨୮ କୋଟି ୧୯ଲକ୍ଷ ୧୬ହଜାର ଟଙ୍କା ଖର୍ଚ୍ଚ ହୋଇଛି ଅତୀତରେ ଅନ୍ୟ କୌଣସି ବର୍ଷ ଏତେ ପରିମାଣର ଅର୍ଥ ବିନିଯୋଗ ସଂଭବ ହୋଇ ପାରିନଥିଲା । ସମନ୍ୱିତ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟକ୍ରମ ମାଧ୍ୟମରେ ବ୍ୟାଙ୍କ୍ ଋଣ ବଣ୍ଟନ କ୍ଷେତ୍ରରେ ମଧ୍ୟ ଏବର୍ଷ ନୂତନ ରେକର୍ଡ ପ୍ରତିଷ୍ଠା କରାଯାଇଛି । ଷଷ୍ଠ ଯୋଜନା କାଳରେ ଏହି କାର୍ଯ୍ୟକ୍ରମ ଜରିଆରେ ଋଣ ବଣ୍ଟନ ବାର୍ଷିକ ହାରାହାରି ୨୫ କୋଟି ନବେ ଲକ୍ଷ ୨୧ ହଜାର ଟଙ୍କା ଥିଲା ଏବଂ ୧୯୮୫-୮୬ ମସିହାରେ ଏହାର ପରିମାଣ ୨୮ କୋଟି ୯୭ ଲକ୍ଷ ୬୧ ହଜାର ହୋଇଥିଲା । ୧୯୮୬-୮୭ ମସିହାରେ ଏହାର ପରିମାଣ ହେଲା ୩୭ କୋଟି ୪୭ ଲକ୍ଷ ୯୫ ହଜାର ଟଙ୍କା ।

ମୁଣ୍ଡପିଛା ପୁଞ୍ଜି ବିନିଯୋଗ (ଋଣ ଓ ରିହାତି)ର ପରିମାଣ ଷଷ୍ଠ ଯୋଜନା କାଳରେ ୨,୨୩୨ ଟଙ୍କା ମାତ୍ର ଥିଲା । ୧୯୮୫-୮୬ରେ ଏହା ବୃଦ୍ଧି ପାଇ ୨,୬୧୯ ଟଙ୍କା ହୋଇଥିଲା । ୧୯୮୬-୮୭ ମସିହାରେ ଏହି ମୁଣ୍ଡପିଛା ପୁଞ୍ଜି ବିନିଯୋଗର ପରିମାଣ ୩,୦୫୩ ଟଙ୍କାକୁ ବୃଦ୍ଧି ପାଇଛି । ଏହା ଷଷ୍ଠ ଯୋଜନାର ପ୍ରତ୍ୟେକ ବର୍ଷ ଓ ୧୯୮୫-୮୬ ବର୍ଷଠାରୁ ଅଧିକ ।

ହରିଜନ ଓ ଆଦିବାସୀମାନେ ହେଲେ ସମାଜର ଦୁର୍ବଳତମ ଶ୍ରେଣୀର ଏକ ମୁଖ୍ୟ ଅଂଶ । ଷଷ୍ଠ ଯୋଜନା କାଳରେ ଆଇ. ଆର. ଡ଼ି.ରେ ସାହାଯ୍ୟ ପାଉଥିବା ପରିବାରମାନଙ୍କ ମଧ୍ୟରୁ ହରିଜନ ଓ ଆଦିବାସୀ ପରିବାରଙ୍କ ସଂଖ୍ୟା ଶତକଡ଼ା ୪୫ ଭାଗ ଥିଲା । ୧୯୮୬-୮୭ ମସିହାରେ ସାହାଯ୍ୟ ପାଉଥିବା ହିତାଧିକାରୀ ପରିବାରମାନଙ୍କ ମଧ୍ୟରୁ ଶତକଡ଼ା ୪୯ ଭାଗ ହରିଜନ ଓ ଆଦିବାସୀ ଶ୍ରେଣୀଭୁକ୍ତ ଅଟନ୍ତି । ହରିଜନ ଓ ଆଦିବାସୀମାନଙ୍କ ସଂଖ୍ୟା ଓଡ଼ିଶାର ଜନସଂଖ୍ୟାର ଶତକଡ଼ା ୩୭ ଭାଗ ହୋଇଥିବାସ୍ଥଳେ ସମନ୍ୱିତ ଗ୍ରାମ୍ୟ ଉନ୍ନୟନ ଯୋଜନାରେ ହିତାଧିକାରୀମାନଙ୍କ ମଧ୍ୟରୁ ଶତକଡ଼ା ୪୯ ଭାଗ ହରିଜନ ଓ ଆଦିବାସୀ ଅଟନ୍ତି ।

ଗ୍ରାମାଞ୍ଚଳର ଦରିଦ୍ରତମ ପରିବାରମାନଙ୍କ ଅର୍ଥନୈତିକ ଉତ୍ଥାନ ଯୋଜନା (ଇ. ଅର. ଆର. ପି.)ରେ ଷଷ୍ଠ ଯୋଜନା କାଳରେ ବାର୍ଷିକ ହାରାହାରି ସତଷଠି ହଜାର ଦୁଇଶହ ବାଷଠି ପରିବାରଙ୍କୁ ସାହାଯ୍ୟ ଦିଆଯାଇଥିଲା । ୧୯୮୫-୮୬ ମସିହାରେ ଛଅଷଠି ହଜାର ତିନିଶହ ବାଉନ ପରିବାରଙ୍କୁ ଏହି କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ କରାଯାଇଥିଲା । କିନ୍ତୁ ୧୯୮୬-୮୭ ମସିହାରେ

ଏକ ଲକ୍ଷ ଦଶ ହଜାର ଆଠଶହ ସତର୍‌ଚ୍ଛିଶିଟି ପରିବାରଙ୍କୁ ଏହି କାର୍ଯ୍ୟକ୍ରମ ଜରିଆରେ ଋଣ ଓ ସାହାଯ୍ୟ ଦିଆଯାଇ ପାରିଛି । ଏଥି ମଧ୍ୟରୁ ଶତକଡ଼ା ୫୮ ଭାଗ ପରିବାର ହରିଜନ ଓ ଆଦିବାସୀ ଶ୍ରେଣୀ ଅନ୍ତର୍ଭୁକ୍ତ ।

ଜାତୀୟ ଗ୍ରାମାଞ୍ଚଳ ନିଯୁକ୍ତି କାର୍ଯ୍ୟକ୍ରମ (ଏନ୍. ଆର. ଇ. ପି.) ଜରିଆରେ ଷଷ୍ଠଯୋଜନା କାଳ ମଧ୍ୟରେ ବାର୍ଷିକ ହାରାହାରି ଖର୍ଚ୍ଚ ୧୨ କୋଟି ତିନିଲକ୍ଷ ଟଙ୍କା ଥିବା ସ୍ଥଳେ ୧୯୮୫-୮୬ ମସିହାରେ ଏହା କୋଡ଼ିଏ କୋଟି ଚଉଷଠି ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଥିଲା । ୧୯୮୬-୮୭ ବର୍ଷ, ଏହି ଖର୍ଚ୍ଚର ପରିମାଣ ୨୮ କୋଟି ୧୪ ଲକ୍ଷରେ ପହଞ୍ଚିଛି । ଏହି ଖର୍ଚ୍ଚର ପରିମାଣ ଷଷ୍ଠ ଯୋଜନା କାଳର ପ୍ରଥମ ତିନି ବର୍ଷରେ ହୋଇଥିବା ମୋଟ ଖର୍ଚ୍ଚର ପରିମାଣ ସହିତ ପ୍ରାୟ ସମାନ । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଷଷ୍ଠ ଯୋଜନା କାଳରେ ବାର୍ଷିକ ହାରାହାରି ୧୩୪.୯୫ ଲକ୍ଷ ଶ୍ରମ ଦିବସ ସୃଷ୍ଟି କରାଯାଇଥିଲା ଏବଂ ୧୯୮୫-୮୬ରେ ଏହା ୧୪୭.୮୩ ଲକ୍ଷ ଶ୍ରମଦିବସରେ ପହଞ୍ଚିଥିଲା । କିନ୍ତୁ ୧୯୮୬-୮୭ ବର୍ଷରେ ସୃଷ୍ଟି ହୋଇଥିବା ଶ୍ରମ-ଦିବସର ପରିମାଣ ୧୮୧.୭୭ ଲକ୍ଷ ।

ଏକ କର୍ମ ଦିବସ ପାଇଁ ମୁଣ୍ଡପିଛା ଖାଦ୍ୟ ଶସ୍ୟ ବଣ୍ଟନର ପରିମାଣ ଏହି କାର୍ଯ୍ୟକ୍ରମ ସାଫଲ୍ୟର ଏକ ମାପକାଠି । ଷଷ୍ଠ ଯୋଜନା କାଳରେ ମୁଣ୍ଡପିଛା ଖାଦ୍ୟଶସ୍ୟ ବଣ୍ଟନର ପରିମାଣ ୧.୦୩ କେ: ଜି: ଥିବା ସ୍ଥଳେ,୧୯୮୫-୮୬ ମସିହାରେ ଏହା ବୃଦ୍ଧି ପାଇ ୧.୨୧ କେ: ଜି: ହୋଇଥିଲା ଏବଂ ୧୯୮୬-୮୭ ମସିହାରେ ଏହା ୨.୭୧ କେ: ଜି:ରେ ପହଞ୍ଚିଛି । ଏହି ଖାଦ୍ୟଶସ୍ୟ ରିହାତି ଦରରେ ମିଳୁଥିବା ଦୃଷ୍ଟିରୁ ମଜୁରୀର ଯେତେ ବେଶୀ ଅଂଶ ଖାଦ୍ୟଶସ୍ୟ ଆକାରରେ ମିଳିବ, ଶ୍ରମିକ ପରିବାରର ପୁଷ୍ଟିକର ଖାଦ୍ୟ ପ୍ରାପ୍ତି ଓ ଆର୍ଥିକ ଅବସ୍ଥାରେ ସେତେ ଉନ୍ନତି ହେବ ।

ଗ୍ରାମାଞ୍ଚଳ ଭୂମିହୀନ କର୍ମ ନିଯୁକ୍ତି ପ୍ରତ୍ୟାଭୂତି (ଆର. ଏଲ. ଇ. ଜି. ପି.) କାର୍ଯ୍ୟକ୍ରମରେ ଷଷ୍ଠ ଯୋଜନାର ଶେଷବର୍ଷ ୧୯୮୪-୮୫ ମସିହାରେ ନଅକୋଟି ବୟାନବେଲକ୍ଷ ଟଙ୍କା ବ୍ୟୟରେ ୭୩.୨୨ ଲକ୍ଷ ଶ୍ରମ ଦିବସ ସୃଷ୍ଟି କରାଯାଇଥିଲା । ୧୯୮୫-୮୬ ମସିହାରେ ୧୫ କୋଟି ୭୭ ଲକ୍ଷ ଟଙ୍କା ଅର୍ଥ ବ୍ୟୟ କରାଯାଇ ୧୨୧.୨୯ ଲକ୍ଷ ଶ୍ରମ ଦିବସ ସୃଷ୍ଟି କରାଯାଇଥିଲା । ୧୯୮୬-୮୭ ମସିହାରେ ଏହି କାର୍ଯ୍ୟକ୍ରମରେ ୨୭ କୋଟି ୭୭ ଲକ୍ଷ ଟଙ୍କା ବ୍ୟୟ କରାଯାଇ ୧୭୫.୯୪ ଲକ୍ଷ ଶ୍ରମ ଦିବସ ସୃଷ୍ଟି କରାଯାଇ ପାରିଛି । ଅର୍ଥ ବିନିଯୋଗ ଏବଂ ଶ୍ରମ ଦିବସ ସୃଷ୍ଟି ଉଭୟ କ୍ଷେତ୍ରରେ ଏହି ଅଗ୍ରଗତି ଏକ ରେକର୍ଡ ସ୍ଥାପନ କରିପାରିଛି । ଏକ କର୍ମ ଦିବସ ପାଇଁ ମୁଣ୍ଡପିଛା ଖାଦ୍ୟଶସ୍ୟ ବଣ୍ଟନ କ୍ଷେତ୍ରରେ ୧୯୮୪-୮୫ ବର୍ଷରେ ଏହା ୭୫୬ ଗ୍ରାମ ଥିବା ସ୍ଥଳେ ୧୯୮୫-୮୬ ମସିହାରେ ୯୭୯ ଗ୍ରାମ ହେଲା ଏବଂ ୧୯୮୬-୮୭ ମସିହାରେ ଏହା ବଢ଼ି ୨.୧୭ କିଲୋଗ୍ରାମରେ ପହଞ୍ଚି ପାରିଛି । ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ, ଗୁଣାତ୍ମକ କ୍ଷେତ୍ରରେ ମଧ୍ୟ ଏହି ଅଗ୍ରଗତି ସନ୍ତୋଷ ଜନକ ।

ଗୋତି ଶ୍ରମିକ ଥଇଥାନ କାର୍ଯ୍ୟକ୍ରମରେ ୧୯୮୬-୮୭ ମସିହାରେ ୪୮୮୦ ଗୋତି ଶ୍ରମିକ ପରିବାରଙ୍କୁ ଥଇଥାନ କରିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା, କିନ୍ତୁ ଏ ବର୍ଷ ଶେଷସୁଦ୍ଧା ୬୭୨୮ଟି ମୁକ୍ତ ଗୋତି ଶ୍ରମିକ ପରିବାରଙ୍କୁ ଥଇଥାନ କରାଯାଇ ପାରିଛି । ଷଷ୍ଠ ଯୋଜନା କାଳ ମଧ୍ୟରେ ବାର୍ଷିକ ଖର୍ଚ୍ଚ ହାରାହାରି ୨୧୮.୫୯ ଲକ୍ଷ ଟଙ୍କା ହୋଇଥିବା ସ୍ଥଳେ, ଏ ବର୍ଷ ଏହା ୨୪୪.୩୩ ଲକ୍ଷ ଟଙ୍କା ହୋଇ ପାରିଛି ।

୧୯୮୫ ମସିହା ଅକ୍‌ଟୋବରଠାରୁ ୧୯୮୬ ମସିହା ସେପ୍‌ଟେମ୍ବର ପର୍ଯ୍ୟନ୍ତ ଏକବର୍ଷ ମଧ୍ୟରେ ହୋଇଥିବା ସମବର୍ତ୍ତୀ (କଙ୍କରେଣ୍ଟ) ମୂଲ୍ୟାୟନ ରିପୋର୍ଟଗୁଡ଼ିକ ଉପରେ ଭିତ୍ତିକରି ଭାରତ ସରକାରଙ୍କର କୃଷି ମନ୍ତ୍ରଣାଳୟ ଗ୍ରାମ୍ୟ ଉନ୍ନୟନ ବିଭାଗ ଏକ ପୁସ୍ତିକା ପ୍ରକାଶ କରିଛନ୍ତି । ଏହି ପୁସ୍ତିକାରେ ଓଡ଼ିଶାରେ ୧୩ ଗୋଟି ଜିଲ୍ଲାର କାର୍ଯ୍ୟକ୍ରମ ସମୀକ୍ଷା କରାଯାଇ ତଥ୍ୟ ପରିବେଷଣ କରାଯାଇଛି । ଷଷ୍ଠ ଯୋଜନା ପ୍ରାରମ୍ଭ କାଳରେ ବାର୍ଷିକ ଆୟ ୩୫୦୦ ଟଙ୍କାରୁ ତଳେ ଥିଲେ ସେଭଳି ପରିବାର ଦାରିଦ୍ର୍ୟ ସୀମାରେଖା ତଳେ ଅଛନ୍ତି ବୋଲି ଗଣନା କରାଯାଉଥିଲା । ପୁଣି ଏହି ଶ୍ରେଣୀର ପରିବାରମାନଙ୍କୁ ଦୁଇଭାଗରେ ବିଭକ୍ତ କରି ଏକ ଟଙ୍କାରୁ ୨୨୬୫ ଟଙ୍କା ପର୍ଯ୍ୟନ୍ତ ବାର୍ଷିକ ଆୟ ପରିମାଣକୁ ଅତ୍ୟନ୍ତ ଗରିବ ଶ୍ରେଣୀଭୁକ୍ତ କରାଯାଇଥିଲା । ୨୨୬୬ ଟଙ୍କାରୁ ୩୫୦୦ ଟଙ୍କା ପର୍ଯ୍ୟନ୍ତ ବାର୍ଷିକ ଆୟ ପରିବାରଙ୍କୁ ସାଧାରଣ ଗରିବ ବୋଲି ବିଚାର କରାଯାଉଥିଲା । ସପ୍ତମ ଯୋଜନା ପ୍ରାରମ୍ଭରେ ଦାରିଦ୍ର୍ୟ ସୀମାରେଖା ପରିବାର ପିଛା ବାର୍ଷିକ ଆୟ ୬୪୦୦ ଟଙ୍କାକୁ ବଢ଼ିଯାଇଛି । କିନ୍ତୁ ନିୟମରେ ସ୍ପଷ୍ଟ କରାଯାଇଛି ଯେ, ପ୍ରଥମ ପର୍ଯ୍ୟାୟରେ ୪୮୦୧ ଟଙ୍କାରୁ ବେଶୀ ବାର୍ଷିକ ଆୟଥିବା ପରିବାରଙ୍କୁ ଯୋଜନାର ଅନ୍ତର୍ଭୁକ୍ତ କରାଯିବନାହିଁ । ବାର୍ଷିକ ଆୟ ୩୫୦୦ ଟଙ୍କା ପର୍ଯ୍ୟନ୍ତ ଥିବା ସମସ୍ତ ପରିବାରଙ୍କୁ କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ କଲାପରେ ୪୮୦୦ ଟଙ୍କା ପର୍ଯ୍ୟନ୍ତ ବାର୍ଷିକ ଆୟଥିବା ପରିବାରମାନଙ୍କୁ କାର୍ଯ୍ୟକ୍ରମର ପରିସର ଭିତରକୁ ନିଆଯିବ ।

ସମନ୍ୱିତ ଗ୍ରାମ୍ୟ ଉନ୍ନୟନ ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ହେଲା ଏପରି ଗରିବ ପରିବାରଙ୍କୁ ଚିହ୍ନଟ କରି ଋଣ ଏବଂ ଅନୁଦାନ ସାହାଯ୍ୟରେ ତାଙ୍କର ଆର୍ଥିକମାନଦଣ୍ଡର ଉନ୍ନତି ସାଧନ କରିବା ।

ସର୍ବେରୁ ଜଣାଯାଇଛି ଯେ, ଆଇ. ଆର. ଡ଼ି. କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ ହୋଇଥିବା ପରିବାରମାନଙ୍କ ମଧ୍ୟରୁ ସର୍ବଭାରତୀୟ ସ୍ତରରେ ହାରାହାରି ଶତକଡ଼ା ୩୫ ଭାଗ ଅତ୍ୟନ୍ତ ଗରିବ ଶ୍ରେଣୀର ଅନ୍ତର୍ଭୁକ୍ତ କିନ୍ତୁ ଓଡ଼ିଶାର ଅନ୍ତର୍ଭୁକ୍ତ ହୋଇଥିବା ପରିବାରମାନଙ୍କ ମଧ୍ୟରୁ ଶତକଡ଼ା ୭୦.୫ ଭାଗ ଏହି ଅତ୍ୟନ୍ତ ଗରିବ ଶ୍ରେଣୀ ଅନ୍ତର୍ଭୁକ୍ତ । ଆଇ. ଆର. ଡ଼ି.ର ମୂଳ ଦର୍ଶନ ଅନୁସାରେ ପ୍ରଥମେ ଦରିଦ୍ରତମ ପରିବାରକୁ ସାହାଯ୍ୟ କଲାପରେ ଅନ୍ୟ ଦରିଦ୍ର ପରିବାରଙ୍କୁ ସାହାଯ୍ୟ କରାଯିବା ଉଚିତ । ଏହି ପରିପ୍ରେକ୍ଷୀରେ ସର୍ବ ଭାରତୀୟ ସ୍ତରରେ କେବଳ ମଣିପୁରକୁ ଛାଡ଼ିଦେଲେ ଅନ୍ୟ କୌଣସି ରାଜ୍ୟରେ ହିତାଧିକାରୀ ପରିବାରମାନଙ୍କ ମଧ୍ୟରୁ ଶତକଡ଼ା ୭୦ ଭାଗରୁ ବେଶୀ ଅତ୍ୟନ୍ତ ଗରିବ ଗୋଷ୍ଠୀରୁ ନିଆ ଯାଇନାହାନ୍ତି ।

ଅନ୍ୟାନ୍ୟ ରାଜ୍ୟରେ ପୂର୍ବତନ ଦାରିଦ୍ର୍ୟ ସୀମାରେଖା ଅର୍ଥାତ ୩୫୦୧ ଟଙ୍କାରୁ ଉର୍ଦ୍ଧ୍ୱ ବାର୍ଷିକ ଆୟଥିବା ପରିବାର-

ମାନଙ୍କୁ ମଧ୍ୟ କେତେକ ସ୍ଥଳରେ ଭୁଲରେ ମନୋନୟନ କରାଯାଇଥିଲା । ଜାତୀୟ ସ୍ତରରେ ଏପରି ଭୁଲ ମନୋନୟନ କରାଯାଇଥିବା ପରିବାର ସଂଖ୍ୟା ଶତକଡ଼ା ୨୨ ଭାଗ ହୋଇଥିବା ସ୍ଥଳେ ଓଡ଼ିଶାରେ ଏପରି କୌଣସି ପରିବାର ଚିହ୍ନଟ କରାଯାଇଥିବା ଦୃଷ୍ଟାନ୍ତ (ସର୍ଭେ ରିପୋର୍ଟରେ) ନାହିଁ । ଏଥିରୁ ନିର୍ଦ୍ଧାରଣ କରାଯାଇପାରେ ଯେ, ଆମ ରାଜ୍ୟରେ ଅତ୍ୟନ୍ତ ଅନୁପଯୁକ୍ତ ପରିବାର ପ୍ରାୟ ଆଇ. ଆର. ଡ଼ି. ସାହାଯ୍ୟ ପାଇନାହାନ୍ତି ।

ଉପଯୁକ୍ତ ହିତାଧିକାରୀଙ୍କୁ ଗ୍ରାମ୍ୟସଭା ଜରିଆରେ ଚିହ୍ନଟ କରିବା ବାଞ୍ଛନୀୟ । କାରଣ ସେହି ଗ୍ରାମବାସୀ କେବଳ ପ୍ରତ୍ୟେକ ପରିବାରର ଆର୍ଥିକ ଅବସ୍ଥା ବିଷୟରେ ସଠିକ ଚିତ୍ର ଦେଇ ପାରିବେ । ହାଉସ୍ ହୋଲଡ୍ ସର୍ଭେ ପରେ ଦରିଦ୍ରତମ ପରିବାରଗୁଡ଼ିକର ତାଲିକା ପ୍ରସ୍ତୁତ କରାଯାଇ କେଉଁମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ସାହାଯ୍ୟ ଦିଆଯିବ ତାହା ମଧ୍ୟ ଗ୍ରାମ ସଭାରେ ନିଷ୍ପତ୍ତି କରାଯାଇଥାଏ । କାରଣ ହିତାଧିକାରୀଙ୍କୁ ଚିହ୍ନଟ କରିବା ଏବଂ ଆର୍ଥିକ ଅବସ୍ଥା ଦୃଷ୍ଟିରୁ ଅଗ୍ରାଧିକାର ତାଲିକାରେ ସ୍ଥାନ ନିରୂପଣ କରିବା ପରସ୍ପର ସହିତ ସମ୍ପୃକ୍ତ । ଜାତୀୟ ସ୍ତରରେ ହାରାହାରି ଶତକଡ଼ା ୫୬ ଭାଗ ହିତାଧିକାରୀ ଗ୍ରାମ୍ୟସଭା ମାଧ୍ୟମରେ ଚିହ୍ନଟ କରାଯାଇଥିବା ସ୍ଥଳେ ଓଡ଼ିଶାରେ ଶତକଡ଼ା ୮୮ ଭାଗ ହିତାଧିକାରୀ ଗ୍ରାମସଭା ମାଧ୍ୟମରେ ଚିହ୍ନଟ କରାଯାଇଛନ୍ତି । ଏଥିଯୋଗୁଁ ଦାରିଦ୍ର୍ୟ ସୀମାରେଖା ଉପରେ ଥିବା ବ୍ୟକ୍ତି ସାହାଯ୍ୟ ତାଲିକା ଭୁକ୍ତ ହୋଇ ନାହାନ୍ତି । ହିତାଧିକାରୀମାନଙ୍କ ଚିହ୍ନଟପରେ ବ୍ଲକ ଅଫିସ ଜରିଆରେ ଋଣ ଦରଖାସ୍ତ ସଂଗ୍ରହ କରାଯାଇ ବ୍ୟାଙ୍କକୁ ପଠାଯାଏ ।

ଋଣ ଏବଂ ଅନୁଦାନର ପରିମାଣ, ହିତାଧିକାରୀଙ୍କ ମତରେ ଇପ୍ସିତ ସମ୍ପତ୍ତି ଅର୍ଜନ କରିବା ପାଇଁ ଯଥେଷ୍ଟ କି ନୁହେଁ ଏ ବିଷୟ ମଧ୍ୟ ଅନୁଧ୍ୟାନ କରାଯାଇଥିଲା । ଜାତୀୟ ସ୍ତରରେ ହାରାହାରି ୭୮ ଭାଗ ହିତାଧିକାରୀ ପ୍ରଦତ୍ତ ସାହାଯ୍ୟକୁ ପର୍ଯ୍ୟାପ୍ତ ବୋଲି ମତ ଦେଇଛନ୍ତି । ଓଡ଼ିଶାରେ ଶତକଡ଼ା ୯୫ ଭାଗ ହିତାଧିକାରୀ ଆଇ. ଆର. ଡ଼ି. ସାହାଯ୍ୟକୁ ପର୍ଯ୍ୟାପ୍ତ ବୋଲି ମତ ବ୍ୟକ୍ତ କରିଛନ୍ତି ।

ହିତାଧିକାରୀମାନଙ୍କ ବ୍ୟବସାୟ ପାଇଁ କାର୍ଯ୍ୟବାହକ ମୂଳଧନ ନିତାନ୍ତ ଆବଶ୍ୟକ । ଆଇ. ଆର. ଡ଼ି.ରେ ଦିଆଯାଇଥିବା ପ୍ରକଳ୍ପରେ ଯଦି ଏହି ସକ୍ରିୟ ପୁଞ୍ଜି ନ ଥାଏ ତେବେ ହିତାଧିକାରୀ ଘରୋଇ ସୂତ୍ରରୁ ଋଣ ଆଣିବାକୁ କିମ୍ବା ପ୍ରକଳ୍ପଟି ଚଳାଇ ନ ପାରି ହସ୍ତାନ୍ତର କରିବାକୁ ବାଧ୍ୟ ହୁଅନ୍ତି । ଜାତୀୟ ସ୍ତରରେ ହାରାହାରି ଶତକଡ଼ା ୨୮ ଭାଗ ହିତାଧିକାରୀ ଏପରି ସକ୍ରିୟ ପୁଞ୍ଜି ପାଇଛନ୍ତି । କିନ୍ତୁ ଓଡ଼ିଶାରେ ଶତକଡ଼ା ୭୩ ଭାଗ ହିତାଧିକାରୀ ସକ୍ରିୟ ପୁଞ୍ଜି ପାଇଛନ୍ତି ।

ସରକାରୀ ସଂସ୍ଥାମାନଙ୍କଦ୍ୱାରା ଦିଆଯାଇଥିବା ଋଣ ଓ ସାହାଯ୍ୟ ପରବର୍ତ୍ତୀକାଳୀନ ସହାୟତା (ଆଫଟର କେୟାର ଆଣ୍ଡ ସପୋର୍ଟ) ଆଇ. ଆର. ଡ଼ି. କାର୍ଯ୍ୟକ୍ରମର ସଫଳ ରୂପାୟନ ଦିଗରେ ଅତ୍ୟନ୍ତ ଜରୁରୀ । ଏହିଭଳି ଯତ୍ନ ଓ ସାହାଯ୍ୟ ଜାତୀୟ ସ୍ତରରେ ହାରାହାରି ଶତକଡ଼ା ୨୬ ଭାଗ ହିତାଧିକାରୀଙ୍କୁ ଦିଆ ଯାଇଥିଲା । ଓଡ଼ିଶାରେ ଏ ଭଳି ପରବର୍ତ୍ତୀ ଯତ୍ନ ଓ ସାହାଯ୍ୟ ଶତକଡ଼ା ୬୨ ଭାଗ ହିତାଧିକାରୀ ପାଇଛନ୍ତି ।

ପ୍ରଦତ୍ତ ପ୍ରକଳ୍ପରୁ ମିଳୁଥିବା ଅତିରିକ୍ତ ଆୟର ପରିମାଣରୁ କାର୍ଯ୍ୟକ୍ରମର ସଫଳତା ଜଣାପଡ଼େ । ଓଡ଼ିଶା କ୍ଷେତ୍ରରେ ଶତକଡ଼ା ୧୪ ଭାଗ ହିତାଧିକାରୀ ପ୍ରଦତ୍ତ ପ୍ରକଳ୍ପରୁ ବାର୍ଷିକ ୨୦୦୦ରୁ ଅଧିକ ଆୟକରି ପାରିଛନ୍ତି । ଶତକଡ଼ା ୩୫ ଭାଗ ହିତାଧିକାରୀ ପ୍ରଦତ୍ତ ପ୍ରକଳ୍ପରୁ ବାର୍ଷିକ ୧୦୦୦ ରୁ ୨୦୦୦ ଟଙ୍କା ପର୍ଯ୍ୟନ୍ତ ଆୟ କରିପାରିଛନ୍ତି । ଜାତୀୟ ସ୍ତରରେ ଶତକଡ଼ା ୨୪ ଭାଗ ହିତାଧିକାରୀ ଦିଆଯାଇଥିବା ପ୍ରକଳ୍ପରୁ ୧୦୦୦ ରୁ ୨୦୦୦ ଟଙ୍କା ମଧ୍ୟରେ ଏବଂ ଶତକଡ଼ା ୨୬ ଭାଗ ହିତାଧିକାରୀ ୨୦୦୦ଟଙ୍କାରୁ ଊର୍ଦ୍ଧ୍ୱ ଅତିରିକ୍ତ ଆୟପାଇ ପାରିଛନ୍ତି । ୧୫୦୧ ଟଙ୍କାରୁ ଅଧିକ ଆୟ ଲାଭ କରିଥିବା ହିତାଧିକାରୀଙ୍କ ସଂଖ୍ୟା ଜାତୀୟ ସ୍ତରରେ ଏବଂ ଓଡ଼ିଶାରେ ସମାନ ଏବଂ ସେମାନଙ୍କର ସଂଖ୍ୟା ଶତକଡ଼ା ୧୫ ଭାଗ ।

ଆଇ. ଆର. ଡ଼ି. ସାହାଯ୍ୟ ପାଇଥିବା ହିତାଧିକାରୀମାନଙ୍କ ମଧ୍ୟରୁ ଓଡ଼ିଶାରେ ଶତକଡ଼ା ୧୭ ଭାଗ ଷଷ୍ଠ ଯୋଜନାକାଳରେ ଧାର୍ଯ୍ୟ କରାଯାଇଥିବା ଦାରିଦ୍ର୍ୟ ସୀମାରେଖାକୁ ଅତିକ୍ରମ କରିଛନ୍ତି ଏବଂ ଶତକଡ଼ା ୨'୫ ଭାଗ ଉନ୍ନତର ଦାରିଦ୍ର୍ୟ ସୀମାରେଖା (ଅର୍ଥାତ) ୬୪୦୦ କୁ ଟପି ଯାଇଛନ୍ତି । ସର୍ବ ଭାରତୀୟ ସ୍ତରରେ ଶତକଡ଼ା ୧୨ ଭାଗ ହିତାଧିକାରୀ ସଂଶୋଧିତ ଦାରିଦ୍ର୍ୟ ସୀମାରେଖାକୁ ଅତିକ୍ରମ କରି ପାରିଛନ୍ତି । ଏ କ୍ଷେତ୍ରରେ ଉଲ୍ଲେଖ କରାଯାଇପାରେ ଯେ ସର୍ବ ଭାରତୀୟ ସ୍ତରରେ ବାର୍ଷିକ ଆୟ ୨୨୬୬ ଟଙ୍କାରୁ ୩୫୦୦ ଟଙ୍କା ପର୍ଯ୍ୟନ୍ତ ଥିବା ପରିବାର ଶତକଡ଼ା ୪୩ ଭାଗ ବଛାଯାଇଥିବା ସ୍ଥଳେ ଓଡ଼ିଶାରେ ଏମାନଙ୍କ ସଂଖ୍ୟା ମାତ୍ର ଶତକଡ଼ା ୨୯'୫ ଭାଗ । ଦରିଦ୍ରତମ ପରିବାରଙ୍କୁ ବେଶୀ ସଂଖ୍ୟାରେ (୭୦'୫) ଚିହ୍ନଟ କରାଯାଇଥିବାରୁ ଗୋଟିଏ ଦଫା ସାହାଯ୍ୟରେ ସେମାନଙ୍କ ମଧ୍ୟରୁ ଅଧିକାଂଶ ଅତିରିକ୍ତ ଆୟ ପାଇଥିଲେ ହେଁ ପ୍ରାକ୍ ସାହାଯ୍ୟ କାଳୀନ ବାର୍ଷିକ ଆୟ ପୁରାତନ ବା ସଂଶୋଧିତ ଦାରିଦ୍ର୍ୟ ସୀମାରେଖାଠାରୁ ଅତ୍ୟନ୍ତ ନିମ୍ନରେ ଥିବା ଦୃଷ୍ଟିରୁ ସେମାନେ ଦାରିଦ୍ର୍ୟ ସୀମାରେଖା ଟପି ପାରିନାହାନ୍ତି ।

ହିତାଧିକାରୀମାନଙ୍କୁ ନିଜ ମତରେ ପ୍ରଦତ୍ତ ପ୍ରକଳ୍ପ ଚଳାଇବା ପାଇଁ ଯେଉଁ ଭିତ୍ତିଭୂମିକ ସୁବିଧା ସୁଯୋଗ ମିଳିବା କଥା (ଅର୍ଥାତ କଞ୍ଚାମାଲ ଯୋଗାଣ, ପ୍ରସ୍ତୁତ ଦ୍ରବ୍ୟର ବିକ୍ରୟ ସୁବିଧା ଇତ୍ୟାଦି) ତାହା ଜାତୀୟ ସ୍ତରରେ ଶତକଡ଼ା ୮୫ ଭାଗ ହିତାଧିକାରୀ ପର୍ଯ୍ୟାପ୍ତ ପରିମାଣରେ ପାଇଛନ୍ତି । କିନ୍ତୁ ଓଡ଼ିଶାର ହିତାଧିକାରୀମାନଙ୍କ ମତରେ ଏହିଭଳି ଭିତ୍ତିଭୂମିକ ସୁଯୋଗ (ବ୍ୟାକ୍ୱାର୍ଡ଼ ଆଣ୍ଡ ଫରୱାର୍ଡ଼ ଲିଂକ୍ଏଜ୍) ଶତକଡ଼ା ୯୭ ଭାଗ କ୍ଷେତ୍ରରେ ମିଳିଛି ।

ଏହି ସର୍ଭେରୁ ଆହୁରି ମଧ୍ୟ ଜଣାଯାଇଛି ଯେ, ଓଡ଼ିଶାରେ ପ୍ରକଳ୍ପ ପାଇବା ପରେ ହିତାଧିକାରୀ ପରିବାରମାନଙ୍କ ମଧ୍ୟରୁ ଶତକଡ଼ା ୨୨ ଭାଗ ପରିବାରଙ୍କ ପାରିବାରିକ ଆୟ ପୂର୍ବ ଆୟର ଶତକଡ଼ା ୧ ରୁ ୨୫ ଭାଗ ଭିତରେ ବୃଦ୍ଧି ପାଇଛି । ଶତକଡ଼ା ୨୦ ଭାଗ ପରିବାରଙ୍କ ଆୟ ପୂର୍ବ ଆୟର ଶତକଡ଼ା ୨୫ ରୁ ୫୦ ଭାଗ ମଧ୍ୟରେ ବୃଦ୍ଧି ପାଇଛି । ଶତକଡ଼ା ୨୧ ଭାଗ ପରିବାରଙ୍କ ଆୟ ପୂର୍ବ ଆୟର ଶତକଡ଼ା ୫୧ ରୁ ୧୦୦ ଭାଗ

ବୃଦ୍ଧି ପାଇଛି । ଶତକଡ଼ା ୩୦ ଭାଗ ପରିବାରଙ୍କ ବାର୍ଷିକ ଆୟ ଶତକଡ଼ା ୧୦୦ ଭାଗରୁ ଅଧିକ ବୃଦ୍ଧି ପାଇଛି । ଏହିଭଳି ଦେଖାଯାଇଛି ଯେ ଶତକଡ଼ା ୯୩ ଭାଗ ପରିବାର କିଛି ନା କିଛି ଅଧିକ ଆୟ ପାଉଛନ୍ତି ।

ଉପରୋକ୍ତ ବ୍ୟାପକ ସର୍ବେ ତଥ୍ୟରୁ ଜଣାପଡ଼େ ଯେ, ଆର. ଆର. ଡି. କାର୍ଯ୍ୟକ୍ରମ ଯୋଗୁଁ ଲୋକଙ୍କର ଆର୍ଥିକ ମାନଦଣ୍ଡରେ ଉନ୍ନତି ନିଶ୍ଚୟ ଘଟିଛି ଓ ଏ ଦିଗରେ ଓଡ଼ିଶାର ସଫଳତା ଉଲ୍ଲେଖଯୋଗ୍ୟ ।

## ଜଳ୍ପ ବାଟ

ଦିନ ଥିଲା କଳ୍ପବଟକୁ ଆମେ କେବଳ ପୂଜା କରୁଥିଲେ । ଗଛ ମୂଳେ ଲୋଡ଼ିଲେ ଯେ ଯାହା ମନାସୁଥିଲା ତାହା ମିଳି ଯାଉଥିଲା । କିନ୍ତୁ ଏ କଳିଯୁଗରେ ଆଉ ସେ କଥା ଘଟୁନି । ଯେତେ ପୂଜା କଲେ ବି ଲୋକମାନଙ୍କର ମନୋବାଞ୍ଛା ସବୁବେଳେ ପୂର୍ଣ୍ଣ ହେଉନି ।

ଏବେ କୃଷି ବୈଜ୍ଞାନିକମାନେ କଳ୍ପବଟ ସୃଷ୍ଟି କରିବା କଥା ଚିନ୍ତା କଲେଣି । ନିକଟ ଅତୀତରେ ପମାଟୋ ବୋଲି ଗୋଟିଏ ଗଛ ସୃଷ୍ଟି କରାଯିବା ସମ୍ବାଦ ପ୍ରକାଶ ପାଇଥିଲା । ଏହି ଗଛର ମୂଳରେ ଆଳୁ ଓ ଡାଳରେ ବିଲାତି ବାଇଗଣ ଫଳି ପାରିବ ବୋଲି ଜଣା ଯାଉଛି । ଆଳୁ ଓ ବିଲାତିବାଇଗଣ ଗଛ ମଧ୍ୟରେ ପ୍ରଜନନ ଘଟାଇବା ଦ୍ୱାରା ଏହା ସମ୍ଭବ ହୋଇପାରିଛି ।

୧୯୨୭ ମସିହାରେ ଋଷୀୟ ବୈଜ୍ଞାନିକ କାରପେଚେନ୍‌କୋ ମୂଳା ଓ ବନ୍ଧାକୋବି ମଧ୍ୟରେ ପ୍ରଜନନ ଘଟାଇ ଏପରି ଏକ ଗଛ ସୃଷ୍ଟି କରିବାକୁ ଚାହିଁଥିଲେ । ସେ ଗଛଟିରେ ମୂଳରେ ମୂଳା ଓ ମାଟି ଉପରେ ବନ୍ଧାକୋବି ଫଳିବ ବୋଲି ଆଶା କରାଯାଉଥିଲା.. । ମାତ୍ର ଦୁର୍ଭାଗ୍ୟବଶତଃ ଯେଉଁ ଗଛଟି ସୃଷ୍ଟି ହେଲା ତାର ମୂଳରେ କୋବି ପରି ଚେର ଓ ମାଟି ଉପରେ ମୂଳାପରି ପତ୍ର ସୃଷ୍ଟି ହୋଇଥିଲା । ଫଳରେ ସେ ବିଫଳ ହେଲେ ।

ତଥାପି ଏ ଯାବତ୍ ସେ ବିଷୟରେ ବୈଜ୍ଞାନିକ ଗବେଷଣା ବନ୍ଦ ହୋଇଯାଇନି । ଆଗାମୀ ଦିନରେ ସମାନ ସମାନ ପ୍ରଜାତି ବା ସମାନ ବଂଶ ଗୁଡ଼ିକ ମଧ୍ୟରେ ପ୍ରଜନନ ଘଟାଇ କେତେକ ନୂଆଗଛ ସୃଷ୍ଟି କରାଯିବା କଥା ଚିନ୍ତା କରାଯାଉଛି । ଫଳରେ ଗୋଟିଏ ଗଛରୁ ଏକାଧିକ ଫଳ ମିଳି ପାରିବ ।

ଉଦାହରଣ ସ୍ୱରୂପ ଆଳୁ, ବିଲାତିବାଇଗଣ, ଲଙ୍କାମରିଚ ବାଇଗଣ ଧୂଆଁପତ୍ର ଓ ପିଟୁନିଆ ଗୋଟିଏ ବଂଶ (Family)ର ଅଟନ୍ତି । ଏମାନଙ୍କ ମଧ୍ୟରେ ଅନ୍ତଃ-ପ୍ରଜନନ କରାଯାଇପାରିଲେ ଯେଉଁ ନୂତନ ଗଛ ସୃଷ୍ଟି ହେବ ତାର ମୂଳରୁ ଆଳୁ, ଡାଳରୁ ବିଲାତିବାଇଗଣ, ଲଙ୍କାମରିଚ ବା ବାଇଗଣ, ପତ୍ରରୁ ଧୂଆଁପତ୍ର ଓ ଫୁଲରୁ ପିଟୁନିଆ ମିଳିପାରିବ । ଗୋଟିଏ ଗଛରୁ ଏତେ ପ୍ରକାରର ଫଳମିଳିଲେ ଆମେ ତାକୁ କଳ୍ପବଟ୍ କହିବ ନାହିଁ କାହିଁକି ?

# ଓଡ଼ିଶାରେ କୃଷି ବିକାଶ

ଡଃ ରବନାରାୟଣ ମହାନ୍ତି

ଓଡ଼ିଶାର ମୋଟ୍ ଆୟତନ ୧୫·୫୪ ନିୟୁତ ହେକ୍‌ଟର । ଭାରତ ବର୍ଷର ମୋଟା ମୋଟି ଆୟତନର ଏହା ଶତକଡ଼ା ୫ ଭାଗ । ଏଥି ମଧ୍ୟରୁ ଶତକଡ଼ା ପ୍ରାୟ ୩୨ ଭାଗ ଜଙ୍ଗଲ ଏବଂ ଶତକଡା ୨୪ ଭାଗ ଅନ୍ୟାନ୍ୟ ଦିଗରେ ବ୍ୟବହୃତ ହେଉଥିବା ବେଳେ, ଶତକଡା ୪୪ଭାଗ ଜମିରେ ୬·୮ ନିୟୁତ ହେକ୍‌ଟର ବିଭିନ୍ନ ପ୍ରକାର ଫସଲ ଚାଷକରା ଯାଉଥାଏ । ନିୟୁତ ହେକ୍‌ଟର ଜମିରେ ବିଭିନ୍ନ ପ୍ରକାର ଫସଲ ଚାଷ କରାହେଉଛି ।

୧୯୮୧ ମସିହା ଜନଗଣନା ଅନୁସାରେ ଓଡ଼ିଶାର ମୋଟ ଲୋକ ସଂଖ୍ୟା ୨୬·୪ ନିୟୁତ ଥିଲା । ଏଥି ମଧ୍ୟରୁ ଶତକଡା ୨୨·୩ ଭାଗ ଆଦିବାସୀ ଏବଂ ଶତକଡା ୧୪·୮ ଭାଗ ହରିଜନ ସଂପ୍ରଦାୟର । ରାଜ୍ୟର ମୋଟ ଶ୍ରମଜୀବୀମାନଙ୍କ ମଧ୍ୟରୁ ଶତକଡା ୭୭ ଭାଗ କୃଷକ ତଥା କୃଷି ଶ୍ରମିକ । ଓଡ଼ିଶାର ମୋଟ ୩·୪ ନିୟୁତ କୃଷକ ପରିବାରଙ୍କ ମଧ୍ୟରୁ ଶତକଡା ୭୫ ଭାଗ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀ ହେଲେ ମଧ୍ୟ ଆବାଦ-ଯୋଗ୍ୟ ମୋଟ ଜମିର ଶତକଡା ୪୦ ଭାଗରେ ଏମାନେ ଚାଷବାସ କରିଥାନ୍ତି । ଅନ୍ୟ ପକ୍ଷରେ ଚାଷଜମି ପାଇଁ ରାଜ୍ୟରେ ପର୍ଯ୍ୟାପ୍ତ ଜଳସେଚନ ସୁବିଧା ମଧ୍ୟ ନାହିଁ । ଖରିଫ୍ ଋତୁରେ ୧·୩୮ ନିୟୁତ ହେକ୍‌ଟର, ଅର୍ଥାତ୍ ମୋଟ ଚାଷ ଜମିର ଶତକଡା ୨୨ ଭାଗକୁ ଜଳସେଚନ ସୁବିଧାମିଳେ, ମାତ୍ର ଶୀତଦିନେ ମୋଟ ଜଳସେଚନ ସୁବିଧାର କେବଳ ୩୮ ଭାଗ ରବିଚାଷ ପାଇଁ ମିଳେ ।

ଓଡ଼ିଶାରେ ବାର୍ଷିକ ହାରାହାରି ୭୩ ଦିନରେ ୧,୪୮୨ ମି. ମି. ବର୍ଷାହୁଏ । ଜୁନ୍ ମାସରୁ ସେପ୍‌ଟେମ୍ବର ମାସ ମଧ୍ୟରେ ଆମେ ମୋଟ ବର୍ଷାର ଶତକଡା ୮୦ ଭାଗ ପାଇଥାଉ ଏବଂ ଏହି ସମୟରେ ପ୍ରାୟ ୫୮ ଦିନ ବର୍ଷା ହୁଏ । ବର୍ଷା ପରିମାଣର ଏକ ସମୀକ୍ଷାରୁ ଜଣାଯାଉଛି ଯେ ଭିନ୍ନଭିନ୍ନ ମାସର ହାରାହାରି ବର୍ଷା ପରିମାଣର ଗୁଣାଙ୍କ ତାରତମ୍ୟ ଜୁନ୍ ମାସରୁ ସେପ୍‌ଟେମ୍ବର ମଧ୍ୟରେ ଶତକଡା ୨୨ରୁ ୪୨ ଭାଗ ହୋଇଥାଏ । ମୌସୁମୀ ବର୍ଷାର ଆରମ୍ଭ ଓ ଶେଷର ତାରତମ୍ୟ ପ୍ରାୟ ଶତକଡା ୫୫ ଭାଗରୁ ବେଶୀ । ବର୍ଷା ଋତୁର ଆରମ୍ଭ ଏବଂ ଶେଷାନ୍ତର ଏଭଳି ଏକ ଅନିଶ୍ଚିତତା ଯୋଗୁ, ମୋଟ ଆବାଦ ଜମିରୁ ଖରିଫ୍ ଋତୁରେ ଚାଷ କରାଯାଉଥିବା ଶତକଡା ୭୦·୮୫ ଭାଗ ଫସଲର ବୁଣାବୁଣି, ଚାଷୀ ଡେରିରେ ଆରମ୍ଭ କରିଥାନ୍ତି । ପୁନଶ୍ଚ ଶେଷ ଆଡକୁ ଅର୍ଥାତ୍ ଅକଟୋବର ମାସରେ ମୋଟ ଖରିଫ୍ ଫସଲର ଶତକଡା ୬୬·୪୪ ଭାଗ ଜମିରେ ଚାଷ କରାଯାଉଥିବା ଶାରଦଧାନ ସମେତ ସମସ୍ତ ଖରିଫ୍ ଫସଲ ଜଳାଭାବର ସମ୍ମୁଖୀନ ହୋଇଥାଏ । ଏହି ସମୟ ଶାରଦଧାନ ଫସଲ ପାଇଁ ଏକ ଘଡ଼ିସନ୍ଧି ଅବସ୍ଥା ହୋଇଥିବାରୁ ଉତ୍ପାଦନ ବାଧାପାଇଥାଏ ।

ଅନ୍ୟ କେତୋଟି ପ୍ରତିବନ୍ଧକ ମଧ୍ୟରୁ ଚାଷ ଜମିର କ୍ଷୁଦ୍ର ଆୟତନ ଏବଂ ଏଗୁଡ଼ିକର ବିକ୍ଷିପ୍ତ ଅବସ୍ଥାହିଁ ଅନ୍ୟତମ । ରାଜ୍ୟର ମୋଟ ଚାଷୀଙ୍କ ମଧ୍ୟରୁ ଶତକଡା ୭୫ ଭାଗ କ୍ଷୁଦ୍ର ଓ ନାମ ମାତ୍ର ଚାଷୀ । ଏମାନଙ୍କର ଆର୍ଥିକ ଅବସ୍ଥା ଆଦୌ ସ୍ୱଚ୍ଛଳ ନୁହେଁ, ତେଣୁ, ଆଧୁନିକ ଚାଷ ପ୍ରଣାଳୀ ଅବଲମ୍ବନ କରିବାପାଇଁ ସେମାନେ ଆଗଭର ହୋଇ ପାରୁନାହାଁନ୍ତି । ଅନ୍ୟ ପକ୍ଷରେ ରାଜ୍ୟର ମୋଟ୍ ଜନ ସଂଖ୍ୟାର ଯେଉଁ ୩୭ ଭାଗ ଲୋକ ଆଦିବାସୀ ଓ ହରିଜନ ସଂପ୍ରଦାୟର ସେମାନେ ମଧ୍ୟ ଆର୍ଥିକ ଦୃଷ୍ଟିରୁ ସମାଜର ସବୁଠାରୁ ଦୁର୍ବଳ ଶ୍ରେଣୀର ଅଧିବାସୀ । ଅଶିକ୍ଷିତଙ୍କ ସଂଖ୍ୟା ଏମାନଙ୍କ ମଧ୍ୟରେ ସର୍ବାଧିକ । ସବୁଜ ବିପ୍ଲବରେ ଅଂଶ ଗ୍ରହଣ କରିବା ପାଇଁ, ଦାରିଦ୍ର୍ୟ ଓ ଅଶିକ୍ଷାହିଁ ଏମାନଙ୍କର ଅନ୍ତରାୟ ହେଉଛି ।

## କୃଷି ଉତ୍ପାଦନର ସ୍ଥିତି ଓ ପ୍ରଗତି

ନିମ୍ନରେ ୧ମରୁ ୫ମ ଯୋଜନାର ଶେଷପର୍ଯ୍ୟନ୍ତ ରାଜ୍ୟର କୃଷି ଉତ୍ପାଦନର ଚିତ୍ର ପ୍ରଦତ୍ତ ହୋଇଛି । ଏଥିରୁ ଜଣାଯିବ ଯେ, ପ୍ରଥମ ତିନୋଟି ଯୋଜନା କାଳରେ କୃଷି ଉତ୍ପାଦନ ପ୍ରାୟତଃ ସ୍ଥାଣୁ ଅବସ୍ଥାରେ ରହିଥିଲା । ୪ର୍ଥ ଓ ୫ମ ଯୋଜନା କାଳରେ ଏହା ଗତିଶୀଳ ହୋଇ ଖାଦ୍ୟଶସ୍ୟ, ଡାଲି, ତୈଳବୀଜ ଏବଂ ଅନ୍ୟାନ୍ୟ ଫସଲ ଯଥା:—ତନ୍ତୁ ଫସଲ ଓ ଆଖୁ ପ୍ରଭୃତିର ଉତ୍ପାଦନରେ ସମ୍ୟକ ବୃଦ୍ଧି ଘଟିଛି । ୧୯୬୫-୬୬ ଅର୍ଥାତ ୩ୟ ଯୋଜନା ଶେଷରେ ଖାଦ୍ୟଶସ୍ୟ ଉତ୍ପାଦନ

୪ ନିୟୁତ ଟନ୍ ଥିବାବେଳେ, ୧୯୭୭-୭୮ ଅର୍ଥାତ୍ ୫ମ ଯୋଜନା ଶେଷରେ ୫.୫ ନିୟୁତ ଟନ୍‌କୁ ବୃଦ୍ଧିପାଇଛି । ତୃତୀୟ ଯୋଜନା ତୁଳନାରେ ଏହା ଶତକଡ଼ା ୩୯ ଭାଗ ଅଧିକ । ଡାଲି ଫସଲର ଉତ୍ପାଦନ ୦.୩୧ ନିୟୁତ୍ ଟନ୍‌ରୁ ବୃଦ୍ଧିପାଇ ୦.୬୮ ନିୟୁତ ଟନ୍‌ରେ ପହଞ୍ଚି ଶତକଡ଼ା ୧୧୯ଭାଗ ଓ ତୈଳବୀଜ ଫସଲ ୦.୧୩ ନିୟୁତଟନ୍‌ରୁ ୦.୩୩ ନିୟୁତ ଟନ୍‌ରେ ପହଞ୍ଚି ଶତକଡ଼ା ୧୫୪ ଭାଗ ବୃଦ୍ଧି ପାଇଛି ।

ପାଇଁ ୧୯୭୭-୭୮ ମସିହାରୁ ରାଜ୍ୟରେ ତାଲିମ ଓ ପରିଦର୍ଶନ ସଂପ୍ରସାରଣ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି । ଏହି କାର୍ଯ୍ୟକ୍ରମ ଅନୁଯାୟୀ ଗ୍ରାମ କୃଷି କର୍ମଚାରୀମାନଙ୍କ ଠାରୁ ଆରମ୍ଭ କରି ରାଜ୍ୟ କୃଷି ନିର୍ଦ୍ଦେଶାଳୟ ପର୍ଯ୍ୟନ୍ତ ଏକ ଶାସନାଧୀନ ହେବା ଦ୍ୱାରା କୃଷି ବ୍ୟତୀତ ଅନ୍ୟ କୌଣସି ସଂପ୍ରସାରଣ ଧନ୍ଦା ସହିତ କୃଷି କର୍ମଚାରୀମାନଙ୍କର ସଂପର୍କ ରହିଲା ନାହିଁ । କୃଷି ସଂପ୍ରସାରଣ କର୍ମଚାରୀ ନିଜର ସମସ୍ତ ସମୟ କୃଷି ଉନ୍ନୟନ ଓ ଉତ୍ପାଦନରେ

| ଫସଲ | | ୧ମ ଯୋଜନା ୧୯୫୫-୫୬ | ୨ୟ ଯୋଜନା ୧୯୬୦-୬୧ | ୩ୟ ଯୋଜନା ୧୯୬୫-୬୬ | ୪ର୍ଥ ଯୋଜନା ୧୯୭୩-୭୪ | ୫ମ ଯୋଜନା ୧୯୭୭-୭୮ |
|---|---|---|---|---|---|---|
| | | | | | | ନିୟୁତ ଟନରେ ଉତ୍ପାଦନ |
| ୧ | | ୨ | ୩ | ୪ | ୫ | ୬ |
| ଶସ୍ୟ ଜାତୀୟ | .. | ୩.୧୬ | ୩.୮୦ | ୩.୩୭ | ୪.୮୦ | ୪.୮୮ |
| ଡାଲି ଜାତୀୟ | .. | ୦.୨୫ | ୦.୨୨ | ୦.୩୧ | ୦.୪୭ | ୦.୬୮ |
| ମୋଟ ଖାଦ୍ୟଶସ୍ୟ | .. | ୩.୪୧ | ୪.୦୨ | ୩.୬୮ | ୫.୨୭ | ୫.୫୬ |
| ଚିନାବାଦାମ | .. | ୦.୦୨ | ୦.୦୨ | ୦.୦୬ | ୦.୧୪ | ୦.୨୫ |
| ସୋରିଷ | .. | ୦.୦୨ | ୦.୦୨ | ୦.୦୨ | ୦.୦୩ | ୦.୦୫ |
| ରାଶି | .. | ୦.୦୨ | ୦.୦୨ | ୦.୦୨ | ୦.୦୫ | ୦.୦୭ |
| ଅନ୍ୟାନ୍ୟ ତୈଳବୀଜ | .. | .. | ୦.୦୬ | ୦.୦୩ | ୦.୦୭ | ୦.୦୬ |
| ମୋଟ ତୈଳବୀଜ | .. | ୦.୦୬ | ୦.୧୨ | ୦.୧୩ | ୦.୨୯ | ୦.୩୩ |
| ତନ୍ତୁ ଜାତୀୟ | .. | ୦.୦୫ | ୦.୦୬ | ୦.୦୬ | ୦.୧୧ | ୦.୧୨ |
| ଆଳୁ | . | ୦.୦୯ | ୦.୦୭ | ୦.୧୮ | ୦.୨୪ | ୦.୨୬ |

ଅଧିକ ଅମଳକ୍ଷମ ଏବଂ ଉନ୍ନତ କିସମର ବିହନ ବ୍ୟବହାର, ମଞ୍ଜୁରି ପ୍ରାପ୍ତି ପ୍ରମାଣିତ ଅଞ୍ଚଳରେ ବିହନ ତଥା ମଞ୍ଜୁରି ସହଣୀ କିସମର ଉପଯୋଗ କରି ଡାଲି ଓ ତୈଳବୀଜ ଫସଲ ଚାଷ ... ସେଚିତ ଅଞ୍ଚଳରେ ଉପଯୁକ୍ତ ଫସଲ ପର୍ଯ୍ୟାୟ ଅବଲମ୍ବନ କରି ଏକାଧିକ ଫସଲ ଚାଷ କରିବା ଦ୍ୱାରା କୃଷି ଉତ୍ପାଦନରେ ରାଜ୍ୟର ଅବସାନ ହୋଇ ଏକ ନୂତନ ଦିଗନ୍ତର ସୃଷ୍ଟି ହୋଇ ପାରିଛି ।

ମାତ୍ର ରାଜ୍ୟର ଜନ ସଂଖ୍ୟାର ବୃଦ୍ଧି ଜନିତ ଖାଦ୍ୟଶସ୍ୟ ତଥା ଅନ୍ୟାନ୍ୟ କୃଷି ଉତ୍ପାଦନ ଆବଶ୍ୟକତା ଏହାଦ୍ୱାରା ପୂରଣ ହୋଇ ପାରିନାହିଁ । ୧୯୭୭-୭୮ ମସିହାରେ ଆମେ ଜଣେ ପ୍ରାପ୍ତ ବୟସ୍କ ବ୍ୟକ୍ତି ପାଇଁ ୨.୨୧ କିଲୋ ଖାଦ୍ୟଶସ୍ୟ ଉତ୍ପାଦନ କରିପାରିଥିଲେ । ମାତ୍ର ଭାରତୀୟ ଚିକିତ୍ସା ଗବେଷଣା ପରିଷଦଙ୍କ ଦ୍ୱାରା ଅନୁମୋଦିତ ପୁଷ୍ଟିକର ଖାଦ୍ୟ ତାଲିକା ଅନୁସାରେ ଏହା କମ୍ ଥିଲା ।

କୃଷି ବିଶ୍ୱବିଦ୍ୟାଳୟ ଏବଂ ଗବେଷଣା ସଂସ୍ଥା ଗୁଡ଼ିକ ଉତ୍ପାଦନ ... ପାଇଁ ନୂଆ ନୂଆ କୃଷି କୌଶଳ ଉଦ୍ଭାବନ ... ଅଧିକ ଅମଳକ୍ଷମ ଧାନ ଏବଂ ଅନ୍ୟାନ୍ୟ ଫସଲ ... କୃଷି ବିଶ୍ୱବିଦ୍ୟାଳୟ ଦ୍ୱାରା ଉଦ୍ଭାବିତ କରା ... ସେଗୁଡ଼ିକ ଚାଷୀ ମାନଙ୍କ ପାଖରେ ପହଞ୍ଚାଇବା-

ବିନିଯୋଗ କରିବାରୁ ଉତ୍ପାଦନ କ୍ଷେତ୍ରରେ ଅଭୂତପୂର୍ବ ସଫଳତା ହାସଲ କରାଯାଇ ପାରିଛି । ରାଜ୍ୟର କୃଷି ଉତ୍ପାଦନ ଏବଂ ଉତ୍ପାଦିକା ମାନ ଯୌଗିକ ହାରରେ "ତାଲିମ ଓ ପରିଦର୍ଶନ" ଅମଳର ପୂର୍ବ ଓ ପର ଅବସ୍ଥା ତୁଳନା କରି 'କ' ସାରଣୀରେ ଦିଆଯାଇଛି ।

ତାଲିମ ଓ ପରିଦର୍ଶନ କାର୍ଯ୍ୟକ୍ରମର **ପୂର୍ବବର୍ତ୍ତୀ** ଅବସ୍ଥାରେ ଧାନ ଉତ୍ପାଦନ ଯୌଗିକ ବୃଦ୍ଧି ହାର ଶତକଡ଼ା ୧.୮୦ ଭାଗଥିଲା । ପରବର୍ତ୍ତୀ କାଳରେ ଏହା ବିପରୀତାଭିମୁଖୀ ହୋଇ ବାର୍ଷିକ ଶତକଡ଼ା ୦.୫୬ ଭାଗ ବୃଦ୍ଧି ପାଇଛି । ସେହିପରି ଶସ୍ୟ ଜାତୀୟ ଫସଲର ଯୌଗିକ ବୃଦ୍ଧିହାର ଶତକଡ଼ା ୦.୯୬ ଭାଗରୁ ୧.୮୬ ଭାଗକୁ ବୃଦ୍ଧି ପାଇଛି । ଡାଲି ଫସଲ କ୍ଷେତ୍ରରେ ଏ ପ୍ରକାର ବୃଦ୍ଧିହାର ସଂପୂର୍ଣ୍ଣ ବୈପ୍ଳବିକ । ଶତକଡ଼ା ୦.୨୮ ଭାଗରୁ ଏହା ୫.୬୫ ଭାଗରେ ପହଞ୍ଚି ପାରିଛି ।

ତାଲିମ ଓ ପରିଦର୍ଶନ କାର୍ଯ୍ୟକ୍ରମ ପୂର୍ବାବସ୍ଥାରେ ରାଜ୍ୟରେ ଖାଦ୍ୟଶସ୍ୟ ଉତ୍ପାଦନ ହାର ଶତକଡ଼ା ୦.୮୪ ଭାଗ ଥିବାବେଳେ ପରବର୍ତ୍ତୀ ଅବସ୍ଥାରେ ଏହା ଶତକଡ଼ା ୧.୮୪ ଭାଗକୁ ବୃଦ୍ଧି ପାଇଛି । ତୈଳବୀଜ ଉତ୍ପାଦନ ପରିମାଣ ମଧ୍ୟ ଅଭିବୃଦ୍ଧିଆ ଭାବେ ଶତକଡ଼ା ୩.୪୨ ଭାଗରୁ ୧୩.୧୭ ଭାଗକୁ ବୃଦ୍ଧି ପାଇଛି ।

ସେହିପରି ଉତ୍ପାଦିକା ହାରରେ ମଧ୍ୟ ଉଲ୍ଲେଖନୀୟ ଅଭିବୃଦ୍ଧି ହୋଇ ପାରିଛି । ତାଲିମ ଓ ପରିଦର୍ଶନ ପୂର୍ବାବସ୍ଥାରେ ଖାଦ୍ୟଶସ୍ୟ ଉତ୍ପାଦିକା ହାର ୦.୭୪ ଭାଗ ଥିଲା, ମାତ୍ର, ପରବର୍ତ୍ତୀ ଅବସ୍ଥାରେ ଏହା ଶତକଡ଼ା ୧.୧୬ ଭାଗକୁ ବଢ଼ି ଯାଇଛି ।

## 'କ' ସାରଣୀ

### ଯୌଗିକ ଅଭିବୃଦ୍ଧି ହାର (ଶତକଡା ଭାଗ)

| ଫସଲର ନାମ | | ଉତ୍ପାଦନ | | ଉତ୍ପାଦିକା ଶକ୍ତି | |
|---|---|---|---|---|---|
| | | ତାଲିମ ଓ ପରିଦର୍ଶନ ପୂର୍ବ ସମୟ ୭୦-୭୧ରୁ ୭୬-୭୭ | ତାଲିମ ଓ ପରିଦର୍ଶନ ପରିଦର୍ଶନ ସମୟ ୭୭-୭୮ରୁ ୮୪-୮୫ | ତାଲିମ ଓ ପରିଦର୍ଶନ ପୂର୍ବ ସମୟ ୭୦-୭୧ରୁ ୭୬-୭୭ | ତାଲିମ ଓ ପରିଦର୍ଶନ ପ୍ରଚଳିତ ସମୟ ୭୭-୭୮ରୁ ୮୪-୮୫ |
| ଧାନ | .. | ୧'୮୦ | ୦'୫୭ | ୧'୬୧ | ୦'୮୫ |
| ମୋଟ ଶସ୍ୟ ଫସଲ | .. | ୦'୯୭ | ୧'୧୭ | ୧'୭୦ | ୧'୩ |
| ମୋଟ ଡାଲି ଫସଲ | .. | ୦'୨୮ | ୫'୬୫ | ୩'୩୦ | ୨'୪୫ |
| ମୋଟ ଖାଦ୍ୟ ଶସ୍ୟ | .. | ୦'୮୪ | ୧'୮୪ | ୨-୦୪ | ୧'୧୬ |
| ଚିନା ବାଦାମ | .. | ୫'୮୪ | ୧୭'୬୫ | ୧'୯୩ | ୩'୩୦ |
| ମୋଟ ତୈଳ ବୀଜ | .. | ୩'୪୨ | ୧୩'୧୭ | ୨'୬୬ | ୪'୮୩ |
| ମୋଟ ତନ୍ତୁଫସଲ | .. | ୧-୦୮ | ୧୦-୪୫ | ୧-୦୨ | ୧୬'୯୯ |
| ଆଖୁ | .. | ୦-୪୮ | ୧-୮୪ | ୦-୧୫ | ୦'୩୭ |

ଡାଲି ଓ ତୈଳବୀଜ କ୍ଷେତ୍ରରେ ଏହି ଅଭିବୃଦ୍ଧି ହାର ଯଥାକ୍ରମେ ଶତକଡ଼ା ୩'୩୦ରୁ ୨'୪୫ ଓ ୨'୭୬ ଭାଗରୁ ୪'୮୩ ଭାଗ ହୋଇ ପାରିଛି । ତନ୍ତୁ ଜାତୀୟ ଫସଲର ଉତ୍ପାଦିକା ହାର, ତାଲିମ ଓ ପରିଦର୍ଶନ କାର୍ଯ୍ୟକ୍ରମ ପୂର୍ବରୁ ଶତକଡ଼ା ୧.୦୨ ଭାଗ ଥିଲା ବେଳେ, ତାଲିମ ଓ ପରିଦର୍ଶନ କାର୍ଯ୍ୟକ୍ରମ ପ୍ରାରମ୍ଭରୁ ଏହା ଉଲ୍ଲେଖନୀୟ ଭାବେ ଶତକଡ଼ା ୧୬'୯୯ ଭାଗକୁ ବଢ଼ି ପାରିଛି ।

ଅଧିକ ଅମଳକ୍ଷମ ଫସଲର ଆୟତନ ବୃଦ୍ଧି, ରାସାୟନିକ ସାର ଓ ପୋକମରା ଔଷଧ ବ୍ୟବହାର ତଥା ଚାଷୀ ମାନଙ୍କୁ ଆଧୁନିକ କୃଷି କୌଶଳ ଶିକ୍ଷା ଦେବା ଦ୍ୱାରା ଏଭଳି ଅଗ୍ରଗତି ହାସଲ କରାଯାଇପାରିଛି ।

୧୯୭୬-୭୭ ବର୍ଷ ତୁଳନାରେ ୧୯୮୪-୮୫ ମସିହାରେ ଶତକଡ଼ା ୧୮୩ ଭାଗ ଅଧିକ ଜମିରେ ଅଧିକ ଅମଳକ୍ଷମ ଧାନ ଚାଷ କରାଯାଇ ପାରିଛି । ଅଧିକ ଅମଳକ୍ଷମ ମକା ଚାଷ ଶତକଡ଼ା ୧୧୬ ଭାଗ ବୃଦ୍ଧି ପାଇଛି । ୧୯୭୬-୭୭ ମସିହାରେ ରାଜ୍ୟର ରାସାୟନିକ ସାର ବ୍ୟବହାର ପରିମାଣ ୬୧'୯୩ ଲକ୍ଷ ଟନ୍ ଥିଲାବେଳେ, ୧୯୮୪-୮୫ରେ ଏହା ୧୧୩-୯୭ ଲକ୍ଷ ଟନ୍ ଓ ୧୯୮୫-୮୬ ମସିହାରେ ୧୪୦'୫୨ ଲକ୍ଷ ଟନକୁ ବୃଦ୍ଧି ପାଇଛି । ୧୯୭୬-୭୭ ମସିହାରେ ଆମର ଚାଷୀ ହେକ୍ଟର ପ୍ରତି ୮'୬ କେ. ଜି. ସାର ବ୍ୟବହାର କରୁଥିବା ବେଳେ, ୧୯୮୪-୮୫ ବେଳକୁ ତାହା ୧୩ କେ. ଜି. କୁ ବୃଦ୍ଧି ପାଇଛି, ୧୯୮୫-୮୬ ମସିହାରେ ଏହି ପରିମାଣ ହେକ୍ଟର ପ୍ରତି ୧୭ କେ. ଜି. ରେ ପହଞ୍ଚି ପାରିଛି, । ପୂର୍ବବର୍ଷ ତୁଳନାରେ ଏହା ଶତକଡ଼ା ୩୧ ଭାଗ ଅଧିକ । ଅଧିକ ଅମଳକ୍ଷମ ବିହନ ମାଧ୍ୟମରେ ଡାଲି ଓ ତୈଳବୀଜ ଉତ୍ପାଦନ ବଢ଼ାଇବା ପାଇଁ ବିହନ ପୁଡ଼ିଆ (ମିନି କିଟ୍ସ) ବଣ୍ଟନ କରାଯିବା ଦ୍ୱାରା ଯାହା ଏ ଦିଗରେ ଯଥେଷ୍ଟ ଅଗ୍ରଗତି ଆଣି ପାରିଛି । ସ୍ୱତନ୍ତ୍ର ଧାନ ଉତ୍ପାଦନ ଯୋଜନା ଜାତୀୟ ତୈଳବୀଜ ଉନ୍ନୟନ ଯୋଜନା ଓ ଜାତୀୟ ଡାଲି ଫସଲ ଉନ୍ନୟନ କାର୍ଯ୍ୟକ୍ରମ ଶୁରୁ କରାଯାଇ ରାଜ୍ୟର ବିଭିନ୍ନ ଅଞ୍ଚଳରେ ସଂପୃକ୍ତ ଫସଲ ଗୁଡ଼ିକର ସ୍ୱତନ୍ତ୍ର ଭାବେ ଉନ୍ନତି ସାଧନ କରାଯାଇ ପାରିଛି ।

ଆମ ରାଜ୍ୟର ଚାଷୀ ପ୍ରାୟ ସବୁପ୍ରକାର ଜମିରେ, ଏପରିକି ହିଡ଼ ନଥିବା ଡିପ ଜମିରେ ମଧ୍ୟ ଧାନ ଚାଷ କରିବାରେ ଅଭ୍ୟସ୍ତ । ଡିପ ଜମିରେ ଧାନ ଚାଷ କରିବା ଦ୍ୱାରା, ଫସଲ ଜଳାଭାବର ସମ୍ମୁଖୀନ ହୁଏ । ଫଳରେ ଚାଷୀ ପ୍ରଭୂତ କ୍ଷତି ସହିଥାଏ । ମାତ୍ର, ତାଲିମ ଏବଂ ପରିଦର୍ଶନ କାର୍ଯ୍ୟକ୍ରମ ମାଧ୍ୟମରେ, ଚାଷୀମାନଙ୍କୁ ଅଣଜଳସେଚିତ ଡିପ ଓ ହିଡ଼ ନଥିବା, ଡିପ ଜମିରେ ଧାନ ବଦଳରେ ଅଧିକ ଲାଭଜନକ ଅଣଧାନ ଫସଲ ଯଥା :—ଡାଲି ଓ ତୈଳବୀଜ ଇତ୍ୟାଦି ଚାଷ କରିବାକୁ ଶିକ୍ଷା ଦିଆଯାଉଛି ।

ଗତ ୩ ବର୍ଷମଧ୍ୟରେ ମୋଟ ୪'୯୬ ଲକ୍ଷ ହେକ୍ଟର ଡିପ ଜମିରେ ଧାନ ବଦଳରେ ଅଣଧାନ ଫସଲ ଚାଷ କରା ଗଲଣି । ତାଲିମ ଓ ପରିଦର୍ଶନ କାର୍ଯ୍ୟକ୍ରମ ଶୁରୁ କରାଯିବାର ପୂର୍ବାବସ୍ଥା (୧୯୭୦—୭୧ରୁ ୧୯୭୬—୭୭) ତୁଳନାରେ ପରବର୍ତ୍ତୀ ଅବସ୍ଥାରେ (୧୯୭୭—୭୮ରୁ ୧୯୮୪—୮୫ ପର୍ଯ୍ୟନ୍ତ) ଧାନ ତଥା ଅନ୍ୟାନ୍ୟ ମୋଟା ଶସ୍ୟ ଜାତୀୟ ଫସଲର ଆୟତନ କ୍ରମଶଃ କମିଥିବେଳେ ଡାଲି ଓ ତୈଳବୀଜ ଫସଲର ଆୟତନ କ୍ରମଶଃ ବୃଦ୍ଧି ପାଇଛି । ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ସତ୍ତ୍ୱେ କୃଷକ ଯେପରି ତା'ର ଫସଲ ଗୁଡ଼ିକରୁ ଅଧିକ ଉତ୍ପାଦନ ପାଇ ପାରିବ, ସେ ଦିଗରେ କୃଷି ଉତ୍ପାଦନ କାର୍ଯ୍ୟକ୍ରମ ବିଶେଷ ସାହାଯ୍ୟ କରି ଆସିଛି, ଏଥିରେ ସନ୍ଦେହ ନାହିଁ । ଭବିଷ୍ୟତରେ ଏହା ଆହୁରି ଅଭିବୃଦ୍ଧି ଲାଭ କରିବାର ଯୋଜନା ପ୍ରସ୍ତୁତ କରାଯାଉଛି ।

# ଓଡ଼ିଶାରେ ମୃତ୍ତିକା ସଂରକ୍ଷଣ କାର୍ଯ୍ୟକ୍ରମ

ଶ୍ରୀ ରଘୁନାଥ ବେହେରା

କୃଷି ପ୍ରଧାନ ରାଜ୍ୟ ଓଡ଼ିଶାରେ ଶତକଡ଼ା ୭୫ଭାଗରୁ ଅଧିକ ଲୋକେ କୃଷିଉପରେ ନିର୍ଭରକରି ଜୀବିକା ନିର୍ବାହ କରିଥାନ୍ତି । ରାଜ୍ୟର ସମସ୍ତ ଆୟର ପ୍ରାୟ ଶତକଡ଼ା ୬୦ରୁ ଅଧିକ କୃଷିରୁ ମିଳିଥାଏ । ଏଣୁ କୃଷିକୁ ଆମ ଅର୍ଥନୈତିକ ଦୃଷ୍ଟିରୁ ଯଥେଷ୍ଟ ଗୁରୁତ୍ୱଦେବା ଯଥାର୍ଥ ।

ଓଡ଼ିଶାର ବାର୍ଷିକ ହାରାହାରି ବୃଷ୍ଟିପାତ ୧,୪୦୦ ମିଲି ମିଟରରୁ ଅଧିକ ହେଲେ ମଧ୍ୟ ଅନିୟମିତ ବୃଷ୍ଟିପାତ ଯୋଗୁ ମରୁଡ଼ି ଜନିତ ଫସଲର ପ୍ରଭୂତ କ୍ଷତି ଘଟୁଛି । ଏପରିକି ଆଂଶିକ ବା ସଂପୂର୍ଣ୍ଣ ଫସଲ ନଷ୍ଟ ହେଉଥିବାର ଦୃଷ୍ଟାନ୍ତ ବିରଳ ନୁହେଁ । ଅତୀତ ଅଭିଜ୍ଞତାରୁ ଦେଖାଯାଏ ଯେ ଓଡ଼ିଶାର ପ୍ରତି ୩ରୁ ୫ବର୍ଷ ମଧ୍ୟରେ ମରୁଡ଼ି ବା ବନ୍ୟା ଦାଉରୁ ଫସଲ କ୍ଷତିଗ୍ରସ୍ତ ହୋଇଥାଏ । କହିବା ବାହୁଲ୍ୟ ଯେ ଓଡ଼ିଶାର କ୍ଷେତ୍ରଫଳ ଭାରତର କ୍ଷେତ୍ରଫଳର ୫ଭାଗ ହୋଇଥିଲେ ମଧ୍ୟ ସମଗ୍ର ଦେଶରୁ ସମୁଦ୍ରକୁ ବହିଯାଉଥିବା ଜଳ ପରିମାଣର ୧୦ଭାଗ ଓଡ଼ିଶାରୁ ବହିଯାଇଥାଏ । ଉକ୍ତ ପରିପ୍ରେକ୍ଷୀରେ ମୃତ୍ତିକା ଓ ଜଳ ସଂରକ୍ଷଣ କରିବା ନିତାନ୍ତ ଆବଶ୍ୟକ, ଯଦ୍ଦ୍ୱାରା କି ଫସଲର ଉତ୍ପାଦନ ବୃଦ୍ଧି କରି ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି କରିହେବ ।

## ମୃତ୍ତିକା ଓ ଜଳକ୍ଷୟ

ଓଡ଼ିଶାର ତେରଟି ଜିଲ୍ଲାମଧ୍ୟରୁ ନଅଟି ପାହାଡ଼ ପର୍ବତମୟ, ଯେଉଁଠାରେ କି ମୃତ୍ତିକାକ୍ଷୟ ଦ୍ରୁତଗତିରେ ଘଟୁଛି । ଉପଗ୍ରହ ମାଧ୍ୟମରେ ନିଆଯାଇଥିବା ଫଟୋ ଚିତ୍ରବିଶ୍ଳେଷଣରୁ ଜଣାଯାଏ ଯେ, ଓଡ଼ିଶାର ସମଗ୍ର କ୍ଷେତ୍ରଫଳର ପ୍ରାୟ ୫୧ଭାଗରୁ ଅଧିକ ଜମିରେ ମୃତ୍ତିକାକ୍ଷୟ ହେଉଅଛି । ଆଦିବାସୀ ବହୁଳ ଜିଲ୍ଲାମାନଙ୍କରେ ପୋଡ଼ୁଚାଷ ଜନିତ ମୂଲ୍ୟବାନ ଜଙ୍ଗଲ ସଂପଦ ନଷ୍ଟହେବା ସଙ୍ଗେସଙ୍ଗେ ଉଚ୍ଚ ପାହାଡ଼ରେ ବର୍ଷାଜଳ ମାଟି ଭିତରକୁ ପଶିବାକୁ ସମୟ ନପାଇ ଦ୍ରୁତଗତିରେ ତଳକୁ ବହି ଆସୁଛି । ଯଦ୍ଦ୍ୱାରା ଉର୍ବରମାଟି ଧୋଇଯାଇ ଅସଂଖ୍ୟ ନାଳ ସୃଷ୍ଟି କରୁଛି । ଯେଉଁ ନଦୀନାଳ ଚିରସ୍ରୋତା ଥିଲା, ତାହା କ୍ରମେ ଶୁଖିଯିବାରେ ଲାଗିଛି । ଗଛର ଚେରଦ୍ୱାରା ମାଟି ରକ୍ଷାହୋଇ ପାରୁନାହିଁ କି ଗଛପତ୍ର ଉପରେ ବର୍ଷା ଟୋପା ପଡ଼ି ଛୋଟଛୋଟ ବିନ୍ଦୁରେ ପରିଣତ ହେଉନାହିଁ । ପତ୍ରମାଟିରେ ନପଡ଼ିବାହେତୁ ପଚିସଢ଼ି ମାଟିକୁ ଉର୍ବର କରିପାରୁନାହିଁ । ବାଙ୍ଗରା ପାହାଡ଼ରେ ଉପମାଟିର ଜଳଧାରଣ ଶକ୍ତି ନଥିବାରୁ ବର୍ଷାଜଳ ପଟୁମାଟିସହ ନଈରେ ବହିଆସିବାରୁ ବହୁ ବ୍ୟୟରେ ନିର୍ମିତ ଜଳଭଣ୍ଡାର ଅକାଳରେ ପୋତିହୋଇ ଯାଉଛି । ଦ୍ରୁତ ମୃତ୍ତିକାକ୍ଷୟ ଯୋଗୁ ଆମ ରାଜ୍ୟରେ ଅନେକ ମଧ୍ୟମ ଓ କ୍ଷୁଦ୍ର ଜଳସେଚନ ଯୋଜନା ଅକାମୀହୋଇ ପଡ଼ିବା ଦୃଷ୍ଟାନ୍ତ ବିରଳ ନୁହେଁ । ବୃକ୍ଷଲତା ବିହୀନ ଆବାଦ ଅଯୋଗ୍ୟ ଅନାବାଦି ଜମିରେ ଏପରି ମୃତ୍ତିକାକ୍ଷୟ ହୋଇ ଅସଂଖ୍ୟ ଧୋବାନାଳ ସୃଷ୍ଟି ହୋଇଥିବା ଦୃଶ୍ୟ ସମସ୍ତଙ୍କର ଦୃଷ୍ଟିଗୋଚର ହେଉଥାଏ । ପାହାଡ଼ର ଢାଲୁ ଅଂଶରେ ଜଙ୍ଗଲ ସୃଷ୍ଟି କଲେ ମୃତ୍ତିକାକ୍ଷୟ ନିରୋଧହେବା ସଙ୍ଗେସଙ୍ଗେ ଜଳ ସଂରକ୍ଷଣ ହୋଇଥାଏ ଓ ପରିବେଶର ଉନ୍ନତି ସାଧନ ହୋଇଥାଏ । ଫଳବୃକ୍ଷ, ଯଥା: ଆମ୍ବ, ପଣସ, ସିଜୁଳି, ତେନ୍ତୁଳି, ନିଲଗିରି, ଶୁବାବୁଲ, ଏକେସିଆ ପ୍ରଭୃତି ଗଛ ଲଗାଇବାଦ୍ୱାରା ଜାଳେଣି କାଠର ସୁବିଧା ମିଳିଥାଏ ଓ ଆଦିବାସୀମାନଙ୍କୁ କେତେକାଂଶରେ ଫଳମୂଳ ମିଳିଥାଏ ।

ପାହାଡ଼ର ପାଦଦେଶରେ ଅବସ୍ଥିତ ଗଡ଼ାଣିଆ ଡିପ ଓ ଆଟ ଜମିରେ ମୃତ୍ତିକା ସଂରକ୍ଷଣ ପ୍ରଣାଳୀ ଅବଲମ୍ବନ ନ କରି ଚାଷକରିବାହେତୁ ବର୍ଷା ଜଳରେ ଉପର ଉର୍ବରମାଟି ସହଜରେ ଧୋଇଯାଏ । ଏହି ପ୍ରକ୍ରିୟା ଧୀରେ ଧୀରେ ଘଟୁଥିବାରୁ ଚାଷୀଭାଇଙ୍କର ଦୃଷ୍ଟି ଆକର୍ଷଣ କରେନାହିଁ । କ୍ରମାଗତ ମୃତ୍ତିକାକ୍ଷୟ ଫଳରେ ଜମିରେ ଛୋଟଛୋଟ ନାଳୀ ସୃଷ୍ଟିହୋଇ ଗଭୀର ଧୋବାନାଳରେ ପରିଣତ ହୁଏ । ସେତେବେଳେ ଏହି ଧୋବାନାଳକୁ ଆୟତ୍ତକରିବା କ୍ଷୁଦ୍ର ନାମମାତ୍ର ଚାଷୀଙ୍କପକ୍ଷେ ସମ୍ଭବପର ହୁଏନାହିଁ । ଫଳରେ ଉର୍ବରକ୍ଷେତକୁ ହରେଇବାକୁପଡ଼େ । ଗଡ଼ାଣିଆ ଅଟ ଜମିରେ ସମପରନ ବନ୍ଧଦେଇ ବର୍ଷାଜଳକୁ

ନିୟନ୍ତ୍ରଣ କରାଯାଇଥାଏ ଓ ଉଦ୍‌ବୃତ୍ତ ଜଳକୁ ତୃଣାଚ୍ଛାଦିତ ଜଳପଥରେ ମନ୍ଥରଗତିରେ ବହିଯିବାକୁ ବ୍ୟବସ୍ଥା ଥାଏ । ବେଣାଘାସକୁ ସମପତନରେ ଲଗାଇଗିକରି ପୋଡ଼ିଲେ ତାହାମଧ୍ୟ ସମପରନ ବନ୍ଧପରି କାର୍ଯ୍ୟକରେ । ବେଣାଘାସ ମଧ୍ୟରେ ବର୍ଷାଜଳ ବାଧାପ୍ରାପ୍ତହୋଇ ମନ୍ଥର ଗତିରେ ବହିଯାଏ ଓ ଜଳସହ ବହି ଆସିଥିବା ପଟୁମାଟି କ୍ଷେତରେ ଜମାରହେ । ଆଟତଳ ବେଣାଜମିରେ ଧାନଚାଷପାଇଁ କ୍ଷେତଚାରିପଟେ ସାଧାରଣତଃ ହୁଡ଼ା କରାଯାଉଥିବା ଦେଖାଯାଏ । କେତେକ କ୍ଷେତ୍ରରେ ହୁଡ଼ା ମଜବୁତ୍ ନଥିବାରୁ ବନ୍ଧ ଭାଙ୍ଗି ମୃତ୍ତିକାକ୍ଷୟ ବହୁଳ ପରିମାଣରେ ହୋଇଥାଏ । କ୍ଷେତ ଚାରିପଟେ ମଜବୁତ ବନ୍ଧଦେଇ ଉଦ୍‌ବୃତ୍ତ ଜଳକୁ କ୍ଷେତରୁ କ୍ଷେତକୁ ତୃଣାଚ୍ଛାଦିତ ଜଳପଥରେ ପ୍ରବାହିତ କରାଇଲେ ମୃତ୍ତିକାକ୍ଷୟକୁ ନିରୋଧ କରିଥାଏ । ଜଳସେଚିତ ଜମିରେ ଉଚ୍ଚନୀଚ ସ୍ଥାନକୁ ସମତଳକରି ଅଧିକ ଉତ୍ପାଦନକରିବା ସମ୍ଭବପର ହୋଇଥାଏ ଓ ମୂଲ୍ୟବାନ କେନାଲ ଜଳର ସୁବିନିଯୋଗ ହୁଏ ।

ନଈ, ନାଳ କୂଳସ୍ଥ ଜଳରେ ପଟୁ ଓ ଦୋରସାମାଟି ସାଧାରଣତଃ ଦେଖାଯାଏ । ଜମି ନଈକୂଳ ଆଡକୁ ଗଡାଣିଆ ହୋଇଥିଲେ ବର୍ଷା ଜଳରେ ମୃତ୍ତିକାକ୍ଷୟ ବିଶେଷ ଭାବେ ଘଟିଥାଏ । ନଈବାଢ଼ଯାଏ ଚାଷକଲେ ଦ୍ରୁତଗତିରେ କ୍ଷେତରୁ ମାଟି ନଈକୁ ଧୋଇଯାଏ । ମୃତ୍ତିକାକ୍ଷୟ ଯୋଗୁଁ ଗାଁ ଗଣ୍ଡା ଓ ଡିହବାଡ଼ି ନଦୀ ଗର୍ଭରେ ଲୀନ ହେବାର ସମ୍ଭାବନାକୁ ମଧ୍ୟ ଏଡାଇ ଦିଆଯାଇ ନପାରେ । ନଦୀ ଶଯ୍ୟାରେ ପଥର ବନ୍ଧ ଗଠନ କରି ଜଳସ୍ରୋତକୁ ଅପର କୂଳକୁ ଘୁଞ୍ଚାଇ ଦେଇ ନଈ କୂଳକ୍ଷୟକୁ ରୋକା ଯାଇଥାଏ । ନଈକୂଳରେ ଜଙ୍ଗଲ ସୃଷ୍ଟିକରି ଓ ଆଡ଼ିବନ୍ଧଦେଇ ଉଦ୍‌ବୃତ୍ତ ଜଳକୁ ନିୟନ୍ତ୍ରଣ କଲେ ମୃତ୍ତିକାକ୍ଷୟରୁ ଜମିକୁ ରକ୍ଷା କରିହୁଏ ।

ପ୍ରତ୍ୟେକ ଗ୍ରାମରେ ଗୋଚର୍ ଜମି ସଂରକ୍ଷିତ ହୋଇଅଛି । ଏହି ଗୋଚର ଜମିରେ ଅତ୍ୟଧିକ ଗୋଚରଣ ହେତୁ ଘାସ ଘୋଷାଇବା ପରିବରେ ମୃତ୍ତିକାକ୍ଷୟ ବଢିଚାଲିଛି, ଗୋଚର ଜମିକୁ ଗାଈଗୋରୁଙ୍କର ଆଶ୍ରୟସ୍ଥଳ ନକରି ଉନ୍ନତ ଘାସ ଚାଷ କଲେ ମୃତ୍ତିକା ସଂରକ୍ଷଣ ହୋଇ ଗୋଜାତିର ଅଶେଷ କଲ୍ୟାଣ ସାଧନ ହେବ ।

କେବଳ ଜଳଦ୍ୱାରା ମୃତ୍ତିକାକ୍ଷୟ ନହୋଇ ବାୟୁଦ୍ୱାରା ମଧ୍ୟ ଆମ ରାଜ୍ୟରେ ପ୍ରଭୂତ ମୃତ୍ତିକାକ୍ଷୟ ହେଉଅଛି । ଗଞ୍ଜାମ ଜିଲ୍ଲାଠାରୁ ବାଲେଶ୍ୱର ଜିଲ୍ଲା ଯାଏଁ ସମୁଦ୍ର କୂଳେ କୂଳେ ବିସ୍ତୃତ ବାଲୁକାମୟ ଭୂମି ଲମ୍ବି ଯାଇଛି । ବାଲିଝଡ଼ରେ ବାଲୁକାରାଶି ପବନରେ ଉଡ଼ିଆସି ନିକଟସ୍ଥ କ୍ଷେତଜମି ଓ ଡିହବାଡ଼ିରେ ଜମାହୋଇ ଅକାମୀ କରି ଦେଉଛି । ସମୁଦ୍ର କୂଳେ କୂଳେ ପବନର ଗତିକୁ ରୋକିବାପାଇଁ ଝାଉଁଗଛ ୫ରୁ ୧୦ ଧାଡ଼ି ଲଗାଇବା ଆବଶ୍ୟକ । ଏତଦ୍‌ବ୍ୟତୀତ ପ୍ରତି ୫୦୦ଫୁଟ ବ୍ୟବଧାନରେ ଉକ୍ତ ଝାଉଁ ବଣର ସମକୋଣରେ ୫ ଧାଡ଼ି କରି ଝାଉଁଗଛ ଲଗାଇଲେ ମଧ୍ୟ ବାଲୁକାରାଶି ପବନରେ ଉଡ଼ିଯିବାର ସମ୍ଭାବନାକୁ ମଧ୍ୟ ଏଡାଇ ଦିଆଯାଇ ଥାଏ । ମଧ୍ୟସ୍ଥ ଜମିରେ କାଜୁବାଦାମ ଓ ନଡ଼ିଆ ଲଗାଇ ଲାଭବାନ ହେବା ସମ୍ଭବପର । ଗୋପାଳପୁର ନିକଟସ୍ଥ ଲୋକାଲଙ୍କଠାରେ ମୃତ୍ତିକା ସଂରକ୍ଷଣ ବିଭାଗ ତରଫରୁ ସମୁଦ୍ର ବାଲିରେ ଏପରି କାଜୁବାଦାମ ସହିତ ନଡ଼ିଆ ଉଦ୍ୟାନ ଏକ ହେକ୍ଟର ଜମିରେ କରାଯାଇ ଯଥେଷ୍ଟ ଆୟ ମିଳୁଛି ଓ ବାଲିଆ ଜମିର ସଦୁପଯୋଗ ହୋଇଛି ।

ମୃତ୍ତିକା ସଂରକ୍ଷଣ ବିଭାଗ ଚାଷୀଙ୍କ ସହଯୋଗରେ ଜଳ ଓ ମୃତ୍ତିକା ସଂରକ୍ଷଣ କରି ଫସଲ ଆଦାୟ ବୃଦ୍ଧି କରିବାରେ ଅନବରତ ଉଦ୍ୟମ କରି ଚାଲିଛନ୍ତି । ପାହାଡ଼ର ଶିଖର ଦେଶରୁ ନଈନାଳଯାଏଁ ବିଭିନ୍ନ ଜମିରେ ମୃତ୍ତିକା ସଂରକ୍ଷଣ କାର୍ଯ୍ୟ ହାତକୁ ନେଇଛନ୍ତି । ଯେଉଁ ଜଳ ବିଭାଜିକାରେ ଅଧିକ ମୃତ୍ତିକା କ୍ଷୟ ଘଟୁଛି, ପ୍ରଥମେ ସେଗୁଡିକର କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଅଗ୍ରାଧିକାର ଦିଆଯାଉଛି । ମରୁଡି ପ୍ରବଣ ଅଞ୍ଚଳ ଓ ନଦୀବନ୍ଧ ଯୋଜନା ଯଥା ହୀରାକୁଦ, ମାଛକୁଣ୍ଡ, ସିଲେରୁ, ରେଙ୍ଗାଲି, ମନ୍ଦିରା ପ୍ରଭୃତି ଅବବାହିକାରେ ବ୍ୟାପକଭାବେ ମୃତ୍ତିକା କ୍ଷୟ ହେଉଥିବା ଜଳବିଭାଜିକା ଗୁଡିକରେ ଭାରତ ସରକାରଙ୍କ ଆର୍ଥିକ ସହାୟତାରେ ମୃତ୍ତିକା ସଂରକ୍ଷଣ କାର୍ଯ୍ୟ ଆଗେଇ ଚାଲିଛି । ଏହାଦ୍ୱାରା ଜଳଭଣ୍ଡାରକୁ ବହି ଆସୁଥିବା ପଟୁମାଟି ଯଥେଷ୍ଟ ପରିମାଣରେ କମୁଥିବାର ସମୀକ୍ଷାରୁ ଜଣାପଡିଛି । ଏପରି ଯୋଜନା ଉପରକୋଲାବ, ଇନ୍ଦ୍ରାବତୀ, ଓ ସୁବର୍ଣ୍ଣରେଖା ଅବବାହିକାରେ କାର୍ଯ୍ୟକାରୀ କରିବାକୁ ଯୋଜନା ପ୍ରସ୍ତୁତ କରି ଭାରତ ସରକାରଙ୍କ ଅନୁମୋଦନ ପାଇଁ ପଠାଯାଇଛି ।

ପାହାଡ଼ର ଗଡାଣି ଅଂଶରେ ଓ ଅନାବାଦି କ୍ଷୟିତ ଜମିରେ ବହୁଳଭାବେ ଜଙ୍ଗଲ ସୃଷ୍ଟିକରି ମୃତ୍ତିକା ସଂରକ୍ଷଣ କରିବାକୁ ପଦକ୍ଷେପ ନିଆଯାଇଛି । ଅଦ୍ୟାବଧି ୩୮,୨୮୬ ହେକ୍ଟର ଜମିରେ ମିଶ୍ରିତ ବୃକ୍ଷରୋପଣ କରି ପରିବେଶର ଉନ୍ନତିସାଧନ କରିବା ସଙ୍ଗେ ସଙ୍ଗେ ଜଳ ଓ ମୃତ୍ତିକା ସଂରକ୍ଷଣ କରାଯାଉଛି । ମୃତ୍ତିକା ସଂରକ୍ଷଣ କାର୍ଯ୍ୟକ୍ରମରେ ୭,୧୭୩ ହେକ୍ଟର କାଜୁବାଦାମ ବଗିଚା କରି ଯେଉଁ ଜମି ନିକମା ହୋଇ ପଡିରହିଥିଲା, କାଜୁବାଦାମ ଫଳରେ ବାର୍ଷିକ ୫୦ ଲକ୍ଷରୁ ଅଧିକ ଟଙ୍କା ଆଦାୟ ହେଉଛି । ଅଙ୍ଗଜ ପ୍ରଣାଳୀ ଅବଲମ୍ବନକରି ଉନ୍ନତ କାଜୁଗଛରୁ ଅଧିକ ଅମଳ କରାଯାଉଛି ଓ ରୋଗାକ୍ରାନ୍ତ ଗଛରେ ଅଙ୍ଗଜପ୍ରଣାଳୀ ଦ୍ୱାରା ଅଧିକ ଅମଳକ୍ଷମ କଲମୀଗଛ କରୁଛି । କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ସହାୟତାରେ ଉକ୍ତ ଅଙ୍ଗଜ ପ୍ରଣାଳୀ ଅବଲମ୍ବନକରି କଲମୀ ଗଛର ଉତ୍ପାଦନ ବୃଦ୍ଧି ହେଉଛି । କ୍ଷେତ କର୍ମଚାରୀଙ୍କୁ କାଜୁବାଦାମ ଗଛ ବିଷୟରେ କୃଷି ବିଶ୍ୱବିଦ୍ୟାଳୟର ଅଭିଜ୍ଞ ଅଧ୍ୟାପକ କଲମୀ ଦେବାରେ ସାହାଯ୍ୟ ମଧ୍ୟ କରୁଛନ୍ତି ଓ ଗଛକୁ ରୋଗ ପୋକରୁ ରକ୍ଷା କରିବାକୁ ଉପଦେଶ ଦେଉଛନ୍ତି ।

ଆଗ୍ରହୀ ଚାଷୀଙ୍କୁ ଉଚ୍ଚ ଜମିରେ କାଜୁବାଦାମ କରିବାକୁ ବ୍ୟାଙ୍କ ଜରିଆରେ ଋଣ ଦେବାର ବ୍ୟବସ୍ଥା ହୋଇଛି ଏବଂ ହେକ୍ଟର ପ୍ରତି ୪,୧୧୦ ଟଙ୍କା ୫ଟି ବାର୍ଷିକ କିସ୍ତିରେ ସରକାର ଅନୁଦାନ ଦେଉଛନ୍ତି । ସେଥିରୁ ହେକ୍ଟର ପିଛା ୯୦୦ ଟଙ୍କା ୫ବର୍ଷରେ ରିହାତି ମିଳିଥାଏ ।

ଅନ୍ୟାନ୍ୟ ଅର୍ଥକରୀ ଫସଲ, ଯଥା : ମୁର୍ଗା ୩,୬୦୦ ହେକ୍ଟର ଜମିରେ ଲଗାଯାଇ ପତ୍ରରୁ ତନ୍ତୁ ବାହାର କରାଯାଉଛି । ଏହି ତନ୍ତୁରୁ ଦଉଡି ତିଆରି ହେଉଛି । ମୁର୍ଗା ଗଛର ଚେର ଦ୍ୱାରା ମାଟି ବାନ୍ଧି ହେବା ହେତୁ ମୃତ୍ତିକା କ୍ଷୟକୁ ନିରୋଧ କରାଯାଉଛି । ଓଡିଶା ମୁର୍ଗା ଚାଷରେ ପଥ ପ୍ରଦର୍ଶକ କହିଲେ ଅତ୍ୟୁକ୍ତି ହେବନାହିଁ ।

ଓଡ଼ିଶାର ମାଟି, ଓ ଜଳବାୟୁ ବିଶେଷତଃ ପାହାଡ଼ିଆ ଜିଲ୍ଲା ଯଥା କୋରାପୁଟ, କନ୍ଧମାଳ, ଫୁଲବାଣୀ ଓ ଗଞ୍ଜାମ କଫିଚାଷ ପାଇଁ ଅନୁକୂଳ ହେଉଥିବାରୁ ମୃତ୍ତିକା ସଂରକ୍ଷଣ ବିଭାଗ ୧,୧୮୨ ହେକ୍ଟର ଜମିରେ କଫିଚାଷ ପାଇଁ ଯୋଜନା ନିବାରଣରେ କୃତକାର୍ଯ୍ୟ ହୋଇଛି । କଫିମଞ୍ଜି ବିକ୍ରି ଦ୍ୱାରା ୮ରୁ ୧୦ଲକ୍ଷ ଟଙ୍କା ଆଦାୟ ହେଉଛି । କଫି ବଗିଚାରେ ଗୋଲ ମରିଚ ଚାଷ ଲାଭଜନକ ହୋଇଥିବାରୁ ଏହାର ପ୍ରସାର କରାଯାଉଛି । ଆଗ୍ରହୀ ଚାଷୀଙ୍କୁ ସମସ୍ତ ବୈଷୟିକ ସାହାଯ୍ୟ ଦିଆଯାଉଛି ଓ କଫିବୋର୍ଡ ହେକ୍ଟର ପ୍ରତି ୩,୭୫୦ ଟଙ୍କା ଚାରିବର୍ଷରେ ଦୁଇ କିସ୍ତିରେ ଅନୁଦାନ ଦେବାର ବ୍ୟବସ୍ଥା କରିଛନ୍ତି । କଫିଗଛକୁ ରୋଗରୁ ରକ୍ଷା କରିବାକୁ କୃଷି ବିଶ୍ୱବିଦ୍ୟାଳୟର ଅଧ୍ୟାପକ ବୃନ୍ଦ ସାହାଯ୍ୟ ସହଯୋଗ ମଧ୍ୟ କରୁଛନ୍ତି ।

ଚାଷୀଙ୍କର ଢିପ ଓ ଗଡ଼ାଣିଆ ଜମିରେ ମୃତ୍ତିକା ଓ ଜଳ ସଂରକ୍ଷଣ ନିମନ୍ତେ ୧,୬୧,୪୨୫ ହେକ୍ଟର ଜମି ସମପତ୍ତନ ବନ୍ଧ ଓ କ୍ଷେତ ଚାରିପଟେ ବନ୍ଧ ପକାଇ ଉନ୍ନୟନ କରାଯାଉଛି । ଜଳସେଚିତ ଓ ଅନ୍ୟ ଢିପ ଜମିରେ ଭୂ-ଉନ୍ନୟନ କରିବାକୁ ବ୍ୟାଙ୍କ ଜରିଆରେ ଋଣ ଯୋଗାଇ ଦେବାର ଯୋଜନା କାର୍ଯ୍ୟକାରୀ ହେଉଛି । ଚାଷୀଙ୍କୁ ସମସ୍ତ ବୈଷୟିକ ସାହାଯ୍ୟ ମୃତ୍ତିକା ସଂରକ୍ଷଣ କର୍ମଚାରୀଙ୍କୁ ଦେବାର ବ୍ୟବସ୍ଥା କରାଯାଉଛି ।

ଢିପ ଓ ଆଟ ଜମିରେ ବିଶେଷତଃ ନାଲି ମାଟିରେ ଅମ୍ଳତ୍ୱ ଅଧିକ ହେତୁ ଫସଲ ଆଦାୟ କମି ଯାଉଥାଏ । ଏହି ଅମ୍ଳତ୍ୱର ନିରାକରଣ ପାଇଁ କାଗଜ କଳରୁ ନିର୍ଗତ ମଇଳା ଖାଦ୍ୟକୁ ହେକ୍ଟର ପ୍ରତି ୩ ଟନ୍ ହିସାବରେ ପ୍ରୟୋଗ କରାଯାଇ ୨୮୬୯ ହେକ୍ଟର ଜମିରେ ଧାନ ଓ ଚିନାବାଦାମ ଅମଳ ବୃଦ୍ଧି କରାଯାଇପାରିଛି ।

ଧୋଡାନାଳ ସୃଷ୍ଟି ଯୋଗୁଁ ଜମିରେ ବିଶେଷ ମୃତ୍ତିକାକ୍ଷୟ ଘଟିଥାଏ । ନାଳରେ ବହି ଯାଉଥିବା ବର୍ଷା ଜଳକୁ ଜଳ ଅମଳ ପ୍ରକଳ୍ପ ନିର୍ମାଣ କରାଯାଇ ସଞ୍ଚୟ କରାଯାଉଥାଏ । ଉକ୍ତ ଜଳରୁ, ନିଚଳସ୍ଥ ଚାଷ ଜମିରେ ମରୁଡ଼ି ସମୟରେ ଜୀବନ ରକ୍ଷାକାରୀ ଜଳସେଚନ ଭାବେ ବ୍ୟବହୃତ ହୁଏ । ଅଦ୍ୟାବଧି ୪୧୧୨ ଗୋଟି ଜଳ ଅମଳ ପ୍ରକଳ୍ପ ଗଠନ କରି ୪୮୨୪ ହେକ୍ଟର ଜମିକୁ ସଂରକ୍ଷିତ ଜଳସେଚନ ଯୋଗାଡ଼ ଦିଆଯାଇଛି । ଉକ୍ତ ପ୍ରକଳ୍ପ ଗୁଡ଼ିକ ମୃତ୍ତିକାକ୍ଷୟ ନିରୋଧ କରିବା ସଙ୍ଗେ ସଙ୍ଗେ ପ୍ରକଳ୍ପର ତଳପଟେ ଥିବା ଧୋଡ଼ା କ୍ଷୟିତ ଜମିରେ ଉନ୍ନୟନ କରାଯାଇ ଫସଲ ଅମଳ ବୃଦ୍ଧି କରାଯାଇ ପାରୁଛି । ଜଳ ଅମଳ ପ୍ରକଳ୍ପର ଜନପ୍ରିୟତା ହେତୁ ସପ୍ତମ ପଞ୍ଚବାର୍ଷିକ ଯୋଜନା ମାଧ୍ୟମରେ ତିନିଲକ୍ଷ ଏକର ଜମିରେ ଜଳସେଚନ ପାଇଁ ଯୋଜନା କରାଯାଇଛି ।

ମୃତ୍ତିକା ସଂରକ୍ଷଣ ପ୍ରଣାଳୀ ଅବଲମ୍ବନ ପରେ କ୍ଷେତ ମଧ୍ୟରେ ଯେପରି ମୃତ୍ତିକା କ୍ଷୟ ସୀମିତ ହେବ ସେଥିପାଇଁ କୃଷି ବିଶ୍ୱବିଦ୍ୟାଳୟର ଅଧ୍ୟାପକ ବୃନ୍ଦ ମୃତ୍ତିକା ସଂରକ୍ଷଣ ଫସଲ ଓ ଚାଷ ପ୍ରଣାଳୀ ଗବେଷଣା କରି ଉତ୍କୃଷ୍ଟପନ୍ଥାମାନ ଚାଷୀଙ୍କ ପାଖରେ ପହଞ୍ଚାଇ ଦେଉଛନ୍ତି । ମୃତ୍ତିକା ସଂରକ୍ଷଣ ବିଭିନ୍ନ ଦିଗରେ ଗବେଷଣା କରିବାକୁ କୃଷି ବିଶ୍ୱବିଦ୍ୟାଳୟ ଉଦ୍ୟମ କରିଚାଲିଛି ।

ମୃତ୍ତିକା ସଂରକ୍ଷଣର ଉପକାରିତା ଉପଲବ୍ଧିକରି ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଓ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଛୋଟ ଓ ନାମମାତ୍ର ଚାଷୀଙ୍କର ଜମି ଉନ୍ନୟନ ଓ ମୃତ୍ତିକାକ୍ଷୟ ନିରୋଧ ପାଇଁ ମୃତ୍ତିକା ସଂରକ୍ଷଣ ବିଭାଗକୁ ଅର୍ଥ ମଞ୍ଜୁର କରିଛନ୍ତି । ମୃତ୍ତିକା ସଂରକ୍ଷଣ ବିଭାଗ ବିଭିନ୍ନ ଯୋଜନା ମାଧ୍ୟମରେ ଜମି ଉନ୍ନୟନ ଓ ମୃତ୍ତିକାକ୍ଷୟ ନିରୋଧ କରି କୃଷକଙ୍କର ଆର୍ଥିକ ଉନ୍ନତି ଦିଗରେ ଆଗେଇ ଚାଲିଛି ଏବଂ ଭୂମିହୀନ ତଥା ଅନ୍ୟାନ୍ୟ ଶ୍ରମିକଙ୍କୁ ବର୍ଷସାରା କାମ ଯୋଗାଉଛି ।

ଆମେ ସମସ୍ତେ ମାଟି ମାଆର ଯତ୍ନ ନେଇ ତା'ର ସୁରକ୍ଷା କଲେ ସେ ଆମର ସୁଖ ସମୃଦ୍ଧିରେ ସହାୟକ ହେବ ।

ମୃତ୍ତିକା ସଂରକ୍ଷଣ ନିର୍ଦ୍ଦେଶକ
ଓଡ଼ିଶା, ଭୁବନେଶ୍ୱର

## ବିରି ଗଛରେ ଚେର ଗଣ୍ଠି ରୋଗ

ଆଜିକାଲି ଡାଲି ଜାତୀୟ ଶସ୍ୟ ଉତ୍ପାଦନ ପାଇଁ ବହୁବିଧ ପ୍ରଚେଷ୍ଟା ସତ୍ତ୍ୱେ ଆଶାନୁରୂପ ଫଳ ମିଳୁନାହିଁ । ଏହାର କାରଣମାନଙ୍କ ମଧ୍ୟରେ ଉନ୍ନତ ଧରଣର ବିହନ ବ୍ୟବହାର ନ କରିବା, ଉପଯୁକ୍ତ ପରିମାଣ ସାର ପ୍ରୟୋଗର ଅଭାବ ତଥା ରୋଗ, ପୋକ ଓ ନେମାଟୋଡମାନଙ୍କ ଆକ୍ରମଣ ଅନ୍ୟତମ ।

ନେମାଟୋଡମାନଙ୍କ ମଧ୍ୟରେ ଚେର ଗଣ୍ଠି ନେମାଟୋଡ (MELOIDOGYNE INCOGNITA) ଡାଲି ଜାତୀୟ ଫସଲରେ ଅଧିକ କ୍ଷତି ଘଟାଇଥାଏ । ଏମାନେ ଖୁବ୍ ସୂକ୍ଷ୍ମ, ଖାଲି ଆଖିରୁ ଦେଖା ଯାଆନ୍ତି ନାହିଁ ଏବଂ ମାଟିରେ ରହି ଥାଆନ୍ତି । ଚେରର ଭିତରେ ପଶି କିମ୍ବା ବାହାରେ ରହି ଏମାନେ ଗଛରୁ ରସ ଶୋଷି ନିଅନ୍ତି । ଚେରରେ ଗଣ୍ଠି ଗଣ୍ଠି ହୋଇ ଫୁଲି-ଯାଇଥିବାର ଦେଖାଯାଏ । ଗଛ ମାଟିରୁ ଆବଶ୍ୟକୀୟ ଜଳ ଓ ଖାଦ୍ୟ ପଦାର୍ଥ ସଂଗ୍ରହ କରିପାରେ ନାହିଁ । ଫଳରେ ଗଛ-ଟକେ ଲାଗି ଓ ହଳଦିଆ ପଡ଼ିଯାଏ । କ୍ଷତ ସ୍ଥାନମାନଙ୍କରେ ବ୍ୟାକ୍ଟେରିଆ, ଫିମ୍ପି ଆଦି ପ୍ରବେଶ କରି ଚେର ସଢ଼ା ବା ମୂଳପଚା ଆଦି ରୋଗ ସୃଷ୍ଟି କରିଥାନ୍ତି ।

ଚିତ୍ରରେ ଏହି ସୂକ୍ଷ୍ମ ଜୀବଦ୍ୱାରା ଆକ୍ରାନ୍ତ ଓ ସୁସ୍ଥ ଥିବା ପି. ଏଚ. – ୨ ୫ କିସମର ବିରିଗଛ ଦେଖାଇ ଦିଆଯାଇଛି । ପ୍ରଥମ ଚିତ୍ରରେ ଗଛଗୁଡ଼ିକ କୁଣ୍ଡରେ ଅଛି ଓ ଦ୍ୱିତୀୟ ଚିତ୍ରରେ ଚେରସହ ଦେଖାଇ ଦିଆଯାଇଅଛି । ଉଭୟ କ୍ଷେତ୍ରରେ ଗଛଗୁଡ଼ିକ ମାତ୍ର ୨ ୫ ଦିନର ଅଟେ ।

# ଓଡ଼ିଶାରେ ଉଦ୍ୟାନ କୃଷିର ଅଗ୍ରଗତି



ଶ୍ରୀ ସଦାନନ୍ଦ ମଲ୍ଲିକ

ଉପଯୁକ୍ତ ଜଳବାୟୁ ଓ ମୃତ୍ତିକା ଆମ ରାଜ୍ୟ ପାଇଁ ବିଭିନ୍ନ ଉଦ୍ୟାନ କୃଷି ଯୋଜନା କାର୍ଯ୍ୟକାରୀ ନିମନ୍ତେ ଅନୁକୂଳ ପରିବେଶ ସୃଷ୍ଟି କରିଛି । ଏଥି ନିମନ୍ତେ ରାଜ୍ୟର ପତିତ ଜମିରେ ଫଳ ବୃକ୍ଷରୋପଣ ସହିତ ଆଦିବାସୀ ଅଧ୍ୟୁଷିତ ପୋଡୁଚାଷ ପ୍ରଚଳିତ ଅଞ୍ଚଳ ତଥା ରାଜ୍ୟର ଅନ୍ୟାନ୍ୟ ମରୁଡି ପ୍ରପୀଡିତ ଅଞ୍ଚଳମାନଙ୍କରେ ମରୁଡି ସହଣି ଫଳ ବୃକ୍ଷରୋପଣ ସହିତ ଉପକୂଳବର୍ତ୍ତୀ ଜିଲ୍ଲାମାନଙ୍କରେ ତଥା କେନାଲ ବନ୍ଧରେ ନାରିକେଳ ବୃକ୍ଷରୋପଣ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି । ରାଜ୍ୟରେ ଅର୍ଥନୀତିର ବିକାଶ ପାଇଁ ହରିଜନ, କ୍ଷୁଦ୍ର ଓ ନାମମାତ୍ର ଚାଷୀ ଓ ଆଦିବାସୀ ଚାଷୀମାନଙ୍କ ପାଇଁ ସ୍ୱତନ୍ତ୍ର-ଭାବେ ସେମାନଙ୍କର ଘର ବାଡିରେ ଫଳ ବୃକ୍ଷ ରୋପଣ ସେଚ କୂପମାନଙ୍କ ଚତୁପାର୍ଶ୍ୱରେ ଓ ବଡ଼ ବଡ଼ ସହରର ଘରବାଡିମାନଙ୍କରେ ପନିପରିବା ଚାଷ, ଗ୍ରାମ୍ୟ କୃଷି ଶ୍ରମିକ ଥଇଥାନ ମଧ୍ୟରେ ମିଶ୍ରିତ ଫଳ ବଗିଚା ସ୍ଥାପନ, ଟ୍ରାନ୍‌ଜିଟ ନର୍ସରୀ କରିଆରେ ରିହାତି ଦରରେ କଲମୀ ଫଳଚାରା ଯୋଗାଣ, ଆଦିବାସୀ ଓ ହରିଜନ ସଂପ୍ରଦାୟର ଯୁବକମାନଙ୍କୁ ରୋଜଗାରକ୍ଷମ କରିବା ପାଇଁ ଉଦ୍ୟାନ ବିଭାଗରେ ବୈଷୟିକ ତାଲିମ୍ ପ୍ରଦାନ ଏବଂ କୃଷକ ଗୃହିଣୀମାନଙ୍କୁ ଫଳ ସଂରକ୍ଷଣ ସମ୍ବନ୍ଧରେ ତାଲିମ ପ୍ରଦାନ ପ୍ରଭୃତି କାର୍ଯ୍ୟକ୍ରମମାନ ଗ୍ରହଣ କରାଯାଇଛି ।

ବିଗତ ଷଷ୍ଠ ପଞ୍ଚବାର୍ଷିକ ଯୋଜନାରେ ଉଦ୍ୟାନ କୃଷି ବିକାଶ ଦ୍ୱାରା ୧୫୩୧ ହେକ୍‌ଟର ଜମିରେ ଅମୃତଭଣ୍ଡା, ୧୭,୧୩୨ ହେକଟର ଜମିରେ ନାରିକେଳ, ୬,୯୫୨ ହେକ୍‌ଟର ଜମିରେ ଲେମ୍ବୁ, ୪,୨୬୧ ହେକ୍‌ଟର ଜମିରେ ଆମ୍ବ ଏବଂ ୬,୦୮୪ ହେକ୍‌ଟର ଜମିରେ ଅନ୍ୟାନ୍ୟ ଫଳବୃକ୍ଷ କରାଯାଇଛି । ଏହିପରି ମୋଟ ୩୬,୪୯୪ ହେକ୍‌ଟର ପରିମିତ ଜମିରେ ଫଳବୃକ୍ଷ କରାଯାଇ ଓଡ଼ିଶାର ବିଭିନ୍ନ ଚାଷୀମାନଙ୍କୁ ଉପକୃତ କରାଯାଇଛି, ତାଛଡ଼ା ପ୍ରତିବର୍ଷ ପ୍ରାୟ ୧୧,୦୦୦ ହେକ୍‌ଟର ଜମିରେ ଆଳୁ ଓ ୬ ଲକ୍ଷ ହେକ୍‌ଟର ଜମିରେ ବିଭିନ୍ନ ପନିପରିବା ଉତ୍ପାଦନ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି । ଉଦ୍ୟାନ ବିଭାଗର ବିଭିନ୍ନ ଯୋଜନା ମାଧ୍ୟମରେ ୯୮,୩୪୮ଟି ଆଦିବାସୀ ପରିବାର ଓ ୨୯,୫୦୦ଟି ହରିଜନ ପରିବାର ଉପକୃତ ହୋଇଛନ୍ତି । ଏହି ସମୟରେ ୩,୧୪,୦୦୦ ସଂଖ୍ୟକ ନାରିକେଳ ବୃକ୍ଷ କେନାଲ ବନ୍ଧରେ ସଫଳ ଭାବେ ରୋପଣ କରାଯାଇଛି । ଏହି ନାରିକେଳ ବୃକ୍ଷ ମଧ୍ୟରୁ ୨,୬୬,୦୦୦ ବୃକ୍ଷକୁ ୧୭,୦୦୦ କ୍ଷୁଦ୍ର ଚାଷୀମାନଙ୍କ ମଧ୍ୟରେ ବଣ୍ଟନ କରାଯାଇ ସେମାନଙ୍କ ଆର୍ଥିକମାନ ବୃଦ୍ଧି କରାଯାଇଅଛି । ଗଞ୍ଜାମ ଜିଲ୍ଲାର ରାମଗିରି ଉଦୟଗିରି ଅଞ୍ଚଳରେ ୨,୫୯,୦୦୦ ଜମଲା ଜାତୀୟ ବୃକ୍ଷ ସଫଳଭାବରେ ରୋପଣ କରାଯାଇଛି । ପ୍ରାୟ ୯,୦୦୦ ହେକଟର ଅଣ ଜଳସେଚିତ ଜମିରେ ୧୧,୦୦,୦୦୦ ଆମ୍ବ, ପଣସ, କାଜୁବାଦାମ, କମଳା, ଲେମ୍ବୁ, ଚିକୁ ଓ ବରକୋଳି ପ୍ରଭୃତି ଫଳବୃକ୍ଷ ରୋପଣ କରାଯାଇ ଚାଷୀମାନଙ୍କର ଆର୍ଥିକ ମାନଦଣ୍ଡର ଉନ୍ନତି କରିବା ପାଇଁ ଚେଷ୍ଟା କରାଯାଇଅଛି ।

ବିଗତ ୧୯୮୫-୮୬ ଆର୍ଥିକ ବର୍ଷରେ କେନାଲ ବନ୍ଧମାନଙ୍କରେ ୮୦,୦୦୦ ନାରିକେଳ ଚାରା ରୋପଣ କରାଯାଇଛି । ୪,୩୧୦ ହେକ୍‌ଟର ଜମିରେ ବିଭିନ୍ନ ଫଳ ବୃକ୍ଷ ରୋପଣ କରାଯାଇଛି । ୨,୬୫,୦୦୦ ଗୋଟି ବିଭିନ୍ନ ପ୍ରକାର ଫଳ ଗଛର କଲମି ଓ ଚାରା ଚାଷୀମାନଙ୍କୁ ଯୋଗାଇ ଦିଆଯାଇଅଛି । ୪୪,୩୦୦ଟି ବିଭିନ୍ନ ଫଳ ଗଛର ଚାରା ୧୧,୦୦୦ ସଂଖ୍ୟକ ଗରିବ ଚାଷୀ ପରିବାରଙ୍କୁ ବଣ୍ଟନ କରାଯାଇଛି । ୧୪,୫୦୦ଟି ହରିଜନ ପରିବାରଙ୍କ ଘରବାଡିରେ ଆମ୍ବ, ଚିକୁ, ନାରିକେଳ, ପଣସ ଓ ଅମୃତଭଣ୍ଡା ଲଗାଯାଇଛି । ୫,୦୦,୦୦୦ କଲମୀ ଓ ଚାରାଗଛ ଆସନ୍ତା ବର୍ଷ ପାଇଁ ଉତ୍ପନ୍ନ କରାଯାଇଛି । ୮,୬୩୬ ହେକ୍‌ଟରରେ ଆଳୁ ଓ ୫,୮୦,୦୦୦ ହେକ୍‌ଟରରେ ଅନ୍ୟାନ୍ୟ ପନିପରିବା ଚାଷ କରାଯାଇଅଛି । ୨୨,୩୦୦ ଗୋଟି ଶଙ୍କର ଜାତୀୟ ଓ ଅଧିକ ଅମଳକ୍ଷମ ନାରିକେଳ ଚାରା ଉତ୍ପାଦନ କରାଯାଇ ଚାଷୀମାନଙ୍କୁ ଯୋଗାଇ ଦିଆଯାଇଛି ।

ଏହା ବ୍ୟତୀତ ୧୯୮୬-୮୭ ଆର୍ଥିକ ବର୍ଷରେ ଚାଷୀମାନଙ୍କ ଜମିରେ ୧,୧୦୦ ହେକ୍ଟର ଜମିରେ ନଡ଼ିଆ, ୨୭୦ ହେକ୍ଟରେ କଦଳୀ, ୮୭ ହେକ୍ଟରରେ ସପୁରୀ, ୭୫ ହେକ୍ଟରରେ ଲେମ୍ବୁ ଓ କମଳା ଜାତୀୟ ଫଳ, ୩୧,୦୦୦ ହେକ୍ଟରରେ ବିଭିନ୍ନ ପନିପରିବା ଓ ୯,୦୦୦ ହେକ୍ଟରରେ ଆଳୁଚାଷ କରାଯାଇଅଛି । ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ୨୧.୩୫ ଲକ୍ଷ ବିଭିନ୍ନ କିସମର ଫଳ ଚାରା ଓ କଲମୀ ଗଛ ଚାଷୀମାନଙ୍କ ଜମିରେ ଓ ଅନ୍ୟାନ୍ୟ ପତିତ ଜମିରେ ରୋପଣ କରାଯାଇଅଛି । ୮,୩୦୦ଟି ହରିଜନ ପରିବାରଙ୍କ ଘରବାଡ଼ିରେ ୧,୨୫,୦୦୦ ବିଭିନ୍ନ କିସମର ଫଳ ବୃକ୍ଷ ରୋପଣ କରାଯାଇଛି । ସରକାରୀ ଫଳ ବଗିଚାମାନଙ୍କରେ ୯ ଲକ୍ଷ ବିଭିନ୍ନ କିସମର ଫଳଚାରା ଉତ୍ପାଦିତ ହୋଇଅଛି । ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା ୧୩ଗୋଟି ଫଳ ସଂରକ୍ଷଣ ତାଲିମ କେନ୍ଦ୍ରରେ ୪,୩୦୦ ଗୃହିଣୀଙ୍କୁ ଫଳ ସଂରକ୍ଷଣ ତାଲିମ ଦିଆ ଯାଇଅଛି । ୫,୦୦୦ ସଂଖ୍ୟକ ପନିପରିବା ମିନିକିଟ୍ ବିନା ମୂଲ୍ୟରେ ଚାଷୀମାନଙ୍କୁ ଯୋଗାଇ ଦେଇ ପ୍ରଦର୍ଶନ କ୍ଷେତ୍ର ମାଧ୍ୟମରେ ଉନ୍ନତ ପନିପରିବା ଚାଷର ସଂପ୍ରସାରଣ ପାଇଁ ଉଦ୍ୟମ ହୋଇଛି । ୩୫ଜଣ ହରିଜନ ଯୁବକଙ୍କୁ ଉଦ୍ୟାନ ବିଭାଗରେ ବୈଷୟିକ ତାଲିମ ଦିଆଯାଇଅଛି ।

ବାରଙ୍ଗରେ ଅବସ୍ଥିତ ରାଜ୍ୟ ଉଦ୍‌ଭିଦ ଉଦ୍ୟାନରେ ଦେଶୀ ଓ ବିଦେଶୀ ଔଷଧ ବୃକ୍ଷ, ଫୁଲ ଗଛ ଓ ଉପକାରୀ ବିଲୁପ୍ତ ପ୍ରାୟ ବୃକ୍ଷର ଚିହ୍ନଟ କରାଯାଇ ରକ୍ଷଣାବେକ୍ଷଣ ଓ ଉପଯୁକ୍ତ ବ୍ୟବହାର ଉପରେ ପରୀକ୍ଷା ନିରୀକ୍ଷା ଚାଲୁ ରଖାଯାଇଅଛି । କୃଷି ବିଶ୍ୱବିଦ୍ୟାଳୟ ଓ ଅନ୍ୟାନ୍ୟ ବିଭାଗ ସହିତ ଉଦ୍ୟାନ କୃଷି ସଂପର୍କୀୟ ଅନୁସନ୍ଧାନ ଓ ଏହାର ସଂପ୍ରସାରଣ ନିମିତ୍ତ ଘନିଷ୍ଠ ସଂପର୍କ ରଖାଯାଇଛି ।

ଚଳିତ ବର୍ଷ (୧୯୮୭-୮୮) ୨ ଲକ୍ଷ ନାରିକେଳ ଚାରା ଉତ୍ପାଦନ କରାଯାଇ ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳମାନଙ୍କରେ ରୋପଣ କରାଯିବାପାଇଁ ବ୍ୟବସ୍ଥା କରାଯାଇଅଛି । ରାଜ୍ୟର ବିଭିନ୍ନ ଫଳବଗିଚାରେ ୧୪ ଲକ୍ଷ ୪୦ ହଜାର ଉନ୍ନତମାନର ଚାରା ଓ କଲମୀ ଗଛ ପରବର୍ତ୍ତୀ ବର୍ଷରେ ବିତରଣ ପାଇଁ ଉତ୍ପାଦନ କରାଯିବ । ୧୪୦ ଜଣ ହରିଜନ ଯୁବକଙ୍କୁ ଉଦ୍ୟାନ ବିଭାଗରେ ବୈଷୟିକ ତାଲିମ ପ୍ରଦାନ କରାଯାଇ ସେମାନଙ୍କ ଆତ୍ମନିଯୁକ୍ତି ପାଇଁ ସାହାଯ୍ୟ କରାଯିବ । ୩୦ ହଜାର ଆଦିବାସୀ ପରିବାରଙ୍କୁ ବିଭିନ୍ନ ଯୋଜନା ମାଧ୍ୟମରେ ଉପକୃତ କରାଯିବ । ବୃକ୍ଷରୋପଣ କାର୍ଯ୍ୟକ୍ରମ ଜରିଆରେ ୩୦ ଲକ୍ଷ ବିଭିନ୍ନ କିସମର ଫଳଚାରା ରୋପଣ କରାଯିବ । ଏତଦ୍ ବ୍ୟତୀତ ୧୦୦ ହେକ୍ଟର ଜମିରେ ସପୁରୀ, ୮୦୦ ହେକ୍ଟର ଜମିରେ କମଳା ୧୦୦୦ ହେକ୍ଟର ଜମିରେ ଆମ୍ବଚାଷ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ଏବଂ ୩୦,୦୦୦ ହେକ୍ଟରରେ ଅନ୍ୟାନ୍ୟ ପନିପରିବା ଚାଷ କରାଯିବାର ପ୍ରସ୍ତାବ କରାଯାଇଛି । ୯,୦୦୦ କୃଷକ ଗୃହିଣୀମାନଙ୍କୁ ଫଳ ସଂରକ୍ଷଣ ଯୋଜନାରେ ତାଲିମ ଦିଆଯିବା ପାଇଁ ବ୍ୟବସ୍ଥା ହୋଇଛି । କମଳା ଓ ଲେମ୍ବୁ ଜାତୀୟ ଫଳଚାଷର ପ୍ରସାର ପାଇଁ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ୫୩,୦୦୦ଟି ଉତ୍କୃଷ୍ଟ ଧରଣର କମଳା ଓ ଲେମ୍ବୁଚାରା ଲଗାଇବା ପାଇଁ ଯୋଜନା କରାଯାଉଛି ।

ଏତଦ୍ ବ୍ୟତୀତ ୨ଟି ଯୋଜନା ଉପରେ ସ୍ୱତନ୍ତ୍ର ଧ୍ୟାନ ଦେଇ ବ୍ୟାପକ ଭାବରେ ସାର୍ଥକ କରିବାର କାର୍ଯ୍ୟକ୍ରମ ଅଛି । ଆଳୁଚାଷ ମଧ୍ୟ ବ୍ୟାପକ ଭାବରେ କରି ଦେଢ଼ ଗୁଣ ଅର୍ଥାତ୍ ୧୫,୦୦୦ ହେକ୍ଟରରେ ବିସ୍ତାର କରିବାକୁ ଉଦ୍ୟମ କରାଯାଉଛି ।

(୨) କଦଳୀ ଚାଷ ସଘନ ପ୍ରଣାଳୀରେ ୧,୦୦୦ ହେକ୍ଟରରେ ଆରମ୍ଭକରି ଆସନ୍ତା ତିନିବର୍ଷ ମଧ୍ୟରେ ୬,୦୦୦ ହେକ୍ଟରକୁ ବଢ଼ାଇ ଓଡ଼ିଶାକୁ କଦଳୀ କ୍ଷେତ୍ରରେ ସ୍ୱାବଲମ୍ବୀ କରିବାକୁ କାର୍ଯ୍ୟକ୍ରମ ଅଛି ।

କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଥିବା କୃଷି ମହାବିଦ୍ୟାଳୟରେ ଉଚ୍ଚତର ଶିକ୍ଷା ଓ ଗବେଷଣା ନିମିତ୍ତ ସୁଦକ୍ଷ ବୈଷୟିକ ଅଫିସର ମନୋନୀତ ହୋଇଥାନ୍ତି । ଜଳବାୟୁ ଓ ମୃତ୍ତିକା ଭେଦରେଥିବା ଆଞ୍ଚଳିକ ଗବେଷଣାଗାର ଓ ଉପକେନ୍ଦ୍ର ସହିତ ପ୍ରତ୍ୟକ୍ଷ ସଂପର୍କ ସ୍ଥାପନ ଦ୍ୱାରା ଗବେଷଣା ଲବ୍ଧ ତଥ୍ୟାବଳୀ କୃଷକମାନଙ୍କ ନିକଟରେ ପହଞ୍ଚାଇ ଥାଆନ୍ତି । ଯାହାଦ୍ୱାରା ତାଲିମ ଓ ପରିଦର୍ଶନ ସଂପ୍ରସାରଣ ଯୋଜନା ସହାୟତାରେ କୃଷକମାନଙ୍କ ମଧ୍ୟରେ ବୈଜ୍ଞାନିକ ଚାଷ ପଦ୍ଧତିର ବହୁଳ ପ୍ରସାରଣ ଓ ଉଦ୍ୟାନ କୃଷି ଜ୍ଞାନର ବିକାଶ ଘଟିଥାଏ । ବିଶ୍ୱବିଦ୍ୟାଳୟର କୃଷି ଗବେଷକମାନେ ଏହି ବିଭାଗରେ କାର୍ଯ୍ୟରତ ଅଫିସରଙ୍କୁ ସ୍ୱୀକୃତ କର୍ମଶାଳାରେ ମାସକୁ ଦୁଇଦିନ ଚାଷ ପ୍ରଣାଳୀ ଉପରେ ତାଲିମଦେଇ ଥାଆନ୍ତି । କୃଷି ବିଶ୍ୱବିଦ୍ୟାଳୟର ଗବେଷଣା ଲବ୍ଧଜ୍ଞାନ, ଉନ୍ନତ ବିହନ କ୍ଷେତ୍ର ପ୍ରଦର୍ଶନ ଓ ସଂପ୍ରସାରଣ ମାଧ୍ୟମରେ ଉଦ୍ୟାନ କୃଷି ବିଭାଗଦ୍ୱାରା କୃଷକଙ୍କ ନିକଟରେ ପହଞ୍ଚାଯାଇପାରୁଛି । "ଆଉ ମଧ୍ୟ" ବିଜ୍ଞାନାଗାରରୁ କ୍ଷେତ୍ର ପ୍ରଦର୍ଶନ ଯୋଜନା ସହିତ ପ୍ରତ୍ୟକ୍ଷ ସହଯୋଗ ଦ୍ୱାରା ଆବଶ୍ୟକୀୟ ବୈଜ୍ଞାନିକ ଚାଷ କୌଶଳ, କୃଷକମାନଙ୍କ ମଧ୍ୟରେ ସଂପ୍ରସାରଣ ମାଧ୍ୟମରେ ପ୍ରଚଳ କରାଯାଇ ପାରୁଅଛି ।

ନିର୍ଦ୍ଦେଶକ, ଉଦ୍ୟାନ କୃଷି ବିଭାଗ ।



# କୃଷି ଉତ୍ପାଦନ ଓ କୃଷି ଶିକ୍ଷା ବ୍ୟବସ୍ଥା

ଡକ୍ଟର ପ୍ରକାଶ ଚନ୍ଦ୍ର ପରଜା

ଭାରତ ଏକ କୃଷି ପ୍ରଧାନ ଦେଶ । ଏହାର ଶତକଡ଼ା ୭୦ ଭାଗ ଲୋକ କୃଷି ଉପରେ ନିର୍ଭରକରି ଚଳନ୍ତି ଏବଂ ଜାତୀୟ ଆୟର ଶତକଡ଼ା ୪୦ ଭାଗ କୃଷିରୁହିଁ ମିଳିଥାଏ । ଭାରତର ୫.୬୭ ଲକ୍ଷ ଗ୍ରାମରେ ଅଦ୍ୟାବଧି ଯାହାସବୁ ବିକାଶ ଘଟିଅଛି କୃଷି ବିକାଶ ଦ୍ୱାରାହିଁ ସମ୍ଭବ ହୋଇଛି । ଗ୍ରାମ୍ୟ ଜୀବନର ସଙ୍ଗୀତ, ସାହିତ୍ୟ, ପର୍ବ ପର୍ବାଣୀ ତଥା ସାମାଜିକ ବ୍ୟବସ୍ଥା ଓ ଆଚାର ବିଚାର ମୁଖ୍ୟତଃ କୃଷି ସଭ୍ୟତାରେ ପ୍ରଭାବିତ । ସର୍ବୋପରି ପୃଥିବୀର ଏହି ବିରାଟ ଗଣତନ୍ତ୍ରର ଜନମାନସରେ କୃଷି ଏକ ବ୍ୟବସାୟିକ ଅବଲମ୍ବନ ନ ହୋଇ ବରଂ ଜୀବନର ଗତାନୁଗତିକ ପ୍ରବାହ ରୂପେ ପରିଗଣିତ ହୋଇଅଛି ।

ସ୍ୱାଧୀନତା ପରେ ଭାରତବର୍ଷର କୃଷି ବ୍ୟବସ୍ଥାରେ ଯେ ଆଶାନୁରୂପ ଉନ୍ନତି ଘଟିଅଛି ଏଥିରେ ଦ୍ୱିମତ ହେବାର କିଛି ନାହିଁ । ୧୯୫୦ ମସିହା ବେଳକୁ ଆମର ଖାଦ୍ୟ ଶସ୍ୟ ୫କୋଟି ଟନ୍ ଥିଲା କିନ୍ତୁ ଏବେ ତାହା ୧୫ କୋଟି ଟନ୍ ପର୍ଯ୍ୟନ୍ତ ହେଲାଣି । ପ୍ରାୟ ପ୍ରତ୍ୟେକ ଫସଲର ଉତ୍ପାଦନ ଓ ଚାଷ କରାଯାଇଥିବା ଜମିର ପରିମାଣ ଦିନକୁ ଦିନ ବଢି ଚାଲିଛି । ଏସବୁ ସତ୍ତ୍ୱେ ଆମେ କୃଷି ବିକାଶ ବା ସବୁଜ ବିପ୍ଲବରେ କ୍ଷେତ୍ରରେ ଅଭୂତପୂର୍ବ ସାଫଲ୍ୟ ଅର୍ଜନ କରିଥିଲେ ହେଁ ଆନନ୍ଦିତ ହେବାର କିଛି ନାହିଁ । କାରଣ ୨୦୦୦ ମସିହା ବେଳକୁ ଆମର ଲୋକସଂଖ୍ୟା ୮୬.୫ କୋଟିରେ ପହଞ୍ଚିବ ଏବଂ ସେଥିପାଇଁ ଆମର ପ୍ରଚୁର ପରିମାଣର ଖାଦ୍ୟଶସ୍ୟ ଦରକାର ହେବ । ଖାଦ୍ୟ ଶସ୍ୟର ଆବଶ୍ୟକତା ଉପରେ ଆମର ଯାହା ଧାରଣା ଅଛି ତାହାଠାରୁ ବି ଅଧିକ ଦରକାର ପଡ଼ିପାରେ । କାରଣ ଆଧୁନିକ ବିଜ୍ଞାନ ଲୋକମାନଙ୍କୁ ବିଭିନ୍ନ ଖାଦ୍ୟର ଆବଶ୍ୟକତା ଉପରେ ଯଥେଷ୍ଟ ଶିକ୍ଷା ଦେଇଅଛି । ତେଣୁ କୃଷି ଉତ୍ପାଦନକୁ ତ୍ୱରାନ୍ୱିତ ଓ ଅଧିକ କରିବା ପାଇଁ ଆମକୁ ଅଧିକ ଜମି, ଜଳସେଚନ, ଶସ୍ୟ ସଂରକ୍ଷଣ ବ୍ୟବସ୍ଥା, ଆଧୁନିକ ବୈଜ୍ଞାନିକ କୃଷି [illegible] ଅଧିକ [illegible]କ୍ଷମ ବିହନ ପ୍ରଭୃତି ଅନେକ ବିଷୟ ଉପରେ [illegible] ନେବାକୁ ପଡ଼ିବ । ସର୍ବୋପ[illegible] ଏହି [illegible] ଅଧିକ କାର୍ଯ୍ୟକ୍ଷମ କରିବା ପାଇଁ କୃଷି ଗବେଷଣା, ଶିକ୍ଷା ଏବଂ ସମ୍ପ୍ରସାରଣ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି । କାରଣ ଆଧୁନିକ କୃଷି ବିଜ୍ଞାନର ଅଗ୍ରଗତି ଏତେଦୂର ହୋଇଅଛି ଯେ, ପାରମ୍ପରିକ ପ୍ରଥାରେ ଚାଷ କରୁଥିବା ଜଣେ ଭାରତୀୟ ଚାଷୀ ପାଖରେ ଏହାର ତଥ୍ୟକୁ ଠିକ ଭାବରେ ପହଞ୍ଚାଇ ତାକୁ ପ୍ରବର୍ତ୍ତାଇବା ବଡ଼ କଷ୍ଟକର ବ୍ୟାପାର ।

ପ୍ରଥମେ ଜମିଜମା କଥା ଚିନ୍ତା କରାଯାଉ । କୃଷିର ବିକାଶରେ ଏହା ପ୍ରଥମ ସ୍ଥାନ ଅଧିକାର କରୁଛି । କିନ୍ତୁ ଭାରତର କ୍ଷେତ୍ରଫଳ ୩୨.୮ କୋଟି ହେକ୍ଟରରୁ ୧୪.୦୩ କୋଟି ହେକ୍ଟର ଜମି କେବଳ ଚାଷ କରାଯାଇ ପାରୁଛି । ଏହି ୧୪.୦୩ କୋଟି ହେକ୍ଟର ଜମି ଯେ, ପୁରାପୁରି ମାତ୍ରାରେ ସର୍ବୋତ୍ତମ ଭାବେ ଚାଷୋପଯୋଗୀ ତାହା ନୁହେଁ କାରଣ ଏଥିରୁ ଅନେକ ବନ୍ୟା ଏବଂ ମରୁଡ଼ି ପ୍ରପୀଡ଼ିତ । ଅନେକ ଖାରୀ କିମ୍ବା ଜଳମଗ୍ନ ହୋଇଥାଏ । ତେଣୁ ଚାଷକାର୍ଯ୍ୟ ପାଇଁ ଅଧିକ ଜମି ଯୋଗାଇବାକୁ ଆମକୁ ଅଧିକରୁ ଅଧିକ ଚାଷ ହେଉ ନ ଥିବା ଜମିକୁ ଚାଷପୋଯୋଗୀ କରିବା ଆବଶ୍ୟକ । ଏହି ଦୃଷ୍ଟିରୁ ଷଷ୍ଠ ଯୋଜନା କାଳରେ ୪୦୦୨ କୋଟି ଟଙ୍କା ବ୍ୟୟରେ ୪୫.୮ ଲକ୍ଷ ହେକ୍ଟର ପତିତ ଜମିକୁ ଚାଷୋପଯୋଗୀ କରାଯାଉଅଛି । ବର୍ତ୍ତମାନ ଆମ ପାଖରେ ଯେଉଁ ଆଠକୋଟି ହେକ୍ଟର ପତିତ ଜମି ଅଛି ତାକୁ ଆମେ ଉତ୍ପାଦନକ୍ଷମ କରି ପାରିଲେ ତାହା ଖାଦ୍ୟ ଶସ୍ୟ ବୃଦ୍ଧିରେ ଯଥେଷ୍ଟ ସହାୟକ ହେବ । ଏହି ଦୃଷ୍ଟିରୁ ବର୍ତ୍ତମାନ ଜାତୀୟ ପତିତ ଜମି ଉନ୍ନୟନ ବୋର୍ଡ ଗଠନ କରାଯାଇଛି । ଆମେ ଯାହାକୁ ପତିତ ଅନୁର୍ବର ଜମିବୋଲି ଅତୀତରେ ଛାଡ଼ି ଦେଇଥିଲେ ସେଥିରୁ ଆଜି ଅଧିକା ଲାଭ ହୋଇପାରୁଛି । ଏହି ଜମିରେ କାଜୁବାଦାମ ପ୍ରଭୃତି ଫଳଗଛ ଏବଂ ଝାଉଁ, ଇଉକାଲ ପଟାସ ପ୍ରଭୃତି ଜାଳେଣି ଓ ଦରକାରୀ କାଠର ଚାଷ କରାଯାଇ ଅଧିକ ଲାଭ ମିଳିପାରୁଛି । ଉପକୂଳବର୍ତ୍ତୀ ଅଞ୍ଚଳରେ ଗୋଟିଏ ଏକର ଅନୁର୍ବର ଡିପ ଜମିରେ କାଜୁବାଦାମ ଚାଷକଲେ ୫ ଶହ ଟଙ୍କାରୁ ୧ହଜାର ଟଙ୍କା ପର୍ଯ୍ୟନ୍ତ ଲାଭ ମିଳିପାରିବ ଏବଂ

ଏହି ଫସଲ ପାଇଁ ବିଶେଷ ଖର୍ଚ୍ଚ କରିବାକୁ ପଡ଼ିବନାହିଁ । ଏହିପରି ଅନେକ ଫସଲ ଯଥା :–ରବର, ପାମରୋଜା, ଡ଼ାଲଚିନି ସିସାଲ ପ୍ରଭୃତି ପତିତ ଜମିରେ ଚାଷକଲେ ଅଧିକ ଲାଭ ମିଳିପାରିବ । ଏହାଛଡ଼ା ଜଳସେଚନ ପ୍ରକଳ୍ପଗୁଡ଼ିକ କୃଷି ଉତ୍ପାଦନ ବୃଦ୍ଧିପାଇଁ ଅନ୍ୟ ଏକ ପ୍ରଧାନ ସାହାଯ୍ୟକାରୀ ବ୍ୟବସ୍ଥା ଅଦ୍ୟାବଧି ଆମ ଦେଶରେ ୨୦ ଭାଗ ଜମିକୁ ଜଳସେଚିତ କରାଯାଇ ପାରିଛି । ଅଧିକ ଜଳସେଚନ ବ୍ୟବସ୍ଥା କରିବାରେ ଅନେକ ଅସୁବିଧା ଅଛି କାରଣ ଏହା ବହୁଳ ଓ ସମୟ ସାପେକ୍ଷ ପ୍ରକଳ୍ପ । ତେଣୁ ଆମକୁ ଅଧିକ ଅମଳକ୍ଷମ ବିହନ ପାଇବା ଓ ଗୋଟିଏ ଜମିରୁ ଅଳ୍ପ ସମୟ ମଧ୍ୟରେ ଅଧିକ ଫସଲ ଉତ୍ପାଦନ କରିବା ଏବଂ ଫସଲକୁ ରୋଗ ଓ ପୋକ କବଳରୁ ରକ୍ଷା କରିବା ଉପରେ ଅଧିକ ଗୁରୁତ୍ୱ ଦେବା ଆବଶ୍ୟକ । ଏହା ସମ୍ଭବ ହେଲେ ବର୍ତ୍ତମାନ ଚାଷ କରାଯାଉଥିବା ଜମିରୁ ଆମେ ଅଧିକ ଉତ୍ପାଦନ କରି ପାରିବା ଫଳରେ ଅନେକ ସୁବିଧା ମିଳିବା ସଙ୍ଗେ ସଙ୍ଗେ ଉଇନିଟ ଉତ୍ପାଦନ କମ ଖର୍ଚ୍ଚରେ ହେବ । କମ୍ ଜମିରୁ ଯେ କମ୍ ଲାଭ ମିଳିବ ଏ କଥା ଠିକ୍ ନୁହେଁ । ପନିପରିବା ଚାଷକଲେ ଗୋଟିଏ ଏକରରୁ ଲକ୍ଷେ ଟଙ୍କା ପର୍ଯ୍ୟନ୍ତ ଲାଭ ମିଳିପାରିବ । କିଛିଦିନ ତଳେ ବ୍ରହ୍ମପୁର ନିକଟରେ ଜଣେ ଚାଷୀ କାପସିକମ (ବେଙ୍ଗଳଙ୍କା) ଚାଷକରି ଏକଲକ୍ଷ ଟଙ୍କା ପର୍ଯ୍ୟନ୍ତ ପାଇଛନ୍ତି । ଅନେକଙ୍କୁ ଏହା ସ୍ୱପ୍ନ ପରି ମନେ ହେବ । କିନ୍ତୁ ତାହା ଠିକ ନୁହେଁ । ଆଜିକାଲି ପନିପରିବା, ଫଳ ମୂଲରେ ବୃଦ୍ଧି ଯେତିକି ହେଉଛି ଓ ମୂଲ୍ୟ ଯେପରି ବଢ଼ିଲାଣି ସେଥିରେ ଫଳ ଓ ପନିପରିବା ଚାଷରୁ ଅନେକ ଲାଭ ମିଳି ପାରିବ । ଗେଡ଼ା ଜାତିର ବାମନ ବା ଗୋବୁଣ୍ଡା କଦଳୀ ଚାଷକଲେ ଠିକ ବର୍ଷକ ଭିତରେ ଏକର ପିଛା ୨୦ ହଜାରରୁ ୨୫ ହଜାର ଟଙ୍କା ନିଟ୍ ଲାଭ ମିଳି ପାରିବ ଏବଂ ଏହା ନିକଟସ୍ଥ ସହର ବଜାରରେ ସହଜରେ ବିକ୍ରୀ ହୋଇ ପାରିବ । ଓଡ଼ିଶା କୃଷି ବିଶ୍ୱବିଦ୍ୟାଳୟ ତରଫରୁ ପରୀକ୍ଷିତ କେତେକ ଉନ୍ନତ ଧରଣର ପନିପରିବା ବାହାର କରାଯାଇଛି । ଯଥା :- ଭେଣ୍ଡିର ପି: ବି: –୫୭ ଏବଂ ବି: ଓ: ସେଲ–୧, ଝାଉଁରୁ ନଥିବା ଟମାଟୋ ଏଲ: ଇ: –୭୯ ଏବଂ ବି: ଆର: ରେଡ଼ ଏବଂ ଘନ ଏକ୍ସ–୨୩୫ ଲଙ୍କା ପ୍ରଭୃତି । ସେହିପରି ଅଳ୍ପ ସ୍ଥାନରେ ଅଦା, ହଳଦୀ ଚାଷକରି ବି ଅଧିକ ଯଶ ମିଳିପାରିବ । ଏଥିପାଇଁ ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟରୁ ପି.ଟି.ଏସ. ୨୪ ଏବଂ ପି: ଟି: ଏସ. ୧୦ ହଳଦୀ ଏବଂ ପି: ଜି: ଏସ:-୩୫ ଏବଂ ପି: ଟି: ଏସ: - ୧୯ ଅଦା କିସମ ବାହାର କରାଯାଇଛି ।

କମ ଜମିରୁ ଅଧିକ ଉତ୍ପାଦନ ପାରମ୍ପରିକ କୃଷି ପଦ୍ଧତିରେ କରାଯାଇ ପାରିବନାହିଁ । ଆଧୁନିକ କୃଷି ବିଜ୍ଞାନ ସାହାଯ୍ୟ ଦ୍ୱାରା ହିଁ ଏହା କେବଳ ସମ୍ଭବ ହୋଇ ପାରିବ । ଏଥିପାଇଁ ଅଧିକରୁ ଅଧିକ ଗବେଷଣା ଓ ସମ୍ପ୍ରସାରଣ କୌଶଳ ଆବଶ୍ୟକ । ଏହି ଦୁଇଟି କେବଳ କୃଷି ଶିକ୍ଷା ଦ୍ୱାରା ସମ୍ଭବ ହେବ । କୃଷି ଶିକ୍ଷା ପାଉଥିବା ସ୍ନାତକମାନେ ଅଧିକରୁ ଅଧିକ କୃଷି ଗବେଷଣା କରିବେ ଏବଂ ନୂତନ ନୂତନ ସମ୍ପ୍ରସାରଣ କୌଶଳ ବାହାର କରି ଭାରତ ଭଳି ଏକ କୃଷିପ୍ରଧାନ ଦେଶର କୃଷକ ଓ କୃଷିର ବିକାଶ କରିପାରିବେ ।

ସ୍ୱାଧୀନତା ପରେ ଭାରତ ବର୍ଷରେ କୃଷି ଶିକ୍ଷାରେ ଯଥେଷ୍ଟ ବିକାଶ ଘଟିଛି । ୧୯୬୦ ପୂର୍ବରୁ ଗୋଟିଏ ହେଲେ କୃଷି ବିଶ୍ୱବିଦ୍ୟାଳୟ ନଥିଲା । ବର୍ତ୍ତମାନ ୨୩ରୁ ଅଧିକ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପିତ ହେଲଣି । ସେହିପରି ସ୍ୱାଧୀନତା ସମୟରେ ଯେତୋଟି କୃଷି ମହାବିଦ୍ୟାଳୟ ଥିଲା ତାହା ବହୁଗୁଣରେ ବଢ଼ି ଯାଇଛି । ଉଦ୍ୟାନ, ବିଜ୍ଞାନ ରୋପଣ ଫସଲ, ଜଙ୍ଗଲ ବିଜ୍ଞାନ, ପଶୁପାଳନ ମତ୍ସ୍ୟ ବିଜ୍ଞାନ ପ୍ରଭୃତି କୃଷି ଆନୁଷଙ୍ଗିକ ଶିକ୍ଷାର ପ୍ରଭୂତ ବିକାଶ ସାଧିତ ହୋଇଛି ।

ପ୍ରଥମେ ଆମେରିକୀୟ ଲ୍ୟାଣ୍ଡ ଗ୍ରାଣ୍ଟ କୃଷି ଶିକ୍ଷା ପଦ୍ଧତି ଅନୁସାରେ ଉତ୍ତର ପ୍ରଦେଶର ପନ୍ତନଗର ଠାରେ ଗୋବିନ୍ଦ ବଲ୍ଲଭ ପନ୍ଥ କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ସ୍ଥାପିତ କରାଗଲା । ତାହା ପରେ ୧୯୬୨ ମସିହାରେ ରାଜସ୍ଥାନରେ ଉଦୟପୁର ଠାରେ କୃଷି ବିଶ୍ୱବିଦ୍ୟାଳୟ ଓ ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ ସ୍ଥାପନ କରାଗଲା । ଏହି ବିଶ୍ୱବିଦ୍ୟାଳୟ ସ୍ଥାପନ ପୂର୍ବରୁ ୧୯୫୪ ମସିହା ଜୁନ୍‌ମାସ ଠାରୁ ଉତ୍କଳ କୃଷି ମହାବିଦ୍ୟାଳୟ ସ୍ଥାପନ କରାଯାଇ ଓଡ଼ିଶାର କୃଷି ଶିକ୍ଷାର ବିକାଶପାଇଁ ବ୍ୟବସ୍ଥା କରାଯାଇଥିଲା । ପ୍ରଥମେ କୃଷି ମହାବିଦ୍ୟାଳୟରେ ୩୨ ଜଣ ଛାତ୍ର ଗ୍ରହଣ କରାଯାଇଥିଲା । ପରେ ତାହା ୧୨୮ ଓ ୨୫୦ କୁ ବୃଦ୍ଧି କରାଯାଇଥିଲା । କିନ୍ତୁ ୧୯୭୯ ମସିହାଠାରୁ ପ୍ରତିବର୍ଷ ୧୯୨ ଜଣ ଛାତ୍ର ଗ୍ରହଣ କରାଯାଉଅଛି । ଓଡ଼ିଶାରେ କୃଷିର ବିକାଶକୁ ଦ୍ରୁତତର କରିବାପାଇଁ ସମ୍ବଲପୁର ଜିଲ୍ଲାର ଚିପିଲିମାଠାରେ ଆଉ ଏକ କୃଷି କଲେଜ୍ ସ୍ଥାପନ କରାଯାଇଅଛି । ଏଠାରେ ୪୮ ଜଣ ଛାତ୍ରଙ୍କ ପାଇଁ ଅଧ୍ୟୟନର ବ୍ୟବସ୍ଥା କରାଯାଇଅଛି । କୃଷି ଶିକ୍ଷାରେ ସଫଳ ଲାଭ କରୁଥିବା ସ୍ନାତକ ଓ ସ୍ନାତକୋତ୍ତର ଯୁବକମାନେ ଓଡ଼ିଶାର କୃଷିବିଭାଗ, କୃଷି ଅନୁସନ୍ଧାନ ସଂସ୍ଥା ସାର ପ୍ରକଳ୍ପ ଏବଂ ଜାତୀୟକରଣ ବ୍ୟାଙ୍କଗୁଡ଼ିକରେ କାର୍ଯ୍ୟ କରୁଅଛନ୍ତି । ମେଧାବୀ ଛାତ୍ରମାନଙ୍କୁ କୃଷି ଶିକ୍ଷାରେ ସୁବିଧାଦେବା ପାଇଁ ପ୍ରବେଶିକା ପରୀକ୍ଷା ବ୍ୟବସ୍ଥା କରାଯାଉଅଛି । ଓଡ଼ିଶାର ଛାତ୍ରମାନଙ୍କ ବ୍ୟତୀତ ନେପାଳ ପ୍ରଭୃତି ପଡ଼ୋଶୀ ଦେଶ ଓ ଆଣ୍ଡାମାନ ନିକୋବର, ମଣିପୁର ପ୍ରଭୃତି ପଡ଼ୋଶୀ ରାଜ୍ୟରୁ ୫୦ ଜଣ ପର୍ଯ୍ୟନ୍ତ ଛାତ୍ର ଏହି ମହାବିଦ୍ୟାଳୟରେ ପଢ଼ିବାର ସୁଯୋଗ ପାଉଛନ୍ତି । ବଡ଼ ସୁଖର କଥା ଯେ ଛାତ୍ରୀମାନେ ପ୍ରଥମକରି ଏହି ବର୍ଷ ସ୍ନାତକ ରୂପେ ବାହାରିଛନ୍ତି । ବହୁ ବର୍ଷତଳେ କେବଳ ଜଣେ ଛାତ୍ରୀ ସ୍ନାତକ ରୂପେ ଏହି ବିଶ୍ୱବିଦ୍ୟାଳୟରୁ ବାହାରିଥିଲେ । ଶିକ୍ଷାଦାନ ପାଇଁ ଏହି ମହା ବିଦ୍ୟାଳୟରେ ୧୧ଟି ବିଭାଗ ରହିଛି । ସେଗୁଡ଼ିକ ହେଲା ମୃତ୍ତିକା କ୍ଷେତ୍ରବିଜ୍ଞାନ, ଉଦ୍ଭିଦ ପ୍ରଜନନ ଓ ଉଦ୍ଭିଦ ଶରୀରତତ୍ତ୍ୱ, ବିଜ୍ଞାନ ଉଦ୍ୟାନ, ଉଦ୍ଭିଦ ସଂରକ୍ଷଣ ସମ୍ବନ୍ଧୀୟ ବିଭାଗ ଏବଂ ପରିସଂଖ୍ୟାନ ଓ ଅର୍ଥନୀତି ବିଭାଗ ପ୍ରଭୃତି । ଏହା ବ୍ୟତୀତ ବିହନ ବିଜ୍ଞାନ ଓ ବନବିଜ୍ଞାନ ବିଷୟରେ ମଧ୍ୟ ଶିକ୍ଷାଦିଆଯାଉଅଛି । ନିକଟ ଭବିଷ୍ୟତରେ ଆହୁରି ଅନେକ କୃଷି ଶିକ୍ଷା ସମ୍ବନ୍ଧୀୟ ବିଭାଗ ଖୋଲିବାର ଯୋଜନା କରାଯାଉଛି ।

ଛାତ୍ରମାନଙ୍କୁ ଉନ୍ନତ ମାନର ଶିକ୍ଷାଦେବା ପାଇଁ ଅଭିଜ୍ଞ ଶିକ୍ଷକ ଉନ୍ନତ ମାନର ବିଜ୍ଞାନାଗାର ଓ କୃଷିକ୍ଷେତ୍ରମାନ ଅଛି । ଏହି ମହା ବିଦ୍ୟାଳୟରୁ ଏପର୍ଯ୍ୟନ୍ତ ୪୬୬୧ କୃଷି ଗ୍ରାଜୁଏଟ୍ ଏବଂ ୧୨୭୫ ଜଣ କୃଷି ପୋଷ୍ଟ ଗ୍ରାଜୁଏଟ୍ ଓ ୫୯ ଜଣ ପି.ଏଚ୍.ଡି.ରେ ଉତ୍ତୀର୍ଣ୍ଣହୋଇ କୃଷି ଉତ୍ପାଦନ ତଥା ଗ୍ରାମବିକାଶ ଦିଗରେ ସନ୍ତୋଷଜନକ କାର୍ଯ୍ୟ କରୁଛନ୍ତି ।

ଏହି ଅନୁଷ୍ଠାନରୁ ଶିକ୍ଷା ପ୍ରାପ୍ତ ଯୁବକମାନେ ଓଡ଼ିଶାରେ ଫଳ, ଫୁଲ, ପନିପରିବା ଓ କ୍ଷେତ୍ରବିଜ୍ଞାନ ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟରେ ମନ ନିବେଶ କରି ପ୍ରଧାନ ମନ୍ତ୍ରୀଙ୍କ କୋଡ଼ିଏ-ସୂତ୍ରୀ କାର୍ଯ୍ୟକ୍ରମ ଅନୁସାରେ ଗ୍ରାମାଞ୍ଚଳରେ କୃଷି ବିକାଶର ବିପ୍ଳବ ସୃଷ୍ଟି କରୁଛନ୍ତି । କୃଷିଶିକ୍ଷାର ପ୍ରସାରପାଇଁ ଅଧିକ ଶିକ୍ଷକମାନେ ସଂପ୍ରସାରଣ କାର୍ଯ୍ୟ କରିଥାଉ କୃଷିବିଭାଗର କର୍ମଚାରୀମାନଙ୍କୁ ତାଲିମଦେବା, ଚାଷୀମାନଙ୍କର କୃଷିସମ୍ବନ୍ଧୀୟ ସମସ୍ୟାର ସମାଧାନ କରିବା ପ୍ରଭୃତି କାର୍ଯ୍ୟରେ ସହଯୋଗ କରିଥାନ୍ତି । ଏହା ବ୍ୟତୀତ ଏହି ବିଶ୍ୱବିଦ୍ୟାଳୟର ଶିକ୍ଷକମାନେ ରେଡ଼ିଓ, ଟେଲିଭିଜନ୍, ପତ୍ରପତ୍ରିକା ମାଧ୍ୟମରେ କୃଷି ସମ୍ବନ୍ଧୀୟ ତଥ୍ୟ ଜନସାଧାରଣଙ୍କ ନିକଟରେ ପରିବେଷଣ କରିଥାଆନ୍ତି । ଏହି ମହାବିଦ୍ୟାଳୟର ପ୍ରତ୍ୟେକ ଶିକ୍ଷକ ଚାଷ କାର୍ଯ୍ୟରେ ଦେଖାଯାଉଥିବା ସମସ୍ୟାଗୁଡ଼ିକୁ ପୁଙ୍ଖାନୁପୁଙ୍ଖ-ଭାବେ ଆଲୋଚନା କରି ଗବେଷଣା କାର୍ଯ୍ୟକ୍ରମ ମଧ୍ୟ ପ୍ରସ୍ତୁତି କରନ୍ତି ଏବଂ ସ୍ନାତକୋତ୍ତର ଛାତ୍ରମାନଙ୍କ ଜରିଆରେ ତଥା ନିଜ ପ୍ରଚେଷ୍ଟାରେ ଏହି ସମସ୍ୟାଗୁଡ଼ିକର ସମାଧାନ କରନ୍ତି । ଏହି ବିଶ୍ୱବିଦ୍ୟାଳୟରୁ ଅନେକ ଉନ୍ନତ ଧରଣର ବିହନ ଉଦ୍ଭାବନ କରାଯାଇଅଛି । ସେଗୁଡ଼ିକ ମଧ୍ୟରେ ଜଗନ୍ନାଥ, ପାରିଜାତ ସୁପଦ୍ମା, ଯଯାତି, କେଶରୀ ପ୍ରଭୃତି ଧାନ, ସାଗରୀକା ଓ ଉତ୍କଳିକା କିସମର ଗହମ, ଦିବ୍ୟସିଂହ ଓ ନୀଳାଚଳ ... ଉନ୍ନତ ମାଣ୍ଡିଆ, ଧଉଳି ଓ ଶାରଳା କିସମର ମୁଗ ଓ ବିରି, କନକ ଓ କାଳିକା କିସମର ରାଶି ପ୍ରଭୃତି ପ୍ରଧାନ । ଏହା ବ୍ୟତୀତ ନୂତନ କିସମର ଅଦା, ଆଳୁ, ଟମାଟୋ, ବାଇଗଣ ପ୍ରଭୃତିର ଉଦ୍ଭାବନ ମଧ୍ୟ କରାଯାଇଛି ।

ଏସବୁ ସତ୍ତ୍ୱେ ୫.୬୭ ଲକ୍ଷ ଗ୍ରାମରେ ବାସ କରୁଥିବା ୫୦ କୋଟିରୁ ଊର୍ଦ୍ଧ୍ୱ ଲୋକମାନଙ୍କ ପାଖରେ ଆଧୁନିକ କୃଷି ବିଜ୍ଞାନର କଳ କୌଶଳ ପହଞ୍ଚାଇବାପାଇଁ ପର୍ଯ୍ୟାପ୍ତ ପରିମାଣରେ ମାନବ ସମ୍ବଳ ଆବଶ୍ୟକ । କୃଷି ସ୍ନାତକମାନେ ଏହି କାର୍ଯ୍ୟ ସୁସ୍ତୁରୂପେ ତୁଲାଇ ପାରିବେ । ଆମ ଦେଶର ଗରିବ ଚାଷୀ ଭାଇମାନେ ସେମାନଙ୍କର ସୀମିତ ଜମିରୁ ଅଧିକ ଉତ୍ପାଦନ ପାଇବା ପାଇଁ ଏବଂ କୃଷି ଶ୍ରମିକମାନଙ୍କର ଉନ୍ନତି କରିବାପାଇଁ କୃଷି ଶିକ୍ଷାକୁ ପ୍ରଧାନ ଆଭିମୁଖ୍ୟ ରୂପେ ଗ୍ରହଣ କରାଯାଉଛି ।

କିନ୍ତୁ କେତେକ ସାମାଜିକ, ଐତିହାସିକ ତଥା ଭୌଗୋଳିକ କାରଣ ହେତୁ କୃଷି ଉତ୍ପାଦନ ଆଶାନୁରୂପ ବଢ଼ିପାରୁ ନାହିଁ ତେବେ ଏହା କ୍ରମେ ବଢ଼ିବାରୁ ଲାଗିଛି । ଏହାର ମୂଳ କାରଣ ଅନେକ ଥାଇପାରେ, ଏକମାତ୍ର ପ୍ରଧାନ କାରଣ ହେଉଛି ପାରମ୍ପରିକ କୃଷି ପଦ୍ଧତି । କୃଷି ସ୍ନାତକମାନେ କୃଷକମାନଙ୍କୁ ପାଖକୁ ଏକ ଉନ୍ନତ କୃଷି ପ୍ରଣାଳୀ ନେଇ ପହଞ୍ଚିଲେ ତେବେ କୃଷକ ଭାଇମାନେ ତାଙ୍କ ପାଖରେ ଥିବା ଯାହା ଉତ୍ପାଦନକ୍ଷମ ପୋଷମାନିବ ପଦ୍ଧତିକୁ ସାତାରାତି ବଦଳାଇବାକୁ ବାଧ୍ୟ ହେଉଛନ୍ତି । ଅନେକ ଭାବନ୍ତି ଶାରୀରିକ କଷ୍ଟରେ କାମ କରିବ ନାହିଁ । କିନ୍ତୁ କଥା ... ଯାଇ ସେମାନଙ୍କର ମନ ମାନିବ । ଆମର କୃଷି ସ୍ନାତକମାନେ ଏ ଗୁଣରେ କି କମ୍ ନୁହନ୍ତି । କାରଣ ଶିକ୍ଷାଦାନ ସମୟରେ ସେମାନଙ୍କୁ ନିଜେ ଫସଲ ଉତ୍ପାଦିବା ଓ ତାର ଲାଭ କ୍ଷତିର ହିସାବ ରଖିବା ସମ୍ବନ୍ଧୀୟ ଶିକ୍ଷାଲାଭ କରିଥାନ୍ତି ଓ ପ୍ରତ୍ୟକ୍ଷ ଅନୁଭୂତି ସଂଗ୍ରହ କରିଥାନ୍ତି । ଆମର କେତେକ କୃଷି ସ୍ନାତକ ଚାକିରୀ ନକରି ନିଜର ଫାର୍ମ କରି ବ୍ୟବସାୟିକ କୃଷି କାର୍ଯ୍ୟକ୍ରମ ହାତକୁ ନେବାକୁ ଆରମ୍ଭ କଲେଣି ।

ପରିଶେଷରେ ଏତିକି କୁହାଯାଇପାରେ ଯେ ଆମପାଖରେ ଅନେକ ଉନ୍ନତ କୃଷି ବୈଷୟିକ ଜ୍ଞାନ ରହିଛି ଓ ଭବିଷ୍ୟତରେ ଆହୁରି ନୂତନ କୌଶଳ ଉଦ୍ଭାବନ ହେବ । ଏ ସବୁକୁ ଲୋକମାନଙ୍କ ପାଖରେ ପହଞ୍ଚାଇବାପାଇଁ ଅଧିକରୁ ଅଧିକ କୃଷି ସ୍ନାତକ ବାହାରିବା ଆବଶ୍ୟକ । ଏପରିକି ପ୍ରତ୍ୟେକ ପଞ୍ଚାୟତରେ କୃଷି ସ୍ନାତକ ରହିବା ଆବଶ୍ୟକ ଏବଂ ସେମାନଙ୍କୁ ସାମାଜିକ ସ୍ୱୀକୃତି ମିଳିବା ଉଚିତ୍ । ତେଣୁ ଏ ଉପରେ ୧୯୯୦ ମସିହାକୁ କୃଷି ଶିକ୍ଷା ବର୍ଷ ଘୋଷଣା କରାଯିବା ଆବଶ୍ୟକ ।

ଅଧ୍ୟକ୍ଷ
କୃଷି ମହାବିଦ୍ୟାଳୟ, ଭୁବନେଶ୍ୱର



# କୃଷି ଗବେଷଣାର ନୂତନ ଆଭିମୁଖ୍ୟ

ଡକ୍ଟର ସୀତାନାଥ ଦାସ

କୃଷିପ୍ରଧାନ ଦେଶମାନଙ୍କରେ ବିଜ୍ଞାନର ଅଗ୍ରଗତି ଏବଂ ଦେଶର ସାମୂହିକ ଉନ୍ନତି ଦିଗରେ କୃଷି ଗବେଷଣାର ଗୁରୁତ୍ୱ ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ । ଆମ ଦେଶରେ ତଥା ଓଡ଼ିଶାରେ କୃଷି ଗବେଷଣା ବିସ୍ତାର ଓ ବହୁମୁଖୀ କରିବା ପାଇଁ ଆଞ୍ଚଳିକ ଗବେଷଣାଗାରମାନ ପ୍ରତିଷ୍ଠା କରାଯାଇଅଛି । ଓଡ଼ିଶାରେ ଏହାଂପି ସାତୋଟି ବଡ଼ ଧରଣର ଏବଂ ଆଠୋଟି ସାନ ଗବେଷଣା କେନ୍ଦ୍ରମାନ ବିଭିନ୍ନ ଅଞ୍ଚଳରେ ପ୍ରତିଷ୍ଠା କରାଯାଇଅଛି । ଭବିଷ୍ୟତରେ ଏହି ଗବେଷଣା କେନ୍ଦ୍ରଗୁଡ଼ିକର ଗୁରୁତ୍ୱ ବିଶେଷ ଭାବରେ ବୃଦ୍ଧି ପାଇବ ଏବଂ ସେହିସବୁ ଅଞ୍ଚଳର କୃଷି ଭିତ୍ତିକ ସମସ୍ୟାଗୁଡ଼ିକୁ ପରୀକ୍ଷା ନିରୀକ୍ଷା କରି ଉପଯୁକ୍ତ ବୈଷୟିକ ଜ୍ଞାନ କୃଷକମାନଙ୍କ ପାଖରେ ଶୀଘ୍ର ପହଞ୍ଚାଇ ଦିଆଯିବ । ସେଥିପାଇଁ ଏହି ଆଞ୍ଚଳିକ ଗବେଷଣା କେନ୍ଦ୍ରଗୁଡ଼ିକର ସାମର୍ଥ୍ୟ ଓ ବୈଷୟିକ ସୁବିଧାରେ ଉନ୍ନତି କରାଯାଉଅଛି ।

ଅନେକ ସମୟରେ ପ୍ରଶ୍ନ ଆସେ କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ଗବେଷଣା ସଙ୍ଗଠନ କିପରି ଏବଂ ଏହାର ଅଭିମୁଖ୍ୟ କ'ଣ ? ଗବେଷଣା ଯୋଗ୍ୟ ସମସ୍ୟା କିପରି ନିରୂପଣ କରାଯାଏ ଏବଂ କାର୍ଯ୍ୟକ୍ରମ କିପରି ପ୍ରସ୍ତୁତ କରାଯାଏ? ତାହାର ଏକ ରୂପରେଖ ନିମ୍ନରେ ଦିଆଗଲା :–

(କ) ଗବେଷଣା ଯୋଜନା—

ପ୍ରତ୍ୟେକ ବର୍ଷ ଦୁଇଥର ବର୍ଷାଋତୁ ପୂର୍ବରୁ (March-April) ଓ ଶୀତଋତୁ ପୂର୍ବରୁ (July, August) ସମସ୍ତ ବଡ଼ ଆଞ୍ଚଳିକ ଗବେଷଣା କେନ୍ଦ୍ରମାନଙ୍କରେ ଏହି ବିଶ୍ୱବିଦ୍ୟାଳୟର ଅଧ୍ୟାପକ, ବୈଜ୍ଞାନିକ, କୃଷି ତଥା ଅନ୍ୟାନ୍ୟ ସରକାରୀ ବିଭାଗର ଆଞ୍ଚଳିକ ପଦାଧିକାରୀ ଏବଂ ଅନ୍ୟାନ୍ୟ କ୍ଷେତ୍ର କର୍ମଚାରୀମାନଙ୍କର ଏକ ସମାବେଶ ହୁଏ । ସେଠାରେ ଅଞ୍ଚଳର ସମସ୍ୟାମାନଙ୍କର ସମୀକ୍ଷା ହୁଏ । କୃଷକମାନଙ୍କର ଅଭାବ ଅସୁବିଧା ଓ କ୍ଷେତ୍ର ସମସ୍ୟା ସବୁ ଉପରେ ଆଲୋଚନା ହୁଏ । ଗବେଷଣାଯୋଗ୍ୟ ସମସ୍ୟାଗୁଡ଼ିକର ଏକ ତାଲିକା ତିଆରି ହୁଏ । ତା'ପରେ ବିଶେଷଜ୍ଞମାନଙ୍କର ଏକ ପରାମର୍ଶ କମିଟି ମାଧ୍ୟମରେ ପରୀକ୍ଷା ଯୋଜନାମାନ ବୈଜ୍ଞାନିକ ଦୃଷ୍ଟିକୋଣରୁ ସ୍ଥିରୀକୃତ ହୁଏ । ଶେଷରେ ଭୁବନେଶ୍ୱରଠାରେ ବିଶ୍ୱବିଦ୍ୟାଳୟର ପରିସର ମଧ୍ୟରେ କୁଳପତିଙ୍କ ସଭାପତିତ୍ୱରେ ଏକ ରାଜ୍ୟ ସ୍ତରୀୟ ଆଲୋଚନା ସଭା ବସେ । ସେଠାରେ ରାଜ୍ୟ ସରକାରଙ୍କର ଅଧିକାଂଶ କୃଷି ସମ୍ବନ୍ଧୀୟ ବିଭାଗମାନଙ୍କର ମୁଖ୍ୟ କର୍ମକର୍ତ୍ତାମାନେ ବସି ଆଞ୍ଚଳିକ ଗବେଷଣା କେନ୍ଦ୍ରରେ ନିର୍ଦ୍ଦେଶକମାନଙ୍କ ସହିତ ତଥା ବିଶ୍ୱବିଦ୍ୟାଳୟର ପ୍ରଫେସର ଓ ବିଭାଗୀୟ ମୁଖ୍ୟମାନଙ୍କ ସହିତ ବିଶଦଭାବେ ଆଲୋଚନା ହୁଏ । ପ୍ରତ୍ୟେକ ଆଞ୍ଚଳିକ ଗବେଷଣା କେନ୍ଦ୍ରର ଗବେଷଣା ପ୍ରସ୍ତାବ ଉପରେ ବିଚାର ହୋଇ ଦରକାର ହେଲେ ପରିବର୍ତ୍ତନ କରାଯାଏ । ରାଜ୍ୟର ସମୂହ ଉନ୍ନତିକୁ ଦୃଷ୍ଟିରେ ରଖି ସମନ୍ୱୟ ସ୍ଥାପନା କରାଯାଏ ଓ ତଦନୁସାରେ ଅଗ୍ରାଧିକାର ସ୍ଥିରୀକୃତ ହୁଏ । ପୂର୍ବ ବର୍ଷମାନଙ୍କର ଗବେଷଣାର ଫଳାଫଳ ମଧ୍ୟ ନିରୀକ୍ଷା କରାଯାଏ ଏବଂ ଆସନ୍ତା ବର୍ଷପାଇଁ ଗବେଷଣା ପ୍ରସ୍ତାବ ସବୁ ଗ୍ରହଣ କରାଯାଏ । ଏହିପରି ପରୀକ୍ଷା ତିନିବର୍ଷ ଚାଲିଲାପରେ ଫଳାଫଳ ଗ୍ରହଣଯୋଗ୍ୟ ହେଲେ ତାହାକୁ କୃଷକମାନଙ୍କ ଉପଯୋଗୀ ଫଳସବୁକୁ ପୁଣିଥରେ ପ୍ରୟୋଗାତ୍ମକ ଗବେଷଣା କେନ୍ଦ୍ରରେ ପରୀକ୍ଷାକରି ଚାଷୀମାନଙ୍କ ଦୃଷ୍ଟିକୁ ଅଣାଯାଏ । ଅଥବା ସିଧାସଳଖ ଚାଷୀମାନଙ୍କ କ୍ଷେତ୍ରରେ ପରୀକ୍ଷା କରାଯାଏ ।

(ଖ) ଗବେଷଣାର ପ୍ରକାର ଭେଦ—

୧. ମୌଳିକ ଗବେଷଣା (Basic research):– ବିଶ୍ୱବିଦ୍ୟାଳୟରେ ଥିବା ମହାବିଦ୍ୟାଳୟ ଓ ଅନେକ ବିଭାଗଗୁଡ଼ିକରେ ବିଭିନ୍ନ ବିଷୟରେ ମୌଳିକ ଗବେଷଣା ହୋଇଥାଏ, ଯଥା–କୌଣସି ଏକ ଜୀବାଣୁର ଜୀବନତତ୍ତ୍ୱ ଅଧ୍ୟୟନ, ଏଗୁଡ଼ିକର ଶ୍ରେଣୀବିଭାଗ କିମ୍ବା, ଶାରୀରିକ ତତ୍ତ୍ୱ ତଥା ପରିବେଶ ସମ୍ବନ୍ଧରେ ବିଶେଷଜ୍ଞାନ ଆହରଣ କରିବା ଏହାର ଲକ୍ଷ୍ୟ ।

୨. ବ୍ୟାବହାରିକ ଗବେଷଣା (Applied Research) :—

କୃଷି ସମ୍ବନ୍ଧୀୟ ସମସ୍ତ ଗବେଷଣା ଏହି ବ୍ୟାବହାରିକ ଗବେଷଣାର ଅନ୍ତର୍ଭୁକ୍ତ । ଏହାର ଚାରୋଟି ମୁଖ୍ୟ ଉଦ୍ଦେଶ୍ୟ ରହିଛି । ପ୍ରଥମତଃ ସମସ୍ତ ପ୍ରକାରର ଫସଲର ନୂତନ କିସମ ଆବିଷ୍କାର କରିବା ଏବଂ ପାରମ୍ପାରିକ କିସମଗୁଡ଼ିକର ଅମଳ କ୍ଷମତା ବୃଦ୍ଧି କରିବା । ଦ୍ୱିତୀୟରେ ଫସଲ ଅମଳ ବୃଦ୍ଧି ଦିଗରେ କ୍ଷେତ୍ର ବିଜ୍ଞାନରେ ଉନ୍ନତି ସାଧନ କରିବା ଯଥା ଭୂମି କର୍ଷଣ, ବୀଜ ବପନ, ବିହନ ପରିମାଣ ନିର୍ଣ୍ଣୟ, ରାସାୟନିକ ସାର ପ୍ରୟୋଗ ବିଧି ନିର୍ଦ୍ଧାରଣ, ଶସ୍ୟ ସଂରକ୍ଷଣ, କୀଟ ନାଶକ ଔଷଧର ବ୍ୟବହାର, ଫସଲ ରୋଗ ନିଦାନ, ଫସଲ ଅମଳପାଇଁ ଉପଯୁକ୍ତ ଜ୍ଞାନ କୌଶଳ ପ୍ରୟୋଗ, ଫସଲର ପରିବହନ ଏବଂ ବିକ୍ରୟ ଇତ୍ୟାଦି ବିଷୟରେ ଗବେଷଣା କରାଯାଉଛି ।

ତୃତୀୟ ଲକ୍ଷ୍ୟହେଲା ବିଭିନ୍ନ ରକମର ଆଞ୍ଚଳିକ ତଥା ଫସଲ ପର୍ଯ୍ୟାୟ ଓ ଫସଲ ବିନ୍ୟାସ ବିଷୟରେ ଗବେଷଣା । ନିପାଣିଆ ସ୍ଥାନରେ କେଉଁ ଫସଲ ଚାଷ କରାଯିବ, ଖାଲୁଆଜମି, କ୍ଷାରୀୟ ତଥା ଲବଣାକ୍ତ ଜମି, ପାହାଡ଼ିଆ ତଥା ଅଣ ଜଳସେଚିତ ଅଞ୍ଚଳ ପାଇଁ କେଉଁ ଫସଲ ହେବ ସେ ସମ୍ବନ୍ଧରେ ଗବେଷଣା କରିବା । ବିଭିନ୍ନ ପ୍ରକାରର ମୃତ୍ତିକା ଯଥା ଲୋହିତ ମୃତ୍ତିକା, କୃଷ୍ଣ ମୃତ୍ତିକା, ଜଳବାୟୁ ଓ ଋତୁମାନଙ୍କର ସୁବିଧା ଅନୁଯାୟୀ ଫସଲ ପର୍ଯ୍ୟାୟ ନିର୍ଣ୍ଣୟ କରିବା ଏହାର ଲକ୍ଷ୍ୟ

ଚତୁର୍ଥ ଲକ୍ଷ୍ୟ ହେଲା ଉନ୍ନତ ଧରଣର ଫସଲ ବିହନ ଉତ୍ପାଦନ କରିବା । ଓଡ଼ିଶାର କୃଷି ବିଭାଗର ସୁବିଧା ମୁତାବକ ବିଭିନ୍ନ କିସମର ଧାନ, ଗହମ, ଡ଼ାଲିଜାତୀୟ ଓ ତୈଳବୀଜ ଜାତୀୟ ଫସଲର ବିହନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କରାଯାଉଛି ।

ଏବେ ବିଶ୍ୱବିଦ୍ୟାଳୟରେ କେତେଗୁଡ଼ିଏ ବିଶେଷ ପ୍ରକଳ୍ପ ଯଥା ଟିସୁ କଲଚର କୌଶଳ ବ୍ୟବହାରରେ ନୂତନ ଧରଣର ଜ୍ଞାନ କୌଶଳ ଆବିଷ୍କାର କରାଯାଉଛି । ରିମୋଟ ସେନସିଂ ଜ୍ଞାନ କୌଶଳ ପ୍ରୟୋଗ ପ୍ରୟୋଗ କରି ମୃତ୍ତିକା ମାନଚିତ୍ର, ଶସ୍ୟମାନଚିତ୍ର, ଜଳ ସମ୍ପଦର ଚିତ୍ର ଇତ୍ୟାଦି ପ୍ରସ୍ତୁତ କରିବା ପାଇଁ ଯୋଜନା ଗ୍ରହଣ କରାଯାଉଅଛି । ଯୋଉଥିରୁ ଯଥା ବାଲୁକଣିକାର ସୁବିନିଯୋଗ କରିବା ପାଇଁ ଗବେଷଣାମାନ ଚାଲିଛି । ଓଡ଼ିଶାର ଜଳବାୟୁ ସମ୍ବନ୍ଧୀୟ ବିଗତ ପଚାଶବର୍ଷର ତଥ୍ୟ ଆଞ୍ଚଳିକ ଭିତ୍ତିରେ, ବ୍ଲକ ଭିତ୍ତିରେ ଓ ଗ୍ରାମ ଭିତ୍ତିରେ ସଂଗ୍ରହ କରାଯାଇ କମ୍ପ୍ୟୁଟର ସାହାଯ୍ୟରେ କରାଯିବ ଏବଂ ତଦନୁଯାୟୀ ଫସଲ ଖସଡ଼ା (Cropping Pattern) ପ୍ରସ୍ତୁତ କରାଯିବ ।

ଶେଷରେ ଭାରତୀୟ କୃଷି ଗବେଷଣା ପରିଷଦ ଅନୁଗ୍ରହ୍ୟରେ ବିଭିନ୍ନ ରକମର ପ୍ରାୟ ୪୩ଟି ପ୍ରକଳ୍ପ ଏହି ବିଶ୍ୱବିଦ୍ୟାଳୟ ଅଧୀନରେ ବିଭିନ୍ନ ଆଞ୍ଚଳିକ ଗବେଷଣା କେନ୍ଦ୍ରମାନଙ୍କରେ କାର୍ଯ୍ୟ କରୁଛି । ଏହାଦ୍ୱାରା ଗବେଷଣା ଦିଗରେ ବିଶ୍ୱବିଦ୍ୟାଳୟର ସାମର୍ଥ୍ୟ ବହୁ ପରିମାଣରେ ବଢ଼ିଯାଇଛି ।

୩. ସଂପ୍ରସାରଣ ଗବେଷଣା (Extension Research) :—

ବିଶ୍ୱବିଦ୍ୟାଳୟର ବିଭିନ୍ନ ଆଞ୍ଚଳିକ ଗବେଷଣା କେନ୍ଦ୍ରମାନଙ୍କରେ ଉଦ୍ଭାବନ ହେଉଥିବା ତଥ୍ୟର ଉପଯୁକ୍ତ ବିନିଯୋଗ କରିବା ପାଇଁ ଓ ତାକୁ କୃଷକମାନଙ୍କ ନିକଟରେ ପହଞ୍ଚାଇବା ପାଇଁ ବିଭିନ୍ନ ଜିଲ୍ଲାରେ ଉପଯୋଗୀ ଗବେଷଣା କେନ୍ଦ୍ର (Adaptive Research Station) ମାନ ସ୍ଥାପନ କରାଯାଇଛି । ଏହି କେନ୍ଦ୍ରମାନଙ୍କରେ ପ୍ରୟୋଗାତ୍ମକ ଜ୍ଞାନ କୌଶଳକୁ ପ୍ରଥମେ ପରୀକ୍ଷା କରାଯାଏ । ତା'ପରେ କୃଷକମାନଙ୍କର ନିଜ କ୍ଷେତ୍ରରେ ପରୀକ୍ଷା କରାଯାଇଥାଏ । ଏହି ଗବେଷଣା କେନ୍ଦ୍ରମାନଙ୍କରେ ହେଉଥିବା ପରୀକ୍ଷା (On Station Research) ବ୍ୟତୀତ କୃଷକମାନଙ୍କ ନିଜ କ୍ଷେତ୍ରରେ (On Farm Research) ମଧ୍ୟ ଗବେଷଣା ହେଉଛି । ବିଗତ ଅନେକ ବର୍ଷ ଧରି ଓଡ଼ିଶାରେ ଏହିପରି କାର୍ଯ୍ୟକାରୀ ଗବେଷଣା ପ୍ରକଳ୍ପ (Operational Research Project) କାର୍ଯ୍ୟକାରୀ ହୋଇ ଆସୁଛି । ଏହି ପ୍ରକଳ୍ପ ମାଧ୍ୟମରେ ନୂତନ କୃଷି ପଦ୍ଧତି, ନୂତନ ଫସଲ କିସମ ଚାଷୀମାନେ ଖୁବ୍ ଶୀଘ୍ର ବ୍ୟବହାର କରି ଲାଭବାନ ହୋଇ ପାରୁଛନ୍ତି । ଏହି ଜାତୀୟ ଅନ୍ୟ ଏକ କୃଷକ କ୍ଷେତ୍ରରେ ଗବେଷଣା (Experiments in Cultivator's Field) ମଧ୍ୟ ଅଧିକାଂଶ ଜିଲ୍ଲାମାନଙ୍କରେ କାର୍ଯ୍ୟକାରୀ ହୋଇ ଆସୁଅଛି । ଏହାଦ୍ୱାରା କୃଷକମାନେ ନୂତନ କୃଷି ପଦ୍ଧତି ଗ୍ରହଣ କରିବାରେ ଆଗ୍ରହ ପ୍ରକାଶ କରିବା ସଙ୍ଗେ ସଙ୍ଗେ ବୈଜ୍ଞାନିକ ତଥ୍ୟ ସମ୍ବନ୍ଧରେ ଖୁବ୍ ଶୀଘ୍ର ଜାଣି ପାରୁଛନ୍ତି ।

ପନ୍ଦରଗୋଟି ଗବେଷଣା କେନ୍ଦ୍ର ଓ ଆଉ ଚାରିଗୋଟି ବିହନ ଉତ୍ପାଦନ କେନ୍ଦ୍ରର ରକ୍ଷଣାବେକ୍ଷଣ ଓ ପରିଚାଳନା ଏକ ଦୁରୂହ ବ୍ୟାପାର । ସେଥି ସହିତ ଭାରତ ସରକାରଙ୍କ ଏବଂ ଅନ୍ୟାନ୍ୟ ଅନ୍ତର୍ଜାତୀୟ ଅନେକ ପ୍ରକାରର ପ୍ରକଳ୍ପର ସୁପରିଚାଳନା କରିବାର ଦାୟିତ୍ୱ ରହିଛି । ଏହାଛଡ଼ା କୃଷି ବିଭାଗ, ମୃତ୍ତିକା ସଂରକ୍ଷଣ ବିଭାଗ, ଉଦ୍ୟାନ ବିଭାଗ, ପଶୁପାଳନ ବିଭାଗ, ବନ୍ୟ ବିଭାଗ, ମତ୍ସ୍ୟ ବିଭାଗ, ଜଳସେଚନ ବିଭାଗ, ରାଜ୍ୟ ଅକ୍ଷୟ ଶକ୍ତି ବିକାଶ ସଂସ୍ଥା, ବିଜ୍ଞାନ ଓ ପରିବେଶ ବିଭାଗ ଏବଂ ଅନ୍ୟାନ୍ୟ ରାଜ୍ୟ ବିଶ୍ୱବିଦ୍ୟାଳୟ, ଭାରତୀୟ କୃଷି ତଥା ମତ୍ସ୍ୟଚାଷ ଗବେଷଣା ପ୍ରତିଷ୍ଠାନ ସହିତ ଯୋଗାଯୋଗ ସ୍ଥାପନ କରିବାର ଆବଶ୍ୟକତା ରହିଛି । ଆହୁରି ମଧ୍ୟ ଆନ୍ତର୍ଜାତୀୟ କ୍ଷେତ୍ରରେ ଫିଲିପାଇନସ୍ଥିତ ଆନ୍ତର୍ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, ଆନ୍ତର୍ଜାତୀୟ ପନିପରିବା ଗବେଷଣା କେନ୍ଦ୍ର, ପଟାସ ପ୍ରତିଷ୍ଠାନ, ଫୋର୍ଡ ଫାଉଣ୍ଡେସନ, ୟୁ. ଏସ. ଏ. ଆଇ. ଡି., ବିଶ୍ୱବ୍ୟାଙ୍କ, ଇତ୍ୟାଦି ସଂସ୍ଥା ସହିତ ଯୋଗାଯୋଗ ମଧ୍ୟ ରହିଛି । ଏହାଦ୍ୱାରା ନୂତନ ତଥ୍ୟଗୁଡ଼ିକର ବିନିଯୋଗ ତ୍ୱରାନ୍ୱିତ ହୋଇପାରୁଛି ।

୪. ନୀତି ନିର୍ଦ୍ଧାରଣ ଗବେଷଣା ( Policy Research)

ଉପରୋକ୍ତ ସମସ୍ତ ପ୍ରକାରର ଗବେଷଣାରୁ ଯେଉଁସବୁ ଜ୍ଞାନ ଆବିଷ୍କାର କରାଯାଇଛି ତାହାର ତାତ୍ତ୍ୱିକ ବିଶ୍ଳେଷଣ କରି ନୀତି ନିର୍ଦ୍ଧାରଣ କରିବା ପାଇଁ ସରକାର ତଥା

ପ୍ରବିଣ୍ୟ ସଂସ୍ଥାଗୁଡ଼ିକୁ ଉପଦେଶ ଦେବା ତଥା ତଥ୍ୟ ଯୋଗାଇ ଦେବା ଏହାର ଉଦ୍ଦେଶ୍ୟ । ଯେ କୌଣସି ବୈଜ୍ଞାନିକ ବ୍ୟକ୍ତି ତାଙ୍କର ପରିକଳ୍ପନା ଅଥବା ନୂତନ ଦିଗ୍‌ଦର୍ଶନ ଦେଉଥିବା ଚିନ୍ତାଧାରାକୁ ପ୍ରକାଶ କରିବା ପାଇଁ ବା ସେଥିର ବିଶଦ ଆଲୋଚନା, ପର୍ଯ୍ୟାଲୋଚନା କରିବାର ସୁଯୋଗ ଦେବା ଏହି ପ୍ରକୋଷ୍ଠର ଉଦ୍ଦେଶ୍ୟ । ଏହାଦ୍ୱାରା ନୂତନ ଗବେଷକମାନେ ବରିଷ୍ଠ ଗବେଷକମାନଙ୍କ ସଂସ୍ପର୍ଶରେ ଆସି ନିଶ୍ଚିତ ଉତ୍ସାହିତ ହେବେ ।

କୌଣସି ଏକ ସମସାମୟିକ ବିଷୟବସ୍ତୁ ଉପରେ ଧାରାବାହିକ ଭାବରେ ଯୁଗାନ୍ତକାରୀ ବକ୍ତୃତାମାଳା ପ୍ରସ୍ତୁତ କରିବା ମଧ୍ୟ ଏହାର ଲକ୍ଷ୍ୟ । ଏହାଦ୍ୱାରା ଜନସାଧାରଣ ତଥା ବିକାଶମୂଳକ ଯୋଜନା ପ୍ରସ୍ତୁତ କରୁଥିବା ବ୍ୟକ୍ତିମାନେ ମତ ନିର୍ଦ୍ଧାରଣ କରିବାରେ ବିଶେଷ ଉପକୃତ ହେବେ ।

ଅଧ୍ୟାୟ, ଗବେଷଣା ଓ ସମ୍ପ୍ରସାରଣ ଶିକ୍ଷା ବିଭାଗ
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ,
ଭୁବନେଶ୍ୱର ।

## ଆପଣମାନେ ଶୁଣିନ ଥିବେ...

### ତୁଳସୀ ପତ୍ରର ଗର୍ଭନିରୋଧ ଶକ୍ତି

ଆଜିକାଲି ଗର୍ଭନିରୋଧ ପାଇଁ ଅନେକ ଉପାୟ ଆବିଷ୍କାର କରାଯାଇଛି । ଏଥିପାଇଁ ଗର୍ଭନିରୋଧ ବଟିକା, ନିରୋଧ ତଥା ଅସ୍ତ୍ରୋପଚାର ଆଦି ଅନେକ ପଦ୍ଧତି ଅନୁସରଣ କରାଯାଉଛି । ମାତ୍ର ଅନେକ ହୁଏତ ଜାଣି ନଥିବେ ଯେ ତୁଳସୀପତ୍ରରେ ମଧ୍ୟ ଗର୍ଭନିରୋଧ ଶକ୍ତି ରହିଛି ।

ଜବାହରଲାଲ ଡାକ୍ତରୀ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନର କେତେଜଣ ବୈଜ୍ଞାନିକ ଗବେଷଣା କରି ଏହା ଜାଣି ପାରିଛନ୍ତି । କେତୋଟି ପୁରୁଷ ମୂଷାଙ୍କୁ ପ୍ରତିଦିନ ୪୦୦ ମିଲିଗ୍ରାମ କରି ତୁଳସୀପତ୍ର ଖାଇବାକୁ ଦିଆଯାଇଥିଲା । ଏଥି ସହିତ ମୂଷାମାନଙ୍କର ଦୈନନ୍ଦିନ ଖାଦ୍ୟରେ କୌଣସି ପରିବର୍ତ୍ତନ କରାଯାଇ ନ ଥିଲା । ମାସେ ପର୍ଯ୍ୟନ୍ତ ଏହିପରି କରାଗଲା ପରେ ଦେଖାଗଲା ଯେ ମୂଷାମାନେ ପ୍ରଜନନ ଶକ୍ତି ହରାଇଛନ୍ତି । ମାଈ ମୂଷାଙ୍କ ସହିତ ସଂଗମ ହେଲେ ମଧ୍ୟ ଗର୍ଭ ଧାରଣ ହେଉ ନାହିଁ ।

ଅନ୍ୟାନ୍ୟ ପ୍ରାଣୀ ଓ ମଣିଷଙ୍କ କ୍ଷେତ୍ରରେ ମଧ୍ୟ ଗର୍ଭନିରୋଧ ପାଇଁ ତୁଳସୀ ପତ୍ର ବ୍ୟବହାର କରାଯାଇ ପାରିବ ବୋଲି ବୈଜ୍ଞାନିକମାନେ ମତ ଦିଅନ୍ତି ।

### ନୂଆ ପ୍ରଣାଳୀରେ ୟୁରିଆ ସାର ପ୍ରୟୋଗ

ସାଧାରଣତଃ ଜମିରେ ୟୁରିଆ ସାର ପ୍ରୟୋଗ କଲେ ଅଧିକାଂଶ ଅଂଶ ପାଣିରେ ଭେଦି ମାଟି ତଳକୁ ଗଳିଯାଏ । ଫଳରେ ଫସଲ ଉପଯୁକ୍ତ ପରିମାଣର ଯବକ୍ଷାରଜାନ ପାଏ ନାହିଁ । ଧାନ ବିଲରେ ଅଧିକ ପାଣି ରହୁଥିବାରୁ ଏହି ସମସ୍ୟା ଉତ୍କଟ ହୋଇଥାଏ ।

ଚାଷୀମାନଙ୍କୁ ଏହି ସମସ୍ୟାରୁ ରକ୍ଷା କରିବା ପାଇଁ ତାମିଲନାଡୁ କୃଷି ବିଶ୍ୱବିଦ୍ୟାଳୟ ତରଫରୁ ଏକ ଅଭିନବ ଉପାୟ ଆବିଷ୍କାର କରାଯାଇଅଛି । ଏହି ପ୍ରଣାଳୀରେ ନିମ ପିଡ଼ିଆକୁ ଚୂର୍ଣ୍ଣ କରି ୟୁରିଆ ସାର ସହିତ ୧ : ୫ ଅନୁପାତରେ ମିଶାଇ ଦିଆଯାଏ । ଏଥି ସହିତ ଏକ କିଲୋଗ୍ରାମ ନିମ ପିଡ଼ିଆରେ ୧୦ ମିଲିଲିଟର ଲେଖାଏଁ କିରୋସିନି ତେଲ ମିଶାଇ ଦେବାକୁ ହୁଏ । ଏହି ମିଶ୍ରଣକୁ ୨୪ ଘଣ୍ଟା ରଖିଦେଲେ ୟୁରିଆସାର ଉପରେ ପତଳା ଆସ୍ତରଣଟିଏ ଜମିଯାଏ । ଫଳରେ ଜମିରେ ପ୍ରୟୋଗ କରାଗଲେ ଖୁବ୍ ଆସ୍ତେ ଆସ୍ତେ ଏହା ପାଣିରେ ମିଶେ ଓ ମାଟିତଳକୁ ଗଳିଯାଏ ନାହିଁ । ଆଇଆର-୨୦ କିସମ ଧାନରେ ଏହି ପ୍ରଣାଳୀରେ ସାର ପ୍ରୟୋଗ କରି ଶତକଡ଼ା ୨୦ ଭାଗ ସାର ଖର୍ଚ୍ଚ କରାଯାଇ ପାରିଛି ବୋଲି ଜଣାଯାଇଛି ।



# ଦୁଗ୍ଧ ଉତ୍ପାଦନର ଅର୍ଥନୀତିରେ ଘାସ ଚାଷର ଭୂମିକା

ଡଃ ନୃସିଂହ ଚରଣ ପଣ୍ଡା

ଓଡ଼ିଶାରେ ଦୁଗ୍ଧ-ଉତ୍ପାଦନ ଅଧିକ ହେଉ, ଏଥିପାଇଁ ସରକାର ଅନେକ ପରିଯୋଜନା କାର୍ଯ୍ୟକାରୀ କରୁଛନ୍ତି । ଲୋକଙ୍କର ସ୍ୱାସ୍ଥ୍ୟପାଇଁ ଦୈନିକ ଆହାରରେ ଦୁଗ୍ଧ ତଥା ଦୁଗ୍ଧଜାତ ଦ୍ରବ୍ୟ ରହିବା ଉଚିତ । ବିଶେଷତଃ, ଶିଶୁ, ଗର୍ଭବତୀ ଓ ସ୍ତନ୍ୟଦାତ୍ରୀ ମାତା ଏବଂ ବୃଦ୍ଧ ଓ ରୋଗୀ ଲୋକଙ୍କପାଇଁ ଦୁଗ୍ଧର ଆବଶ୍ୟକତା ଅତି ବେଶୀ । ଲୋକଙ୍କର ଅର୍ଥନୈତିକ ଉନ୍ନତିପାଇଁ ଗୋପାଳନ ଏକ ଉତ୍ତମ ପନ୍ଥା । ଚାକିରୀ ନ ପାଉଥିବା ଶିକ୍ଷିତ ଯୁବକମାନେ ବୈଜ୍ଞାନିକ ପଦ୍ଧତିରେ ଗୋପାଳନ କରି ନିଜନିଜର ଜୀବିକା ନିର୍ବାହ କରି ପାରିବେ । ଭୂମିହୀନ ଶ୍ରମିକମାନେ, ନାମମାତ୍ର ଓ କ୍ଷୁଦ୍ର ଚାଷୀମାନେ ଅଧିକ ଜମି ପାଇ ପାରିବେ ନାହିଁ । ସେମାନେ ଗୋପାଳନ କଲେ ନିଜର ଅର୍ଥନୈତିକ ଅବସ୍ଥାରେ ଉନ୍ନତି ଆଣି ପାରିବେ । ମିଶ୍ରିତ କୃଷିରେ ଗୋପାଳନର ସ୍ଥାନ ନିଶ୍ଚିତ ଭାବରେ ଗୁରୁତ୍ୱପୂର୍ଣ୍ଣ । ଏହି ସବୁ ଦୃଷ୍ଟିରୁ ବିଚାର କରି ସରକାର ଓ ଜନସାଧାରଣ ଉପଲବ୍ଧି କରି ପାରିଛନ୍ତି ଯେ ଓଡ଼ିଶାରେ ଦୁଗ୍ଧ-ଉତ୍ପାଦନ ପରିଯୋଜନା ଗୁଡ଼ିକୁ ତ୍ୱରାନ୍ୱିତ ଓ ସଫଳୀକୃତ କରି ପାରିଲେ ଲୋକଙ୍କର ମଙ୍ଗଳ ହେବ ଏବଂ ରାଜ୍ୟର ସମୃଦ୍ଧି ହେବ ।

ଆମ ରାଜ୍ୟରେ ଯେଉଁ ଦେଶୀ ଗାଈମାନେ ଅଛନ୍ତି, ସେମାନଙ୍କର ଦୁଗ୍ଧ-ଉତ୍ପାଦିକା-ଶକ୍ତି ହ୍ରାସପ୍ରାପ୍ତ ହୋଇ ସାରିଛି । ହାରାହାରି ବିଚାର କଲେ ଗୋଟିଏ ଗାଈ ଦିନକୁ ଅଧ ଲିଟର କ୍ଷୀର ଦିଏ । ଉନ୍ନତ ପ୍ରଜନନ, ସନ୍ତୁଳିତ ପୋଷଣ ଏବଂ ଉପଯୁକ୍ତ ପରିପାଳନ ଦ୍ୱାରା ଏଇ ଦେଶୀ ଗାଈମାନଙ୍କୁ ଅଧିକ ଦୁଗ୍ଧବତୀ କରି ହେବ । ମାତ୍ର ଆମର ଲକ୍ଷ୍ୟ ହାସଲ କରିବାକୁ ହେଲେ ଏହି ପ୍ରଣାଳୀରେ ହୁଏତ ପଚାଶ ବର୍ଷ ଅପେକ୍ଷା କରିବାକୁ ପଡ଼ିବ । ଏତେ ବିଳମ୍ବରେ ଲକ୍ଷ୍ୟ ହାସଲ ନ କରି ଆମେ ତ୍ୱରାନ୍ୱିତ ଫଳ ଚାହୁଁ । ଲୋକେ ଗାଈ ଉପଲବ୍ଧ ହୁଅନ୍ତୁ, ଏହା ସରକାରଙ୍କର ଅଭିଳାଷ । ଏହି ଉଦ୍ଦେଶ୍ୟନେଇ ସରକାର ବିଦେଶୀ ଷଣ୍ଢ ଆଣିଛନ୍ତି । [illegible] ଖାଦ୍ୟ ପାଇଁ ଉନ୍ନତ ଜାତୀୟ ଷଣ୍ଢକୁ ବଢ଼ା ଯାଉଛି । କୃତ୍ରିମ ପ୍ରଜନନ ଦ୍ୱାରା ଦେଶୀ ଗାଈକୁ ଇଞ୍ଜେକ୍‌ସନ୍ ଦେଇ ସଙ୍କର ବର୍ଣ୍ଣ ବାଛୁରୀ ଉତ୍ପାଦନ କରି ହେଉଛି । ଆଜି ଇଞ୍ଜେକ୍‌ସନ୍ ଦେଲେ ନଅମାସ ଦଶ ଦିନରେ ସଙ୍କର ବର୍ଣ୍ଣ ବାଛୁରୀଟିଏ ମିଳି ପାରିବ ଏବଂ ସେଟି ମାଈ ବାଛୁରୀ ହୋଇଥିଲେ ଆଉ ଦୁଇ ବର୍ଷରେ ସେ ଛୁଆ ଜନ୍ମ କରିବ ଏବଂ କ୍ଷୀର ଦେବ । ଗୋଟିଏ ଭଲ ଜର୍ସି ଗାଈ ଦିନକୁ ଦଶରୁ ପନ୍ଦର ଲିଟର କ୍ଷୀର ଦେବ । ତେବେ ଗୋଟିଏ ଜର୍ସି ଗାଈଠାରୁ ଦିନକୁ ହାରାହାରି ଛଅ ଲିଟରରୁ କମ୍ କ୍ଷୀର ମିଳିଲେ ପରିପାଳନରେ ଗୁରୁତର ତ୍ରୁଟି ରହି ଯାଉଛି ବୋଲି ଧରି ନେବାକୁ ପଡ଼ିବ ।

ଓଡ଼ିଶାରେ ଚାରଣଭୂମି କ୍ୱଚିତ ଅଛି । ଯାହାକୁ ଆମେ ଗୋଚର ବୋଲି କହୁ, ସେଥିରେ ବର୍ଷସାରା ଘାସ ଉଠେ ନାହିଁ । ଏପରି ପରିସ୍ଥିତିରେ ଆମର ଗାଈମଇଁଷିମାନେ ସବୁଜ ଗୋଖାଦ୍ୟ ଆଦୌ ପାଆନ୍ତି ନାହିଁ । ବିନା ସବୁଜ ଗୋଖାଦ୍ୟରେ ଦୁଗ୍ଧ ଉତ୍ପାଦନ କରି ହେବ । ମାତ୍ର ଏପରି କଲେ କ୍ଷୀରର ପରିମାଣ କମିଯିବ ଏବଂ ଉତ୍ପାଦନ-ବ୍ୟୟ ବଢ଼ିଯିବ ।

ମନେ କରାଯାଉ, ଗୋଟିଏ ଗାଈ ଦିନକୁ ଦଶ ଲିଟର କ୍ଷୀର ଦେଉଛି । ଏହି ଗାଈ ତା'ର ପରିପୋଷଣ ପାଇଁ ଦିନକୁ ଦୁଇ କିଲୋ ଦାନା ଖାଇବ ଏବଂ ଦଶ ଲିଟର କ୍ଷୀର-ଉତ୍ପାଦନ ପାଇଁ ପାଞ୍ଚ କିଲୋ ଦାନା ଖାଇବ । ସାତ କିଲୋ ଦାନା ବ୍ୟତୀତ, ଏହି ଗାଈ ଦିନକୁ ଛଅ କିଲୋ ନଡ଼ା ଖାଇବ । ସାତ କିଲୋ ଦାନାର ଦାମ୍ ଚଉଦ ଟଙ୍କା ଏବଂ ଛଅ କିଲୋ ନଡ଼ାର ଦାମ୍ ପାଞ୍ଚ ଟଙ୍କା ହେଲେ, ଗୋଟିଏ ଗାଈର ଦୈନିକ ଖାଦ୍ୟ ଖର୍ଚ୍ଚ ଉଣେଇଶ ଟଙ୍କା ପଡ଼ିବ ।

ନଡ଼ାରେ ଯଥେଷ୍ଟ ପରିମାଣରେ ପୋଷକ ନ ଥାଏ । ଏଥିରେ ପାଚ୍ୟ ପ୍ରୋଟିନ ମୋଟେ ନ ଥାଏ; ଶକ୍ତିଦାୟକ ପାଚ୍ୟ କମ୍ ଥାଏ; କାଲସିଅମ୍ ଓ ଫସ୍‌ଫୋରସ୍ ପରି ଗୁରୁତ୍ୱପୂର୍ଣ୍ଣ ଖଣିଜ ସ୍ୱଳ୍ପ ମାତ୍ରାରେ ଥାଏ । ଅଧିକନ୍ତୁ, ଏଥିରେ ଅକ୍ସାଲିକ୍ ଅମ୍ଳ ଥାଏ, ଯାହା ଖାଦ୍ୟରେ ଥିବା କାଲସିଅମକୁ

ଅଭାବ ଘଟିଥାଏ । ଏହିସବୁ କାରଣରୁ ଧାନଚାଷ ହେଉଥିବା [illegible] ଅଞ୍ଚଳର ପାଳକମାନେ ଖଡ଼ଖାଦ୍ୟ ଓ ଚୁନିଏ ଏବଂ ନଡ଼ା ଉପରେ ମୁଖ୍ୟତଃ ନିର୍ଭର କରୁଥିବା ଗାଈମାନେ କମ କ୍ଷୀର ଦିଅନ୍ତି ।

ସେହିଭଳି ଦୁଗ୍ଧବତୀ ଗାଈକୁ ନଡ଼ା ଖାଇବାକୁ ଦେଲେ, ତାକୁ ଅଧିକ ଦାନା ଖୁଆଇବାକୁ ପଡ଼ିବ ଏବଂ ସେହି ଦାନାରେ କେତେକ ବିଶେଷ ଜିନିଷ ମିଶୁଥିବାରୁ ତାର ଦାମ ବଢ଼ିଯିବ । ନଡ଼ା ଖାଉଥିବା ଗାଈର ଦାନାରେ କୃତ୍ରିମ ଉପାୟରେ ତିଆରି ହେଉଥିବା ଭିଟାମିନ 'ଏ' ମିଶିଥାଏ । ସେଥିରେ ଯଥେଷ୍ଟ ମାତ୍ରାରେ ଖଣିଜମିଶ୍ରଣ [illegible] । ସେଥିରେ ଉଚ୍ଚ ଗୁଣର ପିଡ଼ିଆ ମିଶିଥାଏ; ଏବଂ ସେଥିରେ ମକାପରି ଧାନ୍ୟଜ ଓ କୋଳଥ ପରି ଶିମ୍ବଜ ପଦାର୍ଥର ଭାଗ ଅଧିକ ଥାଏ । ଏହି ସବୁ କାରଣରୁ ନଡ଼ା ଓ ଦାନା ଖୁଆଇ ଗାଈ ପାଳିବାକୁ ହେଲେ ଖାଦ୍ୟ-ଖର୍ଚ୍ଚ ବଢ଼ିଯାଏ । ଫଳରେ ଦୁଗ୍ଧ-ଉତ୍ପାଦନ ଖର୍ଚ୍ଚ ବଢ଼ିବାକୁ ବାଧ୍ୟ ହୋଇଥାଏ ।

ସବୁଜ ଗୋଖାଦ୍ୟ ଖୁଆଇ ଗାଈ ପାଳିଲେ ଅର୍ଥନୀତିରେ କି ସୁବିଧା ହୁଏ, ତା ଏଠାରେ ବିଚାର କରାଯାଇ ପାରେ । ଦଶ ଲିଟର କ୍ଷୀର ଦେଉଥିବା ଗୋଟିଏ ଗାଈକୁ ଦିନ ଭିତରେ ୪୦ କିଲୋ ତୃଣକ-ମିଶ୍ରଣ (ମକା ୨: ବରଗୁଡ଼ି ୧) ଏବଂ ଦୁଇ କିଲୋ ଦାନା ଦିଆଯାଇପାରେ । ତୃଣକ ମିଶ୍ରଣକୁ କୁଇଣ୍ଟାଲ ପିଛା ପନ୍ଦର ଟଙ୍କାରେ କିଣିଲେ, ୪୦ କିଲୋ ପାଇଁ ଛଅଟଙ୍କା ଖର୍ଚ୍ଚ ହୁଏ । ଦୁଇକିଲୋ ଦାନାର ଦାମ୍ ଚାରି ଟଙ୍କା । ଅତଏବ ଦିନକୁ ମାତ୍ର ଦଶଟଙ୍କା ଖର୍ଚ୍ଚ କରି ଦଶ ଲିଟର କ୍ଷୀର ମିଳି ପାରିବ । ଯଦି ଏହି ଗାଈକୁ ନଡ଼ା ଓ ଦାନା ଖୁଆଯାଏ, ତେବେ ଦୈନିକ ଖୁଆଇବା ଖର୍ଚ୍ଚ [illegible] ଟଙ୍କା ପଡ଼ିବ ।

ଦୁଗ୍ଧବନ୍ୟା ପରିଯୋଜନାକୁ ସଫଳ କରିବାକୁ ହେଲେ, ଦେଶରେ ତଥା ରାଜ୍ୟରେ ଶ୍ୱେତବିପ୍ଳବ ସୃଷ୍ଟି କରିବାକୁ ହେଲେ ଆମକୁ ସବୁଜ ଗୋଖାଦ୍ୟ ଚାଷ କରିବାକୁ ପଡ଼ିବ । ସବୁଜ ମକାଗଛ ଖୁଆଇଲେ, ଗୋଟିଏ ଗାଈ ଦିନକୁ ପଚିଶ କିଲୋ ଖାଇ ବିନା ଦାନାରେ ହୁଏତ ଦୁଇ ଲିଟର କ୍ଷୀର ଦେଇ ପାରିବ । ଯଦି ଏପରି ଗାଈକୁ ଅଧ କିଲୋ ବାଦାମ-ପିଡ଼ିଆ ଏବଂ ପଚାଶ ଗ୍ରାମ୍ ଖଣିଜ-ମିଶ୍ରଣ ଖୁଆଯାଏ, ତେବେ ଏ ଗାଈ ଦିନକୁ ପାଞ୍ଚ ଲିଟର ପର୍ଯ୍ୟନ୍ତ କ୍ଷୀର ଦେଇ ପାରିବ । କେବଳ ସବୁଜ ମକାଗଛ ନ ଖୁଆଇ ତୃଣକ-ମିଶ୍ରଣ ଖୁଆଇଲେ ବିନା ଦାନାରେ ଗାଈ ଦିନକୁ ସାତ ଆଠ ଲିଟର ପର୍ଯ୍ୟନ୍ତ କ୍ଷୀର ଦେଇ ପାରିବ । ଯଦି ଗାଈ ଏଠାରୁ ଅଧିକ କ୍ଷୀର ଦିଏ ତେବେ ଦାନା ଖୁଆଇବା ଅନିବାର୍ଯ୍ୟ ହୋଇ ପଡ଼େ । ଆଠ ଲିଟର କ୍ଷୀର ପରେ ପ୍ରତି ଅଢ଼େଇ ଲିଟର କ୍ଷୀର ପାଇଁ ଏକ କିଲୋ ଦାନା ଦେଲେ ଯଥେଷ୍ଟ ହେବ ।

ତୃଣକ-ମିଶ୍ରଣ କ'ଣ ? ଇଂରାଜୀରେ ଯାହାକୁ ଫଡର (Fodder) କୁହାଯାଏ, ତାକୁ ଆମେ ଭାରତୀୟ ଭାଷାରେ ତୃଣକ କହି ପାରିବା । ତୃଣ ମାନେ ଘାସ । କିନ୍ତୁ ତୃଣକ ମାନେ ଘାସ ନୁହେଁ । ଚରଣ ଘାସ, ଚାଷ କରାଯାଉଥିବା ଘାସ (ଗିନି, ହାତିଆ, ପାରା ଇତ୍ୟାଦି), ମକା, ବାଜରା, ଜହ୍ନରା ଇତ୍ୟାଦି ଧାନ୍ୟଜ (cereal) ଗଛ ଏବଂ ବରଗୁଡ଼ି, ଗୁଆଁର, ବରଶିମ ଓ ଲୁସର୍ଣ୍ଣ, ଇତ୍ୟାଦି ଶିମ୍ବଜ (legume) ଗଛକୁ ଗୋଟିଏ ଶବ୍ଦରେ ପ୍ରକାଶ କରିବାକୁ ହେଲେ, ତାକୁ ଆମେ ତୃଣକ (Fodder) ବୋଲି କହିଥାଉ । ଧାନ୍ୟଜ ଗଛ ଅପେକ୍ଷା ଶିମ୍ବଜ ଗଛରେ ଅଧିକ ପ୍ରୋଟିନ ଥାଏ । ଉଦାହରଣ ସ୍ୱରୂପ, ମକା, ବାଜରା, ବା ଜହ୍ନରା ଗଛରେ ଯେତେ ପ୍ରୋଟିନ ଥାଏ, ବରଗୁଡ଼ି, ବର୍ଶିମ ବା ଲୁସର୍ଣ୍ଣରେ ଅପେକ୍ଷାକୃତ ଅଧିକ ପ୍ରୋଟିନ ଥାଏ । ପ୍ରୋଟିନ ବ୍ୟତୀତ ଶିମ୍ବଜରେ ଅଧିକ କାଲସିୟମ ଓ ଫସ୍‌ଫରସ ଥାଏ । ସୁତରାଂ ଧାନ୍ୟଜ ତୁଳନାରେ ଶିମ୍ବଜ ତୃଣକ ଖୁଆଇଲେ ଗାଈ ଅଧିକ ସ୍ୱାସ୍ଥ୍ୟବତୀ ଓ ଦୁଗ୍ଧବତୀ ହୋଇଥାଏ । ତେବେ ଅଧିକ ପରିମାଣରେ ଶିମ୍ବଜ ତୃଣକ ପାଇବା ସୁବିଧାଜନକ ନୁହେଁ । ପ୍ରାୟୋଗିକ ଦୃଷ୍ଟିରୁ ବିଚାର କଲେ ଧାନ୍ୟଜ ଓ ଶିମ୍ବଜକୁ ମିଶେଇ ଖୁଆଇଲେ ସୁବିଧା ହୋଇଥାଏ । ଉଦାହରଣ ସ୍ୱରୂପ, ସବୁଜ ମକା ଦୁଇଭାଗ ଏବଂ ସବୁଜ ବରଗୁଡ଼ି ଏକ ଭାଗକୁ ନେଇ ତୃଣକ-ମିଶ୍ରଣ ତିଆରି କରାଯାଇପାରେ । ଏପରି ମିଶ୍ରଣକୁ ଗୋଟିଏ ଗାଈ ଦିନକୁ ପଚିଶ କିଲୋ ଖାଇଲେ ବିନା ଦାନାରେ ସେ ଦିନକୁ ଆଠ ଲିଟର ପର୍ଯ୍ୟନ୍ତ କ୍ଷୀର ଦେଇ ପାରିବ ।

କେହି କେହି ପ୍ରଶ୍ନ କରି ପାରନ୍ତି, "ଧାନ ଚାଷ ନ କରି ଘାସ ଚାଷ ପାଇଁ ଜମିକୁ ବ୍ୟବହାର କରିବ କିଏ ?" ସମସ୍ୟାକୁ ବିଶ୍ଳେଷଣ କଲେ ଏ ପ୍ରଶ୍ନର ଯଥାର୍ଥତା ଉଭେଇ ଯିବ । ଓଡ଼ିଶାର ଉପକୂଳବର୍ତ୍ତୀ ଉର୍ବର ଜମିରେ ହୁଏତ ଧାନଚାଷ ଅପେକ୍ଷା ଘାସଚାଷ ଅଧିକ ଲାଭ ଜନକ ନ ହୋଇପାରେ । ମାତ୍ର ଓଡ଼ିଶାର ଅଣ ଉପକୂଳବର୍ତ୍ତୀ ଅଞ୍ଚଳର ଡିପ ଜମିରେ ତୃଣକ ଚାଷ କଲେ ଅଧିକ ଲାଭ ମିଳି ପାରିବ । ଏପରି ଜମିରୁ ଧାନ ବେଶୀ ଅମଳ ହୁଏନାହିଁ । ପ୍ରାୟ ପ୍ରତି ତିନି ଚାରିବର୍ଷରେ ଓଡ଼ିଶାରେ ଅନାବୃଷ୍ଟି ହୁଏ । ଧାନଚାଷ ଅଧିକ ପାଣି ଦରକାର କରେ । ମାତ୍ର ଘାସଚାଷ ପାଇଁ ଯେତିକି ପାଣି ଦରକାର ହୁଏ, କୌଣସି ବର୍ଷର ବର୍ଷାଦିନେ ତଦପେକ୍ଷା କମ୍ ବର୍ଷା ହୁଏନାହିଁ । ତୃଣକ ଫସଲରେ ରୋଗ ପୋକ ଅପେକ୍ଷାକୃତ କମ । ଗୋଟିଏ ଖୋଳି ସେଥିରେ ଡେଙ୍ଗା ବସାଇ ଦେଉଥିଲେ କିମ୍ବା ପମ୍ପ ବସେଇ ଦେଲେ ବର୍ଷ ତମାମ ସେ ଜମିରୁ ଘାସ ମିଳିପାରିବ । ଏକ ହେକ୍ଟର (ଅଢ଼େଇ ଏକର) ଡିପ ଜମିରେ ତୃଣକ ଚାଷକରି ପାଞ୍ଚଗୋଟି ସଙ୍କର ଜର୍ସିଗାଈ ପାଳି ହେବ । ପାଞ୍ଚଟି ଗାଈ ଦୈନିକ ହାରାହାରି ତିରିଶ ଲିଟର କ୍ଷୀର ଦେଲେ ପ୍ରତିଦିନ ଚାଷୀ ଏକ ଶହଟଙ୍କା ପାଇପାରିବ । ଏଥିରୁ ପଚାଶ ଟଙ୍କା ଚାଷଖର୍ଚ୍ଚ, ଗାଈର ମୂଲ୍ୟ ଏବଂ ଆନୁଷଙ୍ଗିକ ଖର୍ଚ୍ଚ ବାବଦକୁ ରଖିଲେ ଚାଷୀ ପ୍ରତିଦିନ ନିଟ୍ ଆୟ ପଚାଶ ଟଙ୍କା ପାଇବ ଏବଂ ମାସକୁ ଦେଢ଼ ହଜାର ଟଙ୍କା ଲାଭ ପାଇ ପାରିବ । ଏକ ହେକ୍ଟର ଡିପ ଜମିରୁ ମାସକୁ ଦେଢ଼ ହଜାର ଆୟ କରି ବାରମାସରେ ଅଠର ହଜାର ଟଙ୍କା ନିଟ ଆୟ କରି ପାରିଲେ ନିଶ୍ଚିତ ଭାବରେ ଏହା ଚାଷୀପାଇଁ କଲ୍ୟାଣକର ।

ଓଡ଼ିଶାର ମୃତ୍ତିକା ଓ ଜଳବାୟୁରେ ଆମେ ଅନେକ ପ୍ରକାରର ତୃଣକ ଚାଷକରି ପାରୁଛେ । ବହୁ ବର୍ଷୀୟ ଘାସ ଭିତରେ ଗିନି, ହାତିଆ ଓ ପାରା ଆମ ରାଜ୍ୟରେ ଚାଷ କରାଯାଇପାରୁଛି । ସାମୟିକ ତୃଣକ ଫସଲ ଭାବରେ ମକା, ବାଜରା ଓ ଜହ୍ନରାକୁ ସୁପାରିଶ କରାଯାଉଛି । ଗୋଖାଦ୍ୟ

ପାଚିଁ ଶିମ୍ବକ ଫସଲ ଭାବରେ ବରଗୁଡ଼ି, ଷ୍ଟାଇଲୋ, ବର୍ଶିମ ଓ ଲୁସର୍ଣ୍ଣକୁ ଲୋକପ୍ରିୟ କରାଯାଉଛି ।

ଗିନି ହାତିଆ ଓ ପାରା ଘାସକୁ ଆଷାଢ଼ ବା ଜୁଲାଇ ମାସରେ ଲଗାଯାଇ ପାରିବ । ପାଣି ଜମିଥିବା ଖାଲ ଜମିରେ ପାରା ଘାସ ଭଲ ହେବ । ପାଣି ଜମା ନ ହୋଇଥିବା ଜମିରେ ଗିନି ଓ ହାତିଆ ଘାସକୁ ଚାଷ କରାଯାଇ ପାରିବ । ମଞ୍ଜିବୁଣି ଏପରି ଘାସକୁ ଚାଷ କରାଯାଏ ନାହିଁ । ଘାସମୂଳ ଲଗାଇଲେ ସେଥିରୁ ଗିଲ ବାହାରି ମାଡିଧରି ଘାସ ଉଠିଥାଏ । ଗିନି ଓ ହାତିଆକୁ ଧାଡ଼ି ଧାଡ଼ିକରି ଲଗେଇବାକୁ ହୁଏ ।

ମୂଳ ଲଗେଇବାର ଛଅରୁ ଆଠ ସପ୍ତାହ ପରେ ଗିନି ଘାସକୁ ପ୍ରଥମେ କଟାଯାଏ । ବର୍ଷକରେ ପାଞ୍ଚରୁ ଛଅଥର କଟାଯାଏ । ଏକ ହେକ୍ଟର ଜମିରୁ ବର୍ଷକ ଭିତରେ ହାରାହାରି ୪୫ ରୁ ୭୦ ଟନ୍ ସବୁଜଘାସ ମିଳିଥାଏ । ଗୋବର ଓ ସାର ମୂତକୁ ଘାସ ଜମିରେ ଯଥେଷ୍ଟ ପରିମାଣରେ ପକାଇଲେ ବାର୍ଷିକ ତୃଣ ଉତ୍ପାଦନ ହେକ୍ଟରୁ ପିଛା ୧୫୦ଟନ ହୋଇ ପାରେ । ପ୍ରତି ପାଞ୍ଚବର୍ଷରେ କ୍ଷେତ ସଫାକରି ଦେଇ, ହଳକରି, ଗିନିମୂଳ ପୁଣି ଲଗାଯାଏ । ଏକ ହେକ୍ଟର ଜମିରେ ଗିନିଘାସ ଚାଷକଲେ ବାର୍ଷିକ ବ୍ୟୟ ୯ ହଜାର ୨ଶହ ଟଙ୍କା ହୋଇଥାଏ ଏବଂ ଘାସକୁ ଟନପିଛା ଏକଶହ ଟଙ୍କା ଦରରେ ବିକ୍ରୀକଲେ ବାର୍ଷିକ ଆୟ ୧୫ ହଜାର ଟଙ୍କା ହୋଇଥାଏ ।

ହାତିଆ ଘାସକୁ ଲଗେଇବାର ତିନିମାସ ପରେ ପ୍ରଥମ ଥର କଟାଯାଏ । ତା'ପରେ ପ୍ରତି ୬ ରୁ ୮ ସପ୍ତାହ ବ୍ୟବଧାନରେ ଘାସ କଟାଯାଏ । ଏକ ହେକ୍ଟର ଜମିରୁ ବର୍ଷକ ଭିତରେ ୧୪୦ରୁ ୨୨୦ଟନ ଘାସ ମିଳିଥାଏ । ପ୍ରତି ଚାରି ବର୍ଷରେ ଜମିରୁ ଘାସ ସଫାକରି ହଳ କରିବା ପରେ ପୁନର୍ବାର ହାତିଆ ଘାସର ମୂଳ ଲଗାଯାଏ । ସଙ୍କର ହାତିଆ ଘାସ ଲଗାଇଲେ ଏକ ହେକ୍ଟରେ ଜମିରୁ ବର୍ଷକରେ ୩ଶହ ଟନ ଘାସ ମିଳିଥାଏ । ଏଥିପାଇଁ ଟ ୯,୨୦୦ ଟଙ୍କା ବ୍ୟୟହୁଏ ଏବଂ ୩୦ ହଜାର ଟଙ୍କା ଆୟ ହୁଏ ।

ପାରାଘାସକୁ ଲଗେଇବାର ତିନିମାସ ପରେ କଟାଯାଏ ଏବଂ ତା'ପରେ ପ୍ରତି ୩୦ ରୁ ୪୦ ଦିନର ବ୍ୟବଧାନରେ ଘାସ କଟାଯାଏ । ବର୍ଷକରେ ୯ଥର ଘାସ କାଟିବାକୁ ପଡ଼େ । ଏକ ହେକ୍ଟର ଜମିରୁ ବର୍ଷକରେ ୮୦ ଟନ୍ ପାରାଘାସ ମିଳିଥାଏ । ଭଲ ଯତ୍ନ ନେଲେ ଏକ ହେକ୍ଟର ଜମିରୁ ବର୍ଷକରେ ୧୭୫ ଟନ୍ ପାରାଘାସ ପାଇବା ସମ୍ଭବ ହୋଇଥାଏ । ଏକ ହେକ୍ଟର ଜମିରେ ପାରାଘାସ ଚାଷକଲେ, ବାର୍ଷିକ ବ୍ୟୟ ୯ହଜାର ଦୁଇଶହ ଟଙ୍କା ହୋଇଥାଏ ଏବଂ ଆୟ ୧୭ ହଜାର ୫ ଶହ ଟଙ୍କା ହୋଇଥାଏ ।

ଅତଏବ ଜମିର ଉର୍ବରତା, ସେଥିରେ ଖତ ତଥା ସାର ପ୍ରୟୋଗ ଓ ଜଳ ସେଚନର ଅବସ୍ଥାକୁ ବିଚାରକୁ ନେଇ କୁହାଯାଇ ପାରିବ ଯେ, ଘାସ ଚାଷକରି ଏବଂ ସେହି ଘାସକୁ ଟନ ପିଛା ଏକଶହ ଟଙ୍କାରେ ବିକ୍ରୀକରି ଏକ ହେକ୍ଟରର ଜମିରୁ ଚାଷୀ ୭ହଜାର ଟଙ୍କାରୁ ୨୨ ହଜାର ଟଙ୍କା ପର୍ଯ୍ୟନ୍ତ ବାର୍ଷିକ ଲାଭ କରିପାରିବ ।

ବର୍ଷାପାଣି ବ୍ୟବହାର କରି ମକାଚାଷ କରିବାକୁ ହେଲେ, ଜୁନ, ଜୁଲାଇରେ ବୁଣାଯାଏ ଏବଂ ବୁଣିବାର ଦୁଇମାସରେ ଫୁଲ ଧରିବା ସମୟରେ କଟାଯାଏ । ହେକ୍ଟର ପିଛା ୪୦ ଟନ ସବୁଜ ମକାଗଛ ମିଳେ । ଜଳସେଚନର ସୁବିଧା ଥିଲେ ବର୍ଷକ ଭିତରେ ତିନି ଚାରିଥର ମକାଚାଷ ହୋଇପାରିବ । ମକା ସାଙ୍ଗରେ ବରଗୁଡ଼ି ମିଶେଇ ଚାଷ କରାଯାଇ ପାରିବ ଏବଂ ସେହି ମିଶ୍ରିତ ତୃଣକ ଗାଈ ପାଇଁ ଅତି ଉତ୍ତମ । ଏକ ହେକ୍ଟର ଜମିରେ ମକାଚାଷ କଲେ ୨ହଜାର ଟଙ୍କା ଖର୍ଚ୍ଚ ହୁଏ । ଚାଳିଶଟନ ସବୁଜ ମକାକୁ ଟନପିଛା ଏକଶହ ଟଙ୍କାରେ ବିକ୍ରୀକଲେ ୪ହଜାର ଟଙ୍କା ଆୟହୁଏ । ଅତଏବ ଚାଷୀ ଦୁଇମାସ ଭିତରେ ଏକ ହେକ୍ଟର ଜମିରୁ ୨ହଜାର ଟଙ୍କା ଲାଭପାଏ ।

ଗୋଖାଦ୍ୟ ପାଇଁ ବରଗୁଡ଼ି ଚାଷ କରାଯାଇଥାଏ । ଛୁଇଁ ଧରିବା ବେଳକୁ ଫସଲକୁ କାଟି ଦିଆଯାଏ । ଆଷାଢ଼ ମାସରେ ବରଗୁଡ଼ି ବୁଣାଯାଏ । ଜଳସେଚନର ସୁବିଧା ଥିଲେ ବର୍ଷକ ଭିତରେ ତିନି ବା ଚାରି ଫସଲ ଅମଳ କରାଯାଇ ପାରେ । ବର୍ଷା ଋତୁ ଛଡ଼ା ଅନ୍ୟ ଋତୁରେ ବରଗୁଡ଼ି ଲଗାଇଲେ ୧୦/୧୫ ଦିନରେ ପାଣି ମଡ଼େଇବାକୁ ପଡ଼େ । ହିସାର ୧୦ ଏବଂ ଏକାଧିକ ଭାରତୀୟ କିସମର ବରଗୁଡ଼ି ଏବଂ ରସିୟାନ ଜାଏଣ୍ଟ ନାମକ ବରଗୁଡ଼ି ଗୋଖାଦ୍ୟ ପାଇଁ ଭଲ । ରସିୟାନ ଜାଏଣ୍ଟ ଲଗାଇଲେ ଦୁଇକାଟ ମିଳେ ; ଅନ୍ୟ କିସମର ମାତ୍ର ଥରେ କଟାଯାଏ । ଥରେ କାଟିଲେ ହେକ୍ଟର ପିଛା ୨୫୦ ରୁ ୩୦୦ କୁଇଣ୍ଟାଲ ସବୁଜ ଗୋଖାଦ୍ୟ ମିଳିଥାଏ ଏବଂ ଦୁଇଥର କଟା ହେଉଥିବା ରସିୟାନ ଜାଏଣ୍ଟର ଅମଳ ହେକ୍ଟର ପିଛା ୩ଶହ କୁଇଣ୍ଟାଲ ହୋଇଥାଏ ।

ବର୍ଶିମ ଅମ୍ଳ ମୃତ୍ତିକାରେ ଭଲ ହୁଏନାହିଁ । ନୂଆକରି ଲଗା ହେଉଥିବା ଜମିପାଇଁ ବର୍ଶିମ ମଞ୍ଜିକୁ ଉପଯୁକ୍ତ ଜୀବାଣୁ କଲଚର ଦ୍ୱାରା ମିଶାଯାଏ । ସମତଳ ଅଞ୍ଚଳରେ ସେପ୍ଟେମ୍ବର ଅଧାରୁ ଅକ୍ଟୋବର ଶେଷ ଭିତରେ ବର୍ଶିମ ବୁଣାଯାଏ । ପାହାଡ଼ିଆ ଅଞ୍ଚଳ ହୋଇଥିଲେ ଅଗଷ୍ଟ ଅଧାରୁ ସେପ୍ଟେମ୍ବର ପ୍ରଥମ ସପ୍ତାହ ଭିତରେ ବର୍ଶିମ ବୁଣାଯାଏ । ବୁଣିବାର ଦୁଇମାସରେ ବର୍ଶିମ କଟାଯାଏ । ତା'ପରେ ପ୍ରତି ମାସକରେ କଟା ହୋଇଥାଏ । ବର୍ଷକରେ ୫ରୁ ୬ଥର କଟାଯାଏ ଏବଂ ହେକ୍ଟର ପିଛା ୫୦ ରୁ ୬୦ ଟନ ତୃଣକ ଅମଳ ହୋଇଥାଏ ।

ଲୁସର୍ଣ୍ଣ ଏକ ବହୁବର୍ଷୀୟ ଶିମ୍ବକ ଫସଲ । ଥରେ ବୁଣିଲେ ତିନି ଚାରିବର୍ଷ ପର୍ଯ୍ୟନ୍ତ ଗୋଖାଦ୍ୟ ମିଳିଥାଏ । ତେବେ ଏହାକୁ ବାର୍ଷିକ କିମ୍ବା ବହୁବାର୍ଷିକ ଫସଲ ହିସାବରେ ଲଗାଯାଇପାରେ । ଅକ୍ଟୋବର ଓ ନଭେମ୍ବର ଭିତରେ ଲୁସର୍ଣ୍ଣ ବୁଣାଯାଏ । ବୁଣିବାର ଦୁଇ ବା ଅଢ଼େଇ ମାସ ପରେ ପ୍ରଥମଥର କଟାଯାଏ । ତା ପରେ ପ୍ରତି ମାସରେ କଟା ଯାଇଥାଏ । ହେକ୍ଟର ପିଛା ବାର୍ଷିକ ଅମଳ ୫୦୦ ରୁ ୭୦୦ କୁଇଣ୍ଟାଲ ଭିତରେ ହୋଇଥାଏ ।

ଷ୍ଟାଇଲୋ ନାମକ ଅନ୍ୟ ଏକ ବିଦେଶୀ ଶିମ୍ବକ ଗୋଖାଦ୍ୟ ଭାରତରେ ଚାଷ କରାଯାଉଛି । ଅଳ୍ପ ଜଳସେଚନର

ସୁବିଧା ଥିଲେ ମଧ୍ୟ ଏହି ଫସଲ ଉଠେଇ ପାରେ । ଗୋଟିଏ କିସମ ବାର୍ଷିକ ଏବଂ ଅନ୍ୟ ସବୁ ସ୍ୱାଇଲେ କିସମ ବହୁବାର୍ଷିକ । ବର୍ଷକ ଭିତରେ ହେକ୍ଟର ପିଛା ସବୁଜ ତୃଣକର ଉତ୍ପାଦନ ୫୦ ରୁ ୬୦ ଟନ ହୋଇଥାଏ ।

ଆମକୁ ମନେ ରଖିବାକୁ ପଡ଼ିବ ଯେ ଡେରି ଉଦ୍ୟୋଗରେ ସଫଳତା ପାଇବାକୁ ହେଲେ କେବଳ ଜାତିଆ ଗାଈ ଯଥେଷ୍ଟ ନୁହେଁ ଏବଂ ସେହି ଜାତିଆ ଗାଈକୁ ଉଚ୍ଚଖାଦ୍ୟ ଦେବାକୁ ପଡ଼ିବ । ଘାସଚାଷ କରି ଜାତିଆ ଗାଈ ରହିଲେ ଘର ନିଶ୍ଚୟ ହେବ । ଆମ ଓଡ଼ିଶାରେ ଘାସଚାଷକୁ ଚାଷୀମାନେ ଗ୍ରହଣ କରି ପାରି ନାହାନ୍ତି । ବୋଧହୁଏ, ଆମର ଏଠାରେ ଡେରି ଉଦ୍ୟୋଗର ଅନଗ୍ରସରତାର କାରଣ ଏହା ହୋଇପାରେ । ଧାନପାଇଁ ଅନୁପଯୁକ୍ତ ଜମିରେ ଧାନ ଲଗାଇଲେ ଲାଭ ମିଳିବ କେଉଁଠି ? ନାନା ଘାସମାନ ଚାଷ କରି ପାରିଲେ ଓଡ଼ିଶାର ଚାଷୀଙ୍କର ଆର୍ଥିକ ଅବସ୍ଥାରେ ଉନ୍ନତି ଆସିବ ।

# ସାହାଯ୍ୟ, ପରାମର୍ଶ ଓ ପ୍ରେରଣା

ଆଜକୁ ଛଅ ବର୍ଷ ତଳେ ଆମ ଗାଁ ନିକଟ କିଶୁପୁରଠାରେ କୃଷି ବିଜ୍ଞାନ କେନ୍ଦ୍ର ସ୍ଥାପିତ ହୋଇଥିଲା । ଏହି ଅନୁଷ୍ଠାନ ଠାରୁ ମୁଁ ତଥା ଅନ୍ୟମାନେ ସବୁବେଳେ ସାହାଯ୍ୟ ପାଇ ଆସୁଛୁ । ଏହି କେନ୍ଦ୍ର ନିଶ୍ଚିତଭାବରେ ଆମମାନଙ୍କୁ ବୈଷୟିକ ଜ୍ଞାନ ଯୋଗାଇ ଦେଇ ପାରୁଛି ।

ମୁଁ (ଶ୍ରୀ ପୂର୍ଣ୍ଣଚନ୍ଦ୍ର ମହାନ୍ତି) ଦେଉଳପଡ଼ା ଗ୍ରାମର ଏକ କୁକୁଡ଼ା ଚାଷର ଉଦ୍ୟୋକ୍ତା । ଆମର ସ୍ୱଳ୍ପ ଚାଷ ଥିବାରୁ ଅଳ୍ପ ଜମିରୁ ବେଶୀ ଆୟ କରିବାର ଆଶାରଖି ମୁଁ କୁକୁଡ଼ା ପାଳନକୁ ନିଜର ବ୍ୟବସାୟ ଭାବରେ ବାଛିନେଇଛି । ଏକ ଶିକ୍ଷିତ ପରିବାରରେ ମୋର ଜନ୍ମ । ଶିକ୍ଷା ସମାପନ କଲା ପରେ କୁକୁଡ଼ା ଚାଷ ଯେ ଏକ ଲାଭଜନକ ବ୍ୟବସାୟ ଏହା କେବଳ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଓ ପଶୁ ଚିକିତ୍ସକମାନଙ୍କ ଦ୍ୱାରା ମୁଁ ଜାଣିପାରିଥିଲି । ସେମାନଙ୍କର ପ୍ରତ୍ୟକ୍ଷ ସାହାଯ୍ୟ ଓ ପ୍ରେରଣା ପାଇ ମୁଁ କୁକୁଡ଼ା ପାଳନ କରିବା ପାଇଁ ପଦକ୍ଷେପ ନେଲି । ପ୍ରଥମେ ମୁଁ କୃଷି ବିଜ୍ଞାନ କେନ୍ଦ୍ର ସାହାଯ୍ୟରେ ଭୁବନେଶ୍ୱରସ୍ଥିତ କୃଷି ଓ ବୈଷୟିକ ମହାବିଦ୍ୟାଳୟର କୁକୁଡ଼ା ପ୍ରଜନନ କେନ୍ଦ୍ରରୁ ୨୨୫ଟି କୁକୁଡ଼ା ଆଣିଥିଲି । ତା ସହିତ ଆବଶ୍ୟକୀୟ ଔଷଧ ଓ ଖାଦ୍ୟ ମଧ୍ୟ କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକଙ୍କ ପରାମର୍ଶରେ ଦେବା ଫଳରେ କୁକୁଡ଼ା ଗୁଡ଼ିକ ଦୁଇ ମାସ ମଧ୍ୟରେ ୧–୫ କେଜିରୁ ୨ କେଜି ପର୍ଯ୍ୟନ୍ତ ହୋଇଥିଲେ । ସେଥିରୁ ମୁଁ କିଛିତ୍ ପରିମାଣରେ ଲାଭବାନ ହୋଇଥିଲି ଯାହା ଫଳରେ କି ମୁଁ ଦ୍ୱିତୀୟ ଥର ପାଇଁ ୨୭୫ଟି କୁକୁଡ଼ା ଆଣିଥିଲି । ଅଧିକ ଲାଭର ବଶବର୍ତ୍ତୀ ହୋଇ ମୁଁ ତୃତୀୟ ଥରରେ ୫୦୦ଟି କୁକୁଡ଼ା ଆଣିଥିଲି । କୁକୁଡ଼ାଗୁଡ଼ିକ ଠିକ୍ ଭାବରେ ବଢ଼ିଥିଲେ କିନ୍ତୁ ବଜାରରେ ସେହି ସମୟରେ ବେଶୀ ଚାହିଦା ନଥିବାରୁ ବିକ୍ରି କରିବାରେ ବହୁତ ଅସୁବିଧା ଭୋଗ କଲି । ସେ ଯାହାହେଉ ଏହି ତୃତୀୟ ଥରରେ ୧୦,୦୦୦ ଟଙ୍କା ଖର୍ଚ୍ଚ କରି ପ୍ରାୟ ୫୦୦ ଟଙ୍କା ଲାଭପାଇ ପାରିଥିଲି । କିନ୍ତୁ ବଜାରରେ ଚାହିଦା ନଥିବାରୁ ମୁଁ ଆଉ ମାଂସପାଇଁ କୁକୁଡ଼ା ପାଳନ କରିବାକୁ ଆଗ୍ରହ ପ୍ରକାଶ କରିନାହିଁ । କିନ୍ତୁ ଅଣ୍ଡାପାଇଁ କୁକୁଡ଼ା ପାଳନ କରିବାକୁ ଇଚ୍ଛା ପ୍ରକାଶ କରି ସେହି ଅନୁସାରେ ବୈଷୟିକ ଶିକ୍ଷା ଗ୍ରହଣପରେ ଘର ତିଆରି କରି ସାରିଲିଣି । ଏବେ ୨୦୦ଟା କୁକୁଡ଼ା ଛୁଆ ଆଣିବାପାଇଁ ଯୋଗାଯୋଗ କରି ସାରିଛିଣି । କୃଷି ବିଜ୍ଞାନ କେନ୍ଦ୍ରର ପଦକ୍ଷେପ ଦ୍ୱାରା ଆମ ଅଞ୍ଚଳ ବହୁତ ଉନ୍ନତି କରିଛି । ଏହି କେନ୍ଦ୍ରର ବୈଜ୍ଞାନିକମାନେ ସବୁବେଳେ ଆମମାନଙ୍କୁ ସାହାଯ୍ୟ, ପରାମର୍ଶ ଓ ପ୍ରେରଣା ଯୋଗାଇଦେଇଛନ୍ତି । ସବୁଠାରୁ ସୁଖର ବିଷୟ ଯେ, ଠିକ୍ ସମୟରେ ଆମମାନଙ୍କୁ ବୈଷୟିକ ଶିକ୍ଷା ଓ ଜ୍ଞାନ ଯୋଗାଇ ଦେଇ ଆମର ଅର୍ଥନୈତିକ ମାନ ଉନ୍ନତ କରାଇ ପାରୁଛନ୍ତି । କୃଷି ବିଜ୍ଞାନ କେନ୍ଦ୍ର ଆମର ବହୁତ ଉପକାର କରିଛି ଏବଂ ଭବିଷ୍ୟତରେ ନିଶ୍ଚିତଭାବରେ ଉପକାର କରିବ ।

ଶ୍ରୀ ପୂର୍ଣ୍ଣଚନ୍ଦ୍ର ମହାନ୍ତ
ଦେଉଳପଡ଼ା ।



କଳାହାଣ୍ଡିରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ....


















NNAPUR























# ଓଡ଼ିଶାର ଉପକୂଳ ଅଞ୍ଚଳରେ ଫସଲ, ଜଳ ଓ ମୃତ୍ତିକା ପରିଚାଳନା ସମସ୍ୟା

ଡକ୍‌ଟର ଦାମୋଦର ଚଲଙ୍କା

ଭୂ ପ୍ରକୃତି ଅନୁସାରେ ଓଡ଼ିଶାକୁ ୪ଟି ଅଞ୍ଚଳରେ ବିଭକ୍ତ କରାଯାଇଥାଏ । ଯଥା—ଉତ୍ତରୀୟ ମାଳଭୂମି, କେନ୍ଦ୍ରୀୟ ସମତଳ, ଅଧିତ୍ୟକା, ପୂର୍ବଘାଟ ପାର୍ବତ୍ୟ ଅଞ୍ଚଳ ଓ ଉପକୂଳସ୍ଥ-ସମତଳ ଅଞ୍ଚଳ । ଓଡ଼ିଶାର ୧୩ଟି ପ୍ରଶାସନିକ ଜିଲ୍ଲାରୁ କଟକ, ପୁରୀ, ବାଲେଶ୍ୱର ଓ ଗଞ୍ଜାମ ଉପକୂଳସ୍ଥ ସମତଳ ଅଞ୍ଚଳ ଅନ୍ତର୍ଗତ । ଏହି ଚାରୋଟି ଜିଲ୍ଲାର ମୋଟ କ୍ଷେତ୍ରଫଳ ୪ ନିୟୁତ ହେକ୍‌ଟର । ଏହା ସମଗ୍ର ରାଜ୍ୟର କ୍ଷେତ୍ରଫଳର ୨୫.୭ ଭାଗ । ଏହି ଚାରୋଟି ଜିଲ୍ଲାରେ ଅନ୍ୟୂନ ୩ ନିୟୁତ ହେକ୍‌ଟର ଜମିରେ ଚାଷ କରାଯାଏ ।

ଜଳବାୟୁ, ମୃତ୍ତିକା, ଭୂ-ପ୍ରକୃତି ଦୃଷ୍ଟିରୁ ଏହି ଉପକୂଳ ଅଞ୍ଚଳକୁ ପୁନଶ୍ଚ ଦୁଇଟି କୃଷି ଜଳବାୟୁ ଅଞ୍ଚଳରେ ବିଭକ୍ତ କରାଯାଇଛି । ଯଥା—ଉତ୍ତର-ପୂର୍ବ ଉପକୂଳ ଅଞ୍ଚଳ । ବାଲେଶ୍ୱର, ଭଦ୍ରକ, ଯାଜପୁର ଓ ଆନନ୍ଦପୁର କୃଷି ଜିଲ୍ଲା ଏହାର ଅନ୍ତର୍ଗତ । ଏହି ଅଞ୍ଚଳ ୯,୫୦,୩୦୦ ହେକ୍‌ଟର (ରାଜ୍ୟର ପ୍ରାୟ ୧୭ ପରସେଣ୍ଟ) । ଏହି ଅଞ୍ଚଳର ମୃତ୍ତିକା ପଟୁ । ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ, ସାଳନ୍ଦୀ, ବୈତରଣୀ ଏବଂ ବ୍ରାହ୍ମଣୀ ନଦୀର ତ୍ରିକୋଣଭୂମି ଅଞ୍ଚଳ ପଟୁମାଟି ଅଞ୍ଚଳ । ଏହା ବଙ୍ଗୋପସାଗର ଧାରେ ଧାରେ ପ୍ରାୟ ୩୫-୭୦ କି. ମି. ଓସାରରେ ପୂର୍ବରୁ ପଶ୍ଚିମକୁ ବିସ୍ତୃତ ହୋଇଅଛି । ବାଲେଶ୍ୱର ଜିଲ୍ଲାର ଓଉପଦା, ନୀଳଗିରି ଓ ଖଇରା ଅଞ୍ଚଳରେ ମୃତ୍ତିକା ମୂଳ ମାତୃଶିଳାରୁ ଗଠିତ ଏବଂ ଏଠି ଠାଏ ଠାଏ ତଳେ ତଳେ ଟାଣ କର୍ଦ୍ଦମାକ୍ତ ମୃତ୍ତିକା ଅଛି । ସାଧାରଣତଃ ଏହି ଅଞ୍ଚଳରେ ମୃତ୍ତିକା ବାଲିଆ, ଦୋରସା କିମ୍ବା କାଦୁଅ । ମୃତ୍ତିକାର ଉର୍ବରତା ମଧ୍ୟମ ଧରଣର । ମୃତ୍ତିକା ସାମାନ୍ୟ ଅମ୍ଳୀ ଅଥବା କ୍ଷାରୀ । ବଙ୍ଗୋପସାଗର କୂଳକୁ ଲୁଣିଆ ମାଟି ଅଛି । ଏହି ମୃତ୍ତିକାର ଲବଣତା ସମୁଦ୍ର ପାଣି ହେତୁରୁ ଘଟିଥାଏ । ବର୍ଷାଦିନେ ଧୋଇହୋଇଯାଏ ଏବଂ ଖରାଦିନେ ପୁଣି ବଢ଼ିଥାଏ । ଏ ଅଞ୍ଚଳରେ ଏକାଧିକ ଫସଲ ଚାଷ ଆମ ମାନଙ୍କ ପାଇଁ ଏକ ଆହ୍ୱାନ । ଏହି ଅଞ୍ଚଳର ଜଳବାୟୁ ଉଷ୍ଣ ଓ ଆର୍ଦ୍ର । ହାରା ହାରି ସର୍ବୋଚ୍ଚ ପରିମାଣ ୩୬° ସେ ଓ ସର୍ବନିମ୍ନ ତାପମାନ ୧୫° ସେ । ହାରା ହାରି ବୃଷ୍ଟିପାତ ପ୍ରାୟ ୧୪୬୮ ମିଲିମିଟର । ଏହାର ୮୦ ଭାଗ ଆଷାଢ଼ ଠାରୁ ଭାଦ୍ରବ (ଜୁନ୍ ମଧ୍ୟ ଭାଗରୁ ଅକ୍‌ଟୋବର ମଧ୍ୟଭାଗ) ମାସରେ ମିଳିଥାଏ । ଏହି ଅଞ୍ଚଳ ପ୍ରାୟ ସମତଳ । ସମୁଦ୍ର ଉପକୂଳବର୍ତ୍ତୀ ହୋଇଥିବାରୁ ଜଳ ନିଷ୍କାସନ ସମସ୍ୟା ଭୟଙ୍କର । ଏହା ବଢ଼ି ଓ ବାତ୍ୟା ପ୍ରବଣ ବର୍ଷାର ଅନିୟମିତା ଓ ଅନିଶ୍ଚିତତା ହେତୁ ମରୁଡ଼ି-ଗ୍ରସ୍ତ ମଧ୍ୟ ।

ଦ୍ୱିତୀୟ ଅଞ୍ଚଳଟି ହେଲା ପୂର୍ବ ଓ ଦକ୍ଷିଣ ପୂର୍ବ ଉପକୂଳ ଅଞ୍ଚଳ । କଟକ, ଜଗତସିଂପୁର, କେନ୍ଦ୍ରାପଡ଼ା, ପୁରୀ, ଖୋର୍ଦ୍ଧା, ବ୍ରହ୍ମପୁର କୃଷି ଜିଲ୍ଲା ଏହାର ଅନ୍ତର୍ଗତ । ଏହି ଅଞ୍ଚଳ ପ୍ରାୟ ୨ ନିୟୁତ ୪୨,୦୦୦ ହେକ୍‌ଟର ବ୍ୟାପୀ ଏହି ଅଞ୍ଚଳର ମୃତ୍ତିକା ମୁଖ୍ୟତଃ ତ୍ରିକୋଣଭୂମି ଶଯ୍ୟା—ପଟୁ ଓ ଉର୍ବର । କିନ୍ତୁ ଯବକ୍ଷାରଜାନ ଓ ଫସ୍‌ଫରସ୍ ପରିମାଣ କମ୍ । ସମୁଦ୍ରର ଧାରେ ଧାରେ ଲୁଣିଗ୍ରସ୍ତ ଭୂମିକା ରହିଛି । ଅଣଜଳସେଚିତ ଅଞ୍ଚଳରେ ଦୁଇଟି ଫସଲ ଚାଷ କରିବା କମ୍ ଦେଖାଯାଏ । ବାଲୁଗାଁ, ରମ୍ଭାର ଚିଲିକା ବ୍ୟାପକ ଅଞ୍ଚଳରେ ଲୁଣ ଜମି ରହିଛି । ଏଠାରେ ଲୁଣ ମରାଯାଏ ।

ଏହି ଅଞ୍ଚଳରେ ଜଳବାୟୁ ମଧ୍ୟ ଉଷ୍ଣ ଓ ଆର୍ଦ୍ର । କିନ୍ତୁ ଉତ୍ତର-ପୂର୍ବ ଉପକୂଳ ସମତଳଭୂମି ଜିଲ୍ଲାମାନଙ୍କ ତୁଳନାରେ ଏଠାରେ ବେଶୀ ଗ୍ରୀଷ୍ମ ଓ ଥଣ୍ଡା ହୁଏ । ଏ ଅଞ୍ଚଳରେ ମଧ୍ୟ ଜଳଭାଗ ବେଶୀ । ଫସଲ ବେଶୀ ମରୁଡ଼ିଗ୍ରସ୍ତ । ସମୁଦ୍ରର ପାର ଗଞ୍ଜାମର ଛତ୍ରପୁର, ଚିଲିକା ଆଖପାଖ କୃଷ୍ଣପ୍ରସାଦ ବ୍ଲକ୍ ମରୁଡ଼ି ଓ ଲୁଣିଗ୍ରସ୍ତ ଅଞ୍ଚଳ । ଏଠାରେ ବର୍ଷସାରା ଉପଯୁକ୍ତ ପାନୀୟ ଜଳ ଯୋଗାଇବା ଓ ଉପଯୁକ୍ତ କୃଷି କରିବା ଏକ ବିରାଟ ସମସ୍ୟା ।

ଏହି ଉପକୂଳ ଅଞ୍ଚଳ ଭାରତର ଭାତହାଣ୍ଡି । ରାଜ୍ୟର ମୋଟ ଧାନ ଉତ୍ପାଦନର ୪୨ ଭାଗ, ମୋଟ ଡାଲି ଉତ୍ପାଦନର ୪୨ ଭାଗ, ଓ ମୋଟ ଖାଦ୍ୟ ଶସ୍ୟର ୩୮ ଭାଗ ଓ ମୋଟ୍ ତେଲ ଜାତୀୟ ଫସଲ ୪୨ ଭାଗ ଏହି ଉପକୂଳ ଜିଲ୍ଲାମାନଙ୍କରୁ ମିଳିଥାଏ । ଉର୍ବର ମୃତ୍ତିକା, ଅଧିକ ଜଳସେଚନ ବ୍ୟବସ୍ଥା ଓ ଉପଯୁକ୍ତ ଜଳବାୟୁ ଏହାର କାରଣ । ଧାନ, ମୁଗ, ବିରି, ଜୋଆର, ଝୋଟ, ଆଖୁ,

ସୋରିଷ, ତିଳ, ବାଦାମ, ଓ ଆଳୁ ମୁଖ୍ୟ ଫସଲ । ଏ ସବୁ ଫସଲର ଅମଳ ଅନ୍ୟାନ୍ୟ ଜିଲ୍ଲାର ହାରାହାରି ଅମଳ ଠାରୁ ବେଶୀ । କିନ୍ତୁ କ୍ରମ ବର୍ଦ୍ଧମାନ ଜନ ସଂଖ୍ୟାର ଅଭାବ ପୂରଣ ପାଇଁ ଆଗାମୀ ୨୫—୩୦ ବର୍ଷ ମଧ୍ୟରେ ଏହି ପରିମାଣ ଦ୍ୱିଗୁଣ କରିବାକୁ ପଡ଼ିବ । ଉପକୂଳ ଅଞ୍ଚଳର ଚାଷ ଜମିକୁ ସାଧାରଣତଃ ଡିପ, ମଝିଆଳୀ ଓ ଖାଲ ଜମି ରୂପେ ତିନୋଟି ବିଭାଗରେ ବିଭକ୍ତ କରାଯାଇଥାଏ । ନିମ୍ନରେ ଏହି ଅଞ୍ଚଳର ଜମି କିସମର ପରିମାଣ ଦିଆଗଲା ।

(ସାରଣୀ—୧, ଉପକୂଳ ଅଞ୍ଚଳର ଜମି କିସମ୍)

| ଜିଲ୍ଲା | ଡିପ ଜମି | ମଝି-ଆଳି ଜମି | ଖାଲ ଜମି | ମୋଟ ଚାଷ |
|---|---|---|---|---|
| ବଲେଶ୍ୱର | ୬୬ | ୧୭୩ | ୨୧୬(୪୯%) | ୪୫୫ |
| କଟକ | ୨୧୦ | ୨୭୦ | ୨୭୬(୩୬%) | ୭୫୬ |
| ପୁରୀ | ୧୦୩ | ୧୭୧ | ୨୨୧(୪୫%) | ୪୯୫ |
| ଗଞ୍ଜାମ | ୧୫୦ | ୧୮୬ | ୧୪୪(୩୦%) | ୫୦୦ |
| (,୦୦୦ ହେକ୍ଟର) | ୫୨୯ | ୮୦୦ | ୮୮୮ | ୨୨୧୭ |

ପୁରୀ ଓ ବାଲେଶ୍ୱର ଜିଲ୍ଲାରେ ଚାଷଜମି ଅନୁପାତ ଅନୁସାରେ ଖାଲଜମି ବେଶୀ । କଟକ ଓ ଗଞ୍ଜାମରେ ପ୍ରାୟ ଏକ ତୃତୀୟାଂଶ । କଟକର ଆଠଗଡ଼ କୃଷି ଜିଲ୍ଲା ଓ ଗଞ୍ଜାମର ଛତ୍ରପୁର କୃଷି ଜିଲ୍ଲାକୁ ବାଦ ଦେଇ ହିସାବ କଲେ ମଝିଆଳୀ ଓ ଖାଲ ଜମି ପରିମାଣ ବେଶୀ ହେବ ।

ଏହି ଜିଲ୍ଲାମାନଙ୍କରେ ଧାନ ସର୍ବତ୍ର ଚାଷ କରାଯାଏ । ବିଭିନ୍ନ କିସମର ଧାନଜମିର ପରିମାଣ ନିମ୍ନରେ ଦିଆଗଲା ।

ସାରଣୀ—୨, ଧାନଜମିର ପରିମାଣ (,୦୦୦ ହେକ୍ଟର)

| ଜିଲ୍ଲା | | ଡିପ | ମଝିଆଳି | ଖାଲ |
|---|---|---|---|---|
| ବାଲେଶ୍ୱର | .. | ୩ | ୧୬୯ | ୨୧୪ |
| କଟକ | .. | ୪୫ | ୨୫୬ | ୨୭୧ |
| ପୁରୀ | .. | ୧୬ | ୧୪୧ | ୨୧୬ |
| ଗଞ୍ଜାମ | .. | ୭ | ୧୬୧ | ୧୬୯ |

ଏହି ହିସାବରୁ ଜଣା ପଡ଼ୁଛି ଯେ ଏହି ଜିଲ୍ଲାମାନଙ୍କରେ ମଝିଆଳୀ ଓ ଖାଲଜମିରେ ବିଶେଷତଃ ବେଶୀ ଧାନଚାଷ ହୁଏ । ଖରିଫ୍ ଋତୁରେ ଧାନ ଉପକୂଳ ଜିଲ୍ଲାମାନଙ୍କରେ ୧୪.୬୩ ନିୟୁତ ହେକ୍ଟର ଜମିରେ ଓ ଡାଲୁଅ ଋତୁରେ ୧.୨ ଲକ୍ଷ ହେକ୍ଟର ଜମିରେ ଚାଷହୁଏ । କଟକ ଓ ପୁରୀ ଜିଲ୍ଲାରେ ଜଳସେଚନ ଯଥାକ୍ରମେ ଜିଲ୍ଲାର ମୋଟ୍ ଚାଷଜମିର ୩୩ ଓ ୩୬ ଭାଗ । ବାଲେଶ୍ୱର ଓ ଗଞ୍ଜାମ ଜିଲ୍ଲାରେ ଯଥାକ୍ରମେ ୧୬ ଓ ୪୪ ଭାଗ । ଡାଲୁଅ ଓ ରବି ଋତୁରେ ଯଥାକ୍ରମେ ୧୯, ୧୭, ୬ ଓ ୫ ଜମି ଏହି ଜିଲ୍ଲାମାନଙ୍କରେ ଜଳସେଚିତ ଅଟେ । ଖରିଫ୍ ଋତୁରେ ସବୁ ଜିଲ୍ଲାରେ ମୋଟ ଧାନ ଜମିର ୭୦ ଭାଗ ବିଶେଷତଃ ଖାଲିଜମି ବୁଣାଯାଇ ବେଉଷଣ କରାଯାଏ । ବର୍ଷା ହେତୁ ଶ୍ରାବଣ, ଭାଦ୍ରବ ଓ ଆଶ୍ୱିନ ମାସରେ ଏ ଜମିରେ ବହୁତ ପାଣି ରହୁଥିବାରୁ ଧାନ ଫସଲରେ ସାର ଦେବାକୁ ସମୟ ନ ଥାଏ ଏବଂ ସାରରୁ ଅଧିକ ଅଂଶ ଧୋଇ-ଯାଇ ନଷ୍ଟ ହୋଇଯିବ ବୋଲି ସାର ଦିଆଯାଏ ନାହିଁ । ଅଧିକ ଅମଳକ୍ଷମ ଧାନ ବେଶୀ ପାଣି ସହିପାରିବ ନାହିଁ ଓ ସେଥିରେ ରୋଗ ଓ ପୋକ ବେଶୀ ଲାଗିବେ ବୋଲି ଦେଶୀଧାନ ଖରିଫ୍ ଋତୁରେ ଏ ଅଞ୍ଚଳମାନଙ୍କରେ ଚାଷ କରାଯାଏ । ଗବେଷଣା ଦ୍ୱାରା ଏ ଅଞ୍ଚଳ ପାଇଁ କ୍ରମେ ଅଧିକ ଅମଳ କ୍ଷମ ଧାନ ଜାତି ଉଦ୍ଭାବନ କରାଯାଉଛି । ବର୍ତ୍ତମାନ ଖରୁଡ଼ି ଓ ବତୁରୀ ବୁଣା ବେଉଷଣ ଧାନରେ ସାର ପ୍ରୟୋଗ ପ୍ରଣାଳୀ ସ୍ଥିର କରାଗଲଣି । ଯେଉଁ ଜମିରେ ବେଉଷଣ କରାଯାଉଛି ସେଥିରେ ବେଉଷଣ ବେଳେ ଆବଶ୍ୟକ ପରିମାଣ ଯବକ୍ଷାରଜାନ, ଫସ୍‌ଫରସ୍ ଓ ପଟାସ ସାର ପ୍ରୟୋଗ କରାଯାଇ-ପାରିବ । ଅନୁମୋଦିତ ଯବକ୍ଷାରଜାନର ୫୦ ଭାଗ ବେଉଷଣ ବେଳେ, ୨୫ ଭାଗ ଖେଳୁଆ, ପକାଉଦୀ ବେଳେ ଓ ଆଉ ୨୫ ଭାଗ ଲିଙ୍ଗ ସଞ୍ଚାରବେଳେ ଦେଲେ ଭଲ । ଅସୁବିଧା ହେତୁ ବେଉଷଣ ବେଳେ ଯବକ୍ଷାରଜାନ ଦିଆଯାଇ ନ ପାରିଲେ ଖେଳୁଆ ପକାଇବା ବେଳେ ୫୦ ଭାଗ ଓ ଲିଙ୍ଗ ସଞ୍ଚାରବେଳେ ୫୦ ଭାଗ ପ୍ରୟୋଗ କରାଯାଉଛି ।

ଫସ୍‌ଫରସ୍ ସାର ଧାନ ବୁଣିବା ଆଗରୁ ବିଲରେ ବୁଣି ଶେଷ ଓଡ଼ମଦାଣ ଦରକାର । ଯଦି ବୁଣିବାବେଳେ ଫସ୍‌ଫରସ୍ ସାର ଦିଆନଯାଇପାରିବ ବେଉଷଣ ବେଳେ ପ୍ରୟୋଗ କରି ବେଉଷଣ କଲେ ମଧ୍ୟ ଉପଯୁକ୍ତ ଉପକାର ମିଳିବ । ଫସ୍‌ଫରସ୍ ସାର ପ୍ରୟୋଗ ବେଶୀ ଡେରିକରିବା ଉଚିତ ନୁହେଁ । ଫସଲ ପ୍ରଥମ ଅବସ୍ଥାରେ ବେଶୀ ଫସ୍‌ଫରସ୍ ସାର ଆବଶ୍ୟକ କରିଥାଏ । ଫସ୍‌ଫରସ୍ ହେତୁ ଚେର ବେଶୀ ହୁଏ, ମୋଟ ହୁଏ ଓ ଗଭୀରକୁ ଯାଏ । ଫସଲର ବଢ଼ି, ମଗୁଡ଼ି, ମହଣ ଶକ୍ତି ବଢ଼େ । ବେଶୀ ପିଲମାରେ । ରୋଗ ଓ ପୋକ ରୋଧକ ଶକ୍ତି ବୃଦ୍ଧି ପାଏ, ଅମଳ ବଢ଼େ ।

ପଟାସ୍ ସାର ବେଉଷଣ ବେଳେ ଦେବା ଭଲ । ମାଟି ସାମାନ୍ୟ ବାଲିଆ ଥିଲେ ଅଧେ ବେଉଷଣବେଳେ ଓ ଆଉ ଅଧେ ଲିଙ୍ଗ ସଞ୍ଚାରବେଳେ ପ୍ରୟୋଗ କଲେ ସାରରୁ ବେଶୀ ଉପକାର ମିଳିବ । ଖତ ସହିତ ସୁଷମ ଭାବରେ ଯବକ୍ଷାରଜାନ, ଫସ୍‌ଫରସ୍ ଓ ପଟାସ୍ ପ୍ରୟୋଗ କଲେ ମୃତ୍ତିକାର ଉର୍ବରତା ବୃଦ୍ଧି ପାଇବ ଓ ଉତ୍ପାଦିକା ଶକ୍ତି ବଜାୟ ରହିବ । ଝଡ଼ା ମରୁଡ଼ି, ସଢ଼ା ଧୋଇ, ସଢ଼ାପରେ ବୁଣା ବା ରୁଆ ଧାନ ନଷ୍ଟ ହେଲେ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରିବାକୁ ପଡ଼ିବ । ଜଳସେଚନ ଓ

ଜଳନିୟନ୍ତ୍ରଣ ଏ ଅଞ୍ଚଳରେ ଏକ ଗୁରୁତର ସମସ୍ୟା । ବର୍ଷା ଦିନେ ପ୍ରଚୁର ବର୍ଷା, ଏ ବର୍ଷାପାଣି ଖାଲସ ପାଇଁ ଉପଯୁକ୍ତ ସୁବିଧାର ଅଭାବ, ଜଳସେଚନ କର୍ତ୍ତୃପକ୍ଷଙ୍କ ଦ୍ୱାରା ଦରକାର ଥାଉ ବା ନଥାଉ କେନାଲ ଖୋଳାଯାଉଥିବା, ଝିଆରୀରୁ ପାଣି ନ ଛାଡ଼ିବା, ଯତ୍ରତତ୍ର ରାସ୍ତା, ଘରଦ୍ୱାର, କୋଠାବାଡ଼ି ହେବା ହେତୁ ନିଷ୍କାସନ ସମସ୍ୟା ବଡ଼ ଗୁରୁତର ହୋଇଗଲାଣି, କେତେକ ଯାଗାରେ ଜଳସେଚନ ହେତୁ ଅମଳ ବୃଦ୍ଧି ପାଇବା ପରିବର୍ତ୍ତେ ହ୍ରାସ ପାଉଛି । ବର୍ଷାଦିନେ ବିଲରେ ୩-୪ ଫୁଟ ପାଣି ଠିଆହୋଇ ରହିଥିବାରୁ ଧାନଚାଷ ହୋଇପାରୁନି ।

ଏ ଅବସ୍ଥା ଏତେ ଗୁରୁତର ଯେ କେତେକ ଯାଗାରେ ଡାଲୁଅ ଧାନ ମଧ୍ୟ ଚାଷକରିବା ସମ୍ଭବ ହେଉନାହିଁ । ଏଣୁ ଉପଯୁକ୍ତ ଯୋଜନା ଆବଶ୍ୟକ । ବର୍ଷାଦିନେ ବୃଷ୍ଟିପାତ ଓ ଜଳର ଆବଶ୍ୟକତା ଦୃଷ୍ଟିରୁ କେନାଲ ଖୋଲିବା ବା ବନ୍ଦକରିବା ଦରକାର । ଜଳାନୁବେଧନତା ହ୍ରାସ ପାଇଁ ପର୍ଯ୍ୟାୟକ୍ରମେ କେନାଲ ବନ୍ଦ କରିବା ମଧ୍ୟ ଦରକାର । ଡିପ ଓ ମଝିଆଳ ଜମିରେ ଯେଉଁଠି ଜଳନିୟନ୍ତ୍ରଣ କରିହେବ ସେଠି ବେଶୀ ଠିଆପାଣି ନ ରଖି ଫସଲର ଉତ୍ପାଦିକତା ବୃଦ୍ଧିକରିବା ଆବଶ୍ୟକ । ଏକ ହେକ୍ଟର ଧାନ ୨୦–୪୦ ଇଞ୍ଚି (୬୦–୧୦୦ ସେ.ମି) ପାଣିରେ ଚାଷ ହୋଇପାରିବ ଏବଂ ୧ ସେ. ମି. ପାଣି ପ୍ରତି ୪୫–୫୦ କି:ଗ୍ରା: ଧାନ ଉତ୍ପାଦନ ହୋଇପାରିବ ।

ଡାଲୁଅ ଋତୁରେ ମଧ୍ୟ ଜଳସେଚନ ପାଇଁ ସତର୍କତା ଦରକାର । ଧାନଫସଲରେ ସବୁବେଳେ ଠିଆ ପାଣିର ଆବଶ୍ୟକତା ନାହିଁ । ସବୁବେଳେ ଠିଆ ପାଣି ରହିଲେ ସାର ନଷ୍ଟହୁଏ । ପାଣି ମଧ୍ୟ ନଷ୍ଟ ହୁଏ । ଛୋଟ ଧାନ ଚାଷ କରି ଚୈତ୍ରମାସ ଶେଷବେଳକୁ ଧାନ କାଟି ଜିଆରି ଖାଲିକରି ଖରାଟିଆ ଚାଷ କରିବା ଆବଶ୍ୟକ । ଖରାଟିଆ ଚାଷହୋଇ ପାରୁନଥିବାରୁ ସାରଦ ଧାନରେ ରୋଗ ଓ ପୋକ ବେଶୀ ହେଉଛି । ଧାନର ଉତ୍ପାଦିକତା ହ୍ରାସ ପାଉଛି । ଏଣୁ ଏଥିପାଇଁ ଚାଷର କୌଶଳ ବଦଳିବା ଆବଶ୍ୟକ । ଅଳ୍ପ ଉର୍ବର ଜମିରେ ହେକ୍ଟର ପିଛା ୬୦ କି: ଗ୍ରା: ଯବକ୍ଷାରଜାନ, ୩୦ କି: ଗ୍ରା: ଫସ୍‌ଫେଟ୍ ଓ ୩୦ କି: ଗ୍ରା: ପଟାସ୍ ଏବଂ ସାଧାରଣ ଉର୍ବରତା ବିଶିଷ୍ଟ ଜମିରେ ହେକ୍ଟର ପିଛା ୩୦ କି: ଗ୍ରା: ଯବକ୍ଷାରଜାନ, ୨୦ କି: ଗ୍ରା: ଫସ୍‌ଫେଟ୍, ୨୦ କି: ଗ୍ରା: ପଟାସ୍ ପ୍ରୟୋଗ କରିବା ଆବଶ୍ୟକ । ପତ୍ନୀଶଙ୍କର, ସୁଭଦ୍ରା, ସାରଥି, ଜୟା ଓ ପ୍ରତାପ ଭଳି ଛୋଟ ଓ ମଧ୍ୟମ କିସମର ଧାନ ଚାଷ କରାଯିବା ଉଚିତ୍ । ଦେଶୀ ବଦଧାନ ଚାଷ କରିବା ଉଚିତ୍ ନୁହେଁ । କାରଣ ଏ ଧାନ ବର୍ଷାରେ କଟାହେବ ଏବଂ କିଆରୀ ପାଗ ହୋଇପାରିବ ନାହିଁ । ଧିପିପ୍ ଫସଲ୍ ପାଳଇବ । ରୋଇବାପାଇଁ ସୁବିଧା ନଥିଲେ (ମୂଲିଆ ଅଭାବ ହେଲେ) ଧାନ ଗଜା କରି ଛାଟି ପରେ ବେଉଷଣ କରି ବଛାବଛି କରିଦେଲେ ମଧ୍ୟ ରୁଆଧାନ ଭଳି ଅମଳ ମିଳିବ । ବିଭିନ୍ନ ସାର, ଆଜୋଲା, ନୀଳହରିତ ଶୈବାଳ ବ୍ୟବହାର କରି ଫସଲର ଯବକ୍ଷାରଜାନ ସାରର ଆବଶ୍ୟକତା ହ୍ରାସକରିବା ଆବଶ୍ୟକ ହେଲାଣି ।

ଯେଉଁ ଅଞ୍ଚଳରେ ଧାନବୁଣିବା ପରେ ଆଉ ବେଉଷଣ ସୁବିଧା ନାହିଁ କିମ୍ବା ବେଉଷଣ କଲେ ବି କିଆରିରେ ବେଶୀ ଠିଆପାଣି ହୋଇ ରହୁଥିବାରୁ ସାରଦେବାର ସମ୍ଭାବନା ନାହିଁ, ସେପରି ଜମିରେ ଅନୁମୋଦିତ ସାରକୁ ବୁଣିବା ସମୟରେ ପ୍ରୟୋଗ କରିପାରିଲେ ଧାନ ଅମଳ ବୃଦ୍ଧି ପାଇବ । ଏଥିପାଇଁ ଅଳ୍ପ ପରିମାଣର ଯବକ୍ଷାରଜାନ, ପୂର୍ଣ୍ଣମାତ୍ରାରେ ଫସ୍‌ଫରସ୍ ଓ ପଟାସ୍ ବୁଣିବା ସମୟରେ ଦେବା ଆବଶ୍ୟକ । ସାଧାରଣ ୟୁରିଆ କିମ୍ବା ବଡ଼ ଦାନା ୟୁରିଆ ପ୍ରୟୋଗ କଲେ ଦିଆଯାଇଥିବା ଯବକ୍ଷାରଜାନ ଶୀଘ୍ର ନଷ୍ଟହେବ ନାହିଁ । କିଛିସାର ନଦେଇ ପାଉଥିବା ଅମଳଠାରୁ ଅଧିକ ଅମଳ ମିଳିବ ।

ଓଡ଼ିଶାରେ ପ୍ରାୟ ୪ ଲକ୍ଷ ହେକ୍ଟର ଜମି ଲୁଣି ଗ୍ରସ୍ତ । ରିମୋଟ ସେନସିଂ ଦ୍ୱାରା କଳିତ ପରିମାଣ ଏହାଠାରୁ କମ୍ । କିନ୍ତୁ ସମୁଦ୍ର ଜୁଆର ହେତୁ ଏ ଲୁଣ ସୃଷ୍ଟି ହୋଇଥାଏ । ବର୍ଷା ଋତୁରେ ୩-୪ ଅସରା ବର୍ଷା ପରେ ଲୁଣି ଧୋଇ ଯାଇ ପରିମାଣ ହ୍ରାସ ପାଏ । ଧାନଚାଷ କରାଯାଇ କିଛି ଫସଲ ଚାଷ କରାଯାଉ ଥାଏ । ଏ ଅଞ୍ଚଳ ପାଇଁ ଉପଯୁକ୍ତ ଅଧିକ ଅମଳକ୍ଷମ ଧାନ ଜାତିର ଉଦ୍ଭାବନ ଓ ପ୍ରସାର ଆବଶ୍ୟକ । ବେଳେବେଳେ ହଠାତ୍ ବୃଷ୍ଟି ହୋଇଯିବାରୁ ଧାନ ବୁଣା ଯାଇ-ପାରେ ନାହିଁ । ଏଥିପାଇଁ ଆଗରୁ ତଳି ପକାଇବା ଆବଶ୍ୟକ । କେତେକ ଯାଗାରେ ବୁଣା ପରେ ବର୍ଷା ପାଇ ଧାନ ଗଛ ଉଠି ଯାଏ । ପରେ କିନ୍ତୁ ବର୍ଷା ନହେଲେ ଲୁଣା ହେତୁ ଧାନ ଗଛ ମରିଯାଏ । ଏଥିପାଇଁ ଜମି ପ୍ରସ୍ତୁତି ପ୍ରଣାଳୀର ପରିବର୍ତ୍ତନ ଆବଶ୍ୟକ । ଧଇଞ୍ଚା, ଜୈବିକସାର, ବିଭିନ୍ନ ପ୍ରକାର ଗଛର ପତ୍ର ଏପରିକି ତେନ୍ତୁଳି ପତ୍ର ଓ ମଞ୍ଜି ପ୍ରୟୋଗ କରିବା, ମୃତ୍ତିକାର ଭୌତିକ ଓ ରାସାୟନିକ ପ୍ରକୃତି ଓ ଧର୍ମ ବଦଳାଇବାପାଇଁ ବ୍ୟବସ୍ଥା କରିବା ଆବଶ୍ୟକ । ବ୍ୟାପକ ଗବେଷଣା ଲୋଡ଼ା । ଧାନ ଫସଲ ପରେ ପେସି, ବାଲି, ସୁଗାର, ବିଟ୍, କପା, ବିଲାତି ବାଇଗଣ, ଅଗରା, ବୁଟ, ପୋଇ ଓ ଚିନାବାଦାମ ଚାଷ କରାଯାଇପାରେ । ଆଉ କେତେକ ଜମିରେ ଚିଙ୍ଗୁଡ଼ି ମାଛ ଚାଷ ଉଭଚନଦ । ଏଣୁ ଲୁଣି ଅଞ୍ଚଳରେ ଚିଙ୍ଗୁଡ଼ି ଚାଷକୁ ଏକ ବ୍ୟବସାୟିକ ଭିତ୍ତିରେ ଗ୍ରହଣ କରିବା ଆବଶ୍ୟକ । ଓଡ଼ିଶା ସମୁଦ୍ର କୂଳ ଓ ଚିଲିକା ଉନ୍ନୟନ ସଂସ୍ଥା ଏଥିପାଇଁ ଯୋଜନା ପ୍ରସ୍ତୁତକରି କାର୍ଯ୍ୟକାରୀ କରାଉଛନ୍ତି ।

ଉପକୂଳ ଅଞ୍ଚଳରେ ଭୂନିମ୍ନ ଜଳ ସଂପଦ ମଧ୍ୟ ପ୍ରଚୁର । ଏ ଜଳକୁ ବିନିଯୋଗ କରି ପାରିଲେ କେନାଲ ଯୋଗୁ ଯେମିତି ଜମି ସେଚିତ ହୋଇପାରୁଛି ପ୍ରାୟ ସେତିକି ଜମି ସେଚିତ ହୋଇପାରିବ । ଭୂ ନିମ୍ନ ଜଳସ୍ତର ତଳକୁ ଜଳାନୁବେଧନତା କ୍ରମେ ହ୍ରାସ ପାଇବ । କେନାଲ ଉପରେ ଏ ଅଞ୍ଚଳରେ ଅଧିକ ନିର୍ଭର କରି ଭୂ-ନିମ୍ନ ଜଳକୁ ନଳକୂଅ, ଛୋଟ ଅଗଭୀର କୂଅ ସାହାଯ୍ୟରେ ବ୍ୟବହାର କରି ଉତ୍ପାଦନ ଯଥେଷ୍ଟ ବୃଦ୍ଧି କରାଯାଇ ପାରିବ ଓ ଆନୁଷଙ୍ଗିକ ସମସ୍ୟା ସମାଧାନ ହୋଇ ପାରିବ । ଜଳସେଚିତ ଅଞ୍ଚଳରେ ଧାନ-ଚାଷ ହେତୁ ରବି ଫସଲ ବୃଦ୍ଧି ଆସିଲାଣି । ମୁଗ, ବିରି, କୋଳଥ, ସୋରିଷ ନାହିଁ କହିଲେ ଚଳେ । ଏଣୁ ଡାଲୁଅ ଋତୁରେ କେବଳ ଧାନ ଜମି ଛଡ଼ା ଉପରେ ଧାନ ଚାଷ କରିବା ଉଚିତ ନୁହେ । ପର୍ଯ୍ୟାୟକ୍ରମେ ଉପଯୁକ୍ତ ପରିମାଣରେ ଜଳସେଚନ କରିବା ଓ ଦରକାର ନଥିବା ସମୟରେ ଜଳସେଚନ ନକରିବା ଏକାନ୍ତ ଆବଶ୍ୟକ । ଭୂନିମ୍ନ ଓ ଭୂପୃଷ୍ଠ ଜଳରେ ସମନ୍ୱିତ ବିନିଯୋଗ ଆବଶ୍ୟକ ।

ଅଣ ଜଳସେଚିତ ଅଞ୍ଚଳରେ ଧାନ ଛାଡ଼ି ମୁଗ, ବିରି ଓ ଚିନାବାଦାମ ବୁଣା ଯାଇଥାଏ । ମୁଗ ଓ ବିରି ଛୁଇଁ ଜାତୀୟ ଫସଲ । ଏଥିପାଇଁ ଫସ୍‌ଫେଟ ସାର ବେଶୀ ଦରକାର । ଏଣୁ ଫସଫେଟ ସାର ପ୍ରୟୋଗ ଏକାନ୍ତ ଆବଶ୍ୟକ । ଧାନ ପରେ ଚିନାବାଦାମ ଚାଷ କ୍ରମେ ବୃଦ୍ଧି ପାଉଛି । କିନ୍ତୁ ଚିନାବାଦାମକୁ ଉପଯୁକ୍ତ ପରିମାଣ ଫସ୍‌ଫରସ୍ ପଟାସ୍ ସାର ଦିଆ ଯାଉନଥିବାରୁ ଚିନାବାଦାମ ଅମଳ କମିବା ସଙ୍ଗେ ସଙ୍ଗେ ଧାନର ମଧ୍ୟ ଅମଳ କମୁଛି । ଏଣୁ ହେକ୍ଟର ପିଛା ୨୦ କି. ଗ୍ରା. ଯବକ୍ଷାରଜାନ ୪୦ କି. ଗ୍ରା ଫସ୍‌ଫେଟ ୪୦ କି. ଗ୍ରା ପଟାସ୍ ସାର ପ୍ରୟୋଗ ଆବଶ୍ୟକ । ମାଟି ଉର୍ବର ଥିଲେ ଯବକ୍ଷାରଜାନ ପ୍ରୟୋଗ କରାଯାଇପାରେ କିନ୍ତୁ ଫସ୍‌ଫରସ ଓ ପଟାସ୍ ସାର ଉପରେ ନିର୍ଭର କରେ । ପଟାସ [illegible] ଧାନର ଚେର ବୃଦ୍ଧି କରେ ଓ ଶର୍କରା ଉତ୍ପାଦନରେ ସାହାଯ୍ୟ କରେ ଓ ମରୁଡ଼ି ସହଣି ଶକ୍ତି ବଢ଼ାଏ । ରୋଗ ଓ ପୋକ ପ୍ରାଦୁର୍ଭାବ ହ୍ରାସ ପାଏ । ଧାନ ଫସଲରେ ଫସ୍‌ଫରସ ସାର ପ୍ରୟୋଗ କଲେ ପରବର୍ତ୍ତୀ ଛଟା ବା ବୁଣା ମୁଗ ଓ ବିରି ଫସଲକୁ ଏ ଫସଫରସ ବ୍ୟବହାର କରିପାରେ ଓ ଅମଳ ବଢ଼େ ।

ମୁଗ ଓ ବିରି ପିଛା ୧୦-୧୨ କି. ଗ୍ରା ଯବକ୍ଷାରଜାନ, ୩୦-୪୦ କି.ଗ୍ରା ଫସ୍‌ଫେଟ ପ୍ରୟୋଗ କରାଯିବା ଉଚିତ । ଏପରିକି କୋଳଥ ଫସଲରେ ଅଳ୍ପ ପରିମାଣ ଯବକ୍ଷାର ଜାନ (୧୦ କି. ଗ୍ରା) ଓ ଫସ୍‌ଫେଟ (୨୦ କି. ଗ୍ରା.) ସାର ଦେଲେ ହେକ୍ଟର ପିଛା (୧୦–୨୦) କ୍ୱିଣ୍ଟାଲ କୋଳଥ ଅମଳ ମିଳିଥାଏ । ଏଣୁ ମୃତ୍ତିକା ଅନୁସାରେ ସାର ପ୍ରୟୋଗ କଲେ ବିପାଣିଆ ଅଞ୍ଚଳରେ ଅମଳ ମଧ୍ୟ ବୃଦ୍ଧି ପାଇବ ।

ଉପଯୁକ୍ତ ପଦ୍ଧତି ଅନୁସରଣ କଲେ ବର୍ତ୍ତମାନର ଧାନ ଅମଳ ସହଜରେ ୩-୪ ଗୁଣ ହୋଇ ପାରିବ । ହିସାବରୁ ଜଣାପଡୁଛି ଯେ ହେକ୍ଟର ପିଛା ପ୍ରାୟ ୧୬ ଟନ୍ ଧାନ ହୋଇପାରିବ । ଆଖୁ ହେକ୍ଟର ପିଛା ୧୦୦ ଟନ୍, ଝୋଟ ୨୮–୩୦ କ୍ୱିଣ୍ଟାଲ, ଆଳୁ ୩୦୦ କ୍ୱିଣ୍ଟାଲ ମିଳିପାରିବ । ଏହି ଅନୁସାରେ ମୁଗ, ବିରି, କୋଳଥରୁ ମଧ୍ୟ ଉତ୍ପାଦନ ବୃଦ୍ଧି କରାଯାଇ ପାରିବ । ଉପଯୁକ୍ତ ବିହନ, ସାର ପ୍ରୟୋଗ, ଜଳ ନିୟନ୍ତ୍ରଣ ରୋଗ ଓ ପୋକ ନିୟନ୍ତ୍ରଣ ଫସଲ ପର୍ଯ୍ୟାପ୍ତ ଓ ସବୁଠାରୁ ଅଧିକ ଗୁରୁତର କଥା– ପରିଯୋଜନା ଠିକ୍ ହୋଇ ପାରିଲେ ବର୍ତ୍ତମାନର ଉତ୍ପାଦନ ସହଜରେ ୨ ଗୁଣ ହୋଇ ପାରିବ । ସପ୍ତମ ଯୋଜନା ଶେଷ ସୁଦ୍ଧା ରାଜ୍ୟର ଆବଶ୍ୟକ ୮.୫ ନିୟୁତ ଖାଦ୍ୟ ଶସ୍ୟ ୯–୭ ଲକ୍ଷ ଟନ୍ ତୈଳବୀଜ ଓ ୧୧.୪ ଲକ୍ଷ ଟନ୍ ଡାଲି ଜାତୀୟ ଫସଲ ଉତ୍ପାଦିତ ହୋଇ ପାରିବ । ଗଞ୍ଜାମରେ ଏକ ଏକର ଜମିରୁ ଏକଲକ୍ଷ ଟଙ୍କା ଆୟ ହୋଇ ପାରୁଛି ବୋଲି ଖବର ମିଳିଛି । ଏଣୁ ମୃତ୍ତିକାକୁ ଖାପଖୁଆଇଲାଭଳି ଉପଯୁକ୍ତ ଫସଲ ବାଛି ବୈଜ୍ଞାନିକ ପଦ୍ଧତିରେ ଓ ବ୍ୟବସାୟିକ ଭିତ୍ତିରେ ଚାଷ କଲେ ଅମଳ ବହୁତ ବଢ଼ି ପାରିବ ।

ବିଭିନ୍ନ ଉପାୟ ଅବଲମ୍ବନ କରି ଉତ୍ପାଦନ ବୃଦ୍ଧି କରାଯାଇପାରିବ । ସବୁଠାରୁ ବଡ଼ ସମସ୍ୟା ଜାଳେଣି । ରୋଷେଇ ପାଇଁ ଜାଳିବା କଣ ? ଅଗ୍ନିକ ଉପରୁ ରକ୍ଷା ପାଇବା କେମିତି ? ଗମନାଗମନ, ଯନ୍ତ୍ରପାତି ବ୍ୟବହାର ପାଇଁ ଅଧିକ ଶକ୍ତି ବିନିଯୋଗ, ବିଦ୍ୟୁତ୍ ଶକ୍ତି ଉତ୍ପାଦନ, ଜଙ୍ଗଲ ଜାଳିବା ଓ କାଟିବା ଇତ୍ୟାଦି ବୃଦ୍ଧି ପାଉଥିବା ହେତୁ ଆକାଶରେ ଅଙ୍ଗାରକାମ୍ଳ ବୃଦ୍ଧି ପାଉଛି । ବର୍ତ୍ତମାନ ବୃଦ୍ଧି ପାଉଥିବା ହାରରେ ପ୍ରାୟ ୧୦୦ ବର୍ଷ ବେଳକୁ ବର୍ତ୍ତମାନର ପରିମାଣ ଦୁଇଗୁଣ ହୋଇଯାଇଥିବ । ଏହି ହେତୁରୁ ବୃଷ୍ଟିପାତରେ ମଧ୍ୟ ପରିବର୍ତ୍ତନ ହେବ । ବର୍ତ୍ତମାନ ପୃଥିବୀର ହାରାହାରି ତାପମାନ ୧୫° ସେଲ୍‌ସିଅସରୁ ୧୭–୧୮° ସେ. କୁ ବୃଦ୍ଧି ପାଇବ । ମେରୁ ଅଞ୍ଚଳରେ ତାପମାନ ୫–୮° ବୃଦ୍ଧି ପାଇବ । ସମୁଦ୍ରରୁ ବେଶୀ ଜଳ ବାଷ୍ପୀଭୂତ ହେବ । ବୃଷ୍ଟିପାତ ବୃଦ୍ଧି ପାଇବ । ଏତଦ୍‌ବ୍ୟତୀତ ମେରୁ ଅଞ୍ଚଳରେ ଓ ପର୍ବତ ଶିଖରର ବରଫ ତରଳିବ । ଏହି ହେତୁ ସମୁଦ୍ର ଜଳପତନ ବୃଦ୍ଧି ପାଇବ ଓ ଉପକୂଳବର୍ତ୍ତୀ ଅଞ୍ଚଳ କ୍ଷତିଗ୍ରସ୍ତ ହେବ । ଓଡ଼ିଶାର ଉପକୂଳ ଅଞ୍ଚଳ ଏଥିରୁ ରକ୍ଷା ପାଇବ ନାହିଁ । ବର୍ତ୍ତମାନ ବଙ୍ଗୋପସାଗରରେ ଲଘୁଚାପ ହେତୁ ଉପକୂଳବର୍ତ୍ତୀ ଅଞ୍ଚଳ ସର୍ବଦା ବିପନ୍ନାପନ୍ନ ରହୁଛି । ଏ ବିପଦ କ୍ରମେ ବଢ଼ି ଚାଲିଛି । ଏହି ଉପକୂଳ ଅଞ୍ଚଳକୁ ବାତ୍ୟା ଓ ସମୁଦ୍ର ଜୁଆର ବାଢ଼ରୁ ରକ୍ଷା କରିବା ପାଇଁ ସମୁଦ୍ର ଧାରେ ଧାରେ ୧୦–୧୫ କି. ମି. ବ୍ୟାପୀ ଅଞ୍ଚଳରେ ବାଲେଶ୍ୱରଠାରୁ ବ୍ରହ୍ମପୁର ପର୍ଯ୍ୟନ୍ତ ବ୍ୟାପକ ଜଙ୍ଗଲ ସୃଷ୍ଟି କରାଯିବା ଉଚିତ । ଏଠି ଝାଉଁ, ଇଉକାଲିପଟାସ୍ ପୋଲଙ୍ଗ, ଜାକୁବାଦାମ ଇତ୍ୟାଦି ଗଛ ବିଭିନ୍ନ ସ୍ତରରେ ଲଗାଇ ପବନର ବେଗ ଓ ଜୁଆରର ପ୍ରଖରତା ହ୍ରାସ କରାଇବା ଉଚିତ । କେତେକ ସ୍ଥଳରେ କିଆ, ବେତ ମଧ୍ୟ ଚାଷ କରାଯାଇପାରେ । ସମୁଦ୍ର କୂଳେ କୂଳେ ଥିବା ବାଲି ଢିପକୁ ବସେଇବା, ଅଧିକ ବାଲିଢିପ ସୃଷ୍ଟି ନହେବା ପାଇଁ ଏବଂ ଏହି ଅଞ୍ଚଳରେ କିଛି ଫସଲ ଉତ୍ପାଦନ ପାଇଁ ବ୍ୟବସ୍ଥା ଗ୍ରହଣ ଅତ୍ୟନ୍ତ ଜରୁରୀ ହୋଇ ପଡ଼ିଲାଣି । ସ୍ଥାନୀୟ ବୃକ୍ଷଲତା ସଂରକ୍ଷଣ ଓ ସେଗୁଡ଼ିକର ବଂଶ ବୃଦ୍ଧି ଏକାନ୍ତ ଆବଶ୍ୟକ ହୋଇଗଲାଣି ।

ଓଡ଼ିଶାରେ ୨୦୦୦ ମସିହା ବେଳକୁ ୧୬.୫ ନିୟୁତ ଟନ୍ ଜାଳେଣି କାଠ ଦରକାର ହେବ । ଗାଁମାନଙ୍କରେ ୧୩ ନିୟୁତ ଟନ୍ ଓ ସହରାଞ୍ଚଳରେ ୩–୫ ନିୟୁତ ଟନ୍ । ଉପକୂଳବର୍ତ୍ତୀ ଅଞ୍ଚଳରେ ନାଳ ଅଭାବ । ଆତଃକିଳ ଅପେକ୍ଷା ବେଶୀଆମ୍ବ, ପଣସ, ଶୁଖୁଆ ଓ ବାଉଁଶପତ୍ର, ତାଳ, ଦୁଙ୍କା, ପାଳ, ଘସି ଇଆଲି ଇତ୍ୟାଦି ପ୍ରଧାନ ଜାଳ । ଆଗକୁ ଜାଳ କାଠର ଅଭାବ ଏ ଅଞ୍ଚଳରେ ବିଶେଷ ଭାବେ ବଢ଼ିବ । ମୁଣ୍ଡପିଛା ବର୍ଷକୁ ହାରାହାରି ଏକ ଟନ୍ ଜାଳେଣିକାଠ ଆବଶ୍ୟକ । ଏଣୁ ଏ ଅଭାବ ପୂରଣ କରିବା ପାଇଁ ସାମାଜିକ ବନୀକରଣ, ଗ୍ରାମ୍ୟ ବନୀକରଣ ଏକ ମୁଖ୍ୟ କାମ ହେଲାଣି । ଶୀଘ୍ର ବଢ଼ିପାରୁଥିବା ବେଶୀ ସମୟ ଜଳିପାରୁଥିବା ଅଧିକ ଶକ୍ତି ଦେଉଥିବା ଓ କମ୍ ଧୂଆଁ ହେଉଥିବା କାଠଗଛ ସରିଆଢ଼େ, ଦଣ୍ଡାରେ, ଗୋଚର କଡ଼େ କଡ଼େ ଯେଉଁଠି ଯେମିତି ସୁବିଧା ଅଛି ଲଗାଇବା ଆବଶ୍ୟକ । ଏ ଦାୟିତ୍ୱ ସରକାରଙ୍କର ବୋଲି ନଭାବି ପ୍ରତ୍ୟେକ ଗାଁର ଓ ଘରର ବୋଲି ଭାବିଲେ ସମସ୍ୟା ସମାଧାନ ହୋଇ ପାରିବ । ଘରେ ଘରେ ଗୋବର ଗ୍ୟାସ୍ ଚୁଲ୍ଲି ବସିବା ଆବଶ୍ୟକ । ଏହା ଦ୍ୱାରା ପ୍ରତ୍ୟେକ ଲୋକ ତାଙ୍କର ଆବଶ୍ୟକ ଜାଳେଣି ଉତ୍ପାଦନରେ ସ୍ୱାବଲମ୍ବୀ ହୋଇ ପାରିବେ ।

ଗୋରୁଙ୍କ ଖାଦ୍ୟ କଥା ସମସ୍ତେ ଭୁଲି ଯାଉଛନ୍ତି । ଚାରଣ ଯାହି ତାହି କରି ଦିଆଯିବା ନଡା କିଛି କୁଣ୍ଡା ଚୋକଡ ଓ ଦୁଇ ବାଲିଟି ପାଣି ନେଇ ଗୋରୁଙ୍କର ଖାଦ୍ୟ ପୂରଣ ହୋଇଗଲା ବୋଲି ଭାବୁଛେ । ସେମାନଙ୍କଠାରୁ ଅଧିକ ଦୁଧ ଓ କାମ ଆଦାୟ ପାଇଁ ଉପଯୁକ୍ତ ଖାଦ୍ୟ ଦେବାକୁ ପଡ଼ିବ । ଆମେ ଯେମିତି ଧାନଗଛକୁ ଗୁରୁତ୍ୱ ଦେଇ ଚିନ୍ତା କରୁଛୁ, ଗୋରୁ କଣ ଖାଇବେ, ଗୋରୁ ଖାଦ୍ୟ ଫସଲ କିପରି ଚାଷ ହେବ ଚିନ୍ତା କରିବା ଆବଶ୍ୟକ । ପ୍ରତ୍ୟେକ ଚାଷୀ ଗୋଖାଦ୍ୟ ଚାଷ ଧନ୍ଦା ପାଇଁ ୩–୪ଗୁଣ୍ଠ ଜମି ଅଲଗା କରି ରଖିବା ଆବଶ୍ୟକ । ବିଲର ଅବଛିତି ଦେଶି, ବରଗୁଡ଼ି, ମକା, ଶଙ୍କର, ଜୁଆର ଶଙ୍କର ନେପିଅର, ଗିନି ଓ ହାତିଆ ଘାସ ଲଗାଇବା ଆବଶ୍ୟକ ।

ଏହି ଅଞ୍ଚଳରେ ଅଣଜଳସେଚିତ ' ଜମିପାଇଁ ଫସଲ ପଦ୍ଧତି ନିମ୍ନମତେ ସୂଚିତ ହେଲା ।

ଉଚ୍ଚଜମି:–ହରଡ଼, ଚିନାବାଦାମ, ମାଣ୍ଡିଆ, ଧାନ, ଗୋଖାଦ୍ୟ ଫସଲ, ପନିପରିବା, ଧାନ-କୋଳଥ, ଧାନ-ସୋରିଷ, ମାଣ୍ଡିଆ,–ବିରିକୋଳଥ ଚିନାବାଦାମ–ବିରି । କୋଳଥ ମୁଗ ।

ମଧ୍ୟମ କିସମ ଜମି:–ଧାନ-ସୋରିଷ, ମୁଗ, ବିରି, ଧନିଆ ଚିନାବାଦାମ, ଧନିଆ, ଚିନାବାଦାମ, ମୁଗ, ଫେସି, ନଳିତା ବିରି–ପନିପରିବା ନଳିତା–ଧାନ–ବିରି, ମୁଗ, ଚିନାବାଦାମ ପାଟ–ରହାର–ଧାନ ମୁଗ ବିରି (ବୁଣା ବା ଛଟା) ।

ଜଳସେଚିତ ଅଞ୍ଚଳରେ ୩ଟି ଓ ଅଣଜଳସେଚିତ ଅଞ୍ଚଳରେ ୨ଟି ଫସଲ ହୋଇପାରିଲେ ଓଡ଼ିଶାର ଉତ୍ପାଦନ ବର୍ତ୍ତମାନ ଉତ୍ପାଦନର ୪ଗୁଣ ହୋଇ ପାରିବ ।

କୃଷି କଲେଜ, ଭୁବନେଶ୍ୱର

## ଅମୃତଭଣ୍ଡା ଗଛକୁ ମାଈ କରିବାର ନୂତନ ଉପାୟ

ଅମୃତଭଣ୍ଡା ଚାଷରେ ଏକ ମୁଖ୍ୟ ସମସ୍ୟାହେଲା ଅଣ୍ଡିରା ଗଛ ହେବ । ଗୋଟିଏ ବିଆରୀରେ ଅଧିକ ଅଣ୍ଡିରା ଅମୃତଭଣ୍ଡା ଗଛଥିଲେ ଚାଷୀକୁ କ୍ଷତି ସହିବାକୁ ପଡ଼ିଥାଏ । ମଞ୍ଜି ବା ଛୋଟ ଗଛକୁଦେଖି ମାଈ ଅଣ୍ଡିରା ଜାଣିବା ସହଜ ହେଉନଥିବାରୁ ଚାଷୀମାନଙ୍କ ପାଇଁ ଏହା ଏକ ମୁଖ୍ୟ ସମସ୍ୟା ହୋଇପଡ଼େ ।

ଏଥିରୁ ରକ୍ଷା ପାଇବାପାଇଁ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ଉଦ୍ୟାନବିତ୍‌ମାନେ ଏକ ଅଭିନବ ଉପାୟ ଆବିଷ୍କାର କରିଛନ୍ତି । ଏହାଦ୍ୱାରା ଏକ ଉନ୍ନତ କିସମର ଅମୃତଭଣ୍ଡା ମଞ୍ଜି ବୁଣି-ଦିଆଯାଏ । ପାଖରେ ଥିବା କୌଣସି ମାଈଗଛର ଅଗକୁ ମୂଳରୁ ୩୦-୪୫ ସେଣ୍ଟିମିଟର ଛାଡ଼ି କାଟି ଦିଆଯାଏ । ଏହି ମାଈଗଛରୁ ନୂଆ ଶାଖାମାନ ବାହାରେ । ବୁଣାଯାଇଥିବା ଚାରାଗୁଡ଼ିକ ୮ ସେ. ମି. ଉଚ୍ଚତା ବିଶିଷ୍ଟହେଲେ ଏହାକୁ ଛୋଟ ବୃନ୍ତକୁ ଉଠାଇ ନିଆହୁଏ । ମାଈଗଛର କଳିକାଗୁଡ଼ିକୁ ଆଣି ଏଥିରେ ବଡ଼ିଂ (ବଡ଼ିଂ) କରାଯାଏ । ଜୁଲାଇ ଓ ଅକ୍ଟୋବର ମାସରେ ଏହିପ୍ରଣାଳୀ ବେଶ୍ ସଫଳ ହୋଇଥାଏ । ଫଳରେ ଚାଷୀକୁ ଆଉ ଅଣ୍ଡିରା ଗଛ ପାଇଁ ଚିନ୍ତିତ ହେବାକୁ ପଡ଼େ ନାହିଁ ।



# କୃଷି କ୍ଷେତ୍ରରେ ସଫଳତାର ଏକ କାହାଣୀ

ଡ. ଅନିରୁଦ୍ଧ ମିଶ୍ର

୧୯୬୦ ମସିହା ବେଳକୁ ଭାରତ ଖାଦ୍ୟାଭାବରେ ବିବ୍ରତ । ଯେଉଁ ଦେଶ ଦିନେ ବିଦେଶକୁ ଖାଦ୍ୟ ଶସ୍ୟ ରପ୍ତାନି କରୁଥିଲା, ସେ ଦେଶର ସ୍ୱାଧୀନ ସରକାର ବିଦେଶରୁ ଖାଦ୍ୟ ଶସ୍ୟ କିଣିବା ପାଇଁ ଦ୍ୱାର ଦ୍ୱାର ବୁଲୁଥିଲେ । ଏହି ସମୟରେ ଆମେରିକା ସରକାର ଆମର କୃଷିର ଉନ୍ନତି ନିମିତ୍ତ ସେଠାକାର ଭୂମିଦାନ ବିଶ୍ୱବିଦ୍ୟାଳୟ ଦ୍ୱାରାରେ ଆମଦେଶରେ କେତେ ଗୁଡ଼ିଏ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ନିମିତ୍ତ ଆଗେଇ ଆସିଲେ । ସେ ଦେଶର ଗୋଟିଏ ଗୋଟିଏ ଭୂମିଦାନ ବିଶ୍ୱବିଦ୍ୟାଳୟ ଆମର ଏଠି ୨-୩ଟି ରାଜ୍ୟରେ ଏ ଦାୟିତ୍ୱ ନେଲେ । ମିଶୌରି ବିଶ୍ୱବିଦ୍ୟାଳୟର ସହାୟତାରେ ଆମର ଏହି କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେଲା ୧୯୬୨ରେ । ଆମେରିକାର ବିଶ୍ୱବିଦ୍ୟାଳୟର କେତେକଣ ବିଶେଷଜ୍ଞ ଏଠାରେ ଆସି ରହି ଏ ଦିଗରେ ପରାମର୍ଶ ଓ ଦିଗ୍‌ଦର୍ଶନ ଦେଲେ ।

ଗବେଷଣା ସମ୍ବନ୍ଧରେ ସେମାନଙ୍କର ପ୍ରଥମ ଓ ପ୍ରଧାନ ପରାମର୍ଶ ଥିଲା, କୃଷକ ମାନଙ୍କର ଅତି ଜରୁରି ବିଶେଷ ସମସ୍ୟା ସମ୍ବନ୍ଧରେ ଅଗ୍ରାଧିକାର ଭିତ୍ତିରେ ଗବେଷଣା କରିବା । ଏହି ନୀତିକୁ ଆଗରେ ରଖି ଆମ କୃଷି କଲେଜର ଅଧ୍ୟାପକ ମାନେ ଏହି ଦିଗରେ ଦୃଷ୍ଟି ଦେଲେ । କେତେକ ପ୍ରଧାନ ପ୍ରଧାନ ସମସ୍ୟା ସମ୍ବନ୍ଧରେ ତଥ୍ୟ ସଂଗ୍ରହ ନିମିତ୍ତ ଗାଁ ଗହଳିକୁ ଯାଇ କୃଷକମାନଙ୍କ ସହିତ ଆଲୋଚନା କରି କେତେକ ଜରୁରୀ ସମସ୍ୟା ସମ୍ବନ୍ଧରେ ଅବଗତ ହେଲୁ । ଗବେଷଣା ମଧ୍ୟରୁ ଗୋଟିଏ ସମସ୍ୟା ଉପରେ ଗବେଷଣା ଓ ତାର ସଫଳତା ସମ୍ବନ୍ଧରେ ଆଲୋଚନା କରାଯାଉଛି ।

ସେତେବେଳେ ମୁଁ କ୍ଷେତ୍ର ବିଜ୍ଞାନ ବିଭାଗର ଜଣେ ଅଧ୍ୟାପକ ହିସାବରେ କାମ କରୁଥାଏ । ଧାନ ଆମର ପ୍ରଧାନ ଫସଲ । କିନ୍ତୁ ଆମେ ଏହି ଫସଲରୁ କମ ଅମଦାନୀ ପାଉଥାଉ । ପ୍ରତ୍ୟେକ ଚାଷୀ ପ୍ରତିବର୍ଷ ଧାନଚାଷ କରିଥାଏ । କାରଣ ତାର ପରିବାର ଭାତ ଖାଇବାରେ ଅଭ୍ୟସ୍ତ । ତାର ଧାନ ଦରକାର ନିଜ ପରିବାରର ଖାଦ୍ୟର ଆବଶ୍ୟକତା ମେଣ୍ଟାଇବା ପାଇଁ । ତେଣୁ ଯେ କୌଣସି କିସମର ଓ ଯେତେ ପରିମାଣର ଜମି ଥିଲେ ମଧ୍ୟ ଆମର ପ୍ରତ୍ୟେକ ଚାଷୀ ବର୍ଷା ଋତୁରେ ଧାନ ହିଁ ଚାଷ କରନ୍ତି । ଆଉ ମଧ୍ୟ ଅନେକ ଜମି ଯେଉଁଠି ପାଣି ଜମି ରହେ ସେଥିରେ ବର୍ଷା ଦିନେ ଧାନ ବ୍ୟତୀତ ଆଉ କିଛି ହୋଇ ପାରିବ ନାହିଁ । ପୁରୁଷାନୁକ୍ରମେ ହଜାର ହଜାର ବର୍ଷ ଧରି ଏଇ ଧାନ ଫସଲ ହେଉଛି ଏ ଚାଷ ପ୍ରଣାଳୀ ସମ୍ବନ୍ଧରେ ପୂର୍ବ ପୁରୁଷମାନଙ୍କର ଅଭିଜ୍ଞତା ପରପୁରୁଷ ମାନଙ୍କୁ ଗଡ଼ି ଆସିଛି । ତେଣୁ ବହୁ କାଳର ଅଭିଜ୍ଞତା ଲବ୍ଧ ପ୍ରଣାଳୀରେ କଣ ଦୋଷ ଥାଇ ପାରେ ଯାହାକି କାହାରି ଦୃଷ୍ଟି ଆକର୍ଷଣ କରିନି ଓ ଆମେ କୃଷି ବୈଜ୍ଞାନିକ ହିସାବରେ କିଛି ପଢ଼ା ପଢି କରି ସେଥିରୁ ଭୁଲ ବାଛିବା ଓ ସୁଧାରିବା ? ଏଇ ଥିଲା ଆମମାନଙ୍କ ମନରେ ଏକ ବିଶେଷ ପ୍ରଶ୍ନବାଚୀ ।

ଏଇ ଦିଗରେ ଅନୁସନ୍ଧାନ କରିବା ସମୟରେ ମୁଁ ମୋ ନିଜ ଜମିର ଧାନ ଫସଲ ସମ୍ବନ୍ଧରେ ଟିକେ ତୀକ୍ଷ୍ଣ ଦୃଷ୍ଟି ଦେଇ ଜାଣିବା ପାଇଁ କାହିଁକି ଏତେ କମ ଅମଳ ମିଳୁଛି । ଫସଲ ଥିବା ସମୟରେ ମୁଁ ହିଡ଼ ବାଡ଼ିରେ ବୁଲି ଲକ୍ଷ୍ୟ କରେ ଓ ଧାନ କାମ ଦେବେ ଜମିରେ ବସିବା ସମୟରେ ଏ ଦିଗରେ ଚିନ୍ତା କରେ । ଧାନ ବିଲରେ ଦେଖିଲି କେଉଁଠି ବୁଦା ଗୁଡ଼ିକ ମଧ୍ୟରେ ୨ ଇଞ୍ଚ ବ୍ୟବଧାନ ତ କେଉଁଠି ଏକ ଫୁଟ ବା ଅଧିକ । ମଝିସ୍ଥାନ ସବୁ ଖାଲି ପଡ଼ିଛି । ଅନୁସନ୍ଧିତ୍ସୁ ମନ ନେଇ ଦୁଇ ହାତ ମାପରେ ଖଣ୍ଡେ କାଠି ନେଇ ଏକ ବର୍ଗ ମିଟରରେ କେତୋଟି ବୁଦା ଅଛି ବୋଲି ଅନେକ ଜାଗାରେ ଗଣି ଦେଖିଲି । ମୋ ଜମି ତ ହଳିଆମାନଙ୍କ ଦ୍ୱାରା ଚାଷ ହୁଏ । ତେଣୁ ପାଖରେ ଥିବା ସଂହାତି ଚାଷୀଙ୍କ ଜମିରେ ମଧ୍ୟ ଏଇ ଗଣତି କଲି । ଦେଖିଲି, ସେମାନଙ୍କ ଜମିରେ ମଧ୍ୟ ପରିସ୍ଥିତି ସେଇଆ । ଏକ ବର୍ଗ ମିଟର ଜାଗାରେ ୧୦ରୁ ୧୫ଟି ବୁଦାହିଁ ଅଛି । ଫଳରେ ଅଧରୁ ଅଧହିଁ ଜମି ପଡ଼ିଆ ପଡ଼ିଛି । ଅମଳ ଆସିବ କୁଆଡୁ ? ଆମର ଆବଶ୍ୟକ ଗଛ ସଂଖ୍ୟା

ଏହା ଏକ ତୃତୀୟାଂଶ । ତା ପୁଣି ସମାନ ଭାବରେ ଖେଳାଉ ହୋଇନାହିଁ । ଗୋଟିଏ ଧାନବୁଦା କେତେ ପିଲ ଦେଲେ ମଧ୍ୟ ଏକ ସ୍ଥିତ ସ୍ଥାନ ନେବ ନାହିଁ । କିନ୍ତୁ ଆମ ଚାଷୀମାନେ ପ୍ରତ୍ୟେକ ବୁଦା ବଡ଼ ବଡ଼ ହେଲେ, ମୁଠାକୁ ବୁଝେଇଲେ, ଫସଲ ଭଲ ହୋଇଛି ବଡ଼ ଖୁସି । ଏଇଟା ଭୁଲ୍ ଧାରଣା ।

ଏ ଦିଗରେ ଅନୁସନ୍ଧାନ କରି ଜାଣିଲି ଆମର ଖରୁଡ଼ି ଛଡ଼ା ବୁଣା ଓ ବେଉଷଣ ପ୍ରଣାଳୀରେ ଅନେକ ଗଛ ମରିଯାଇ ଜମିରେ ଏମିତି କମ ଗଛ ରହୁଛି ଓ ଅଧିକୁ ଅଧେ ଜମି ପଡ଼ିଆ ପଡୁଛି । ଯେଉଁଠି ଯେଉଁଠି ଜମିରେ ଖତ ଜମା ହୋଇଥାଏ, ସେଠି ଜମି ପ୍ରାୟ ପଡ଼ିଆ କାରଣ । ସେଠି ଦେଶୀ ଘାସ ଉଠିଥାଏ ଓ ତାକୁ ଦମନ କରିବା ପାଇଁ ବାରମ୍ବାର ସେ ଯାଗାରେ ଲଙ୍ଗଳ ଟଣାଯାଏ ଫଳରେ ଘାସ ମରେ ଓ ଧାନଗଛ ବି ମରେ । ଜମି—ପଡ଼ିଆ ହୁଏ । ଅମଳ ଆସିବ କେଉଁଠୁ ? ଡିପ ଜମିରେ ବିଦା ଦେବା ଦ୍ୱାରା ଠିକ୍ ସେଇ ପରିସ୍ଥିତି ହୁଏ ।

ଏ ସମ୍ବନ୍ଧରେ ଗୋଟିଏ ଜାଣିବାର କଥା ହେଲା ଜମିରେ ଗଛକୁ ଗଛର ଦୂରତା ସେତିକି ରହିବା ଦରକାର ଯାହା ଦ୍ୱାରାକି ଗଛ ପୁରା ବଢ଼ିଲେ ପରସ୍ପରକୁ ଛୁଇଁବେ କିନ୍ତୁ ଘୋଡ଼ାଇବେ ନାହିଁ । ତା'ହେଲେ ଜଣାଯିବ ଯେ, ଜମିର ପ୍ରତ୍ୟେକ ଇଞ୍ଚ ଯାଗାରେ ଆମେ ସଦୁପଯୋଗ କରିଛୁ । ପ୍ରମାଣ ସ୍ୱରୂପ ଫସଲ ପୁରା ବଢ଼ିଥିବା ସମୟରେ ଉପରୁ ଚାହିଁଲେ ଖାଲି ଜମି ଦେଖାଯିବ ନାହିଁ—ସବୁ ପତ୍ର ପତ୍ର ଦ୍ୱାରା ଘୋଡ଼ାଇ ହୋଇ ଯାଇଥିବ ।

ମୁଁ ଏ ଦିଗରେ ପୂର୍ବର ଗବେଷକମାନଙ୍କର ଗବେଷଣା ସମ୍ବନ୍ଧରେ ପଢ଼ାପଢ଼ି କରି ଜାଣିବା ପରେ ଆମ ବିଶ୍ୱବିଦ୍ୟାଳୟ ଫାର୍ମରେ ଭୁବନେଶ୍ୱରଠାରେ ଗବେଷଣା ଆରମ୍ଭ କଲି । ୫—୬ ବର୍ଷରେ ବିଭିନ୍ନ ଦିଗରୁ ପରୀକ୍ଷା ନିରୀକ୍ଷା ପରେ ସ୍ପଷ୍ଟ ପ୍ରମାଣ ମିଳିଲା ଯେ, ଧାନ ପରି ଗୋଟିଏ ଶସ୍ୟ ଜାତୀୟ ଫସଲ ପାଇଁ ଅଧିକ ଗଛ ସଂଖ୍ୟା ହିଁ ଅଧିକ ଅମଳ ପାଇବାର ଏକ ପ୍ରଧାନ ପ୍ରଣାଳୀ । ତେବେ ବିଭିନ୍ନ କିସମର ଧାନ ଅଛି । ଡେଙ୍ଗା ଆଉ ଗେଡା, '୩ ମାସରେ ପାଚିବା ଓ ୫ ମାସରେ ପାଚିବା କମ୍ ପିଲ ଦେବା ଓ ବେଶି ପିଲ ଦେବା ଇତ୍ୟାଦି । ତା ସାଙ୍ଗକୁ ସବୁ ଜମିରେ ଉର୍ବରତା ସମାନ ନୁହେଁ । ଆଉ ବିଭିନ୍ନ ଚାଷୀ ବିଭିନ୍ନ ପରିମାଣର ଖତ ସାର ପ୍ରୟୋଗ କରନ୍ତି । ଏ ସବୁ କଥା ପ୍ରତ୍ୟେକ ଗଛ ବା ବୁଦାରେ ଥିବା ସମସ୍ତ ଗଛର ପିଲ ଦେବା ଓ ବଢ଼ିବାକୁ ନିୟନ୍ତ୍ରଣ କରେ । ତେଣୁ କେତେ କେତେ ଦୂରରେ କେଉଁ କିସମର ଜମିରେ କେଉଁ କିସମର ଧାନକୁ ରୋଇବାକୁ ହେବ ବା ଗଛ ସଂଖ୍ୟା କେତେ ବହଳ ରଖିବାକୁ ହେବ ସେ ଦିଗରେ ପରୀକ୍ଷା ନିରୀକ୍ଷା କରି ତଥ୍ୟ ସଂଗ୍ରହ କରାଗଲା । ଉଦାହରଣ ସ୍ୱରୂପ ଅଳ୍ପ ଦିନିଆ ଅଳ୍ପ ପିଲ ଦେଉଥିବା ଓ ଅନୁର୍ବର ଜମିରେ ହେଉଥିବା ଧାନ ବର୍ଗମିଟର ପ୍ରତି ୭୦ରୁ ୧୦୦ ବୁଦା ରହିବା ଦରକାର (ବିଆଳିଧାନ) । ସେହିପରି ଅଧିକ ପିଲ ଦେଉଥିବା ଦେଶୀ ଦିନରେ ପାଚୁଥିବା ଉର୍ବର ଜମିର ସାରଦ ଧାନରେ ବର୍ଗମିଟର ପ୍ରତି ୪୦—୫୦ ବୁଦା ରହିବା ଯଥେଷ୍ଟ । ଏତି ବୁଦାରେ ୨ରୁ ୩ଟି ଗଛ ରହିବା ଯଥେଷ୍ଟ ।

ଏଇ ସମ୍ବନ୍ଧରେ ଗୋଟିଏ ଘଟଣା ମନକୁ ଆସେ । ୧୯୭୨—୭୩ ମସିହାବେଳକୁ ଆମ ବିଶ୍ୱବିଦ୍ୟାଳୟର ଉପ-କୁଳପତିଙ୍କ ପରାମର୍ଶଦାତା ହିସାବରେ ଜଣେ ବିଶିଷ୍ଟ ଅବସର ପ୍ରାପ୍ତ ଉଦ୍ଭିଦ ପ୍ରଜନନ ବୈଜ୍ଞାନିକ ଡଃ. ଟି. ଆର. ମେହଟ୍ଟା ଭାରତୀୟ କୃଷି ଗବେଷଣା କାଉନ୍‌ସିଲ ତରଫରୁ ଥାନ୍ତି । ସେ ଆମ ମାନଙ୍କ ସହିତ ମଝିରେ ମଝିରେ ଆଲୋଚନା କରନ୍ତି । ଡଃ. ମେହେଟ୍ଟା ମୋତେ ଥରେ ପଚାରିଲେ "ତୁମେ ମୁଖ୍ୟ କ୍ଷେତ୍ର ବିଜ୍ଞାନୀ—ଗୋଟିଏ ଏମିତି ପ୍ରଣାଳୀ କୁହ—ଯାହାକି ଧାନ ଫସଲର ଅମଳ ଆଖି ଦେଖାଣିଆ ଭାବରେ ବଢ଼ାଇ ପାରିବ" । ମୁଁ ତାଙ୍କୁ କହିଥିଲି, ଗଛସଂଖ୍ୟା ବଢ଼ାଇ ପାରିବା କଥା । ସେ ପଚାରିଥିଲେ, ଏହାଦ୍ୱାରା କେତେ ପରିମାଣ ଅମଳ ବଢ଼ି ପାରିବ ? ମୁଁ ତାଙ୍କୁ କହିଲି ଅତି କମ୍‌ରେ ଶତକଡ଼ା ୫୦ ଭାଗ । ସେ ତାଙ୍କ ସ୍ୱାଭାବିକ ଭଙ୍ଗୀରେ ଖୁବ୍ ହସିଲେ ଓ ଥଟାରେ କହିଲେ କେତେ ଗୁଣ ବଢ଼ାଇ କହୁଛନ୍ତି ? ମୁଁ କହିଲି—ଯାହା ସମ୍ଭବ ତାର ଅଧାହିଁ କହିଛି । ସେ ବିଶ୍ୱାସ କରି ନଥିଲେ । ମୁଁ ମୋର ଗବେଷଣାର ଫଳାଫଳ ଓ ଚାଷୀ ଜମିର ପରିସ୍ଥିତି ଦେଖାଇବା ପରେ ସେ ବିଶ୍ୱାସ କଲେ ।

ଏଇ ଗଛ ସଂଖ୍ୟା ସମ୍ବନ୍ଧୀୟ ଲବ୍ଧ ଜ୍ଞାନ କୃଷି ବିଭାଗର ସହକର୍ମୀମାନଙ୍କର ହୃଦବୋଧ କରାଇବା ପାଇଁ ମୋତେ ୨—୩ ବର୍ଷ ଲାଗିଥିଲା । ତତ୍‌କାଳୀନ କୃଷି ନିର୍ଦ୍ଦେଶକ ଡଃ. ସେନଗୁପ୍ତ କୁ ମୁଁ ବାରମ୍ବାର ବୁଝାଇଲା ପରେ ସେ ନିଜେ ସମସ୍ତ ଟ୍ରେନିଂ ସଭାରେ ଏ ବିଷୟରେ ଜୋର ଦେଲେ । ମୋ ଉପସ୍ଥିତିରେ ଗୋଟିଏ ଟ୍ରେନିଂ ସଭାରେ ସେ ଯେତେବେଳେ ଏ ବିଷୟରେ ଜୋର ଦେଇ କହିଲେ ସେତେବେଳେ ମୋର ଆନନ୍ଦର ସୀମା ରହି ନଥିଲା । ମୁଁ ଜାଣିଲି ମୋର ବହୁ ବର୍ଷର ଶ୍ରମ ସାର୍ଥକ ହୋଇଛି । ତା ପରେ କେତେବର୍ଷ ଗଲିଗଲା । ଥରେ ମୟୂରଭଞ୍ଜ ଜିଲ୍ଲାର ଜଣେ ଆଗୁଆ ଶିକ୍ଷିତ ଚାଷୀ ଆସି ମୋତେ କହିଲେ, "ଆପଣ ଧାନର ଗଛ ସଂଖ୍ୟା ଅଧିକ ରଖିବାକୁ ଯେଉଁ ପ୍ରଚାର କଲେ ତା'ଫଳରେ ଆମ ଅଞ୍ଚଳର ଲୋକେ ଘଞ୍ଚି ଘଞ୍ଚି ଆଙ୍ଗୁଳି ଛଡ଼ାରେ ରୋଉଛନ୍ତି । ଏଇଟା କଣ ଠିକ୍" ? ମୁଁ ସେତେବେଳେ ଜାଣି ଆହୁରି ଖୁସି ହେଲି ଯେ, ମୋର ପରାମର୍ଶ ଚାଷୀମାନେ କାର୍ଯ୍ୟକାରୀ କରୁଛନ୍ତି ଯଦିଓ, ଅତ୍ୟଧିକ କରୁଛନ୍ତି ।

ମୁଁ ତାଙ୍କୁ ବୁଝାଇ କହିଲି ଯେ, ଅତି ଅଳ୍ପ ଦିନିଆ ଧାନପାଇଁ ଏମିତି ବହଳ ରୁଆ ଯାଇପାରେ କିନ୍ତୁ ବଡଧାନ ପାଇଁ ୮—୧୦ ଇଞ୍ଚ ଛଡ଼ାରେ ରୋଇବାକୁ କୁହାଯାଇଛି । ତାପରେ ସେ ବୁଝିଲେ ପରେ ମୁଁ ସେ ଜିଲ୍ଲାର ବଡ କୃଷି ଅଫିସର ଓ ଆମ ବିଶ୍ୱବିଦ୍ୟାଳୟ-ର କେଓଁଝର ସ୍ଥିତ ଆଞ୍ଚଳିକ ଗବେଷଣା କେନ୍ଦ୍ରର ଗବେଷକଙ୍କ ଠାରୁ ଏକା ଖବର ପାଇଲି । ଏଇଥିରୁ ପ୍ରମାଣ ହେଲା ଦୁଇଟି କଥା । ଆମର ଗବେଷଣା ଲବ୍ଧଜ୍ଞାନ ଚାଷୀ ଗ୍ରହଣ କରି ଉପକୃତ ହୋଇଛି ଓ ବହୁଯୁଗରୁ ଚାଷ ପ୍ରଣାଳୀରେ ପରିବର୍ତ୍ତନ ଆଣିବାକୁ ପଛେଇନାହିଁ । ଏଇଥିରେ ଜଣେ ଗବେଷକ ହିସାବ-ରେ ଆମର ଚରମ ସାର୍ଥକତା ଓ ସନ୍ତୋଷ ।



# ପନିପରିବା ଫସଲର ଝାଉଁଳା ରୋଗ ଓ ତାହାର ପ୍ରତିକାର

ଅଧ୍ୟାପକ ବିରଞ୍ଚି ନାରାୟଣ ରାଉତରାୟ

ଡକ୍ଟର ସୀତାନାଥ ଦାସ

ଆମ ରାଜ୍ୟରେ ବାଇଗଣ, ବିଲାତିବାଇଗଣ, ଲଙ୍କାମରିଚ ଆଳୁ ପ୍ରଭୃତି ପନିପରିବା ବ୍ୟାପକଭାବେ ଚାଷ କରାଯାଇଥାଏ ଓ ଚାଷମାନେ ମଧ୍ୟ ଏହି ଫସଲରୁ ବହୁତ ଲାଭ ପାଇଥାନ୍ତି । କିନ୍ତୁ ଅନେକ ସମୟରେ ଏହିସବୁ ଫସଲରେ ଝାଉଁଳାରୋଗ ଦ୍ୱାରା ବହୁତ କ୍ଷତି ହୋଇଥାଏ ଯାହାଫଳରେ କି ଚାଷୀମାନଙ୍କୁ କ୍ଷତି ସହିବାକୁ ପଡ଼ିଥାଏ ।

ଗଛର ଝାଉଁଳା ରୋଗ ଏକ ଜଟିଳ ରୋଗ । ଏହା ଅନେକ ପ୍ରକାର, ଅନେକ ଗୁଡ଼ିଏ କାରଣର ମିଶ୍ରଣହେତୁ ହୋଇଥାଏ । ସାଧାରଣତଃ ଏହିରୋଗ ସୃଷ୍ଟି କରୁଥିବା ଜୀବାଣୁ ଇତ୍ୟାଦି ମାଟି ଭିତରେ ରହିଥାନ୍ତି ଓ ଅନୁକୂଳ ପାରିପାର୍ଶ୍ୱିକ ଅବସ୍ଥା ଦେଖି ଗଛମାନଙ୍କର ଚେରକୁ ଆକ୍ରମଣ କରିଥାନ୍ତି । ଥରେ ରୋଗର ଜୀବାଣୁ ଗଛ ମଧ୍ୟରେ ପ୍ରବେଶ କରି ଗଛର ରୋଗ ସୃଷ୍ଟି କରିବାକୁ ଆରମ୍ଭକଲେ ତାହାକୁ ଆୟତ କରିବା କଷ୍ଟକର ହୋଇଥାଏ ।

## ଝାଉଁଳାରୋଗର ବିଭିନ୍ନ କାରଣ

ସାଧାରଣତଃ ଝାଉଁଳାରୋଗ ଜୀବାଣୁ, ଫିମ୍ପି, ନେମାଟୋଡ଼୍, ଭାଇରସ୍, ଲାଇ ପ୍ରଭୃତି ଯୋଗୁଁ ହୋଇଥାଏ ।

ଆଳୁ, ବାଇଗଣ, ବିଲାତିବାଇଗଣ, ଲଙ୍କାମରିଚ ଫସଲରେ ସାଧାରଣତଃ ବ୍ୟାକ୍‌ଟେରିଆ ବା ଜୀବାଣୁ (Pfeudomonas solanocearum) ଦ୍ୱାରା ଝାଉଁଳାରୋଗ ହୋଇଥାଏ । ରୋଗାକ୍ରାନ୍ତ ଗଛ ହଳଦିଆ ପଡ଼େ ନାହିଁ । ଗଛର ଡାଳ ସବୁ ଗୋଟିକପରେ ଗୋଟିଏ ଅଗ ଆଡ଼ୁ ଝାଉଁଳି ପଡ଼ନ୍ତି । ସମୟେ ସମୟେ ୨ । ୩ ଦିନ ଭିତରେ ରୋଗାକ୍ରାନ୍ତ ଗଛ ଗୁଡ଼ିକ ମରିଯାଆନ୍ତି । ଫଳରେ ଫସଲର ବହୁତ କ୍ଷତି ହୋଇଥାଏ । ଝାଉଁଳି ପଡ଼ିଥିବା ଗଛକୁ ତଳକାଟି ପାଣିରେ ବୁଡ଼ାଇ ରଖିଲେ ଯେଉଁଠୁ ଧଳା ରଙ୍ଗର ରସ ବାହାରି ଥାଏ ।

ଅନେକ ପ୍ରକାର ଫିମ୍ପି ଯଥା : ଫୁଜାରିଅମ (Fusarium solani and F. Oxysporum), ରାଇଜୋକ୍ ଟୋନିଆ (Rhizoctionia solani), ସ୍କ୍ଲେରୋସିଅମ (Sclerotinm rolfsii), କୋଲେଟୋଟ୍ରିକମ୍ (Colletototrichum capsici) ମାନଙ୍କ ଦ୍ୱାରା ମଧ୍ୟ ଏହିରୋଗ ହୋଇ ପତ୍ର ହଳଦିଆ ପଡ଼ିଯାଏ ଓ ଗଛ ଗୁଡ଼ିକ ମୂଳ ଆଡୁ ଝାଉଁଳିବାକୁ ଆରମ୍ଭ କରେ । ଝାଉଁଳା ପତ୍ର ଗୁଡ଼ିକ ଶୁଖି ନଝଡ଼ି ଓହଳି ରହିଥାଏ । ଗଛ ମୂଳକୁ କାଟି ପରୀକ୍ଷା କଲେ ଫିମ୍ପି ଗୁଡ଼ିକ ଦେଖା ଯାଆନ୍ତି ।

ନେମାଟୋଡ଼୍ (କୃମି ବା ସୂତ୍ରଜୀବ) ମାନଙ୍କଦ୍ୱାରା ଝାଉଁଳାରୋଗ ଅଧିକ ପରିମାଣରେ ହୋଇଥାଏ ।ଏମାନଙ୍କ ମଧ୍ୟରୁ ଚେର ଗଣ୍ଠି ନେମାଟୋଡ଼୍ (Meloidogyne incognita and M. javanica) ସବୁଠାରୁ ଅତିମାରାତ୍ମକ ଅଟେ । ଏମାନେ ଅତି କ୍ଷୁଦ୍ର ହୋଇଥିବାରୁ ଖାଲି ଆଖିରେ ଦେଖାଯାଆନ୍ତି ନାହିଁ କିନ୍ତୁ ବାହାରେ ରହି ବା ଭିତରେ ପ୍ରବେଶ କରି ଚେରରୁ ରସ ଶୋଷି ନେଇଥାନ୍ତି । ଫଳରେ ଗଛ ଦୁର୍ବଳ ହୋଇଯାଏ ଓ ତାହାର ବୃଦ୍ଧି ହୁଏ ନାହିଁ । ପତ୍ର କ୍ରମଶଃ ହଳଦିଆ ପଡ଼ି ଗଛ ଅଗଆଡ଼ୁ ଶୁଖି ଝାଉଁଳି ପଡ଼େ । ବିଶେଷ କରି ଉଜ୍ଜ୍ୱଳ ଖରାଟିଆ ପାଗରେ ଗଛ ଗୁଡ଼ିକ ଝାଉଁଳିଯାଏ ସତ କିନ୍ତୁ ରାତିରେ ପୁଣି ସତେଜ ଦେଖାଯାଇଥାଏ । ରୋଗାକ୍ରାନ୍ତ ଗଛକୁ ଉପାଡ଼ି ଦେଖିଲେ ତାହାର ଚେରରେ ଗଣ୍ଠି ଗଣ୍ଠି ହୋଇ ଫୁଲି ଯାଇଥିବାର ଦେଖାଯାଏ । ଏହା ସହିତ ଅନ୍ୟ ଜାତିର ନେମାଟୋଡ଼୍ ମାନଙ୍କ ଦ୍ୱାରା ମଧ୍ୟ ରୋଗର ପ୍ରାଦୁର୍ଭାବ ବଢ଼ିଥାଏ । ନେମାଟୋଡ଼୍ ଜନିତ ରୋଗ ହେଲେ ଗଛର ସେହି କ୍ଷତ ସ୍ଥାନ ମାନଙ୍କ ମାଧ୍ୟମରେ ବ୍ୟାକ୍‌ଟେରିଆ, ଫିମ୍ପି ଇତ୍ୟାଦି ପ୍ରବେଶ କରି ଚେର ସଢ଼ା, କାଣ୍ଡ ବା ମୂଳପଚା ଓ ସହଜ ଝାଉଁଳା ପ୍ରଭୃତି ରୋଗ ସୃଷ୍ଟି କରିଥାନ୍ତି । ସାଧାରଣତଃ ବାଇଗଣ ଓ ବିଲାତିବାଇଗଣରେ ଚେର ଗଣ୍ଠି ଜନିତ ଝାଉଁଳାରୋଗ ଅଧିକ ପରିମାଣରେ ଦେଖାଯାଏ ।

ଭାଇରସ୍ ବା ଜୀବାଣୁ (Tip necrosis virus) ଦ୍ଵାରା ମଧ୍ୟ ଝାଉଁଳାରୋଗ ହୋଇଥାଏ । ଏହି ରୋଗ ହେଲେ ଗଛ ବଢ଼େ ନାହିଁ ଓ ଗଛର ଅଗଆଡୁ ଶୁଖି ଶୁଖି ଆସେ । ଲଙ୍କାମରିଚ ଗଛରେ ଏହିରୋଗ ବେଶୀ ଦେଖାଯାଏ ।

ଉଇମାନେ ଗଛର ମୂଳ କାଟିଦେଲେ ଗଛ ଝାଉଁଳି ପଡ଼େ ଓ ମରିଯାଏ । ଏହାଛଡ଼ା ବିଲରେ ପାଣି ଅଭାବ ହେଲେ ବା ଅଧିକ ମାତ୍ରାରେ ସାର ଓ ପୋକମରା ଔଷଧ ବ୍ୟବହାର କଲେ ଗଛ ଝାଉଁଳି ପଡ଼ିଥାଏ ।

## ରୋଗର ପ୍ରତିକାର

ଏହି ରୋଗ ହେଲେ ଚାଷୀର ବହୁତ କ୍ଷତି ହୋଇଥାଏ । ରୋଗ ଥରେ ହେଲେ ରୋଗାକ୍ରାନ୍ତ ଗଛକୁ ଭଲକରିବା ପାଇଁ ଏ ପର୍ଯ୍ୟନ୍ତ କୌଣସି ସମ୍ପୂର୍ଣ୍ଣ ସଫଳ ବ୍ୟବସ୍ଥା ବାହାରି ନାହିଁ । ତେଣୁ ପ୍ରତ୍ୟେକ ଚାଷୀ ରୋଗ ନହେବା ପାଇଁ ପ୍ରଥମରୁ ପ୍ରତିକାର ବ୍ୟବସ୍ଥା କରିବା ଉଚିତ୍ ।

(୧) ଖରାଦିନେ ବିଲକୁ ୩-୪ ଓଡ଼ ଚାଷ କରି ଦିଅନ୍ତୁ । ଏହା ଫଳରେ ବିଭିନ୍ନ ପ୍ରକାର ରୋଗ ସୃଷ୍ଟିକାରୀ ଜୀବାଣୁ ଇତ୍ୟାଦି ସୂର୍ଯ୍ୟ କିରଣର ସଂସ୍ପର୍ଶରେ ଆସି ନଷ୍ଟ ହୋଇଯିବେ ।

(୨) ଗୋଟିଏ ବିଲରେ ଏକ ପ୍ରକାର ଫସଲ ସବୁବେଳେ ଚାଷ କରନ୍ତୁ ନାହିଁ । କାରଣ ଏକ ପ୍ରକାର ଫସଲ ଚାଷ କଲେ ସେହି ଫସଲରେ ରୋଗ ସୃଷ୍ଟି କରିଥିବା ଜୀବାଣୁ ମାଟିରେ ରହି ପରବର୍ତ୍ତି ଫସଲରେ ରୋଗ କରାଇଥାଏ । ତେଣୁ ବାଇଗଣ, ବିଲାତି ବାଇଗଣ ପ୍ରଭୃତି ଫସଲ ପୂର୍ବରୁ ବା ପରେ ଚିନାବାଦାମ, ମକା, ଗହମ, କୋବି, ସୋରିଷ, ରାଶି ଇତ୍ୟାଦି ଫସଲ ଚାଷକଲେ ଝାଉଁଳା ରୋଗର ଆଶଙ୍କା ବହୁ ପରିମାଣରେ କମିଯାଏ । ଦୁଇଧାଡ଼ି ବାଇଗଣ ବା ବିଲାତି ବାଇଗଣ ମଝିରେ ଧାଡ଼ିଏ ଲେଖାଏ ଗେଣ୍ଡୁଫୁଲ ଗଛ ଲଗାଇଲେ ମଧ୍ୟ ଝାଉଁଳା ରୋଗର ପ୍ରାଦୁର୍ଭାବ କମିଯାଏ । ଏହାଦ୍ଵାରା ଚାଷୀ ଫୁଲ ବିକ୍ରିକରି ମଧ୍ୟ କିଛି ଅଧିକ ପଇସା ପାଇଥାଏ ।

(୩) ତଳି ପଟାଳୀକୁ ଫରମାଲିନ୍ (Formal) ନାମକ ରାସାୟନିକ ପଦାର୍ଥ ଦ୍ଵାରା ବିଶୋଧନକଲେ ଝାଉଁଳା ରୋଗରୁ ରକ୍ଷା ମିଳିଥାଏ ଓ ତଳି ସୁସ୍ଥ ହୋଇଥାଏ । ପ୍ରତି ୧ ଲିଟର ପାଣିରେ ୪୦ ସି.ସି. ହିସାବରେ ଫରମାଲିନ୍ ମିଶାଇ ତହିଁରେ ତଳି-ପଟାଳୀକୁ ଭିଜାଇ ଅଖାଦ୍ଵାରା ୧୦-୧୨ ଦିନ ଘୋଡ଼ାଇ ରଖିବା ଦରକାର । ପରେ ମାଟିକୁ ଶୁଖାଇ ମଞ୍ଜି ବୁଣାଯାଇପାରେ ।

(୪) ବାଇଗଣ, ବିଲାତି ବାଇଗଣ, ଲଙ୍କାମରିଚ ତଳି ଚେରକୁ ରୋଇବା ପୂର୍ବରୁ ଫୁରାଡ଼ନ୍ ମିଶା ପାଣିରେ ୬ ଘଣ୍ଟା ବୁଡ଼ାଇ ରଖି ରୋଇଲେ ଗଛର ପ୍ରତିରୋଧକ ଶକ୍ତି ବଢ଼ିଥାଏ । ୧ ଲିଟର ପାଣିରେ ୧୦ ଗ୍ରାମ ଫୁରାଡ଼ନ ୩ ଜି (Furadan 3 G.) ଗୋଳାଇ ଏହି ଦ୍ରବଣ ପ୍ରସ୍ତୁତ କରାଯାଇଥାଏ ।

(୫) ଯେଉଁ ସ୍ଥାନରେ ଚେର ଗଣ୍ଠି ଜନିତ ଝାଉଁଳା ରୋଗ ଅଧିକ ପରିମାଣରେ ଦେଖାଯାଏ ସେଠାରେ ତଳି-ଲଗାଇବାର ୭ ଦିନ ପୂର୍ବରୁ ଏକର ପିଛା ୮-୧୦ କେ. ଜି. (ହେକ୍ଟର ପିଛା ୨୦-୨୫ କେ. ଜି.) ହିସାବରେ ଫୁରାଡ଼ନ ୩ ଜି. କିମ୍ବା ଡ଼ାଇଜିନନ୍ ୧୦ ଜି (Diazinon 10 G.) କିମ୍ବା ଥିମେଟ ୧୦ ଜି (Thimet 10 G) ପ୍ରଭୃତି ଦାନାଦାର ଔଷଧ ବିଲର ଚାରିଆଡ଼େ ବୁଣି ହଳକରି ମାଟିରେ ମିଶାଇ ହାଲୁକା ଭାବରେ ପାଣି ଦିଅନ୍ତୁ ।

(୬) ଗଛ ଲଗାଇବା ପୂର୍ବରୁ ଏକର ପିଛା ୮ ଗାଡ଼ି (ହେକ୍ଟରେ ପିଛା ୨୦ ଗାଡ଼ି) ଭଲ ଖତ ଦିଅନ୍ତୁ । ଗଛ ଲଗାଇବା ସ୍ଥାନରେ ନିମ ପିଡିଆ କିମ୍ବା କୁକୁଡ଼ା ଖତ କିମ୍ବା ମାଛ କାତି ଗୁଣ୍ଡ ୨ ଚାମଚ ଲେଖାଏ ଦେଇ ମାଟି ସହିତ ଭଲଭାବରେ ମିଶାନ୍ତୁ ଓ ଗଛ ଲଗାନ୍ତୁ ।

(୭) ତଳି କିଆରିରେ ବାଭିଷ୍ଟିନ (Bavistin) ନାମକ ଏକ ଔଷଧକୁ ମଧ୍ୟ ପାଣିରେ ଗୋଳାଇ ସିଞ୍ଚନ୍ତୁ ଓ ତଳି ଲଗାଇବାର ମାସକ ପରେ ଫସଲ ଉପରେ ଆଉ ଥରେ ଏହି ଔଷଧ ବ୍ୟବହାର କରନ୍ତୁ । ପ୍ରତି ୧ ଲିଟର ପାଣିରେ ୧ ଗ୍ରାମ ହିସାବରେ ବାଭିଷ୍ଟିନ ମିଶାଇ ଦ୍ରବଣ ପ୍ରସ୍ତୁତ କରାଯିବା ଉଚିତ୍ ।

(୮) ଫସଲରେ ସବୁବେଳେ ଆବଶ୍ୟକ ଅନୁଯାୟୀ ସାର ଓ ପାଣି ଦିଅନ୍ତୁ । ଅଧିକ ପାଣି ଦେଲେ ଗଛ ମୂଳ ସଢ଼ିଯିବାର ଆଶଙ୍କା ରହିଥାଏ । ଅନ୍ୟାନ୍ୟ ଯବକ୍ଷାର-ଜାତୀୟ ସାର ଅପେକ୍ଷା ୟୁରିଆ ସାର ବ୍ୟବହାର କଲେ ଝାଉଁଳା ରୋଗ ଆକ୍ରମଣର ଆଶଙ୍କା କମ୍ ହୋଇଥାଏ ।

(୯) ଆଜିକାଲି ଅନେକ ଫସଲର ରୋଗ ନିରୋଧକ ବିହନ କିସମ ବାହାରିଲାଣି । ତେଣୁ ଚାଷୀ ଭାଇମାନେ ସେହି ପ୍ରକାର ବିହନ ସଂଗ୍ରହକରି ଚାଷ କରିବା ଉଚିତ୍ ।

ବାଇଗଣ—ପି. ବିଆର ୯୧-୨, ବିଜୟ ହାଇବ୍ରିଡ଼ ଘାଟିକିଆ ଲୋକାଲ, କେଉଁଝର ଲୋକାଲ, ବନାରସ ବିଉଟି ।

ବିଲାତି ବାଇଗଣ—ପାଟ୍ରିଅଟ, ରୋନିତା, ସିଲେକ୍ସନ-୧୨୦, ହିଲାନି, ଆନାହୁ, ଏଲ.ଇ—୭୯

ଲଙ୍କାମରିଚ—ପୁଷା ଜ୍ଵାଳା, ସିନ୍ଦୁରି, କେ—୨

ଆଳୁ—ଏଚ୍. ସି.—୧୧୫, ଏଚ୍. ସି.—୨୯୪, ପୁଷା—୧୨୦

କୌଣସି ଗୋଟିଏ ପ୍ରକାର ପ୍ରତିକାର ବ୍ୟବସ୍ଥାଦ୍ଵାରା ଝାଉଁଳା ରୋଗକୁ ସମ୍ପୂର୍ଣ୍ଣରୂପେ ଆୟତ୍ତକରିବା ସବୁବେଳେ ସମ୍ଭବପର ନୁହେଁ । ତେଣୁ ଏକ ସଙ୍ଗରେ ଏକାଧିକ ବ୍ୟବସ୍ଥା ଗ୍ରହଣ କଲେ ଝାଉଁଳା ରୋଗ ଆକ୍ରମଣରୁ ନିଶ୍ଚୟ ରକ୍ଷା ମିଳିପାରିବ ।

ନେମାଟୋଲଜି ବିଭାଗ

*କୃଷି କଲେଜ୍, ଓ. ଯୁ. ଏ. ଟି., ଭୁବନେଶ୍ଵର

# ପଟାଙ୍ଗି ଉଚ୍ଚ ପର୍ବତ ଗବେଷଣା କେନ୍ଦ୍ର

ଡଃ ଧ୍ରୁବଚରଣ ମହାନ୍ତି

ଏହି ଗବେଷଣା କେନ୍ଦ୍ରରେ ୧୯୭୫ ମସିହାର ଗବେଷଣା କେନ୍ଦ୍ର, ପଟାଙ୍ଗି ମସଲା ଜାତୀୟ ଫସଲ ଉପରେ ଗବେଷଣା କରାଯାଇ, ନିମ୍ନଲିଖିତ ତଥ୍ୟ ଗୁଡ଼ିକ ଉଦ୍‌ଭାବନ କରାଯାଇଅଛି ।

## ହଳଦୀ

ଓଡ଼ିଶା କୃଷି ପରିସଂଖ୍ୟାନ ବିଭାଗ (୧୯୮୧-୮୨) ଅନୁଯାୟୀ ଆମ ରାଜ୍ୟରେ ୨୪,୭୯୫ ହେକ୍ଟର ଜମିରେ ହଳଦୀ ଚାଷ କରାଯାଏ । ଯଦିଚ ଏଥିରୁ ଅଧିକାଂଶ ଜମି କୋରାପୁଟ ଏବଂ ଫୁଲବାଣୀ ଜିଲାରେ ଅବସ୍ଥିତ ତଥାପି ଅନ୍ୟାନ୍ୟ ଜିଲାମାନଙ୍କରେ କିଛି କିଛି ହଳଦୀଚାଷ କରାଯାଇଥାଏ । ଫୁଲବାଣୀ ଜିଲାରେ କେବଳ ୧୭,୬୮୧ ହେକ୍ଟର ଜମିରେ ହଳଦୀ ଚାଷ କରାଯାଏ । ଏହି ଜିଲାର ଆଦିବାସୀମାନଙ୍କର ଏକ ଅର୍ଥକାରୀ ଫସଲ । କିନ୍ତୁ ଅଧିକ ଉତ୍ପାଦନକ୍ଷମ ବିହନ କିସମ ନଥିବାରୁ, ଲଗାଇବା ସମୟରେ ଉପଯୁକ୍ତ ପ୍ରଥା ନ ଲଗିବାରୁ କେବଳ ଶାଳପତ୍ର ଘୋଡ଼ାଇ ହଳଦୀଚାଷ କରାଯାଉଥିବାରୁ, ଉପଯୁକ୍ତ ପରିମାଣର ଖତ ଓ ସାର ପ୍ରୟୋଗ ହେଉନଥିବାରୁ ହେକ୍ଟର ପିଛା ହାରାହାରି ଅମଳ ମାତ୍ର ୮–୬ କ୍ୱିଣ୍ଟାଲ ହେଉଅଛି । ପୁଣି ଏହାର ନିରସାବର୍ଣ୍ଣ ରହୁଥିବାରୁ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଦ୍ରବ୍ୟ ଗୁଣ କମ୍ ଥିବାରୁ ବଜାରରେ ଆମ ରାଜ୍ୟର ଚାଷୀମାନେ କମ୍ ମୂଲ୍ୟ ପାଉଛନ୍ତି । ଏଣୁ ବହୁ ପରୀକ୍ଷା ନିରୀକ୍ଷା କରାଯାଇ ଏହି ଗବେଷଣା କେନ୍ଦ୍ରରୁ ୨ଟି ନୂଆ କିସମ ବାହାର କରାଯାଇଛି । ଗୋଟିଏ ହେଲା ପିଟିଏସ୍-୧୦ (ରୋମା) ଏବଂ ଅନ୍ୟଟି ପି. ଟି. ଏସ.-୨୪ (ସୁରମା) ଏହି କିସମରୁ ପ୍ରାୟ ୨୦୬ରୁ ୪୦୦ କ୍ୱିଣ୍ଟାଲ ପର୍ଯ୍ୟନ୍ତ କଞ୍ଚା ହଳଦୀ, ଶତକଡ଼ା ୨୬–୩୧ ଭାଗ ଶୁଖିଲା ହଳଦୀ ୯.୩% କର୍କୁମିନ୍ ୧୩.୧% ଓଲିଓ ରେଜିନ୍ ଏବଂ ୪-୨-୪୪% ତୈଳ ମିଳେ । ଏମାନଙ୍କ ମଧ୍ୟରୁ ପି. ଟି. ଏସ୍ ୧୦ ଆମ ଦେଶର ଚାଷୀମାନେ ଚାଷ କରିବା ପାଇଁ ଜାତୀୟ କର୍ମଶାଳାରେ ସୁପାରିସ୍ କରାଯାଇଅଛି । ହଳଦୀର ଗଣ୍ଠି ମା ପୁଅ ଲଗାଇଲେ ଅଧିକ ଅମଳ ଦିଏ । ଏହାର ଅଭାବରେ ମା ପୁଅ ବା ମୁଣ୍ଡା ପୁଅରୁ ବାହାରିଥିବା ପ୍ରଥମ ପୁଅ ଲଗାଯାଇପାରେ । ଏହାର ଖଣ୍ଡଗୁଡ଼ିକ ପ୍ରାୟ ୨୫–୩୦ ଗ୍ରାମ୍ ଓଜନ ହୋଇଥିବା ଦରକାର । ଲଗାଇବା ପୂର୍ବରୁ ଶତକଡ଼ା ୦.୨୫ ଭାଗ ଡିଥେନ୍ ଏମ୍–୪୫ ବା ବାଭିଷ୍ଟିନ୍ ପାଣିରେ ଖଣ୍ଡଗୁଡ଼ିକ ଅଧଘଣ୍ଟା ଭିଜାଇ ଛାଇରେ ଶୁଖାଇ ୧ମି ଚଉଡ଼ା ୧୫ ସେମି ଉଚ୍ଚ ଏବଂ ଆବଶ୍ୟକ ଲମ୍ବର ଉଚ୍ଚପଟାଳି ବାନ୍ଧି ଲଗାଇଲେ ଏବଂ ଆଡ଼କୁ ଧାଡ଼ି ୩୦ ସେମି: ଓ ଗଛରୁ ଗଛ ୨୦ ସେ: ମି: ବ୍ୟବଧାନ ଦେଲେ ଅଧିକ ଅମଳ ହେବ ।

ଆମର ଆଦିବାସୀ ଚାଷୀ ଭାଇମାନେ କେବଳ ଶାଳପତ୍ର ଉପରେ ନିର୍ଭର କରି ଏଇ ଚାଷ କରିଥାନ୍ତି । କିନ୍ତୁ ଦିନକୁ ଦିନ ଜଙ୍ଗଲ ସଂପଦ କମି ଯାଉଥିବାରୁ ଶାଳଡାଳ କାଟିବାକୁ

ଜଙ୍ଗଲ ବିଭାଗ ନିଷେଧ କରିପାରେ, ଏଣୁ ଶାଳପତ୍ର ବ୍ୟତୀତ ଜଙ୍ଗଲରେ ଯେକୌଣସି ଶୁଖିଲାପତ୍ର, ଘର ଛପର ପଚିଯା, ଫସଲ ଅମଳ ପରେ ଖଳାର ଅଦରକାରୀ ଜିନିଷ, ଧାନ ଗହମର ପାଳ, ସୁଆଁ ପାଳ, ମାଣ୍ଡିଆପୋଳ ଯାହାକୁକି ଆମର ଆଦିବାସୀ ଭାଇମାନେ ପୋଡ଼ି ଦେଉଛନ୍ତି ଏହାକୁ ନ ପୋଡ଼ି ସାଇତିରଖି ହଳଦୀ ପଟାଳିକୁ ଘୋଡ଼ାଇ ଅଧିକ ଅମଳ ପାଇପାରିବେ ।

ଆମର ଚାଷୀଭାଇମାନେ ଏହି ଫସଲରେ କୌଣସି ଖତ ବା ସାର ପ୍ରୟୋଗ କରିବା ଜାଣି ନାହାନ୍ତି । ଏହାକୁ ୮ ମାସରେ ଖୋଳିବା ପରିବର୍ତ୍ତେ କେହି କେହି ଭଲ ହଳଦୀ ହୋଇ ନଥିବାରୁ ୨ବର୍ଷରେ ଖୋଳିବାର ଦୃଷ୍ଟାନ୍ତ ଅଛି । କିନ୍ତୁ ଲଗା, କୋଡ଼ା ଖୁସା ଏବଂ ଘାସବଛା ଇତ୍ୟାଦି ସମସ୍ତକାମ କରି କେବଳ ଖତ ସାର ପ୍ରୟୋଗ ନକରିବାରୁ ଆମେ ଲାଭବାନ ହୋଇପାରୁ ନାହୁଁ । ଜଣା ପଡ଼ିଛି ଯେ, ହଳଦୀ ଚାଷରେ ଗୋଟିଏ ବର୍ଗମିଟର ପିଛା ଯଦି ୭.୨ କି: ଗ୍ରା: ଖତ ବା କଂପୋଷ୍ଟ, ୨.୫ କି: ଗ୍ରା: ପତ୍ର, ଘାସ କିମ୍ବା ଅଳିଆ ଏବଂ ହେକ୍ଟର ପିଛା ୬୦ କି:ଗ୍ରା: ଯବକ୍ଷାରଜାନ ୩୦ କି:ଗ୍ରା: ଫସ୍ ଫରସ୍ ଏବଂ ୯୦ କି:ଗ୍ରା: ପୋଟାସ୍ ପ୍ରୟୋଗ କରାଯାଏ ତେବେ ଫସଲରୁ ସର୍ବାଧିକ ଅମଳ ମିଳିଥାଏ ।

# ଅଦା

ଓଡ଼ିଶାରେ ପ୍ରାୟ ୫୯୦୫ ହେକ୍ଟର ଜମିରେ ଅଦା ଚାଷ କରାଯାଏ ଓ ହେକ୍ଟର ପିଛା ହାରାହାରି ଅମଳ ପ୍ରାୟ ୯-୪ କ୍ୱିଣ୍ଟାଲ ମିଳିଥାଏ । ଏହାର କାରଣ ଅଧିକ ଅମଳକ୍ଷମ ବିହନର ଅଭାବ, ଠିକ ସମୟରେ ଲଗାନଯିବା, ଲଗାଇବାର ପ୍ରଣାଳୀ ବିହନ ଖଣ୍ଡ, ବହନ ବିଶୋଧନ କରିବା ଜ୍ଞାନ ତଥା ଉପଯୁକ୍ତ ପରିମାଣର ଖତ ସାର ପ୍ରୟୋଗ ବିଧି ଆମ ଚାଷୀ-ଭାଇମାନଙ୍କ ନିକଟରେ ନପହଞ୍ଚିବା । ଏଣୁ ଏହି ଗବେଷଣା କେନ୍ଦ୍ରରୁ ଅଦାରେ ମଧ୍ୟ ଦୁଇଟି ନୂଆ କିସମର ଅଧିକ ଅମଳକ୍ଷମ ବିହନ ବାହାର କରାଯାଇଅଛି । ଏଗୁଡ଼ିକ ହେଲା ପି. ଜି. ଏସ୍.—୩୫ (ସୁପ୍ରଭା) ଏବଂ ପି. ଜି. ଏସ୍—୧୯ (ସୁରୁଚି) ଗତ ଜାତୀୟ କର୍ମଶାଳାରେ ଏହାର ଅଧିକ ଅମଳକ୍ଷମତା ହେକ୍ଟର ପିଛା ୧୬୬ କ୍ୱିଣ୍ଟାଲ ୨୬୮ କ୍ୱିଣ୍ଟାଲ ପର୍ଯ୍ୟନ୍ତ ବୋଲି ପ୍ରକାଶ ପାଇଛି । ଶୁଖ ଅଦା ବା ଶୁଣ୍ଠି ଅମଳ ଶତକଡ଼ା ୨୦.୫ ଭାଗ ଓ ଲିଓ ରେଜିନ୍ ୮.୯%, ତୈଳ ୧-୯% ଏବଂ ତନ୍ତୁ ୪-୪% ବିଗୁଣକୁ ନିଆଯାଇ ଆମ ରାଜ୍ୟରେ ଚାଷ ପାଇଁ ଏହାକୁ ଅନୁମୋଦନ କରାଯାଇଛି । ଲଗାଠାରୁ ପାଚନ ଅଦା ଅମଳ ପର୍ଯ୍ୟନ୍ତ ଏହା ପ୍ରାୟ ୨୨୯ ଦିନ ନିଏ । ସଢ଼ା ରୋଗ ଏଥିରେ କମ୍ ହୁଏ ।

ଅଦା ଅପ୍ରେଲ ମାସ ଆରମ୍ଭରୁ ମେ ମାସ ଶେଷ ପର୍ଯ୍ୟନ୍ତ ଲଗା ଯାଇପାରେ । ଅଧିକ ଅମଳ ପାଇବା ପାଇଁ ଏହା ପ୍ରକୃଷ୍ଟ ସମୟ ।

ପ୍ରାୟ ୧୫ ସେ : ମି : ଉଚ୍ଚର ଉଚ୍ଚା ପଟାଳି ଏହାର ଚଉଡ଼ା ୧ ମିଟର ଏବଂ ଆବଶ୍ୟକୀୟ ଲମ୍ବରେ ଜମି ପ୍ରସ୍ତୁତ କରି ହେକ୍ଟର ପିଛା ପ୍ରାୟ ୫୦ ଗାଡ଼ି ଖତ, ୭୫ କି. ଗ୍ରା. ଯବକ୍ଷାରଜାନ, ୫୦ କି. ଗ୍ରା- ଫସଫରସ୍ ଏବଂ ୫୦ କି. ଗ୍ରା. ପୋଟାସ୍ ପ୍ରୟୋଗ କଲେ ଅଧିକ ଅଦା ଅମଳ ଦେଇଥାଏ ।

ପ୍ରତି ଅଦା ଖଣ୍ଡ ଗୁଡ଼ିକ ପ୍ରାୟ ୧୯ ଗ୍ରାମ ଓଜନର ହେବା ଦରକାର ଏବଂ ଏଗୁଡ଼ିକୁ ଶତକଡ଼ା ୨୫ ଭାଗ ଡ଼ିଥେନ୍ ଏମ ୪୫ ବା ବାଭିଷ୍ଟିନ୍ ପାଣିରେ ଅଧଘଣ୍ଟା ଭିଜାଇ ଛାଇରେ ଶୁଖାଇ ଧାଡ଼ିକୁ ଧାଡ଼ି ୨୫ ସେ: ମି: ବ୍ୟବଧାନ ଏବଂ ଗଛକୁ ଗଛ ୨୦ ସେ: ମି: ଛାଡ଼ି ପ୍ରାୟ ୫ ସେ: ମି: ଗଭୀରରେ ଲଗାଇ ହେକ୍ଟର ପିଛା ପ୍ରାୟ ୧୫୦ କ୍ୱିଣ୍ଟାଲ-ଶାଳ, ପତ୍ର କି. ଘାସ ଦ୍ୱାରା ପଟାଳିଗୁଡ଼ିକ ଘୋଡ଼ାଇ ଦେଲେ ଅଧିକ ଅମଳ ମିଳେ । ଅଦା ସହିତ ଅନ୍ୟାନ୍ୟ ମଧ୍ୟବର୍ତ୍ତୀ ଫସଲମାନଙ୍କ ମଧ୍ୟରେ ହରଡ଼, ଘେଞ୍ଚିଦିନି ପ୍ରଭୃତି କଲେ ଅଧିକ ଲଭ ହେବାର ଜଣାପଡ଼ିଛି ।

# ଗୋଲମରିଚ

ଗୋଲମରିଚ ଏକ ଲତା ଜାତୀୟ ଫସଲ । ଏହାର ଆୟୁଷ ପ୍ରାୟ ୬୦ରୁ ୧୦୦ ବର୍ଷ । ବଡ଼ ବଡ଼ ଗଛ ଯେଉଁଗୁଡ଼ିକର କାଣ୍ଡ ଖଦଡ଼ିଆ ତାହା ଉପରେ ଏହା ଆଶ୍ରାକରି ଲଟାଏ । ଆମ ରାଜ୍ୟକୁ ଏହା ପରୀକ୍ଷାମୂଳକଭାବେ ଅଣାଯାଇଥିଲା । ବର୍ତ୍ତମାନ ଦେଖାଯାଉଛି ଏହି ଫସଲଟି ଆମ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ଚାଷ କରାଯାଇ ପାରିବ । ବର୍ତ୍ତମାନ ଜଙ୍ଗଲ ସଂପଦ କ୍ରମେ କମିଯିବାରୁ ଜାଳେଣି କାଠର ବିଶେଷ ଅଭାବ ପରିଲକ୍ଷିତ ହେଲଣି । ଏବଂ ଏଥିପାଇଁ ଆମକୁ କାଠ ଚାଷ କରିବାକୁ ପଡ଼ିବ । ଏହା ଛଡ଼ା ଅନ୍ୟ ଉପାୟ ନାହିଁ । ପରିବେଶ ସୁରକ୍ଷା ପାଇଁ ମଧ୍ୟ ଗଛର ଆବଶ୍ୟକତା ରହିଛି । ପବନପ୍ୟାରି, ଜାମୁ, ଗୁହୁଣ୍ଡା ଶାଳ ଇତ୍ୟାଦି ଜଙ୍ଗଲ ଗଛ ମୂଳେ ଏବଂ ଆମ୍ବ, ପଣସ ଓ ନଡ଼ିଆ ଇତ୍ୟାଦି ଫଳଗଛ ମୂଳେ ଏହାକୁ ଲଗାଯାଇ ପାରିବ । କିସମଗୁଡ଼ିକ ମଧ୍ୟରୁ ଶଙ୍କର ପାନୁୟସ—୧ ବାଲାନ୍ କୋଟା ଓ କାମୁରାଲି ଆମ ରାଜ୍ୟରେ ଅଧିକ ଅମଳ ହେଉଛି । ଫେବୃୟାରୀ ମାସରେ ଏହାର ଡ଼ାଙ୍କରୁ ଚାରାଗଛ ପ୍ରସ୍ତୁତ କରିବା ସହଜସାପେକ୍ଷ ଓ ଅଧିକ ସଂଖ୍ୟକ ଗଛ ବଞ୍ଚେ । ଜୁନ୍—ଜୁଲାଇ ମାସ ଲଗାଇବାର ପ୍ରକୃଷ୍ଟ ସମୟର ପାଞ୍ଚ ବର୍ଷ ବୟସରେ ଏହା ଫଳରେ ଅଷ୍ଟମ ବର୍ଷଠାରୁ ହେକ୍ଟର ପିଛା ପ୍ରାୟ ୨୭,୦୦୦

# ଗୁଜୁରାତି

ଗୁଜୁରାତି ଭାରତରେ ହେଉଥିବା ଅନ୍ୟ ଏକ ଅର୍ଥକାରୀ ମସଲା । କେବଳ ସମୁଦ୍ର ପତନରୁ ୨୦୦୦ ଫୁଟରୁ ଉଚ୍ଚତର ଅବସ୍ଥିତ ଜାଗାମାନଙ୍କରେ ଏହା ଚାଷ କରାଯାଇପାରେ । ଏହା ଥରେ ଲଗାଇଲେ ପ୍ରାୟ ୨୦-୩୦ ବର୍ଷ ପର୍ଯ୍ୟନ୍ତ ଅମଳ ଦିଏ । ଲଗାଇବାର ୩ୟ ବର୍ଷରୁ ଏହା ଫୁଲିବାକୁ ଆରମ୍ଭ କରେ । ଫଳ ବଗିଚା ଜଙ୍ଗଲି ଗଛ ତଳେ ଛାଇଯାଗା ଯେଉଁଠାରେ ଟେବା ବା ମଡ଼ା ପାଣିରେ ସୁବିଧା ଥିବ ସେଠାରେ ଅଧିକ ଫଳେ । ଅକ୍ଟୋବର—ନଭେମ୍ବର ମାସ ତଳି ଫୁଟାଇ ବାର ପ୍ରକୃଷ୍ଟ ସମୟ । ଛାଇ ଡଳିଆ, ନିଗିଡ଼ା, ଦୋରସା ମାଟିରେ ପ୍ରାୟ ୨ମି. ଉଭୟ ଦିଗ ବ୍ୟବଧାନରେ ୬୦ ସେ: ମି: ଗୋଲେଇ ଓ ୩୦ ସେ: ମି: ଗଭୀର ଖାତ ଖୋଳି ଅଧାମାଟି ଓ ଅଧା ଖତ ଦେଇ ଗାତ ପୂର୍ଣ୍ଣ କରି ପ୍ରାୟ ୨୫୦୦ଟି ଗଛ ଏକ ହେକ୍ଟର ଜମିରେ ଲଗାଯାଇ ପାରେ । ଅଷ୍ଟମ ବର୍ଷ ବେଳକୁ ପ୍ରତିବର୍ଷ ହେକ୍ଟର ପଛା ପ୍ରାୟ ୨୭୦୦ ଟଙ୍କା ଲଭ ମିଳେ । ଆମ ଅଞ୍ଚଳରେ କିସମଗୁଡ଼ିକ ମଧ୍ୟରୁ ମାଲବାର ସୁଲ, ମିଡ଼ିଗର ମହୀଶୁର ଲାର୍ଜ ଏବଂ ପଥିଭିଲାନ ଗଡି ଭଲ ହେବାର ଏବଂ ଭଲ ଅମଳ ହେବାର ଦେଖାଯାଉଛି ।





# ସବ୍‌ଜୀ ଲଙ୍କା, ଏକ ଏକରରୁ ଲକ୍ଷେ ଟଙ୍କା

ଡଃ ଅନିରୁଦ୍ଧ ମିଶ୍ର,

ଗତ କିଛି ଦିନ ତଳେ ସୁମୁସରି ଉଦୟଗିରି ଠାରେ "କୃଷକ ଦିବସ" ଅନୁଷ୍ଠିତ ହୋଇଥାଏ । ଓଡ଼ିଶାର ମାନ୍ୟବର କୃଷି ଓ ସମବାୟ ମନ୍ତ୍ରୀ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ତଥା ଅଧ୍ୟାପକ, ବୈଜ୍ଞାନିକମାନଙ୍କ ସହିତ ଅନେକ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥାଆନ୍ତି । ଏହି ଅବସରରେ ସମସ୍ତଙ୍କୁ ବିସ୍ମିତ କରି ଗବେଷଣା ବିଭାଗର ଅଧ୍ୟକ୍ଷ ଡଃ ସୀତାନାଥ ଦାସ ଏକ ଆଶ୍ଚର୍ଯ୍ୟ ଜନକ ଘଟଣା ପ୍ରକାଶ କଲେ । ସେ କହିଲେ ଯେ ଏହି ଉତ୍ସବକୁ ଆସୁଥିବା ବେଳେ ବ୍ରହ୍ମପୁର ଠାରେ ଜାଣିବାକୁ ପାଇଲେ ଯେ, ସେଠାକାର ଜଣେ କୃଷୀ ସବ୍‌ଜୀ ଲଙ୍କା (Capsicum) ଚାଷ କରି ଏକ ଏକର ଜମିରୁ ଏକ ଲକ୍ଷ ଟଙ୍କା ଲାଭ ପାଇଛନ୍ତି । କହିବା ବାହୁଲ୍ୟ ସେଠାରେ ଉପସ୍ଥିତ ଥିବା ଲୋକମାନେ ପ୍ରଥମେ ଏହାକୁ ବିଶ୍ୱାସ କରି ପାରି ନଥିଲେ ।

କିନ୍ତୁ ବିଶ୍ୱବିଦ୍ୟାଳୟର କୁଳପତି କୃଷକର ଏହି ସଫଳ କାହାଣୀ ବିଷୟରେ ଅଧିକ ଜାଣିବା ପାଇଁ ଇଚ୍ଛା ପ୍ରକାଶ କଲେ ଏବଂ ବିଶ୍ୱବିଦ୍ୟାଳୟର କେତେକ ବରିଷ୍ଠ ବୈଜ୍ଞାନିକଙ୍କୁ କୃଷୀ ନିକଟକୁ ଯାଇ ଏହି ସଫଳତା ପଛରେ ରହିଥିବା ପ୍ରକୃତ ତଥ୍ୟ ସଂଗ୍ରହ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ତଦନୁସାରେ ଗବେଷଣା ବିଭାଗ ଅଧ୍ୟକ୍ଷ ଡଃ ସୀତାନାଥ ଦାସ, କ୍ଷେତ୍ର ବିଜ୍ଞାନ ବିଭାଗର ମୁଖ୍ୟ ପ୍ରଫେସର ଡଃ ଅନିରୁଦ୍ଧ ମିଶ୍ର ଏବଂ ଉଦ୍ଭିଦ ପ୍ରଜନନ ଓ ଆନୁବଂଶିକ ବିଭାଗର ପ୍ରଫେସର ଡଃ ସୁଶୀଲ କୁମାର ସିହ୍ନା ଉକ୍ତ କୃଷକ ଶ୍ରୀ ନରସିଂହ ପାତ୍ରଙ୍କ ୩ ଏକର ବିଶିଷ୍ଟ କୃଷିକ୍ଷେତ୍ର ପରିଦର୍ଶନ କରିଥିଲେ । ଶ୍ରୀ ନରସିଂହ ପାତ୍ର ଗଞ୍ଜାମ ଜିଲ୍ଲାର କୁକୁଡାଖଣ୍ଡି ବ୍ଲକ ଅନ୍ତର୍ଗତ ଟିକରପଡ଼ା ଗ୍ରାମରେ ବାସ କରନ୍ତି । ତାଙ୍କ ଘର ବ୍ରହ୍ମପୁର ଠାରୁ ପ୍ରାୟ ୧୦ କିଲୋମିଟର ଦୂରରେ ଅବସ୍ଥିତ । ବ୍ରହ୍ମପୁର-ଦିଗପହଣ୍ଡି ରାସ୍ତାରେ ଗୋଟିଏ ଆମ୍ବ ବଗିଚା ଡେଇଁଲେ ଦେଖିବାକୁ ମିଳେ ଏ ପାତ୍ରଙ୍କ ଜମିଗୁଡିକ । ଜମିଗୁଡିକ ଏପର୍ଯ୍ୟନ୍ତ ଚକବନ୍ଦି କରାଯାଇ ନାହିଁ ।

ଏଠାକାର ମୃତ୍ତିକା ସାମାନ୍ୟ ଲୋହିତ ଓ ଦୋରସା ଅଟେ । କିଆରୀ ଗୁଡ଼ିକ ଶତକଡା ୨-୩ଭାଗ ଢାଲୁ ହୋଇଥିବାରୁ ଏଠାରେ ଉତ୍ତମ ଜଳ ନିଷ୍କାସନ ହୋଇଥାଏ । କିଆରୀଠାରୁ ଅଳ୍ପ ଦୂରରେ ଥିବା ଗୋଟିଏ ପୁଷ୍କରିଣୀରେ କିଛି ଜଳ ରହିଛି, ମାତ୍ର ଗ୍ରୀଷ୍ମ ଋତୁରେ ଏହା ଶୁଖିଯାଏ । ଶ୍ରୀ ପାତ୍ର ଜମିରେ ୪-୫ ଫୁଟ ବ୍ୟାସର ଏକ କୂପ ଖୋଳିଛନ୍ତି । ଏହା ନିକଟରେ ୧୨×୮ ଫୁଟ ଆକାରର ଅନ୍ୟଏକ ବୃହଦାକାର କୂପ ଖନନ କରାଯାଇଅଛି । ଛୋଟ ସୁଡ଼ଙ୍ଗ ସାହାଯ୍ୟରେ ଉଭୟ କୂପକୁ ଯୋଗ କରାଯାଇଛି । କ୍ଷୁଦ୍ରକୂପ ମାଧ୍ୟମରେ ବୃହତ୍ କୂପରୁ ପାଣି ଉଠାଇବା ପାଇଁ ସେ ୨ ଅଶ୍ୱଶକ୍ତି କ୍ଷମତା ବିଶିଷ୍ଟ ଗୋଟିଏ ବିଦ୍ୟୁତ ଚାଳିତ ପମ୍ପ ବସାଇଛନ୍ତି । ଜି. ଆଇ. ପାଇପ ସାହାଯ୍ୟରେ ପମ୍ପର ନିଷ୍କାସନ ସ୍ଥଳୀକୁ ସଂଯୋଗ କରାଯାଇଅଛି । କିଆରୀର ଉଚ୍ଚ ସ୍ଥାନକୁ ପାଇପ ପରି ଲମ୍ବା ଆଲ୍‌କା-ଥିନ ପାଇପ୍ ମଧ୍ୟ ରଖାଯାଇଛି । ଏଥିସହିତ ୩ । ୪ ଇଞ୍ଚ ପ୍ଲାଷ୍ଟିକ ପାଇପ ସାହାଯ୍ୟରେ ମୁଖ୍ୟ ପାଇପରୁ ସବୁ କିଆରୀର ବିଭିନ୍ନ ସ୍ଥାନମାନଙ୍କୁ ଯୋଗ କରି

ଯାଇଅଛି । ତେଣୁ କୌଣସି ମତେ ବିନ୍ଦୁଏ ମାତ୍ର ଜଳ ନଷ୍ଟ ହେବାର ସମ୍ଭାବନା ନାହିଁ, ଯାହାକି ଏ କ୍ଷେତ୍ରରେ ଯଥେଷ୍ଟ ଅଧିକ ହେବାର କଥା । ଏହାବ୍ୟତୀତ ତାଙ୍କର ଦୁଇଟି କମ୍ ଖର୍ଚ୍ଚ ବିଶିଷ୍ଟ ସେଚକ Sprinkler ମଧ୍ୟ ରହିଛି । ଏହାଦ୍ୱାରା ଫସଲ ଉପରେ ପାଣି ସିଞ୍ଚନ ହୋଇ ପାରିବ, ଫଳରେ ଫସଲକୁ ପ୍ରଚୁର ପରିମାଣରେ ଆର୍ଦ୍ରତା ଯୋଗାଇ ଦିଆଯିବା ସହିତ ପରିବେଶର ତାପମାତ୍ରା ମଧ୍ୟ ହ୍ରାସ ପାଇବ । ପଲିଥିନ ପ୍ଲାଷ୍ଟିକ ପାଇପ ଦ୍ୱାରା ସ୍ୱଳ୍ପ ଖର୍ଚ୍ଚରେ ଜଳସେଚନ ସହିତ ସିଞ୍ଚନ କ୍ରିୟା ସମ୍ପାଦନ କରାଯାଇଥାଏ । ପୂର୍ବରୁ ଶ୍ରୀ ପାଣ୍ଡ ତାଙ୍କ ଜମିରେ ଧାନ, ମାଣ୍ଡିଆ, ମୁଗ, ହରଡ଼ ଓ ଚିନାବାଦାମ ଚାଷ କରୁଥିଲେ । କ୍ଷୁଦ୍ରକୂପରୁ ଜଳ ଉତ୍ତୋଳନ କରି କେତେକ ପରିମାଣରେ ପନିପରିବା ଚାଷ ମଧ୍ୟ କରୁଥିଲେ ।

ଶ୍ରୀ ପାଣ୍ଡ ପାଖ ଗ୍ରାମର ଜନୈକ କୃଷିସ୍ନାତକ ଶ୍ରୀ ବୃନ୍ଦାବନ ବିଶୋଇଙ୍କ ସଂସ୍ପର୍ଶରେ ଆସିଥିଲେ । ସଂପ୍ରତି ଶ୍ରୀ ବିଶୋଇ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ ରତନପୁର ଆଞ୍ଚଳିକ ଗବେଷଣା କେନ୍ଦ୍ରରେ ଜଣେ ବରିଷ୍ଠ ଗବେଷଣା ସହାୟକ ଭାବେ ଅବସ୍ଥାପିତ । ରତନପୁର ଗବେଷଣାକେନ୍ଦ୍ର, ବ୍ରହ୍ମପୁରଠାରୁ ୫ କିଲୋମିଟର ଦୂର ଆମ୍ବାଗଡ଼ଠାରେ ଅବସ୍ଥିତ । ଶ୍ରୀ ପାଣ୍ଡ ପ୍ରାୟ ତିନି ବର୍ଷ ହେଲା ଶ୍ରୀ ବିଶୋଇଙ୍କ ପରାମର୍ଶ କ୍ରମେ ଆଧୁନିକ ଜ୍ଞାନ କୌଶଳର ବ୍ୟବହାର କରୁଛନ୍ତି । ପ୍ରଥମ ପର୍ଯ୍ୟାୟରେ ସେ ସୀମିତ ଜମିରେ ନୂତନ ଜ୍ଞାନ କୌଶଳ ପ୍ରୟୋଗ କରିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ତାଙ୍କର ସମସ୍ତ ୩ ଏକର ଜମିକୁ ଏହାର ଅନ୍ତର୍ଭୁକ୍ତ କରିଥିଲେ ।

ବର୍ଷସାରା ଉଚ୍ଚମାନର ପନିପରିବା ଚାଷ ସହିତ କିଛି ପରିମାଣରେ ଡାଲିଜାତୀୟ ଫସଲ ଚାଷ କରିବା ଏହି କୃଷି ପ୍ରଣାଳୀର ମୌଳିକ ଉଦ୍ଦେଶ୍ୟ । ମୃତ୍ତିକାର ଉର୍ବରତା ବୃଦ୍ଧି ପାଇଁ ଡାଲିଜାତୀୟ ଫସଲ କରାଯାଇଥାଏ । ବାଙ୍ଗାଲୋରସ୍ଥିତ ଭାରତ-ଆମେରିକୀୟ ଶଙ୍କର (Indo-American Hybridised) ବିଜ କମ୍ପାନୀରୁ ଅଧିକ ଅମଳକ୍ଷମ ବିହନ ସଂଗ୍ରହ କରି ଅଦିନିଆ ପନିପରିବା ଚାଷ କରିବା ଏହାର ପ୍ରଧାନ ଲକ୍ଷ୍ୟ । ସେ ମଇ ମାସରେ ଚାରା ରୋପଣ କରି ବର୍ଷାଦିନିଆ ଫୁଲକୋବି ଚାଷ କରିଥିଲେ । ଗ୍ରୀଷ୍ମର ରୌଦ୍ରତାପ କବଳରୁ ଫସଲକୁ ରକ୍ଷା କରିବା ପାଇଁ ସେ ଜଳ ସିଞ୍ଚନ ବ୍ୟବହାର କରିଥିଲେ । ସେ ଏକ ଏକର ଜମିରେ ଦୁଇ କିସମର ବିହନ ଲଗାଇଥିଲେ । ମାତ୍ର ଗୋଟିଏ କିସମର ଫସଲ ନଷ୍ଟ ହୋଇ ଯାଇଥିଲା । ତଥାପି ସେ ଅବଶିଷ୍ଟ ଅର୍ଦ୍ଧେକ ଫୁଲକୋବିକୁ କିଲୋପ୍ରତି ୮ ଟଙ୍କା ପଚାଶ ପଇସା ଦରରେ ବିକ୍ରି କରି ପ୍ରାୟ ୧୫୦୦୦ ଟଙ୍କା ପାଇ ପାରିଥିଲେ ।

ଜୁଲାଇ ମାସ ବେଳକୁ ସେ ୦.୮ ଏକର ଜମିରେ ବୈଶାଳୀ ନାମରେ ଏକ ଶଙ୍କର ଜାତୀୟ ବିଲାତି ବାଇଗଣ ଲଗାଇଥିଲେ । ଅକ୍ଟୋବର ମାସର ମଧ୍ୟଭାଗରେ ଏଥିରୁ ଉତ୍ପନ୍ନ ବିଲାତି ବାଇଗଣ କିଲୋପ୍ରତି ୪ ରୁ ୫ ଟଙ୍କା ଦରରେ ବିକ୍ରି କରାଯାଇଥିଲା । ତଥାପି ଗଛରେ ଅନେକ ଫଳ ରହିଥିଲା । ଏହାପରେ ସେ ପଞ୍ଜାବ ଚୁଆର କିସମ ବିହନକୁ ଅକ୍ଟୋବର ମାସରେ ପୂର୍ବ ଫସଲର ସିଆର ମଝିରେ ଅନ୍ତଃଫସଲ ଭାବେ ଲଗାଇଦେଲେ । ବିଲାତି ବାଇଗଣ ଗଛକୁ ଡେରି ଦେବା ପାଇଁ ଗ୍ରାମାଞ୍ଚଳରେ ମିଳୁଥିବା 'ପେଙ୍ଗ' ନାମକ ... ଏଥିପାଇଁ ସେ ମୋଟ ପ୍ରାୟ ୪ ହଜାର ଟଙ୍କା ବ୍ୟୟ କରିଥିଲେ । ପେଙ୍ଗ - ଏକ ପ୍ରକାରର ଗଛର ଡାଳ । ଏହି ଜାତୀୟ ଗଛ ଡାଳକୁ ସହଜରେ ଉଇ ଖାଏ ନାହିଁ ଓ ଏହା ଏକାଥରକେ ୨-୩ ଟି ଋତୁ ପାଇଁ ବ୍ୟବହାର କରାଯାଇପାରେ । ସେ ଏହି ଫସଲରେ ୧୫ ରୁ ୧୬ ହଜାର ଟଙ୍କା ଖର୍ଚ୍ଚ କରିଥିଲା ବେଳେ ପ୍ରାୟ ୨୫୦୦୦ ଟଙ୍କା ପାଇଥିଲେ ।

ତାଙ୍କର ଅଧିକ ଉତ୍ପାଦନ ପାଇବାର ମୁଖ୍ୟ କାରଣ ହେଲା, ଜମିରେ ପ୍ରଚୁର ପରିମାଣର ଗୋବରଖତ ପ୍ରୟୋଗ କରିବା । ସେ ପ୍ରତି ଫସଲ ପାଇଁ ବ୍ରହ୍ମପୁର ଗୋଶାଳାରୁ ୩୦-୪୦ ଗାଡ଼ି ବା ୪-୫ ଟ୍ରକ୍ ଗୋବରଖତ ଆଣି ଜମିରେ ପ୍ରୟୋଗ କରନ୍ତି । ଏତଦ୍‌ଭିନ୍ନ ଏକର ପିଛା ୧୦୦ କି.ଗ୍ରା ଯବକ୍ଷାରଜାନ, ୮୦ କି.ଗ୍ରା ଫସଫରସ ଓ ୮୦ କି.ଗ୍ରା ପଟାସ ମଧ୍ୟ ଜମିରେ ପ୍ରୟୋଗ କରନ୍ତି । କେବଳ ଯବକ୍ଷାରଜାନ ସାର ବଦଳରେ ଯବକ୍ଷାରଜାନ, ଫସଫରସ ଓ ପଟାସ ମଧ୍ୟ ଫସଲରେ ଉପରିବେଶନ (topdressing) କରିଛନ୍ତି ।

## ସବଜି ଲଙ୍କା (Capsicum)

ସେ ଏକ ଏକର ଜମିରେ ସବଜି ଲଙ୍କାର ଏକ ଶଙ୍କର ଜାତୀୟ ଉନ୍ନତ 'ଭରତ' କିସମ ଚାଷ କରିଥିଲେ । ଏଥିପାଇଁ ବାଙ୍ଗାଲୋରସ୍ଥିତ ଭାରତ-ଆମେରିକୀୟ ଶଙ୍କର ବୀଜ କମ୍ପାନୀଠାରୁ ୨୦୦୦ ଟଙ୍କାରେ ୨୦୦ ଗ୍ରାମ ମଞ୍ଜି ଆଣିଥିଲେ । ସେ ପ୍ରଥମେ ଫାଉଡ଼ା ସାହାଯ୍ୟରେ ୬ ଇଞ୍ଚ ଗଭୀରର ଗିଆର ଖୋଳିଲେ । ଏହାକୁ ଏକରପିଚ୍ଛା ୨୫ ଟନ୍ ଗୋବରଖତ, ରସାୟନିକସାର ଓ ମାଟି ଦ୍ୱାରା ପୂରଣ କଲେ । ନଭେମ୍ବର ମାସ ମଧ୍ୟଭାଗରେ ଏଥିରେ ୨ ଫୁଟ×୧ ଫୁଟ ବ୍ୟବଧାନ ରଖି ଚାରା ଗଛ ରୋପଣ କଲେ । ଏକର ପିଚ୍ଛା ୧୦୦ କିଲୋଗ୍ରାମ ଯବକ୍ଷାରଜାନ, ୮୦ କିଲୋଗ୍ରାମ ଫସଫରସ ଓ ୮୦ କିଲୋଗ୍ରାମ ପଟାସ ସାର ପ୍ରୟୋଗ କରାଯାଇଥିଲା । ଚାରା ଗଛ ରୋପଣ ବେଳେ ମୋଟ ସାରର ଏକ ତୃତୀୟାଂଶ ଫସଫରସ ଓ ପଟାସ ଏବଂ ଶତକଡ଼ା ୨୫ ଭାଗ ଯବକ୍ଷାରଜାନ ପ୍ରୟୋଗ କରାଯାଇଥିଲା । ଅବଶିଷ୍ଟ ତିନୋଟି ସାରରୁ ଅର୍ଦ୍ଧେକ ପରିମାଣ ୧୫ ଦିନପରେ ଗଛର ଗୋଟିଏ ପାର୍ଶ୍ୱରେ ପ୍ରୟୋଗ କରାଯାଇଥିଲା । ୨୫ ଦିନ ପରେ ଅନ୍ୟ ପାର୍ଶ୍ୱରେ ଅବଶିଷ୍ଟ ସାର ପ୍ରୟୋଗ କରାଯାଇଥିଲା ।

ଜାନୁଆରୀ ମାସର ପ୍ରଥମ ସପ୍ତାହରୁ ସବଜି ଲଙ୍କା ତୋଳିବା ଆରମ୍ଭ ହୋଇଥିଲା । ମାର୍ଚ୍ଚ ୫ ତାରିଖ ବେଳକୁ ୦.୯ ଏକର ଜମିରୁ ୧୫,୦୦୦ କିଲୋଗ୍ରାମ ଫଳ ତୋଳା ଯାଇଥିଲା । କମିଶନ ଖର୍ଚ୍ଚ, ପରିବହନ ଓ ପ୍ୟାକିଂ ଖର୍ଚ୍ଚ ପରେ ଏହି ଲଙ୍କା ବିକ୍ରି କରି ସେ କିଲୋଗ୍ରାମ ପ୍ରତି ୪ ଟଙ୍କା ପାଇଥିଲେ । ଏହିପରି ମୋଟରେ ସେ ଲଙ୍କା ବିକ୍ରି କରି ୬୧,୦୦୦ ଟଙ୍କା ପାଇ ପାରିଥିଲେ । ଏହି ଫସଲରୁ ଆଉ ଦେଢ଼ ମାସରେ ପ୍ରାୟ ୧୦,୦୦୦ କିଲୋଗ୍ରାମ ଲଙ୍କା ସଂଗ୍ରହ କରାଯାଇ ପାରିବ । ଯାହା ଦ୍ୱାରା କି ଅଧିକ ୪୦,୦୦୦ ଟଙ୍କା ମିଳିପାରିବ । ତେଣୁ ୦.୯ ଏକର ଜମିରୁ ମୋଟରେ ଲକ୍ଷାଧିକ ଟଙ୍କା ଆୟ କରାଯାଇ ପାରିବ । ଏହି ହିସାବରେ ଏକ ଏକର ଜମିରୁ ୧ ଲକ୍ଷ ୧୧ ହଜାର ଟଙ୍କା ଆୟ କରାଯାଇ ପାରିବ ବୋଲି ଜଣାଯାଇଛି । ଫଳହେବା ଯାଏ ତାଙ୍କର ଚାଷବାବଦ ଖର୍ଚ୍ଚ ପ୍ରାୟ ୧୭ ହଜାର ଟଙ୍କା ଯାହାକି ଏକର ପିଚ୍ଛା ୧୬,୨୦୦ ଟଙ୍କା ଅଟେ । ଏଥି ସହିତ ଜଳସେଚନ, ଲଙ୍କା ତୋଳିବା, ରୋଗପୋକ ହାତରୁ ଫସଲକୁ ରକ୍ଷା କରିବା, ଜଗାରଖା ଓ ମୂଲିଆ ଉପରେ ଖର୍ଚ୍ଚ ଆଦି ହିସାବ କଲେ ଏକର ପିଚ୍ଛା ପ୍ରାୟ ୭,୮୦୦ ଟଙ୍କା ହେବ । ତେଣୁ ଏକର ପିଚ୍ଛା ମୋଟ ଖର୍ଚ୍ଚ ୨୪,୦୦୦ ଟଙ୍କା ଓ ଲାଭ ୮୭,୦୦୦ ଟଙ୍କା ହେବ । ଏହା ବ୍ୟତୀତ ଖରିଫ ଋତୁରେ ଫୁଲ କୋବି ଚାଷ କରି ସେ ୧୫,୦୦୦ ଟଙ୍କା ଆୟ କରିଥିଲେ । ତେଣୁ ମୋଟରେ ସେ ଏକ ଏକର ଜମିରେ ଫୁଲ କୋବି ଓ ସବଜି ଲଙ୍କା ଚାଷ କରି ଲକ୍ଷାଧିକ ଟଙ୍କା ଲାଭ କରି ପାରିଲେ ।

ଜମିରେ ଫସଲ ଅବସ୍ଥା ବେଶ୍ ଉତ୍ତମ ଥିଲା । ତାଙ୍କର ଜାତୀୟ କିସମରେ କ୍ଷୁଦ୍ର ଓ ଶକ୍ତ ଡାଳ ଅଛି । ପ୍ରତି ଗଣ୍ଠିରେ ଫଳ ଆସୁଥିବାର ଦେଖିଲୁ । ନିୟମିତ ଭାବେ ପ୍ରତି ୧୦ ଦିନ ବ୍ୟବଧାନରେ ପର୍ଯ୍ୟାୟକ୍ରମେ କୀଟନାଶକ ଔଷଧ ଓ କବକ ନାଶକ ପ୍ରୟୋଗ କରାଯିବା ଯୋଗୁଁ ଫସଲକୁ ରୋଗ ପୋକ ହାତରୁ ରକ୍ଷା କରାଯାଇ ପାରୁଛି । ବିଶେଷ କରି ଏଠାରେ ଫଳପଚା ରୋଗ ସମସ୍ୟା ମଧ୍ୟ ଦେଖାଯାଉ ନାହିଁ । ମୃତ୍ତିକା ଜନିତ ରୋଗ ପୋକ ଦମନ କରିବା ପାଇଁ ଫସଲ ନଥିବା ସମୟରେ ସେ ଜମିରେ ବୁଦାଲତା ଜାଳିଥିଲେ । ଏଥିସହିତ ଜମିକୁ ମଧ୍ୟ ଫର୍ମାଲିନ୍ (Formalin) ଦ୍ୱାରା ବିଶୋଧିତ କରିଥିଲେ ।

ଭାରତ-ଆମେରିକୀୟ ଶଙ୍କର ବୀଜ କମ୍ପାନୀଠାରୁ ଅଧିକ ଅମଳକ୍ଷମ ଶଙ୍କର ଜାତୀୟ ବିହନ ଆଣି ବ୍ୟବହାର କରିବା, ଜମିରେ ପ୍ରଚୁର ପରିମାଣର ଖତ ତଥା ରାସାୟନିକ ସାର ପ୍ରୟୋଗ କରିବା, ବୈଜ୍ଞାନିକ ପ୍ରଣାଳୀରେ ଜଳସେଚନ ଓ ଫସଲକୁ ଶୀତଳ ରଖିବା ପାଇଁ ସେଡକର ବ୍ୟବହାର ଯୋଗୁଁ ସେ ସବଜି ଲଙ୍କା ଫସଲରେ ସଫଳତା ହାସଲ କରି ପାରିଲେ ।

ଜମିରୁ ଉତ୍ପନ୍ନ ଦ୍ରବ୍ୟକୁ ସମଗ୍ର ଓଡ଼ିଶା ତଥା ଓଡ଼ିଶା ବାହାରେ ହାଇଦ୍ରାବାଦ ସହରରେ ବିକ୍ରି କରିବା ପାଇଁ ସେ ମଧ୍ୟ ବ୍ୟବସ୍ଥା କରିଥିଲେ । ଏଥିପାଇଁ ବ୍ରହ୍ମପୁରର କେତେକ ବଡ଼ ବ୍ୟବସାୟୀଙ୍କ

ସହ ସେ ସମନ୍ୱୟ ରକ୍ଷା କରିଥିଲେ । ଅଞ୍ଚଳରେ ଉଚ୍ଚମାନର ପନିପରିବା ଚାଷ ଓ ଏହାର ବଜାର ସୃଷ୍ଟି ପାଇଁ ଉପଯୁକ୍ତ ଯୋଜନା କରିପାରିଥିବାରୁ ସେ ଆଶାତୀତ ଲାଭ ପାଇପାରିଥିଲେ ।

ଏହି କୃଷି କାର୍ଯ୍ୟ ଆରମ୍ଭ ବେଳେ ସେ ନିକଟସ୍ଥ ଏକ ସମବାୟ ବ୍ୟାଙ୍କରୁ ଋଣ ଆଣିଥିଲେ । କିନ୍ତୁ ବର୍ଷ ଶେଷରେ ଏହାକୁ ଶୁଝିଦେଇ ନିଜ ସଞ୍ଚୟ ଅର୍ଥରେ ଚାଷକାର୍ଯ୍ୟ ଚଳାଇଲେ । ତାଙ୍କ ଜମି ମଝିରେ ଥିବା କେତେକ ଜମିକୁ କିଣି ନିଜ ଜମିରେ ମିଶାଇବା ପାଇଁ ସେ ଏବେ ଚେଷ୍ଟା କରୁଛନ୍ତି ।

ସେ ବର୍ତ୍ତମାନ ବାଇଗଣର ଉନ୍ନତ କିସମ ଓ ବିଲାତି ବାଇଗଣର ପଞ୍ଜାବ ଛୁଆରା କିସମ ଚାଷ କରିଛନ୍ତି । ସେ ଏକ ଆଳୁ ଅମଳ କରି ତା' ପରେ ତରଭୁଜ ଓ ଅନ୍ୟାନ୍ୟ କଖାରୁ ଜାତୀୟ ଫସଲ ଲଗାଇଛନ୍ତି । ଉତ୍କୃଷ୍ଟ ବିହନ ଓ ଅତ୍ୟାଧୁନିକ ବୈଜ୍ଞାନିକ ଜ୍ଞାନ ପ୍ରୟୋଗ କରିବା ହେତୁ ଅଳ୍ପ ବ୍ୟବଧାନରେ ଲଗାଉଥିବା ଉଚ୍ଚମାନର ପନିପରିବାରୁ ସେ ବେଶ୍ ଲାଭବାନ୍ ହୋଇପାରୁଛନ୍ତି । ଏ ସମସ୍ତ ସଫଳତା ପାଇଁ ବ୍ରହ୍ମପୁର ନିକଟରେ ଥିବା ବିଶ୍ୱବିଦ୍ୟାଳୟର ଏକ ଗବେଷଣା କେନ୍ଦ୍ରର ବରିଷ୍ଠ ଗବେଷଣା ସହାୟକ ଥିବା କୃଷି ସ୍ନାତକ ଶ୍ରୀ ବ୍ରହ୍ମାନନ୍ଦ ବିଶୋଇଙ୍କୁ ଧନ୍ୟବାଦ ଦେବାର କଥା । ପ୍ରତି କ୍ଷେତ୍ରରେ ତାଙ୍କ ଉପଦେଶକୁ କୃଷକ ଶ୍ରୀ ପାତ୍ର ଆସ୍ଥା ଓ ବିଶ୍ୱାସର ସହିତ ଗ୍ରହଣ କରିଥିବାରୁ ଏସବୁ ସଫଳତାର ଅଧିକାରୀ ହୋଇପାରିଛନ୍ତି ।

ଏଥିରୁ ସ୍ପଷ୍ଟ ଧାରଣା ହୁଏ ଯେ, ନଗିଡ଼ା ଢିପ ଜମି ଓ ବର୍ଷସାରା ଜଳସେଚନର ସୁବିଧା ଥିଲେ, କୃଷି କାର୍ଯ୍ୟ କରି ଜଣେ ବେଶ୍ ଲାଭବାନ୍ ହୋଇପାରିବ । ଏହା ବିଭିନ୍ନ ସମୟରେ ଆମେ ବାରମ୍ବାର କହି ଆସିଛୁ । ଏଥିସହିତ ଏହା ମଧ୍ୟ ପ୍ରମାଣିତ ହୋଇଛି ଯେ, ଉନ୍ନତ ପ୍ରଯୁକ୍ତି ବିଦ୍ୟାକୁ ବିନିଯୋଗ କରି ଜଣେ କୃଷି ସ୍ନାତକ କେବଳ ଆତ୍ମନିର୍ଭରଶୀଳ ହୋଇପାରିବ, ଏକଥା ନୁହେଁ, ଏଥିସହିତ ଧନୀ ମଧ୍ୟ ହୋଇପାରିବ । ଏଥିପାଇଁ ଶ୍ରୀ ବିଶୋଇଙ୍କ ପରି ଜ୍ଞାନ, ସାହସ, ଆତ୍ମବଳ ଓ ପ୍ରଭାବଶାଳୀ ହେବାର ଆବଶ୍ୟକତା ରହିଛି । ଶ୍ରୀ ପାତ୍ର ଓ ଶ୍ରୀ ବିଶୋଇଙ୍କ କାର୍ଯ୍ୟକୁ ସମସ୍ତ କୃଷକମାନେ ସ୍ୱୀକାର କରି ସେମାନଙ୍କୁ ପୁରସ୍କୃତ କରିବା ଉଚିତ୍ ।

ଏହି ସଫଳ କାହାଣୀକୁ ଲୋକ ଲୋଚନକୁ ଆଣିଥିବାରୁ ଆମେ ଆମର ଗବେଷଣା ବିଭାଗର ଅଧ୍ୟକ୍ଷଙ୍କୁ ମଧ୍ୟ ଧନ୍ୟବାଦ ଦେଉଛୁ ।

ସର୍ବୋପରି ଏତିକି କୁହାଯାଇ ପାରେ ଯେ, ହୁଏତ ଏହି ବିଶେଷ ସଫଳତା ଅର୍ଜନ କରିବା ଘଟଣା ସବୁ ପରିସ୍ଥିତିରେ ସହଜସାଧ୍ୟ ହୋଇ ନପାରେ, କିନ୍ତୁ ନଗିଡ଼ା ଦୋରସା ଜମି ଓ ଜଳସେଚନର ପୂର୍ଣ୍ଣ ସୁବିଧା ସାଙ୍ଗକୁ ଉପଯୁକ୍ତ ଜ୍ଞାନ କୌଶଳ ଓ ଧୈର୍ଯ୍ୟ ଥିଲେ ସଘନ ପ୍ରଣାଳୀରେ ଉଚ୍ଚମାନର ପନିପରିବା ଚାଷ କରି ବର୍ଷକୁ ଏକର ପ୍ରତି ୨୦ରୁ ୪୦ ହଜାର ଟଙ୍କା ପର୍ଯ୍ୟନ୍ତ ଲାଭବାନ୍ ହେବା ସେତେ କଷ୍ଟକର ନୁହେଁ । ପୁନଶ୍ଚ ପନିପରିବା ଗୁଡ଼ିକୁ ବେଶିଦିନ ସାଇତି ରଖିବା ସମ୍ଭବ ହେଉ ନଥିବାରୁ ବଜାରର ଚାହିଦା ଅନୁସାରେ ଆମକୁ ଉପଯୁକ୍ତ ଫସଲ ନିର୍ଣ୍ଣୟ କରିବାକୁ ପଡ଼ିବ । ଅବଶ୍ୟ ଅଞ୍ଚଳ ଓ ଉଚ୍ଚ ମାନର ପନିପରିବା ଅଧିକ ମାତ୍ରାରେ ରପ୍ତାନି କରାଯିବା ସମ୍ଭବ । ଆମ ବୈଜ୍ଞାନିକ ଓ କୃଷକମାନେ ଏ ସବୁ ବିଷୟ ବିଚାରକରି ଯୋଜନା ପ୍ରସ୍ତୁତ କରିବେ, ଏଥିରେ ସନ୍ଦେହ ନାହିଁ ।

ଅଧ୍ୟାପକ ଓ ମୁଖ୍ୟ
କ୍ଷେତ୍ର ବିଜ୍ଞାନ ବିଭାଗ, କୃଷି ମହାବିଦ୍ୟାଳୟ,।

# ଉନ୍ନତ କାଙ୍କଡ଼ ଚାଷ



ଅଧ୍ୟାପକ ତ୍ରିନାଥ ମହାରଣା

କାକଡ଼ ଏକ ସର୍ବ ଜନପ୍ରିୟ ପରିବା । ଏଥିରେ ଶତକଡ଼ା ୪ଭାଗ ପର୍ଯ୍ୟନ୍ତ ପୁଷ୍ଟିସାର ଖାଦ୍ୟଥାଏ । କାକଡ଼ ମଞ୍ଜିରେ ପ୍ରଚୁର ପରିମାଣରେ ଶ୍ୱେତସାର ମଧ୍ୟଥାଏ । କାକଡ଼ ଭଜା ଏବଂ ତରକାରୀ ଅଧିକ ରୁଚିକର ହୋଇଥିବାରୁ ଲୋକମାନେ ଅଧିକ ପଇସାଦେଇ ଏହାକୁ ବ୍ୟବହାର କରିଥାଆନ୍ତି । ଆମ ପ୍ରଦେଶରେ ବର୍ଷାଦିନେ କାକଡ଼ ମିଳିଥାଏ । କିନ୍ତୁ ଅଳ୍ପ କେତେକ ସ୍ଥାନ ଯଥା :-ଆଠଗଡ଼, ବ୍ରହ୍ମଗିରି, ଢେଙ୍କାନାଳ, ପ୍ରଭୃତି କେତୋଟି ସ୍ଥାନ ଛାଡ଼ିଦେଲେ ଅଦ୍ୟାବଧି ଏହାର ଚାଷ ଅନ୍ୟତ୍ର କରାଯାଉନାହିଁ । ଲୋକମାନେ ସାଧାରଣତଃ ଏହାକୁ ଜଙ୍ଗଲରୁ ସଂଗ୍ରହ କରି ବ୍ୟବହାର ଓ ବିକ୍ରିବଟା କରିଥାନ୍ତି । ଫଳରେ କାକଡ଼କୁ ଆକାଶଛୁଆଁ ଦରରେ କିଣିବାକୁ ପଡ଼ିଥାଏ ।

ବର୍ତ୍ତମାନ ପରିପ୍ରେକ୍ଷୀରେ ଅନ୍ୟପରିବା ଚାଷଭଳି କାକଡ଼କୁ ଚାଷକରିବା ଆବଶ୍ୟକ । କିନ୍ତୁ କାକଡ଼ ଚାଷରେ କେତେକ ଅଭାବ, ଅସୁବିଧା ପରିଲକ୍ଷିତ ହୋଇଥାଏ । କାରଣ କାକଡ଼ ଗୋଟିଏ ଉଦ୍ଭିଦ ଯେଉଁଥିରେ ମାଈ, ଅଣ୍ଡିରାଗଛ ଅଲଗା ମଞ୍ଜି ଗଛକରେ ଶତକଡ଼ା ୪ଭାଗ ମାଈ ଓ ୨୦ଭାଗ ଅଣ୍ଡିରା ଗଛ ମିଳିଥାଏ । ଏହା ବ୍ୟତୀତ ମଞ୍ଜିରୁ ବେଶୀ ପରିମାଣରେ ଗଛ ହୁଏନାହିଁ । ଅନ୍ୟ କାରଣ ହେଲ, କାକଡ଼ ଏକ ଲତା ହୋଇଥିବାରୁ ଏହାକୁ ମଡ଼ାଇବାପାଇଁ ରଞ୍ଜା ଦରକାରହୁଏ । କାକଡ଼ର ପ୍ରଧାନଶତ୍ରୁ କାକଡ଼ିଆ ପୋକ । ଏହି ପୋକ କାକଡ ପତ୍ରକୁ ଅଳ୍ପ ସମୟରେ ଖାଇକରି ଜାଲକରି ଦେଇଥାଏ । ଅନ୍ୟଏକ କାରଣହେଲ କାକଡ଼ ପ୍ରଚୁର ପରିମାଣ ଜଳ ଆବଶ୍ୟକକରେ । ତେଣୁ ବର୍ଷା ଛାଡ଼ିଗଲେ ଏ ଗଛରେ ପାଣି ଜମିବାଗଲେ ଫଳ କମିଯାଏ ।

ଏହି ସବୁ ସମସ୍ୟାର ସମାଧାନ ପାଇଁ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟରେ ଗତ କିଛି ବର୍ଷ ହେଲ ସଫଳ କାକଡ଼ ଚାଷପାଇଁ ଗବେଷଣା କରାଯାଉଛି । କାକଡ଼ ଚାଷ ପାଇଁ ସାଧାରଣତଃ ଉର୍ବର, ପଟୁଆ, ନିଗିଡ଼ା ମାଟି ଦରକାର । ବର୍ଷା ଆରମ୍ଭରୁ ଜମିକୁ ଭଲ ଭାବରେ ଚଷି ପାଞ୍ଚ ଓଡ଼ ଚାଷ କରିଦେଇ ପ୍ରତି ଏକ ମିଟରରେ ଫୁଟେ ଆୟତନ ଓ ଗଭୀରରେ ଗାତ ଖୋଳିବା ଆବଶ୍ୟକ । ପ୍ରତି ଗାତ ପିଛା ତିରିଶ ଗ୍ରାମ ସିଂଗଲ ସୁପର ଫସ୍‌ଫେଟ୍ ପାଞ୍ଚଗ୍ରାମ ମ୍ୟୁରେଟ ଅଫ୍ ପଟାସ ଓ ପାଞ୍ଚ କେଜି ସଢ଼ା ଗୋବର ଖତ ପ୍ରୟୋଗ କରିବାକୁ ହୋଇଥାଏ ।

କାକଡ଼ର ବଂଶ ବିସ୍ତାର ଉନ୍ନତ ବୈଜ୍ଞାନିକ ପ୍ରଣାଳୀରେ କରିବାପାଇଁ ପୂର୍ବରୁ ଚିହ୍ନିତ ମାଈ, ଅଣ୍ଡିରା ଗଛରୁ ଅଧା ପାକଳରୁ ପୁରା ପାକଳ ଡ଼ାଳ ସଂଗ୍ରହ କରାଯାଏ । ଦୁଇ ତିନି ଗଣ୍ଠି ଥିବା ଡ଼ାଳକୁ ସେରାଡିକ୍ସ-ବି-୩ ପାଉଡ଼ର ଲଗାଇ ବାଲିରେ ପୋତି ଦିଆଯାଏ । ଏହି ଡାଳଗୁଡ଼ିକରୁ ପନ୍ଦର ଦିନ ଭିତରେ ପ୍ରଚୁର ପରିମାଣର ଚେର ବାହାରେ । ବର୍ଷା ଆରମ୍ଭ ହେଲକ୍ଷଣି ଚେର ବାହାରିଥିବା ଡ଼ାଳ କଲମିକୁ ପ୍ରତି ଗାତ଼ ପିଛା ଗୋଟିଏ ଗୋଟିଏ କରି ପୋତି ଦିଆଯାଏ । କୌଣସି ଗଛ ମରିଗଲେ, ସଙ୍ଗେ ସଙ୍ଗେ ସେଠାରେ ନୂତନ ଗଛ ପୋତିଦେବା ଆବଶ୍ୟକ । ପରୀକ୍ଷାକରି ଦେଖାଯାଇଛି ଯେ ପ୍ରତି ୧୦ଟିଗଛ ମଧ୍ୟରୁ ୯ଟି ମାଈ ଓ ଗୋଟିଏ ଅଣ୍ଡିରା ଗଛ ହେବା ଆବଶ୍ୟକ । ଏହି ପରିମାଣର ଗଛ ନ ରଖିଲେ ମାଈ ଗଛରେ ଫଳ ନ ଧରି ଛୋଟ ଛୋଟ କଷି ଝଡ଼ିଯାଏ । ଅନେକଙ୍କର ଧାରଣା କାକଡ଼ ଗଛ କେବଳ ତିନ୍ ମାସ ବେଳକୁ ବାହାରେ, କିନ୍ତୁ ତାହା ଠିକ୍ ନୁହେଁ । ଏହାର ବହୁ ଆଗରୁ ମାର୍ଚ୍ଚ ମାସଠାରୁ କାକଡ଼ ମୂଳକୁ ପାଣିଦେଲେ ଏହା କଅଁଳିଥାଏ ଓ ମେ ମାସଠାରୁ ଫଳିବା ଆରମ୍ଭ ହୁଏ । ଏହା ବ୍ୟତୀତ ଉନ୍ନତ ଗଛ ଗୁଡ଼ିକୁ ବ୍ୟବହାରକରି ଡାଳ କଲମି ପ୍ରସ୍ତୁତ ହୋଇଥାଏ । ଏଥି ସହିତ ଜଙ୍ଗଲ ଅଞ୍ଚଳରେ ବଢିଥିବା ମୂଳ ଗୁଡ଼ିକର ଲିଙ୍ଗ ଠିକଣା ଭାବରେ ଚିହ୍ନି ସଂଗ୍ରହ କରି ସିଧା ଜମିରେ ଲଗାଯାଇପାରେ ଏ କ୍ଷେତ୍ରରେ ୯ଟି ମାଈ ମୂଳ ସହିତ ଗୋଟିଏ ଅଣ୍ଡିରା ଗଛ ରଖାଯାଏ । ଗୋଟିଏ ସ୍ଥାନରେ କାକଡ଼ ମୂଳ ଛଅ ବର୍ଷ ପର୍ଯ୍ୟନ୍ତ ରହିପାରେ । ଏହା ପରେ ମୂଳଟି ବଡ଼ ହୋଇଗଲେ ରୋଗ ଗ୍ରସ୍ତ ହୁଏ ବା ପଚିଯାଏ । ଅନେକ ସ୍ଥାନରେ ଏହା ୧୦ବର୍ଷ ପର୍ଯ୍ୟନ୍ତ ରହିପାରେ ।

ଡାଳ କଲମି ବା ମୂଳରୁ ଗଛ ଉଗାଗଲ ପରେ ପ୍ରତ୍ୟେକ ଗଛ ପିଛା ତିନିକୋଣିଆ କରି ଉଞ୍ଚା ପୋତିବାକୁ ହୁଏ । ଗଛ ଏକ ମାସର ହୋଇଗଲେ ପାଞ୍ଚଗ୍ରାମ ମ୍ୟୁରେଟ୍ ଅଫ୍ ପଟାସ ଓ ଚାରି ଗ୍ରାମ କାଲସିୟମ ଆମୋନିୟମ ନାଇଟ୍ରେଟ୍ ଦେବାକୁ ହୁଏ । ଏହାପରେ ଆଉ ଏକମାସପରେ ଆଉ ଚାରଗ୍ରାମ କାଲସିୟମ ଆମୋନିୟମ ନାଇଟ୍ରେଟ ପ୍ରୟୋଗ କରିବା ଦରକାର । ଗଛରେ ଫଳ ଧରିବାକୁ ଦେଢ଼ ମାସ ଲାଗେ । ଏହି ସମୟ ମଧ୍ୟରେ ଦୁଇରୁ ତିନି ଥର ସୁମିଟିକସ ଲିଟର ପିଛା ଏକ ମିଲି ମିଟର ମିଶାଇ ଗଛ ଉପରେ ସିଞ୍ଚି ଦେଲେ କାଙ୍କଡ଼ ପୋକ ଲାଗେ ନାହିଁ କାଙ୍କଡ଼ରେ ସାଧାରଣତଃ ଅଗଷ୍ଟ, ସେପ୍ଟେମ୍ବର ମାସରେ ପ୍ରଚୁର ଫଳ ଫଳେ । ଅକ୍ଟୋବର ମାସରେ ଏହା କମିଯାଏ । ଫଳ ବଢ଼ିବାକୁ ପନ୍ଦରରୁ କୋଡ଼ିଏ ଦିନ ଲାଗେ । ସାଧାରଣତଃ ପନ୍ଦର ଦିନ ଭିତରେ ଫଳ ତୋଳିବା ଉଚିତ୍ । ଗୋଟିଏ ବୁଦାରେ ୧୫୦ରୁ ୨୦୦ ପର୍ଯ୍ୟନ୍ତ ଫଳ ଫଳିଥାଏ । ତେବେ ଏହା ମାଡ଼ିବା ଉପରେ ନିର୍ଭର କରେ ।

ଆମ ଓଡ଼ିଶାରେ ଜଙ୍ଗଲ ଗୁଡ଼ିକରେ ବିଭିନ୍ନ ଜାତିର କାଙ୍କଡ଼ ଦେଖିବାକୁ ମିଳିଥାଏ । ଭଲ ଜାତିଆ କାଙ୍କଡ଼ ଗୁଡ଼ିକରେ ଫଳ ମଧ୍ୟମ ଧରଣର ଗାଢ଼, ସବୁଜ ରଙ୍ଗ ହେବା ଉଚିତ୍ ଓ କମ୍ କାଙ୍କଡ଼ିଆ ପୋକ ଲାଗୁଥିବା ଉଚିତ୍ । ବାଡ଼ି ବଗିଚାରେ କାଙ୍କଡ଼ ଉଗାଇଲା ବେଳେ କେତେକ ଦିଗ ପ୍ରତି ଦୃଷ୍ଟି ଦେବାକୁ ହୁଏ, ଯଥା :–ଅଣିରା ଓ ମାଈ ଗଛ ମିଶିକରି ରହିବା ଉଚିତ୍ । ଅଧିକା ଫଳ ପାଇବା ପାଇଁ ସଞ୍ଜ ବେଳେ ମାଈ ଫୁଲ ଫୁଟିବା ବେଳେ ଅଣିରା ଫୁଲ ଆଣି ତାହା ଉପରେ ଝାଡ଼ି ଦେଲେ ଅଧିକ ଫଳ ଧରିଥାଏ ।

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ତରଫରୁ ଏକ ଉନ୍ନତ ଧରଣର କାଙ୍କଡର କେତୋଟି କିସମ ସଂଗ୍ରହ କରାଯାଇଛି । ଏହା ସାଧାରଣତଃ ମଣିପୁର, ଆସାମ, ନାଗାଲାଣ୍ଡ ଓ ତ୍ରିପୁରା ଅଞ୍ଚଳରେ ଚାଷ କରାଯାଇଥାଏ ଏସି କାଙ୍କଡ଼ଗୁଡ଼ିକର ବିଶେଷତ୍ୱ ହେଲା ଯେ, ଏହା ଆମ କାଙ୍କଡ଼ର ଓଜନଠାରୁ ୪ଗୁଣରୁ ଅଧିକ ଓଜନର ହୋଇଥାଏ । ଦେଶୀ କାଙ୍କଡ଼ଗୁଡ଼ିକ ୨୦ ଗ୍ରାମରୁ କମ୍ ହେଲାବେଳେ, ଉନ୍ନତ କାଙ୍କଡ଼ର ଓଜନ ୧୦୦ଗ୍ରାମରୁ ଅଧିକ ହୁଏ । ଏହା ବ୍ୟତୀତ ଏହି କାଙ୍କଡ଼ର ଫଳିବା ଅପ୍ରେଲରୁ ଆରମ୍ଭ ହୋଇ ଅକ୍ଟୋବର ଯାଏ ଚାଲିଥାଏ । ଏହାର ପତ୍ରକୁ ଗାଈଗୋରୁ ଖାଆନ୍ତି ନାହିଁ ।

କାଙ୍କଡ଼ ଚାଷରେ ଏକର ପିଛା ଟ୩,୦୦୦ଙ୍କା ଖର୍ଚ୍ଚ ହୁଏ ଏବଂ ୬ଟନ୍ ପର୍ଯ୍ୟନ୍ତ ଫଳ ମିଳେ ଯାହାର ଆନୁମାନିକ ମୂଲ୍ୟ ଟ୧୨,୦୦୦ଙ୍କା । ଖର୍ଚ୍ଚ ଛାଡ଼ି ଏକର ପିଛା ୪ମାସ ମଧ୍ୟରେ ଟ୯,୦୦୦ଙ୍କା ନେଟ୍ ଲାଭ ମିଳେ । ଉନ୍ନତ କାଙ୍କଡ଼ରୁ ବି ଆହୁରି ଅଧିକ ଲାଭ ମିଳିପାରିବ ।

ବିଭାଗୀୟ ମୁଖ୍ୟ, ଉଦ୍ୟାନ ବିଭାଗ



# ଠେକୁଆ ପାଳନ ଏକ ଲାଭଜନକ ବ୍ୟବସାୟ



ଡାଃ ପ୍ରସନ୍ନ କୁମାର ମିଶ୍ର
ଡାଃ ଶରତ ଚନ୍ଦ୍ର ମିଶ୍ର

ଠେକୁଆ ମାଂସ ଅତ୍ୟନ୍ତ ପୁଷ୍ଟିକର ଓ ସୁସ୍ୱାଦୁ । ଠେକୁଆର ମଳ ଖତରୂପେ ବ୍ୟବହାର କରାଯାଇପାରେ । ଠେକୁଆ ଚମଡ଼ା ମଧ୍ୟ ବିଭିନ୍ନ ପ୍ରକାରର ସୌଖିନ ପୋଷାକ ତିଆରି କରିବାରେ ବ୍ୟବହୃତ ହୋଇଥାଏ । ଆଙ୍ଗୋରା ଜାତୀୟ ଠେକୁଆମାନଙ୍କଠାରୁ ମିଳୁଥିବା ପଶମ ୧ କିଲୋଗ୍ରାମ ପ୍ରତି ୪୦୦ ଶହ ଟଙ୍କାରୁ ୬୦୦ ଟଙ୍କା ମଧ୍ୟରେ ବିକ୍ରୟ ହୋଇଥାଏ ।

ସାଧାରଣତଃ ଗୋଟିଏ ଅଣ୍ଡିରା ଠେକୁଆ ସହିତ ୫ଟି ମାଈ ଠେକୁଆ ରଖି ପାଳନ କରିବା ଉଚିତ ।

## ପରିଚାଳନା--

ଠେକୁଆମାନେ ଅସ୍ୱାସ୍ଥ୍ୟକର ପରିବେଶ ଆଦୌ ସହ୍ୟ କରି ପାରନ୍ତି ନାହିଁ । ତେଣୁ ଠେକୁଆ ରହୁଥିବା ସ୍ଥାନ ପରିଷ୍କାର ପରିଚ୍ଛନ୍ନ ରଖିବା ଉଚିତ । ସୁସ୍ଥ ନିରୋଗୀ ଠେକୁଆ ପାଇବାକୁ ହେଲେ ସେମାନଙ୍କର ରହିବା ସ୍ଥାନକୁ ପ୍ରତିଦିନ ପରିଷ୍କାର କରିବା ଉଚିତ ।

## ଘର--

ଠେକୁଆମାନଙ୍କର ଆଶ୍ରୟସ୍ଥଳୀକୁ କୁକୁର, ବିରାଡ଼ି ଓ ଅନ୍ୟ ଜନ୍ତୁମାନଙ୍କଠାରୁ ରକ୍ଷା କରିବା ପାଇଁ ତାହାର ସ୍ଥିତିପଟ ସୁରକ୍ଷିତ ରହିବା ଦରକାର । ବାଉଁଶ କାଠ ଇତ୍ୟାଦିରେ ତିଆରି ଛୋଟ ଛୋଟ ଘର ଠେକୁଆମାନଙ୍କ ପାଇଁ ତିଆରି କରିବା ଉଚିତ । ଗୋଟିଏ ବଡ଼ ଠେକୁଆ ପାଇଁ ୨ଫୁଟ ଲମ୍ବା, ଦେଢ଼ଫୁଟ ଚଉଡ଼ା ଓ ଦେଢ଼ଫୁଟ ଉଚ୍ଚତାର ସ୍ଥାନ ଦରକାର । କିନ୍ତୁ ଗୋଟିଏ ମାଈ ଠେକୁଆ ତାର ଛୁଆମାନଙ୍କ ପାଇଁ ୪ ଫୁଟ ଲମ୍ବା ୨ ଫୁଟ ଚଉଡ଼ା ଓ ୨ଫୁଟ ଉଚ୍ଚତାର ଘରଟିଏ ଦରକାର କରିଥାଏ । ଠେକୁଆ ରହୁଥିବାର ଘରର ମେଝିଅକୁ ଜାଲଜାଲି କରିବା ଉଚିତ । ଏହାଦ୍ୱାରା ଠେକୁଆମାନଙ୍କର, ମଳ ଇତ୍ୟାଦି ଜାଲିର ଫାଙ୍କବାଟେ ତଳକୁ ଗଳିପଡ଼େ ।

## ପ୍ରଜନନ- (Breeding)

ସାଧାରଣଣଃ ଠେକୁଆ ୪–୬ ମାସର ହେଲେ ଛୁଆ ଦେବାକୁ ସକ୍ଷମ ହୋଇଥାଏ । ଏହି ସମୟ ମଧ୍ୟରେ ଠେକୁଆର ଶରୀରର ପ୍ରଜନନ ଅଂଶ ( Reproductive organ ) ଠିକ ଭାବରେ ବିକଶିତ ହୋଇଥାଏ । ମାଈ ଠେକୁଆର ସେପରି କୌଣସି ନିୟମିତ ଋତୁଚକ୍ର ନାହିଁ । ମାଈ ଠେକୁଆମାନେ ଅଣ୍ଡିରା ଠେକୁଆମାନଙ୍କ ପାର୍ଶ୍ୱରେ ରହିଲେ ତାଙ୍କର ଋତୁସ୍ରାବ ହୋଇଥାଏ । ସଙ୍ଗମ ସମୟରେ ମାଈ ଠେକୁଆକୁ ତାର ଘରେ ରଖାଯାଇଥାଏ । ଅଣ୍ଡିରା ଠେକୁଆକୁ ମାଈ ଠେକୁଆ ପାଖକୁ ଆଣି ଛଡ଼ାଯାଏ । ଯଦି ଆଗରୁ ମାଈ ଠେକୁଆ ଘରେ ଅଣ୍ଡିରା ଠେକୁଆ ଥାଏ, ତା'ହା ହେଲେ ସଙ୍ଗମ ସମୟରେ ମାଈ ଠେକୁଆ ଅଣ୍ଡିରା ଠେକୁଆକୁ ଆକ୍ରମଣ କରି ଖଣ୍ଡିଆ କରିପକାଏ । ଯଦି ଅଣ୍ଡିରା ଠେକୁଆ ସଙ୍ଗମ ପରେ ଗୋଟିଏ ପାର୍ଶ୍ୱରେ ଗଡିମାଡ଼ି ' ଚଟାଣରେ ପଡ଼ିଯାଏ ତାହାହେଲେ ଭଲ ଭାବରେ ସଙ୍ଗମ ହୋଇଛି ବୋଲି ଜଣାପଡ଼େ । ଗୋଟିଏ ଅଣ୍ଡିରା ଠେକୁଆକୁ ୧୦ଟି ମାଈ ଠେକୁଆ ସଙ୍ଗରେ ସଙ୍ଗମ କରିବାକୁ ଛଡ଼ା ଯାଇପାରେ । କିନ୍ତୁ ୫ଟି ମାଈ ଠେକୁଆପାଇଁ ଗୋଟିଏ ଅଣ୍ଡିରା ଠେକୁଆ ଛଡ଼ାଗଲେ ଶତକଡ଼ା ୮୦ ଭାଗ ଗର୍ଭଧାରଣ ହୋଇଥାଏ । ଗୋଟିଏ ମାଈ ଠେକୁଆ ୨ ରୁ ୧୨ ପର୍ଯ୍ୟନ୍ତ ଛୁଆ ଦେଇଥାଏ । କିନ୍ତୁ ଏହି ଛୁଆର ସଂଖ୍ୟା ମା'ଠେକୁଆ ଶରୀରର ଆକାର ଉପରେ ନିର୍ଭର କରିଥାଏ । ହାରାହାରି ଗୋଟିଏ ମାଈ ଠେକୁଆ ଏକା ଥରକେ ୬ଟି ଛୁଆ ଦେଇଥାଏ । ଛୁଆ ଜନ୍ମ ହେବା ମାତ୍ରେ ମା'ଆଠାରୁ କ୍ଷୀର ଖାଆନ୍ତି । ଛୁଆମାନଙ୍କର ୧୦ ଦିନ ପରେ ଆଖିଫିଟେ । କିନ୍ତୁ ସେମାନେ ଜନ୍ମ ହେବାର ୮ ଦିନପରେ ଶବ୍ଦ ଶୁଣିବାକୁ ସକ୍ଷମ ହୋଇଥାଆନ୍ତି । ସେମାନଙ୍କର ଆଖି ଫିଟିବା ମାତ୍ରେ ସେମାନେ ଘାସପତ୍ର ଖାଇବାକୁ ଆରମ୍ଭ କରନ୍ତି । ୪ରୁ ୫ ସପ୍ତାହ ପରେ ସେମାନେ ମା'ଆଠାରୁ ଅଲଗା ହୋଇ ଏକାକୀ ରହି ପାରନ୍ତି । ସାଧାରଣତଃ ୪୫ ଦିନରେ ଛୁଆମାନେ ମାଠାରୁ କ୍ଷୀର ପାଇବା ଛାଡ଼ି ଦେଇଥାଆନ୍ତି । ତା ପରଠାରୁ ସାତ ଦିନ ମାଈ

ଠେକୁଆକୁ ବିଶ୍ରାମ ଦେଇ ପୁଣି ପ୍ରଜନନ କରାଯାଇପାରେ । ଯେହେତୁ ଗର୍ଭଧାରଣର ସମୟ ଏକମାସ୍ । ଗୋଟିଏ ମାଈ ଠେକୁଆ ବର୍ଷକୁ ୬ ଥର ଛୁଆ ଦେଇପାରେ । କିନ୍ତୁ ନିୟମିତ ଯୋଜନା ଅନୁସାରେ ପରିଶୃଙ୍ଖଳା କଲେ ମାଆ ଠେକୁଆର ସ୍ୱାସ୍ଥ୍ୟକୁ ଅତୁଟ ରଖି ବର୍ଷକୁ ଆମେ ତାଠାରୁ ୪ ଥର ଛୁଆ ପାଇ ପାରିବା ।

କ୍ଷୀର ଛାଡ଼ିଥିବା ଛୁଆମାନେ ଖୁବଶୀଘ୍ର ବଢ଼ନ୍ତି ଓ ଅଳ୍ପଦିନ ମଧ୍ୟରେ ବହୁତ ଓଜନ ହୋଇଥାଆନ୍ତି । ସାଧାରଣତଃ ନିଉଜିଲ୍ୟାଣ୍ଡ ହ୍ୱାଇଟ, କାଲିଫର୍ଣ୍ଣିଆ ଏବଂ ଗ୍ରେଜ୍ୟା ଜାତୀୟ ଠେକୁଆମାନେ ୩ ମାସ ମଧ୍ୟରେ ୩ କିଲୋଗ୍ରାମ ଓଜନ ହୋଇଥାଆନ୍ତି ।

**ଖାଦ୍ୟ-**

ସାଧାରଣତଃ ଠେକୁଆ ଉଦ୍ଭିଦ ଜାତୀୟ ଖାଦ୍ୟ ଉପରେ ନିର୍ଭର କରେ । ଯଥା :—ଦାନ, ମୂଳ ଓ ଶସ୍ୟ । ଗୋଟିଏ ଛୋଟ ପରିବାରର ରୋଷାଇ ପାଇଁ ବ୍ୟବହୃତ ହେଉଥିବା ପରିବାର ଖୋସା ( Kitchen waste ) ୨ ରୁ ୩ଟି ଠେକୁଆଙ୍କର ଖାଦ୍ୟପାଇଁ ଯଥେଷ୍ଟ ଅଟେ । ଯେହେତୁ ଖାଦ୍ୟ ବାବଦରେ ଠେକୁଆଙ୍କର ପିଛା କମ ଖର୍ଚ୍ଚ ହୁଏ ସେଥିପାଇଁ ଠେକୁଆର ମାଂସର ଦାମ ମଧ୍ୟ କମ ଅଟେ । ଯଦି କୋବିପତ୍ର ଠେକୁଆ ମାନଙ୍କୁ ଖାଇବାକୁ ଦିଆଯାଏ ତାହାହେଲେ ସେମାନେ ଆରାମରେ ଖାଆନ୍ତି କିନ୍ତୁ କୋବିପତ୍ରର ଗନ୍ଧ ମାଂସରେ ରହିଯାଏ । ସେଥିପାଇଁ କୋବିପତ୍ର ଦେବା ଉଚିତ ନୁହେଁ । କଦଳୀପତ୍ର ଠେକୁଆମାନଙ୍କର ଅତି ପ୍ରିୟ ଓ ସୁବିଧାରେ ମିଳୁଥିବା ଖାଦ୍ୟ ଅଟେ । ସମୟେ ସମୟେ ଠେକୁଆମାନେ ଘାସ ଜାତୀୟ ହେ ( Hay ) ଯଥା—ଆଲଫା ଆଲଫା, ସୋୟାବିନ, ମଟରପତ୍ର ଦରକାର କରିଥାଆନ୍ତି । ଏହି ହେ ସବୁଜ ଓ ପତ୍ରଯୁକ୍ତ ହେବା ଦରକାର । ୨୫ ରୁ ୫୦ ଗ୍ରାମ ପର୍ଯ୍ୟନ୍ତ ଦାନା ଜାତୀୟ ଖାଦ୍ୟ ଗୋଟିଏ ବଡ଼ ଠେକୁଆର ଖାଦ୍ୟ ସହିତ ଦେବା ଉଚିତ । କାରଣ ଏହା ଯଥେଷ୍ଟ ପରିମାଣରେ ପୁଷ୍ଟିସାର ଠେକୁଆକୁ ଯୋଗାଇଥାଏ । ଏହି ପ୍ରକାରର ଖାଦ୍ୟ ସାଧାରଣତଃ ଛୁଆମାନଙ୍କୁ କ୍ଷୀର ପିଆଉଥିବା ମାଈ ଠେକୁଆମାନଙ୍କୁ ଦିଆଯିବା ଉଚିତ ।

ଠେକୁଆକୁ ନିୟମିତ ଖାଦ୍ୟ ଦେବା ଅତି ଆବଶ୍ୟକ ଅଟେ । ଗରମ ଦିନମାନଙ୍କରେ ଠେକୁଆ ରାତିବେଳା, ଦିନବେଳା ଅପେକ୍ଷା ବେଶୀ ଖାଏ । ନିର୍ମଳ ଥଣ୍ଡାପାଣି ସର୍ବଦିନେ ଠେକୁଆମାନଙ୍କୁ ପିଇବାକୁ ଦେବା ଦରକାର । ଗୋଟିଏ ବଡ଼ ଠେକୁଆ ଦିନକୁ ୬୦ ରୁ ୧୦୦ ମିଲିଲିଟର ପର୍ଯ୍ୟନ୍ତ ପାଣି ପିଇବା ପାଇଁ ଦରକାର କରିଥାଏ ।

**ରୋଗ-**

ଠେକୁଆମାନେ ସ୍ୱଳ୍ପଜୀବୀ ଅଟନ୍ତି । ଯଦି ସେମାନଙ୍କୁ ଯତ୍ନର ସହିତ ପାଳନ କରାଯାଏ ଓ ନିୟମିତ ଖାଦ୍ୟ ଦିଆଯାଏ ତାହାହେଲେ ସେମାନେ ଖୁବକମ ରୋଗରେ ଆକ୍ରାନ୍ତ ହୋଇଥାଆନ୍ତି । ବଡ଼ ଠେକୁଆ କୁଟିଳ ରୋଗରେ ଆକ୍ରାନ୍ତ ହୁଅନ୍ତି । ଛୋଟ ଛୁଆ ଠେକୁଆ ଯେଉଁମାନେ ମାଆଠାରୁ କ୍ଷୀର ଖାଇ ନ ଥାଆନ୍ତି ସେମାନେ ସାଧାରଣତଃ ସ୍ନୁଫଲସ ( Suffles ) ଓ ଟିକସିଢ଼ିଆ ରୋଗରେ ଆକ୍ରାନ୍ତ ହୋଇଥାଆନ୍ତି । ଏହି ରୋଗକୁ ଯେ କୌଣସି ଆଣ୍ଟି-ବାୟୋଟିକ ଏବଂ କକସିଡ଼ି ଓ ଷ୍ଟାଟ ଦ୍ୱାରା ଉପଯୁକ୍ତ ମାତ୍ରାରେ ନିୟମିତ ଭାବରେ ଚିକିତ୍ସା ଦ୍ୱାରା ଭଲ କରାଯାଇ ପାରିବ ।

କୁକ୍କୁଟ ପ୍ରଜନନ ସଂସ୍ଥା, ଭେଟେନାରୀ କଲେଜ ।

## ଗଛରୁ ପ୍ରାଣୀଜ ପୁଷ୍ଟିସାର

କିଛିଦିନ ତଳେ ଆମେରିକାର ବୈଜ୍ଞାନିକମାନେ ଏକ ଅଭୂତପୂର୍ବ ଗବେଷଣାରେ ସଫଳ ହୋଇଛନ୍ତି । ମଣିଷ ଦେହରୁ ଜିନ୍ ନେଇ ପିଟୁନିଅ ନାମକ ଏକ ଫୁଲ ଗଛରେ ରୋପଣ କରିବାରେ ସକ୍ଷମ ହୋଇ ପାରିଛନ୍ତି । କୌଣସି ପ୍ରାଣୀ ଜିନ୍‌କୁ ଉଦ୍ଭିଦରେ ରୋପଣ କରିବାରେ ଏହା ହେଉଛି ପ୍ରଥମ ଘଟଣା । ଏହି ପ୍ରଣାଳୀ ପ୍ରୟୋଗ କରି ଭବିଷ୍ୟତରେ କେତେକ ସ୍ୱତନ୍ତ୍ର ଗଛ ମିଳି ପାରିବ ବୋଲି ବୈଜ୍ଞାନିକମାନେ ମତ ଦିଅନ୍ତି ।

ଆଗାମୀ ଦିନରେ ପ୍ରାଣୀ ଦେହରେ ପୁଷ୍ଟିସାର ସୃଷ୍ଟିକୁ ନିୟନ୍ତ୍ରଣ କରୁଥିବା ଜିନ୍‌କୁ ନେଇ ଉଦ୍ଭିଦ ଦେହରେ ରୋପଣ କରାଯିବ । ଫଳରେ ଉଦ୍ଭିଦରେ ପ୍ରାଣୀଜ ପୁଷ୍ଟିସାର ଖୁବ୍ ସହଜ ଭାବରେ ପ୍ରସ୍ତୁତ ହୋଇ ପାରିବ । ସେତେବେଳେ ଆମେ ମାଂସ ପାଇବା ପାଇଁ ଛେଳିକୁ ଘାସ ଦେବାନାହିଁ କିମ୍ବା କୁକୁଡ଼ା ପାଳିବା ମଧ୍ୟ ଦରକାର ହେବ ନାହିଁ । ଏ ସବୁ ପ୍ରାଣୀ ମାନଙ୍କ ଠାରୁ ମିଳୁଥିବା ପ୍ରାଣୀଜ ପୁଷ୍ଟିସାର ସିଧା ସଳଖ ଗଛରୁ ମିଳିଯାଇ ପାରିବ ।

# କୃଷକଙ୍କ ସେବାରେ କୃଷି ବିଶ୍ୱବିଦ୍ୟାଳୟ

ଶ୍ରୀ ଗୋପେଶ୍ୱର ସ୍ୱାଇଁ

ସଂପ୍ରସାରଣ ଶିକ୍ଷା ସାଧାରଣ ଶିକ୍ଷା ଠାରୁ ଅଲଗା । ସାଧାରଣ ଶିକ୍ଷାରେ ସ୍କୁଲ କଲେଜ ସ୍ଥାପିତ ହୁଏ ଓ ପିଲମାନେ ସେଠାକୁ ପଢିବାକୁ ଆସନ୍ତି । କିନ୍ତୁ ସଂପ୍ରସାରଣ ଶିକ୍ଷାରେ ଶିକ୍ଷକମାନେ ଅପାଠୁଆ ବା ଅଳ୍ପ ପାଠୁଆ ଲୋକଙ୍କୁ ପଢାଇବା ପାଇଁ ତାଙ୍କ ଗ୍ରାମକୁ ବା ଘରକୁ ଯାଇଥାଆନ୍ତି । ସେଠାରେ କଥାବାର୍ତ୍ତା, ସଭାସମିତି, ସିନେମା, ପ୍ରଦର୍ଶନୀ, ପତ୍ର ପତ୍ରିକା ଇତ୍ୟାଦି ମାଧ୍ୟମରେ ଶିକ୍ଷକ ଲୋକମାନଙ୍କୁ ପଢାଇବାକୁ ଚେଷ୍ଟା କରନ୍ତି । ଏ ପ୍ରକାରର ଶିକ୍ଷା ବିଲାତ, ଆମେରିକା ପ୍ରଭୃତି ଦେଶରେ ବହୁକାଳରୁ ପ୍ରଚଳିତ ହୋଇ ଆସୁଅଛି । ଏହାର ଉଦ୍ଦେଶ୍ୟ ହେଲା, ବିଜ୍ଞାନର ଅଗ୍ରଗତି ଫଳରେ ଯେଉଁ ନୂଆ ତଥ୍ୟ ଆବିଷ୍କୃତ ହେଉଛି, ସେଗୁଡ଼ିକୁ ଯେଉଁମାନେ ଉପଯୋଗ କରିବେ, ସେହିମାନଙ୍କ ପାଖକୁ ଯାଇ ନୂତନ ତଥ୍ୟ ଅବଲମ୍ବନ ପାଇଁ କୌଶଳ ନ ଶିଖାଇଲେ ନୂଆତଥ୍ୟ ଗୁଡ଼ିକର ଉପଯୋଗ ହୋଇ ପାରିବ ନାହିଁ । ଫଳରେ ସମାଜ ତଥା ଦେଶର ଅଗ୍ରଗତି ଘଟିବ ନାହିଁ । ଉଦାହରଣ ସ୍ୱରୂପ, ତାଳୁଅ ଧାନରେ ମାଟିଆ ଗୁଣ୍ଡି ପୋକ ଲାଗିଲେ ଫସଲ ନଷ୍ଟହୁଏ । ଗବେଷଣା ବଳରେ ଏହି ପୋକକୁ ମାରିବା ପାଇଁ ବାହାର କରାଯାଇଥିବା ଔଷଧକୁ କେତେ ପାଣିରେ ମିଶାଇ ସ୍ପ୍ରେ କରାଯିବ, କିପରି ଓ କେତେବେଳେ ସ୍ପ୍ରେ କରାଯିବ ଏକଥା ଚାଷୀମାନଙ୍କୁ ନ ଶିଖାଇଲେ ସେମାନେ କେବେହେଲେ ଏହି ତଥ୍ୟକୁ ଉପଯୋଗ କରି ପାରିବେ ନାହିଁ । ଫଳରେ ଗବେଷଣା ଲବ୍ଧ ତଥ୍ୟ ସମାଜ ତଥା ଦେଶର କଲ୍ୟାଣରେ ବିନିଯୁକ୍ତ ନହୋଇ ପୋଥିବାଇଗଣ ହୋଇ ରହିଯିବ । ସଂପ୍ରସାରଣ ଶିକ୍ଷା ପ୍ରଦାନ ବଡ଼ କଷ୍ଟକର ବ୍ୟାପାର । କାରଣ ଆମ ସମାଜରେ ଧର୍ମ, ସଂସ୍କୃତି ଓ ପୁରୁଷାନୁକ୍ରମିକ ବିଶ୍ୱାସକୁ ଲୋକେ ସହଜରେ ଛାଡ଼ି ପାରନ୍ତି ନାହିଁ କିମ୍ବା ନୂଆ ତଥ୍ୟକୁ ସହଜରେ ଗ୍ରହଣ କରନ୍ତି ନାହିଁ । ଉଦାହରଣ ସ୍ୱରୂପ, ବ୍ରାହ୍ମଣ ଛଡା ଅନ୍ୟ ଜାତିଲୋକେ ନଡ଼ିଆ ଗଛ ଲଗାଇଲେ ପରିବାରର କ୍ଷତି ହୁଏ । ଏହି ପୁରୁଷାନୁକ୍ରମିକ ବିଶ୍ୱାସ ହେତୁ ନଡ଼ିଆ ଗଛ ଲଗାଇବାକୁ ଖୁବ୍ କମ୍ ଚାଷୀ ଆଗେଇ ଆସନ୍ତି । ତେଣୁ ସଂପ୍ରସାରଣ ଶିକ୍ଷା ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ସଂପୃକ୍ତ ଶିକ୍ଷକଙ୍କୁ ବହୁ କଷ୍ଟ ସ୍ୱୀକାର କରିବାକୁ ପଡେ ।

ଆମ ରାଜ୍ୟରେ ସଂପ୍ରସାରଣ ଶିକ୍ଷା ବ୍ୟବସ୍ଥା ୧୯୫୬-୫୭ ମସିହାରେ ଭୁବନେଶ୍ୱରଠାରେ ଥିବା କୃଷି ମହାବିଦ୍ୟାଳୟରେ ପ୍ରଥମେ ଆରମ୍ଭ କରାଯାଇଥିଲା । ସେତେବେଳେ ଏହାର ପ୍ରଧାନ ଉଦ୍ଦେଶ୍ୟ ଥିଲା, ମହାବିଦ୍ୟାଳୟର ଛାତ୍ରମାନଙ୍କୁ ଗ୍ରାମାଞ୍ଚଳକୁ ନେଇ ସେଠାରେ ଚାଷୀମାନଙ୍କୁ କେଉଁ ପ୍ରଣାଳୀରେ ଶିକ୍ଷା ଦେବା ଦରକାର, ତାହା ଶିକ୍ଷା ଦେବା । ସେହି କାର୍ଯ୍ୟକ୍ରମ ସେତେବେଳେ ସରଦେଇପୁର, ଲିଙ୍ଗିପୁର ନଖାଭର ପ୍ରଭୃତି ସୀମିତ ଗ୍ରାମମାନଙ୍କରେ କେବଳ କାର୍ଯ୍ୟକାରୀ ହେଉଥିଲା । ଏହାପରେ ଏହି କାର୍ଯ୍ୟକ୍ରମକୁ ଭୁବନେଶ୍ୱର, କଟଣୀ ଓ ପିପିଲି ବ୍ଲକ୍‌ର ଦଶଟି ଗ୍ରାମ ପଞ୍ଚାୟତକୁ ସଂପ୍ରସାରିତ କରାଗଲା । ୧୯୫୯ ମସିହାରେ ଏହି ଶିକ୍ଷା ବ୍ୟବସ୍ଥାକୁ ଯୁକ୍ତରାଷ୍ଟ୍ର ଆମେରିକାର ଆନ୍ତର୍ଜାତିକ ଉନ୍ନୟନ ସଂସ୍ଥାର ବିଶେଷଜ୍ଞମାନେ ପରିଦର୍ଶନକରି ଏହାର ବ୍ୟାପକ ପ୍ରସାର ହେବାପାଇଁ ରାଜ୍ୟ ସରକାରଙ୍କୁ ସୁପାରିଶ କଲେ । ତାଙ୍କ ସୁପାରିଶ ଅନୁସାରେ ରାଜ୍ୟ ସରକାର ସଂପ୍ରସାରଣ ଗବେଷଣା ଓ ବ୍ଲକ ପ୍ରୋଗ୍ରାମ (ଇ. ଆର- ବି. ପି.) ନାମରେ ଏକ ଯୋଜନା ମଞ୍ଜୁର କଲେ । ଏହି ଯୋଜନାକୁ ପିପିଲି, ଭୁବନେଶ୍ୱର ଓ କଟଣୀ ବ୍ଲକ୍‌ମାନଙ୍କରେ କାର୍ଯ୍ୟକାରୀ କରାଗଲା ଓ ଯୋଜନାର ସଫଳ ରୂପାୟନ ପାଇଁ ଗୋଟିଏ ପ୍ରୋଜେକ୍ଟ ଲିଡର ପଦ ସୃଷ୍ଟି କରାଗଲା ।

୧୯୬୨ ମସିହାରେ କୃଷି ଓ ଆନୁଷଙ୍ଗିକ ଶିକ୍ଷା, ଗବେଷଣା ଓ ସଂପ୍ରସାରଣ କ୍ଷେତ୍ରରେ ସମନ୍ୱୟ ପ୍ରତିଷ୍ଠା ଉଦ୍ଦେଶ୍ୟରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ସ୍ଥାପିତ ହୋଇଥିଲା । ବିଶ୍ୱବିଦ୍ୟାଳୟର ଏହି ତ୍ରିମୁଖ କାର୍ଯ୍ୟକ୍ରମ ମଧ୍ୟରୁ ସଂପ୍ରସାରଣ ଶିକ୍ଷା ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ସେଥିର ବ୍ୟାପକ ପ୍ରସାରପାଇଁ ଏକ ନିର୍ଦ୍ଦେଶାଳୟ ସ୍ଥାପିତହେଲା । ଏହି ନିର୍ଦ୍ଦେଶାଳୟର ମୋଟାମୋଟି ... ରୁହେଲ ଚାଷୀମାନଙ୍କୁ ବୈଜ୍ଞାନିକ-କୃଷିବିଜ୍ଞାନ

ପ୍ରଣାଳୀରେ ଶିକ୍ଷାଦେବା; ସାମୂହିକ ଉନ୍ନତିପାଇଁ ସେମାନଙ୍କୁ ସଂଗଠିତ କରିବା; ରାଜ୍ୟ ସରକାରଙ୍କର ଉନ୍ନୟନ-ଯୋଜନା ଗୁଡ଼ିକୁ ସେମାନଙ୍କ ମଧ୍ୟରେ ଆଦୃତକରାଇବା; ଅନ୍ୟ ଅଞ୍ଚଳରେ ଚାଷୁଆଚାଷୀ ଓ ରାଜ୍ୟର ସଂପ୍ରସାରଣ କର୍ମୀଙ୍କ ତାଲିମପାଇଁ କ୍ଷେତ୍ର ପ୍ରସ୍ତୁତ କରିବା; କୃଷି ଓ ଆନୁଷଂଗିକ କ୍ଷେତ୍ରରେ ଦେଖା-ଦେଉଥିବା ସମସ୍ୟା ଗୁଡ଼ିକୁ ସଂଗ୍ରହକରିବା ଓ ଗବେଷଣା ଜରିଆରେ ସେହି ସମସ୍ୟା ଗୁଡ଼ିକର ସମାଧାନ କରାଇବା ।

ଏହି ଦାୟିତ୍ୱ ଗୁଡ଼ିକର ମୁଖ୍ୟ ଉଦ୍ଦେଶ୍ୟହେଉ, ରାଜ୍ୟରେ କୃଷକ ଓ କୃଷି ଶ୍ରମିକ, ଯେଉଁମାନେ ଦାରିଦ୍ର୍ୟ ସୀମାରେଖା ତଳେ ରହିଛନ୍ତି, ସେମାନଙ୍କର ସାମାଜିକ ଓ ଆର୍ଥିକ ଉନ୍ନତି ସାଧନ କରିବା ।

ବିଗତ ବର୍ଷମାନଙ୍କରେ ଏହି ସଂପ୍ରସାରଣ ଶିକ୍ଷା ଓ କାର୍ଯ୍ୟକ୍ରମ ମାଧ୍ୟମରେ ଆମ ରାଜ୍ୟର ଅନେକ ଅଞ୍ଚଳରେ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଓ କୃଷି ଶ୍ରମିକମାନଙ୍କର ପ୍ରଭୂତି କଲ୍ୟାଣ ସାଧିତ ହୋଇପାରିଛି । ଜଟଣୀ ବ୍ଲକର ବେଣାପଞ୍ଜରୀ ଓ ଟିଲୁମଲ ଅଞ୍ଚଳରେ ଚିନାବାଦାମ ଚାଷ; ପିପିଲି ବ୍ଲକର ମଠସାହି, ପାଣିଦୋଳ, କର୍ଣ୍ଣି, ଭାରତୀପୁର ପ୍ରଭୃତି ଗ୍ରାମାଞ୍ଚଳରେ ପୋଟଳ ଚାଷ, ଯଶୁଆପୁର, ଘୋରଡ଼ିଆ ଓ ଭଗବତୀପୁର ଅଞ୍ଚଳରେ ମାଛ ଚାଷ; ବାଲିପାଟଣା ବ୍ଲକର ରାକରସାହି ଅଞ୍ଚଳରେ ଉଠା ଜଳସେଚନ ବସାଯାଇ ବହୁଫସଲି ଚାଷ; ଢେଙ୍କାନାଳ ଜିଲ୍ଲାର ସଦାଶିବପୁର ଗ୍ରାମରେ ସମବାୟ ଚାଷ ଇତ୍ୟାଦି ପ୍ରବର୍ତ୍ତିତ ହେବାଫଳରେ ସେ ଅଞ୍ଚଳରେ ଲୋକମାନଙ୍କର କିଭଳି ସାମାଜିକ ଓ ଆର୍ଥିକ ଉନ୍ନତି ସମ୍ଭବ ହୋଇପାରିଛି, ତାହା ଯେ କେହିଦେଖିଲେ ବିସ୍ମିତ ହେବେ ।

ଏବେ ବିଶ୍ୱବିଦ୍ୟାଳୟର ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟର ଦାୟିତ୍ୱ ଓଡ଼ିଶାର ସାମୂହିକ ଉନ୍ନତିପାଇଁ ବହୁ ଜିଲ୍ଲାରେ ପ୍ରସାରିତ ହୋଇଛି । କଟକ ଓ ପୁରୀ ଜିଲ୍ଲାର ଛଅଟି ବ୍ଲକରେ କାର୍ଯ୍ୟକାରୀ ହେଉଥିବା ବ୍ଲକ ପ୍ରୋଗ୍ରାମ ଯୋଜନା ରାଜ୍ୟର ପ୍ରାୟ ସବୁ ଜିଲ୍ଲାରେ କାର୍ଯ୍ୟକାରୀ ହେଉଅଛି । ବିଶ୍ୱବିଦ୍ୟାଳୟର କ୍ଷେତ୍ର ପ୍ରତିନିଧିମାନେ ଗ୍ରାମମାନଙ୍କରେ ରହି ଚାଷୀମାନଙ୍କୁ ଉନ୍ନତ ପ୍ରଣାଳୀର ଫସଲ ଚାଷ, ଫଳ ଚାଷ, ମାଛ ଚାଷ, କୁକୁଡ଼ା ପାଳନ, ଗୋପାଳନ ଇତ୍ୟାଦି ସଂପର୍କରେ ଶିକ୍ଷା ଦେଉଛନ୍ତି । ଆଉମଧ୍ୟ ବୈଜ୍ଞାନିକମାନେ ଗ୍ରାମମାନଙ୍କୁଯାଇ ଲୋକମାନଙ୍କୁ ଶିକ୍ଷାଦେବା ସଂଗେ ସଂଗେ ସେମାନଙ୍କର ସମସ୍ୟାଗୁଡ଼ିକର ସମାଧାନପାଇଁ ଚେଷ୍ଟା କରୁଛନ୍ତି ।

ଭାରତୀୟ କୃଷି ଗବେଷଣା ପରିଷଦଙ୍କ ଆର୍ଥିକ ସହାୟତାରେ ଜାତୀୟକ୍ଷେତ୍ର ପ୍ରଦର୍ଶନ ଯୋଜନା ଆମ ରାଜ୍ୟର କେତୋଟି ଜିଲ୍ଲାରେ କାର୍ଯ୍ୟକାରୀ ହେବାପରେ ଏବେ ଢେଙ୍କାନାଳ ଓ କେନ୍ଦୁଝର ଜିଲ୍ଲାରେ କାର୍ଯ୍ୟକାରୀ ହେଉଅଛି । ବୈଜ୍ଞାନିକ ପ୍ରଣାଳୀରେ ଗୋଟିଏ ଜମିରେ ବର୍ଷକ ମଧ୍ୟରେ ଦୁଇ ତିନୋଟି ଏପରିକି ୪ଟି ଫସଲ ପର୍ଯ୍ୟନ୍ତ କିପରି ସବୁଠାରେ ଅଧିକ ମାତ୍ରାରେ ଉତ୍ପାଦନ କରାଯାଇପାରିବ, ସେଥିରେ କୌଶଳଗୁଡ଼ିକୁ ବିଶେଷଜ୍ଞମାନେ ଚାଷୀମାନଙ୍କ ଜମିରେ ତାଙ୍କଦ୍ୱାରା ଚାଷକରାଇ ଦେଖାଇ ଦେଉଛନ୍ତି । ପ୍ରଦର୍ଶନ କ୍ଷେତ୍ରଗୁଡ଼ିକରୁ ଏକରପିଛା ୭୦ କୁଇଣ୍ଟାଲ ଧାନ, ୧୨ କୁଇଣ୍ଟାଲ ଗହମ, ୪ କୁଇଣ୍ଟାଲ ସୋରିଷ, ୬୦ କୁଇଣ୍ଟାଲ ଆଳୁ, ୭ କୁଇଣ୍ଟାଲ ଚିନାବାଦାମ ପ୍ରଭୃତି କିପରି ସହଜରେ ଅମଳ କରାଯାଇପାରିବ, ତାହା ବିଶେଷଜ୍ଞମାନେ ଚାଷୀମାନଙ୍କୁ ସେମାନଙ୍କର ଜମିରେ ଫଳପ୍ରଦଭାବେ ଦେଖାଇ ଦେଉଛନ୍ତି ।

କୃଷକମାନଙ୍କୁ ଉନ୍ନତ ପ୍ରଣାଳୀର ଫସଲ ଚାଷ, ଫଳ ଚାଷ, ପଶୁ ପାଳନ, ଗୃହ ବିଜ୍ଞାନ ଇତ୍ୟାଦି ସଂପର୍କରେ ତାଲିମଦେବାପାଇଁ କେନ୍ଦୁଝର, ଶିମିଳିକୁଦା, ଭଞ୍ଜନଗର ଓ ବାଲିଆପାଳଠାରେ ୪ ଟି କୃଷି ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା କରାଯାଇଅଛି । ଚାଷୀମାନେ ଏହି କେନ୍ଦ୍ରଗୁଡ଼ିକୁ ଆସି ତାଲିମନେବା ସଂଗେ ସଂଗେ ସେମାନେ ଯେପରି ନୂଆ ତଥ୍ୟକୁ ନିଜକ୍ଷେତ୍ରରେ ସଫଳତାର ସହିତ ପ୍ରୟୋଗ କରିପାରିବେ ସେଥିପାଇଁ ବିଶେଷଜ୍ଞମାନେ ମଧ୍ୟ ସାହାଯ୍ୟ କରୁଛନ୍ତି ।

ହରିଜନ ଓ ଅନୁନ୍ନତ ଶ୍ରେଣୀର ଲୋକମାନଙ୍କର ସାମାଜିକ ଓ ଅର୍ଥନୈତିକ ଉନ୍ନତିପାଇଁ ଏକ ଯୋଜନା ପୁରୀ ଜିଲ୍ଲାର ବାଲିପାଟଣା, ନିମାପଡ଼ା ଓ ଭୁବନେଶ୍ୱର ବ୍ଲକ୍‌ମାନଙ୍କରେ କାର୍ଯ୍ୟକାରୀ ହେଉଅଛି । କୃଷି, ପଶୁ ପାଳନ, ଗୃହ ବିଜ୍ଞାନ ଓ କୁଟୀର ଶିଳ୍ପର ବୈଷୟିକ ତଥ୍ୟକୁ ନେଇ ଶିଳ୍ପ ବିଶେଷଜ୍ଞମାନେ ସେମାନଙ୍କୁ ତାଲିମ ଦେଉଛନ୍ତି ଓ ଏହିତଥ୍ୟ ଗୁଡ଼ିକର ଉପଯୋଗ-ପାଇଁ ସାହାଯ୍ୟ ଓ ସହଯୋଗ କରୁଛନ୍ତି ।

ରାଜ୍ୟର ଚାଷୀ ଓ ସଂପ୍ରସାରଣ କର୍ମୀମାନଙ୍କୁ ସର୍ବାଧୁନିକ ତଥ୍ୟ ପରିବେଷଣପାଇଁ ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟରେ ଏକ ସୂଚନା କେନ୍ଦ୍ର ମଧ୍ୟ ସ୍ଥାପିତ ହୋଇଅଛି ।

ଭାରତୀୟ କୃଷି ଗବେଷଣା ପରିଷଦଙ୍କ ଆର୍ଥିକ ସହାୟତାରେ ବିଜ୍ଞାନାଗାରରୁ କୃଷିକ୍ଷେତ୍ର କାର୍ଯ୍ୟକ୍ରମ ନାମରେ ଏକ ସ୍ୱତନ୍ତ୍ର ଯୋଜନା ରାଜ୍ୟର ବିଭିନ୍ନ ଅଞ୍ଚଳରେ କାର୍ଯ୍ୟକାରୀ ହେଉଅଛି । ଏହି ଯୋଜନାର କାର୍ଯ୍ୟକ୍ରମ ଅନୁସାରେ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନଙ୍କୁ ୯୦୦ କୃଷକ ପରିବାରର ଅର୍ଥନୈତିକ ଉନ୍ନତିପାଇଁ ଦାୟିତ୍ୱ ଦିଆଯାଇଅଛି ।

ଆଦିବାସୀ ଚାଷୀମାନଙ୍କର ସାମାଜିକ ଓ ଅର୍ଥନୈତିକ ଉନ୍ନତିପାଇଁ, କେନ୍ଦୁଝର, ଫୁଲବାଣୀ ଓ କୋରାପୁଟ ଜିଲ୍ଲାରେ ଆଦିବାସୀ ଗବେଷଣା ଯୋଜନା ପ୍ରବର୍ତ୍ତିତ ହୋଇଅଛି ।

ପୁରୀ ଜିଲ୍ଲାର ଅସ୍ତରଙ୍ଗ ବ୍ଲକ୍‌ରେ ଲୁଣିମାଟିର କିପରି ସଦୁପଯୋଗ ହୋଇପାରିବ, ତାହା ଦେଖିବାପାଇଁ ଏକ କାର୍ଯ୍ୟକାରୀ ଗବେଷଣା ଯୋଜନା ମଧ୍ୟ କାର୍ଯ୍ୟକାରୀ ହେଉଅଛି । ଏହାଦ୍ୱାରା ଏବେ ଲୁଣିପାଣିରେ ଚିଙ୍ଗୁଡ଼ି ଚାଷ ଖୁବ୍ ସଫଳ ହୋଇପାରିଛି ।

ଏସବୁ ସଂପ୍ରସାରଣ ଶିକ୍ଷା କାର୍ଯ୍ୟକ୍ରମଦ୍ୱାରା ରାଜ୍ୟର ଲକ୍ଷଲକ୍ଷ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଓ କୃଷି-ଶ୍ରମିକମାନଙ୍କର ଯେ ଅଶେଷ କଲ୍ୟାଣ ସାଧିତ ହେଉଛି ଓ ଭବିଷ୍ୟତରେ ହୋଇପାରିବ, ଏଥିରେ ସନ୍ଦେହ ନାହିଁ । ମାତ୍ର ଏଠାରେ କହିବାକୁ ହେବଯେ, ରାଜ୍ୟର ଆବଶ୍ୟକତା ଦୃଷ୍ଟିରୁ ଏହି କାର୍ଯ୍ୟକ୍ରମ ଖୁବ୍ ସୀମିତ ଅବସ୍ଥାରେ ରହିଅଛି । ରାଜ୍ୟ ସରକାର, ଭାରତୀୟ କୃଷି ଗବେଷଣା ପରିଷଦ ଓ ବିଶ୍ୱବ୍ୟାଙ୍କ କର୍ତ୍ତୃପକ୍ଷ ବିଶ୍ୱବିଦ୍ୟାଳୟର ସଂପ୍ରସାରଣ ଶିକ୍ଷା କାର୍ଯ୍ୟକ୍ରମକୁ ଅଧିକ ବ୍ୟାପକ କରିବାପାଇଁ ଅଧିକ ଆର୍ଥିକ ସାହାଯ୍ୟ ପ୍ରଦାନକଲେ ଆମ ରାଜ୍ୟର ଅନୁନ୍ନତ ଅବସ୍ଥା ନିଶ୍ଚୟ ଦୂର ହୋଇପାରିବ । ○ ○

# କୃଷି କ୍ଷେତ୍ରରେ କମ୍ପ୍ୟୁଟର ପ୍ରଚଳନ

ସୁବାସ ଚନ୍ଦ୍ର ସାହୁ

ଏଣିକି ଧାନ ଗଛରେ ରୋଗ ହେଲେ କିମ୍ବା ପୋକ ଲଗିଲେ ଆମର ଆଉ ଚିନ୍ତା ନ ଥିବ । ଘରେ ଯଦି ଗୋଟାଏ କମ୍ପ୍ୟୁଟର ଅଛି ତେବେ ସବୁ ସମସ୍ୟାର ସମାଧାନ ଆପେ ଆପେ ହୋଇଯିବ । ରୋଗ, ପୋକ ଦାଉରୁ ଫସଲକୁ ରକ୍ଷା କରିବା, ଜମିରୁ ଘାସ ବାଛିବା, ଟ୍ରାକ୍ଟର ଚଳାଇବା, ଗଛ ଲଗାଇବା, ସାର ପକାଇବା, ଜମିରେ ପାଣି ମଡ଼ାଇବା ଆଦି ପ୍ରତ୍ୟେକ କାର୍ଯ୍ୟରେ କମ୍ପ୍ୟୁଟର ହିଁ ଆମର ସହାୟକ ହେବ ।

ଆଜି କାଲିର କମ୍ପ୍ୟୁଟର ଯୁଗରେ ପ୍ରତ୍ୟେକ କାର୍ଯ୍ୟ କମ୍ପ୍ୟୁଟର କରିପାରିବ ବୋଲି ଜଣା ଯାଉଛି । କବିତା ଲେଖିବାଠୁ ଆରମ୍ଭ କରି ବିଜ୍ଞାନାଗାରର ଗବେଷଣା ପର୍ଯ୍ୟନ୍ତ ସବୁକାମ କମ୍ପ୍ୟୁଟର ଯୋଗେ ସମ୍ଭବ ହୋଇ ପାରିବ । ସେତେବେଳେ କୃଷି କ୍ଷେତ୍ରରେ କମ୍ପ୍ୟୁଟରର ବ୍ୟବହାର ବିଷୟ ଚିନ୍ତା କରିବା କିଛି ଅପ୍ରାସଙ୍ଗିକ ନୁହେଁ । ଆଜିକାଲି ବୈଜ୍ଞାନିକମାନେ ପ୍ରତିଟି କୃଷିକର୍ମକୁ ସୁରୁଖୁରୁରେ କରିବାପାଇଁ କମ୍ପ୍ୟୁଟରର ସାହାଯ୍ୟ ନେବା କଥା ଚିନ୍ତା କଲେଣି ।

ଫସଲରେ କୀଟ ନିୟନ୍ତ୍ରଣ ପାଇଁ କମ୍ପ୍ୟୁଟରର ପ୍ରଚଳଣ ଆରମ୍ଭ ହେଲଣି । ପ୍ରତିଦିନ ଜମିରେ କୀଟପତଙ୍ଗମାନଙ୍କର ସ୍ଥିତି ଓ ସେମାନଙ୍କର ଦମନ ପାଇଁ ତଥ୍ୟ ଯୋଗାଇବା ନିମିତ୍ତ କମ୍ପ୍ୟୁଟରର ସାହାଯ୍ୟ ନିଆଗଲାଣି । ଏହାର ମସ୍ତିଷ୍କରେ କୀଟ ତଥା ଫସଲ ସମ୍ବନ୍ଧୀୟ ସମସ୍ତ ତଥ୍ୟ ପୂର୍ବରୁ ରଖା ଯାଉଛି । କୀଟମାନଙ୍କର ଜୀବନଚକ୍ର, ଜନ୍ମ ଇତିହାସ, ସେମାନଙ୍କୁ ସୁହାଉଥିବା ତାପ, ସ୍ଥାନ ଓ ଆପେକ୍ଷିକ ଆର୍ଦ୍ରତା ବିଷୟକ ଜ୍ଞାନ କମ୍ପ୍ୟୁଟର ମଧ୍ୟରେ ସାଇତି ରଖା ଯାଉଛି । କୀଟମାନଙ୍କର ପ୍ରିୟ ଫସଲ ତଥା ଫସଲର ବୃଦ୍ଧିସ୍ତର ବିଷୟରେ ସମସ୍ତ ତଥ୍ୟ କମ୍ପ୍ୟୁଟରକୁ ଯୋଗାଇ ଦିଆଯାଉଛି । ସେହିପରି କେଉଁ ଫସଲ କେଉଁ କେଉଁ କୀଟଦ୍ୱାରା ଅଧିକ ଆକ୍ରାନ୍ତ ହେବାର ସମ୍ଭାବନା ରହିଛି ତାହା ମଧ୍ୟ କମ୍ପ୍ୟୁଟରର ମସ୍ତିଷ୍କରେ ଭର୍ତ୍ତି କିଆଯାଉଛି ।

ତେଣୁ ଜମିରେ ରଖିବା ମାତ୍ରେ ଏହା କୀଟ ଆକ୍ରମଣ ପୂର୍ବରୁ ଠିକଣିକି ତଥ୍ୟ ଯୋଗାଇ ପାରୁଛି । କେଉଁ କେଉଁ କୀଟ ଫସଲକୁ ଆକ୍ରମଣ କରିବ, ଏଥିପାଇଁ ଦୈନନ୍ଦିନ କେତେ କ୍ଷତି ହେବ ଏହା କମ୍ପ୍ୟୁଟର ସାହାଯ୍ୟରେ ଜାଣି ହେଉଛି । ତତ୍ ସହିତ କୀଟ ବିନାଶ ପାଇଁ ଔଷଧର ନାମ ପ୍ରୟୋଗ ବିଧି ସମୟ ତଥା ପରିମାଣ ମଧ୍ୟ କମ୍ପ୍ୟୁଟର ସୂଚେଇ ଦେଉଛି । ତେଣୁ କୀଟ ଆକ୍ରମଣର ଯଥେଷ୍ଟ ପୂର୍ବରୁ ଚାଷୀ ଏ ବିଷୟରେ ସତର୍କ ସୂଚନା ପାଇ ଔଷଧ ପ୍ରୟୋଗ କରିବା ସମ୍ଭବ ହୋଇ ପାରୁଛି । ଫଳରେ ଏହାଦ୍ୱାରା ନଷ୍ଟ ହେଉଥିବା ଫସଲକୁ ସହଜ ଭାବେ ରକ୍ଷା କରାଯାଇ ପାରୁଛି । ସୋୟାବିନ, ଧୂଆଁ ପତ୍ର ଆଦି ଫସଲରେ ପରୀକ୍ଷାକରି ଜଣା ଯାଉଛି ଯେ କୀଟ ଦମନ ପାଇଁ କମ୍ପ୍ୟୁଟରର ଦକ୍ଷତା କେତେକ ବିଶେଷଜ୍ଞମାନଙ୍କ ଅପେକ୍ଷା ଯଥେଷ୍ଟ ଅଧିକ ।

ରୋଗ ନିଦାନ ପାଇଁ ମଧ୍ୟ କମ୍ପ୍ୟୁଟରର ବ୍ୟବହାର ସଫଳତାର ସହିତ କରାଯାଇ ପାରୁଛି । କାନାଡ଼ାର ଗୋଟିଏ କମ୍ପାନୀ ଏଥିପାଇଁ ଏକ ସ୍ୱତନ୍ତ୍ର ଧରଣର କମ୍ପ୍ୟୁଟର ଆବିଷ୍କାର କରିଛନ୍ତି । ପ୍ରଥମେ ଏହି କମ୍ପ୍ୟୁଟରକୁ ରୋଗ ବିଷୟକ ସମସ୍ତ ତଥ୍ୟ ଯୋଗାଇ ଦିଆଯାଏ । ରୋଗ ବ୍ୟାପିବା ପାଇଁ ଆବଶ୍ୟକ ହେଉଥିବା ଜଳବାୟୁ, ଆପେକ୍ଷିକ ଆର୍ଦ୍ରତା, ବୃଷ୍ଟିପାତ, ତାପମାତ୍ରା, ସୂର୍ଯ୍ୟାଲୋକ ଓ ଉଦ୍‌ଭିଦର ଅବସ୍ଥା ବିଷୟରେ ବିଶଦ ବିବରଣୀ କମ୍ପ୍ୟୁଟରକୁ ଯୋଗାଇ ଦିଆଯାଏ । ଏହାଦ୍ୱାରା ବିଭିନ୍ନ ରୋଗପାଇଁ ବିଭିନ୍ନ ମଡେଲମାନ ପ୍ରସ୍ତୁତ କରି ରଖାଯାଉଛି । ସେସବୁ ରୋଗର ତଥ୍ୟମାନଙ୍କୁ କମ୍ପ୍ୟୁଟରର ସ୍ମୃତିରେ ରଖାଯାଇଥାଏ । କିଆରୀରୁ ସମସ୍ତ ତଥ୍ୟ ସଂଗ୍ରହକରି କମ୍ପ୍ୟୁଟରକୁ ଯୋଗାଇ ଦେଲେ କମ୍ପ୍ୟୁଟର ଆପେ ଆପେ ସ୍ଥାନୀୟ ପରିସ୍ଥିତି ବିଷୟରେ ଧାରଣା କରିନିଏ । ତା'ପରେ ଫସଲରେ କେଉଁ ରୋଗ ହୋଇଛି ବା କେଉଁ ରୋଗ ହେବାର ସମ୍ଭାବନା ରହିଛି ଠିକ୍‌ଠିକ୍ ଭାବେ ଜଣା ପଡ଼ିଯାଏ । ଏଥି ସହିତ ରୋଗ ନିରାକରଣ ପାଇଁ ଔଷଧର ନାମ, ପରିମାଣ ଓ ପ୍ରୟୋଗବିଧି ବିଷୟରେ କମ୍ପ୍ୟୁଟରରୁ ଜାଣିହୁଏ । ଫଳରେ ଅତି ସହଜରେ ଫସଲକୁ ରୋଗ ଦାଉରୁ ରକ୍ଷାକରିବା ସମ୍ଭବ ହୁଏ ।

ତୃଣକ ଦମନ ପାଇଁ ମଧ୍ୟ କମ୍ପ୍ୟୁଟରର ବ୍ୟବହାର କରାଯିବା ସମ୍ଭବ ହୋଇପାରିବ । ଜମିରେ ଘାସଗଛ

ଉଠିବା ପରେ କମ୍ପ୍ୟୁଟର ସାହାଯ୍ୟରେ ଏହାକୁ ଦମନ କରିବା ସମ୍ଭବ ହେବ । ପ୍ରଥମେ କମ୍ପ୍ୟୁଟରରେ ତୃଣକ ବିଷୟକ ସମସ୍ତ ତଥ୍ୟ ସାଇତି ରଖିବାକୁ ହେବ । ଜମିରେ ରଖିବା ମାତ୍ରେ ଏହା ଉପସ୍ଥିତି ତୃଣକର ନାମ, ସଂଖ୍ୟା ତଥା ଏଥିଯୋଗୁଁ ସୃଷ୍ଟି ହେବାକୁ ଥିବା ସମସ୍ୟା ବିଷୟରେ ସୂଚନା ଦେବ । ସ୍ଥାନୀୟ ପରିବେଶକୁ ଆଖିରେ ରଖି ଭବିଷ୍ୟତରେ ତୃଣକ ଫସଲ ଉପରେ କିପରି ପ୍ରଭାବ ପକାଇବ ତାହା ମଧ୍ୟ ଜଣାପଡ଼ିବ । ଏଥି ସହିତ ତୃଣକ କବଳରୁ ଫସଲକୁ ରକ୍ଷା କରିବା ପାଇଁ ଉପଯୁକ୍ତ ଔଷଧର ନାମ ଓ ପ୍ରୟୋଗ ବିଧି କମ୍ପ୍ୟୁଟର ସାହାଯ୍ୟରେ ଜାଣିହେବ । ଏହି ପ୍ରକ୍ରିୟାରେ ସମସ୍ତ ପ୍ରକାରର ତୃଣକ ଦମନ କରାଯାଇ ପାରିବ ବୋଲି ଜଣାଯାଇଛି ।

କେତେକ ସ୍ଥଳରେ ସ୍ପ୍ରେୟରମାନଙ୍କରେ କମ୍ପ୍ୟୁଟର ଖଞ୍ଜା/ ଯିବାର ବ୍ୟବସ୍ଥା ହେଲଣି । ଟ୍ରାକଟର ଦ୍ୱାରା ସ୍ପ୍ରେ କରା- ଯାଉଥିବା କ୍ଷେତ୍ରରେ ଏହା ପ୍ରଚଳନ କରାଯାଉଛି । ଏହାଦ୍ୱାରା ଟ୍ରାକଟରର ବେଗ ଅନୁଯାୟୀ ସ୍ପ୍ରେ କରାଯାଉଥିବା ଔଷଧର ପରିମାଣ ବୃଦ୍ଧି ବା ହ୍ରାସ ପାଇପାରୁଛି । ତା ଛଡ଼ା ଟ୍ରାକଟର ବେଗ, ସ୍ପ୍ରେ କରାଯାଉଥିବା ଔଷଧର ପରିମାଣ, ଦ୍ରବଣର ସାନ୍ଦ୍ରତା ଆଦି ଆପେ ଆପେ ଜାଣି ହେଉଛି । ଉଭୟ ଔଷଧ ଓ ରାସାୟନିକ ସାରର ଦ୍ରବଣ ସ୍ପ୍ରେ କରିବା ପାଇଁ ଏହା ବ୍ୟବହାର କରାଯାଇ ପାରୁଛି ।

ଟ୍ରାକଟର ଦେହରେ ମଧ୍ୟ କମ୍ପ୍ୟୁଟରର ବ୍ୟବହାର ସମ୍ଭବ ହେଲଣି । ଏହାଦ୍ୱାରା ଆବଶ୍ୟକତା ଅନୁଯାୟୀ ଟ୍ରାକଟରର ବେଗ, ଜାଳେଣି ଖର୍ଚ୍ଚ, କାର୍ଯ୍ୟ କରିବାର କ୍ଷମତା ଆଦି ନିୟନ୍ତ୍ରଣ କରାଯାଇ ପାରୁଛି । ଏହାଦ୍ୱାରା ମାଟିର କଠିନତା ନିର୍ଣ୍ଣୟ କରିବା ସହଜସାଧ୍ୟ ହୋଇ ପାରୁଛି । ବିଧାରୀର ଉଭୟ ମୁଣ୍ଡରେ ଏହା ଆପେ ଆପେ ନିୟନ୍ତ୍ରିତ ହୋଇ ପାରୁଥିବାର ଜଣାଯାଇଛି । ଆଗାମୀ ଦିନରେ ଚାଳକ ନ ଥିଲେ ମଧ୍ୟ କମ୍ପ୍ୟୁଟର ସାହାଯ୍ୟରେ ଟ୍ରାକଟର ଚଳାଯିବା ସମ୍ଭବ ହୋଇ ପାରିବ ବୋଲି ଜଣାଯାଇଛି ।

ରବଟ ସାହାଯ୍ୟରେ ଆଜିକାଲି ଗଛ ଲଗାଇବା ସମ୍ଭବ ହୋଇ ପାରୁଛି । ଆମେରିକାରେ ଲଙ୍କାମରିଚ ଓ ଅନ୍ୟାନ୍ୟ ଗଛର ଚାରା ରୋପଣ କରିବା ପାଇଁ ଏକ ରବଟ ଆବିଷ୍କାର କରାଯାଇଛି । କମ୍ପ୍ୟୁଟର ଦ୍ୱାରା ନିୟନ୍ତ୍ରିତ ଏହି ରବଟକୁ ଟ୍ରାକଟର ସହିତ ସଂଯୋଗ କରିଦେଲେ ଏହା ଚାରା ରୋପଣରେ ସାହାଯ୍ୟ କରୁଛି । ଗଛଠାରୁ ଗଛର ବ୍ୟବଧାନ, ଧାଡ଼ିଠୁ ଧାଡ଼ିର ଦୂରତା ଆପେ ଆପେ ଏହାଦ୍ୱାରା ନିୟନ୍ତ୍ରିତ ହୋଇ- ପାରୁଛି ।

ଅନ୍ୟ ଏକ ରବଟ ମଧ୍ୟ ନାଳ ନର୍ଦ୍ଦମାରେ ଥିବା ଅସନା ଦ୍ରବ୍ୟମାନଙ୍କୁ ସଫା କରିବାରେ ସାହାଯ୍ୟ କରୁଛି । ଏହା ଦ୍ୱାରା କୃଷିକ୍ଷେତ୍ରରେ ପାଣିକୁ ଆଟକାଇ ସଂଗ୍ରହ କରିବା ତଥା ଜମିକୁ ସମତୁଲ କରିବା ସମ୍ଭବ ହୋଇ ପାରିବ । ଏହା ଏପରି ପଦାର୍ଥରେ ତିଆରି ଯେ, ବାରମ୍ବାର ଜଳ ସଂସ୍ପର୍ଶରେ ଆସିଲେ ମଧ୍ୟ ନଷ୍ଟ ହେବନାହିଁ ।

ବିଶ୍ୱାରିକାର କେତେକ ବୈଜ୍ଞାନିକ ଏକ ସ୍ୱତନ୍ତ୍ର କାର୍ଯ୍ୟପାଇଁ କଂପ୍ୟୁଟରକୁ ନିୟୋଜିତ କରିପାରିଛନ୍ତି । ନୂତନ ଭାବେ ଚାରାଗଛ ସୃଷ୍ଟି କରିବା ପାଇଁ ଅନେକ କ୍ଷେତ୍ରରେ କାଣ୍ଡ ଉପରେ ନିର୍ଭର କରିବାକୁ ପଡ଼ିଥାଏ । ଯେଉଁ ଗଛର କାଣ୍ଡରୁ ଶୀଘ୍ର ଚେର ବାହାରେ ନାହିଁ ସେ କ୍ଷେତ୍ରରେ ହରମୋନ୍ ପ୍ରୟୋଗ କରିବାକୁ ହୁଏ । ଗଛର ପ୍ରଭେଦ ଅନୁଯାୟୀ ବିଭିନ୍ନ କାଣ୍ଡର ବିଭିନ୍ନ ସାନ୍ଦ୍ରତାର ହରମୋନ ପ୍ରୟୋଗ କରିବାକୁ ହୁଏ । ଜଣେ ସାଧାରଣ ମଣିଷ ପକ୍ଷରେ ସମସ୍ତ ଗଛ ପାଇଁ ହରମୋନର ସାନ୍ଦ୍ରତା ମନେ ରଖିବା ସଂଭବ ନୁହେଁ । ତେଣୁ କଂପ୍ୟୁଟର ସ୍ମୃତିରେ ପ୍ରତ୍ୟେକ ଗଛ ଓ ସେଥିରେ ଚେର ସୃଷ୍ଟି ହେବା ପାଇଁ ଆବଶ୍ୟକ ହେଉଥିବା ହରମୋନ ଓ ତାର ସାନ୍ଦ୍ରତା ସାଇତି ରଖାଯାଇଥାଏ । ତେଣୁ ସୁଇଚ୍ ଟିପିବା ମାତ୍ରେ ଏହା ଜଣା ପଡ଼ିଯାଏ ।

ଏବେ ଆମେରିକାରେ ଏକ ଅଭିନବ ପ୍ରଣାଳୀରେ ରାସାୟନିକ ସାର ପ୍ରୟୋଗ କରିବା ଆରମ୍ଭ ହୋଇଛି । ରାସାୟନିକ ସାର ବହିନେଉଥିବା ଟ୍ରକ୍‌ରେ କଂପ୍ୟୁଟର ଖଞ୍ଜା- ଯାଇଛି । ଫଳରେ ଜମିର ଉର୍ବରତା, ମାଟିରେ ଥିବା ବିଭିନ୍ନ ଖାଦ୍ୟସାରର ଉପସ୍ଥିତି ବିଷୟ ଜାଣି ଆବଶ୍ୟକ ଅନୁଯାୟୀ ସାର ପ୍ରୟୋଗ କରିବା ସଂଭବ ହୋଇ ପାରୁଛି ।

ଶସ୍ୟ ସଂରକ୍ଷଣ ପାଇଁ ମଧ୍ୟ କଂପ୍ୟୁଟରର ଭୂମିକା କିଛି କମ୍ ନୁହେଁ । କେଉଁ ଶସ୍ୟରେ କେତେ ପରିମାଣର ଜଳୀୟ ବାଷ୍ପ ରହିଛି ଏବଂ କେତେଦିନ ସଂରକ୍ଷଣ ପାଇଁ କେତେ ପରିମାଣର ଜଳୀୟ ବାଷ୍ପ ରହିବା ଉଚିତ୍ ଏହା କଂପ୍ୟୁଟର ସୂଚାଇ ଦେଉଛି । ଏଥିସହିତ ସଂରକ୍ଷଣ ଗୃହର ତାପମାତ୍ରା, ଆପେକ୍ଷିତ ଆର୍ଦ୍ରତା ମଧ୍ୟ କଂପ୍ୟୁଟର ସାହାଯ୍ୟରେ ନିୟନ୍ତ୍ରଣ କରାଯାଇ ପାରୁଛି ।

ଏବେ କେତେକ ସ୍ଥଳରେ କୌଣସି ସ୍ଥାନର ଫସଲ ପର୍ଯ୍ୟାୟ ନିର୍ଣ୍ଣୟ କରିବା ପାଇଁ କଂପ୍ୟୁଟରର ସାହାଯ୍ୟ ନିଆଗଲଣି । କୌଣସି ସ୍ଥାନର ଜଳବାୟୁ, ବୃଷ୍ଟିପାତ, ତାପମାତ୍ରା, ଆପେକ୍ଷିକ ଆର୍ଦ୍ରତା ଆଦି ବିଷୟରେ ତଥ୍ୟ ସଂଗ୍ରହ କରି କଂପ୍ୟୁଟରକୁ ଯୋଗାଇ ଦିଆଯାଉଛି । ଏହାପରେ କଂପ୍ୟୁଟର ସାହାଯ୍ୟରେ ସେ ସ୍ଥାନ ପାଇଁ ଉପଯୁକ୍ତ ଫସଲ ପର୍ଯ୍ୟାୟ ନିର୍ଣ୍ଣୟ କରିବା ସଂଭବ ହୋଇ ପାରୁଛି ।

କେବଳ କୃଷି ନୁହେଁ ଗୋପାଳନ କ୍ଷେତ୍ରରେ ମଧ୍ୟ କଂପ୍ୟୁଟରର ବ୍ୟବହାର କରାଯାଇ ପାରିବ ବୋଲି ଜଣାଯାଇଛି । ଗୋମହିଷାଦି ପ୍ରାଣୀମାନଙ୍କର ସ୍ୱାସ୍ଥ୍ୟ ତନଖି କରିବା ସେମାନଙ୍କ ରୋଗ ବିଷୟରେ ପୂର୍ବସୂଚନା ଦେବା କଂପ୍ୟୁଟର ଦ୍ୱାରା ସଂଭବ ହୋଇପାରିବ । ପ୍ରାଣୀମାନଙ୍କର ଓଜନ, ସ୍ୱାସ୍ଥ୍ୟାବସ୍ଥା ଓ ବୟସକୁ ଦୃଷ୍ଟିରେ ରଖି ସେମାନଙ୍କ ପାଇଁ ଦୈନନ୍ଦିନ ଖାଦ୍ୟର ପରିମାଣ ଓ ଅନୁପାତ କଂପ୍ୟୁଟର ସାହାଯ୍ୟରେ ନିର୍ଣ୍ଣୟ କରାଯାଇ ପାରିବ । ଦୁଗ୍ଧରେ ଥିବା ବିଭିନ୍ନ ଦ୍ରବ୍ୟ ଯଥା ସ୍ନେହସାର, ପୁଷ୍ଟିସାର ଆଦିର ଅନୁପାତ ମଧ୍ୟ କଂପ୍ୟୁଟର ସାହାଯ୍ୟରେ ଜାଣିହେବ ।

ଏସବୁ ବ୍ୟତୀତ ଆହୁରି ଅନେକ କାର୍ଯ୍ୟ ପାଇଁ କଂପ୍ୟୁଟରର ପ୍ରଚଳନ ସଂଭବ ହୋଇପାରିବ । ଆଗାମୀ କାଳରେ ବିହନର କିସମ ନିର୍ଣ୍ଣୟ, ଜମି ପ୍ରସ୍ତୁତି, ଜଳସେଚନ, ଫସଲ ଅମଳ ଓ କୃଷିଜାତ ଦ୍ରବ୍ୟର ବଜାର ନିର୍ଦ୍ଧାରଣ ପାଇଁ କଂପ୍ୟୁଟରର ବ୍ୟବହାର ହୋଇ ପାରିବ ବୋଲି ଆଶା କରାଯାଉଛି । OOO

# କୃଷି ବିଶ୍ୱବିଦ୍ୟାଳୟ : ଏକ ସିଂହାବଲୋକନ

ଶ୍ରୀ ରଘୁନାଥ ଦାସ

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବାର ପଚିଶବର୍ଷ ବିତିଗଲଣି । ଏକକ୍ରମବର୍ଦ୍ଧିଷ୍ଣୁ ଅନୁଷ୍ଠାନ ଭାବେ ଆମ ବିଶ୍ୱବିଦ୍ୟାଳୟ ପ୍ରଗତି ପଥରେ ଆଗେଇ ଚାଲିଛି । ପ୍ରତିଷ୍ଠା ସମୟର କ୍ଷୁଦ୍ରରୂପ ପରିବର୍ଦ୍ଧିତ ହୋଇ ଆଜି ଏକ ନୂଆ ରୂପରେ ଆତ୍ମପ୍ରକାଶ କରିଛି ।

୧୯୫୪ ମସିହାରେ ପ୍ରଥମ କରି ଉତ୍କଳ କୃଷି ମହାବିଦ୍ୟାଳୟ ସ୍ଥାପନ କରାଯାଇଥିଲା । ମାତ୍ର କେତେଜଣ ଛାତ୍ରଙ୍କୁ ନେଇ ରାଜଧାନୀର ଏକ ନଗର ଭୂକିଟଭିତ ଏକ ସ୍କୁଲ ଗୃହରେ ଏହା ଆରମ୍ଭ କରାଯାଇଥିଲା । ତତ୍‌ପରବର୍ଷ ପଶୁ ଚିକିତ୍ସା ଓ ପଶୁପାଳନ ମହାବିଦ୍ୟାଳୟ ସ୍ଥାପନ କରାଯାଇଥିଲା । ଏ ଦୁଇ ମହାବିଦ୍ୟାଳୟକୁ ନେଇ ୧୯୬୨ ମସିହା ଅଗଷ୍ଟ ୨୪ ତାରିଖରେ ପ୍ରତିଷ୍ଠା ହେଲା ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ । ଏହା ଭାରତର ଦ୍ୱିତୀୟ କୃଷି ବିଶ୍ୱବିଦ୍ୟାଳୟ ହେବାର ଗୌରବ ଅର୍ଜନ କରିପାରିଲା ।

ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବାର ମୌଳିକ ଲକ୍ଷ୍ୟ ଥିଲା କୃଷି ବିଜ୍ଞାନରେ ଶିକ୍ଷାଦାନ କରିବା, ଗବେଷଣା କରି ନୂତନ ଜ୍ଞାନ କୌଶଳ ଆବିଷ୍କାର କରିବା ଓ ଗବେଷଣା ଲବ୍ଧ ଜ୍ଞାନକୁ ଚାଷୀ ମାନଙ୍କ ନିକଟରେ ପହଞ୍ଚାଇବା । ବିଗତ ୨୫ ବର୍ଷ ମଧ୍ୟରେ ଆମେ ଏ ସବୁ ଲକ୍ଷ୍ୟ ଅନେକାଂଶରେ ପୂରଣ କରିପାରିଛୁ ଏଥିରେ ସନ୍ଦେହ ନାହିଁ ।

ମାତ୍ର ଦୁଇଟି ମହାବିଦ୍ୟାଳୟକୁ ନେଇ ଆରମ୍ଭ ହୋଇଥିବା ବିଶ୍ୱବିଦ୍ୟାଳୟ ଏବେ ଆଠଟି ମହାବିଦ୍ୟାଳୟକୁ ସ୍ଥାନ ଦେଇପାରିଛି । ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବା ପରଠାରୁ ବିଭିନ୍ନ ସମୟରେ ଅନ୍ୟାନ୍ୟ ମହାବିଦ୍ୟାଳୟ ଗୁଡ଼ିକ ପ୍ରତିଷ୍ଠା କରାଯାଇଛି । ୧୯୬୪ ମସିହାରେ ଭୁବନେଶ୍ୱରଠାରେ ମୌଳିକ ବିଜ୍ଞାନ ଓ କଳା ମହାବିଦ୍ୟାଳୟ ଏବଂ ୧୯୬୬ରେ କୃଷି ଯାନ୍ତ୍ରିକ ଓ ବୈଷୟିକ ମହାବିଦ୍ୟାଳୟ ସ୍ଥାପିତ ହୋଇଛି । ୧୯୮୨ ମସିହା ବିଶ୍ୱବିଦ୍ୟାଳୟର ଶିକ୍ଷା କ୍ଷେତ୍ରରେ ଏକ ଉଲ୍ଲେଖନୀୟ ବର୍ଷ । ଏହି ବର୍ଷ ଭୁବନେଶ୍ୱରଠାରେ ଯାନ୍ତ୍ରିକ ଓ ବୈଷୟିକ ମହାବିଦ୍ୟାଳୟ, ଛାତ୍ରୀମାନଙ୍କ ପାଇଁ ଗୃହବିଜ୍ଞାନ ମହାବିଦ୍ୟାଳୟ, ଚିପିଲିମାଠାରେ ଦ୍ୱିତୀୟ କୃଷି ମହାବିଦ୍ୟାଳୟ ଓ ଗଞ୍ଜାମ ଜିଲ୍ଲାର ରମ୍ଭେଇଲୁଣ୍ଡାଠାରେ ମତ୍ସ୍ୟବିଜ୍ଞାନ ମହାବିଦ୍ୟାଳୟ ସ୍ଥାପିତ ହୋଇଛି ।

ବିଶ୍ୱବିଦ୍ୟାଳୟରେ ଉଭୟ ସ୍ନାତକ ଓ ସ୍ନାତକୋତ୍ତର ଶିକ୍ଷାଦାନର ବ୍ୟବସ୍ଥା କରାଯାଇଛି । କେବଳ ଓଡ଼ିଶା ନୁହେଁ, ଭାରତର ବିଭିନ୍ନ ରାଜ୍ୟ ତଥା ଦେଶ ବାହାରୁ ଏପରିକି ନେପାଳ, ଫ୍ରାନସ୍ ଓ ଶ୍ରୀଲଙ୍କା ଆଦି ଅନ୍ୟ ଦେଶର କେତେକ ଛାତ୍ର ଏଠାରୁ ଉପାଧି ହାସଲ କରିଛନ୍ତି । ଏଠାକାର ଶିକ୍ଷାଦାନ ପଦ୍ଧତି କେବଳ ଶ୍ରେଣୀଗୃହ ମଧ୍ୟରେ ସୀମାବଦ୍ଧ ନ ରହି ବେଶ୍ ବ୍ୟାପକ ହୋଇପାରିଛି । କୃଷି କ୍ଷେତ୍ରରେ ଆଧୁନିକ ଜ୍ଞାନ କୌଶଳର ବିନିଯୋଗ ପାଇଁ ଛାତ୍ରମାନଙ୍କୁ ସମସ୍ତ ସୁବିଧା ଯୋଗାଇ ଦିଆଯାଉଛି । ଏହା ବ୍ୟତିତ ବିଭିନ୍ନ ସମୟରେ ନିକଟବର୍ତ୍ତୀ ଗ୍ରାମମାନଙ୍କୁ ଯାଇ ଚାଷୀମାନଙ୍କ ସମସ୍ୟା ବିଷୟରେ ଅବଗତ ହେବା ପାଇଁ ଛାତ୍ରମାନଙ୍କୁ ସୁଯୋଗ ଦିଆଯାଉଛି ।

ବିଶ୍ୱବିଦ୍ୟାଳୟର କେନ୍ଦ୍ରୀୟ ପାଠାଗାର ସମଗ୍ର ରାଜ୍ୟରେ ଏକ ଶ୍ରେଷ୍ଠ ପାଠାଗାର ହେବାର ଗୌରବ ଅର୍ଜନ କରିଛି । ଏଠାରେ ପ୍ରାୟ ୧ ଲକ୍ଷ ୧୪ ହଜାର ପୁସ୍ତକ ଓ ୪୨୫ ପ୍ରକାରର ପତ୍ର ପତ୍ରିକା ସଞ୍ଚିତ ହୋଇ ରହିଛି । ପାଠାଗାରରେ ପୁସ୍ତକ ଗୁଡ଼ିକ ସଜାଇ ରଖିବା ପାଇଁ ଆଗାମୀ ଦିନରେ କମ୍ପ୍ୟୁଟର ବ୍ୟବହାର କରାଯିବାର ଯୋଜନା ରହିଛି ।

ବିଶ୍ୱବିଦ୍ୟାଳୟର ଗବେଷଣା ଓଡ଼ିଶାରେ କୃଷି ବିକାଶ ପାଇଁ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଛି । ଆମ ରାଜ୍ୟର ଭୌଗଳିକ ଅବସ୍ଥିତି ଜଳବାୟୁ ଓ ଅନ୍ୟାନ୍ୟ ସ୍ଥାନୀୟ ପରିସ୍ଥିତିକୁ ଆଖିରେ ରଖି ଗବେଷଣାମାନ କରାଯାଉଛି । ଓଡ଼ିଶାର ପାଣିପବନକୁ ସୁହାଇଲା ପରି କେତେକ ନୂଆ କିସମର ବିହନ ଆବିଷ୍କାର କରା-

ଯାଇଛି । ତତ୍ ସହିତ ଗବେଷଣା ଦ୍ୱାରା ଉନ୍ନତ ପଦ୍ଧତିରେ କୃଷି କର୍ମ କରିବା, ରୋଗ ପୋକ ଦାଉରୁ ଫସଲକୁ ରକ୍ଷା କରିବା ଏବଂ ଗୋପାଳନ ନିମିତ୍ତ ଅନେକ ନୂତନ ଜ୍ଞାନକୌଶଳ ଆବିଷ୍କାର କରାଯାଇଛି ।

ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ବେଳେ ଜୟପୁର ବ୍ରହ୍ମପୁର ଓ ଭୁବନେଶ୍ୱର ଠାରେ ମାତ୍ର ତିନୋଟି ଗବେଷଣା କେନ୍ଦ୍ର ରହିଥିଲା । କିନ୍ତୁ ଆଜି ସମଗ୍ର ରାଜ୍ୟରେ ଅଧିକାଂଶ ଜିଲ୍ଲାମାନଙ୍କରେ ବିଶ୍ୱବିଦ୍ୟାଳୟର ଗବେଷଣା କେନ୍ଦ୍ରମାନ ପ୍ରତିଷ୍ଠା ହୋଇପାରିଛି । ସ୍ଥାନୀୟ ପାଣିପାଗ ଓ ଫସଲ ପର୍ଯ୍ୟାୟକୁ ଆଖିରେ ରଖି ବିଭିନ୍ନ ସ୍ଥାନରେ ଗବେଷଣା କେନ୍ଦ୍ରମାନ ସ୍ଥାପନ କରାଯାଇଛି ।

ଏଇ କେତେବର୍ଷ ଭିତରେ ବିଶ୍ୱବିଦ୍ୟାଳୟରୁ ଅନେକ କିସମର ବିହନ ଆବିଷ୍କାର କରାଯାଇଛି । ଓଡ଼ିଶାର ଚାଷୀମାନେଙ୍କ ସୁବିଧାକୁ ଆଖିରେ ରଖି ଏସବୁ ବିହନ କିସମ ଆବିଷ୍କାର କରାଯାଇଛି । ଆବିଷ୍କାର କରା ଯାଇଥିବା ଧାନ ବିହନ ଗୁଡ଼ିକ ହେଲା ପାରିଜାତ, ସୁପ୍ରଭା, କେଶରୀ, ରୁଦ୍ର, ଶଙ୍କର, ପଥର, ଶୁଭଦ୍ରା, ସାବିତ୍ରୀ, ଉଷା, ଯଯାତି, ପ୍ରତାପ, ଗୌରୀ, କୁମାର, ହେମ, ରାଜେଶ୍ୱରୀ, ଜଗନ୍ନାଥ ଓ ରତ୍ନା ଇତ୍ୟାଦି । ଚିନାବାଦାମରେ କିଶାନ ଓ ଦେବୀାନ ନାମରେ ଦୁଇଟି ଉନ୍ନତ କିସମର ବିହନ ଆବିଷ୍କାର କରାଯାଇଛି । ସେହିପରି କଳିକା, କନକ ନାମରେ ରାଶି ବଳଦେବ ଓ ମହାଦେବ ନାମକ ଜଳିତା, ସାଗରିକା ଓ ଉତ୍କଳିକା କିସମର ଗହମ, ଦିବ୍ୟସିଂହ ଓ ନୀଳାଚଳ କିସମର ମାଣ୍ଡିଆ ଆବିଷ୍କାର କରାଯାଇଛି । ଏହାଛଡା କୃତ୍ତିୟଲିମା କିସମର ଧଳା କିସମର ମୁଗ, ସୋଭିଣ କିସମର ବିରି ମଧ୍ୟ ଆବିଷ୍କୃତ ହୋଇଛି । ହଳଦୀ ଓ ଅଦା କ୍ଷେତ୍ରରେ ମଧ୍ୟ କେତେ ନୂଆ କିସମର ବିହନ ଆବିଷ୍କାର କରାଯାଇଛି ।

ଫସଲରେ ରାସାୟନିକ ସାର ପ୍ରୟୋଗ, ବିହନ ବୁଣିବା ପାଇଁ ଉପଯୁକ୍ତ ସମୟ ନିର୍ଣ୍ଣୟ ଓ ରୋଗ ପୋକ ନିୟନ୍ତ୍ରଣ ପାଇଁ କେତେକ ନୂତନ ଜ୍ଞାନ କୌଶଳ ଆବିଷ୍କାର କରାଯାଇଛି, । ଓଡ଼ିଶାର ବିଭିନ୍ନ ଅଞ୍ଚଳ ପାଇଁ ଋତୁ ଅନୁଯାୟୀ ଫସଲ ପର୍ଯ୍ୟାୟ ନିର୍ଣ୍ଣୟ କରାଯାଇଛି । ଗୋପାଳନ କ୍ଷେତ୍ରରେ ମଧ୍ୟ ଗବେଷଣା କରାଯାଇ ଅନେକ ନୂଆ ତଥ୍ୟ ଆବିଷ୍କାର କରାଯାଇଛି । ଗୋମହିଷାଦି ପ୍ରାଣୀମାନଙ୍କର କେତେକ ରୋଗର ନିଦାନ ସମ୍ଭବ ହୋଇପାରିଛି ।

ଚିନାବାଦାମ ଚୋପାଛଡା ଯନ୍ତ୍ର, ଆଧୁନିକ ଲଙ୍ଗଳ ଓ ଅନ୍ୟ କେତେକ କୃଷି ଯନ୍ତ୍ରପାତିର ନିର୍ମାଣ କୌଶଳ ମଧ୍ୟ ଆମ ବିଶ୍ୱ-ବିଦ୍ୟାଳୟରୁ କରାଯାଇପାରିଛି ।

ବିଶ୍ୱବିଦ୍ୟାଳୟରୁ ଆବିଷ୍କୃତ ଜ୍ଞାନ କୌଶଳର ଉପଯୁକ୍ତ ବ୍ୟବହାର ପାଇଁ ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ଲେଖାଏଁ ଉପଯୋଗୀ ଗବେଷଣା କେନ୍ଦ୍ର (Adoptive research centre) ସ୍ଥାପନ କରାଯାଇଛି । ରାଜ୍ୟ ସରକାରଙ୍କ କୃଷିବିଭାଗ ସହାୟତାରେ ଏଗୁଡ଼ିକ ପରିଚାଳିତ ହୋଇ ବିଶେଷଜ୍ଞ ଓ ଅନ୍ୟାନ୍ୟ କୃଷି ଅଫିସରମାନଙ୍କୁ ତାଲିମ ଦେବାର ବ୍ୟବସ୍ଥା କରାଯାଇଛି ।

ବିହନ ଉତ୍ପାଦନ ଓ ବଣ୍ଟନ ବିଶ୍ୱବିଦ୍ୟାଳୟର ଅନ୍ୟାନ୍ୟ କାର୍ଯ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଭୂମିକା ଗ୍ରହଣ କରିଛି । ଆମ ଫାର୍ମମାନଙ୍କରୁ ଅଧିକ ଅମଳକ୍ଷମ ବିହନର ବୀଜ ଉତ୍ପାଦନ କରାଯାଉଛି ।

କେବଳ କୃଷିଶିକ୍ଷା ଓ ଗବେଷଣା ବିଶ୍ୱବିଦ୍ୟାଳୟର ଦାୟିତ୍ୱ ହୋଇରହିନି । ଗବେଷଣା ଲବ୍ଧ ଜ୍ଞାନକୌଶଳ କିପରି ଠିକ୍ ଭାବେ ଚାଷୀମାନଙ୍କ ନିକଟରେ ପହଞ୍ଚି ପାରିବ, ଏଥିପାଇଁ ସଂପ୍ରସାରଣ ଉପରେ ଗୁରୁତ୍ୱ ଆରୋପ କରାଯାଇଛି । ବିଶ୍ୱ-ବିଦ୍ୟାଳୟର ପ୍ରତିଷ୍ଠା ହେଲବେଳେ ସଂପ୍ରସାରଣ ଗବେଷଣା ଓ ବ୍ଲକ ପ୍ରୋଗ୍ରାମ ନାମରେ ମାତ୍ର ଗୋଟିଏ ଯୋଜନା କାର୍ଯ୍ୟକାରୀ ହେଉଥିଲା । ମାତ୍ର ଏହାର ପରିବୃଦ୍ଧି ଘଟି ବର୍ତ୍ତମାନ ସ୍ୱତନ୍ତ୍ର ଭାବେ ଗୋଟିଏ ସଂପ୍ରସାରଣ ବିଭାଗ ପ୍ରତିଷ୍ଠା କରାଯାଇ ପାରିଛି ।

ବିଶ୍ୱବିଦ୍ୟାଳୟ ବ୍ଲକ ସଂପ୍ରସାରଣ ଯୋଜନା ମାଧ୍ୟମରେ ଚାଷୀମାନଙ୍କ ସମସ୍ୟାଗୁଡ଼ିକ ବିଷୟରେ ଅବଗତ ହୋଇ ସମାଧାନର ପନ୍ଥା ବାହାର କରାଯିବା ସମ୍ଭବ ହୋଇଛି । ପୂର୍ବେ ଏହା କେବଳ କଟକ ଓ ପୁରୀ ଜିଲ୍ଲାର ଛଅଟି ବ୍ଲକରେ ସୀମାବଦ୍ଧ ଥିଲା । ମାତ୍ର ଏବେ ଏହାକୁ ସଂପ୍ରସାରିତ କରାଯାଇ ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାରେ ପହଞ୍ଚାଯାଇ ପାରିଛି । ଏହାଦ୍ୱାରା ପ୍ରତ୍ୟେକ ଜିଲ୍ଲାର ଚାଷୀମାନେ ଆଧୁନିକ ଜ୍ଞାନକୌଶଳ ପ୍ରୟୋଗ କରିବା ସହିତ କୃଷିଉତ୍ପାଦନ କାର୍ଯ୍ୟକ୍ରମରେ ତାଲିମ ପାଇପାରୁଛନ୍ତି ।

୧୯୭୧ ମସିହାରୁ ଭାରତୀୟ କୃଷି ଗବେଷଣା ପରିଷଦ ସହା-ୟତାରେ ବିଶ୍ୱବିଦ୍ୟାଳୟ ଜାତୀୟ ପ୍ରଦର୍ଶନ ଯୋଜନା ନାମରେ ଏକ ନୂତନ କାର୍ଯ୍ୟକ୍ରମ ହାତକୁ ନେଇଛି । ଓଡ଼ିଶାର କେତେକ ଜିଲ୍ଲାରେ ଏହାକୁ କାର୍ଯ୍ୟକାରୀ କରାଯାଇ ସାରିଲାଣି । ଏହଦ୍ୱାରା ବିଶେଷଜ୍ଞମାନେ ଚାଷୀମାନଙ୍କ ପାଖକୁ ଯାଇ କୃଷିକ୍ଷେତ୍ରରେ ଆଧୁନିକ ଜ୍ଞାନ କୌଶଳର ପ୍ରୟୋଗ ପ୍ରଦର୍ଶନ କରୁଛନ୍ତି । ଫଳରେ ଚାଷୀମାନେ ନିଜେ ଉତ୍ପାଦନ ହୋଇ ସେସବୁ ଜ୍ଞାନକୌଶଳ ଗ୍ରହଣ କରିବେ । ଏଥିରେ ଆଶାଜନକ ସଫଳତା ମିଳୁଥିବାର ଜଣାଯାଇଛି ।

ତଫସିଲଭୁକ୍ତ ଜାତି ଓ ଉପଜାତିର ଲୋକମାନଙ୍କ ଅର୍ଥନୈତିକ ମାନ ଉତ୍ଥାପନ ପାଇଁ କେତେକ ନୂତନ ପଦକ୍ଷେପ ନିଆଯାଇଛି । ଆଧୁନିକ କୃଷି ପଦ୍ଧତି, ପଶୁପାଳନ, ମତ୍ସ୍ୟଚାଷ, କୁକୁଡ଼ାଚାଷ, ମହୁମାଛି ପାଳନ ଓ କ୍ଷୁଦ୍ରଶିଳ୍ପ ମାଧ୍ୟମରେ ସେମାନଙ୍କ ଜୀବନଧାରଣର ମାନବୃଦ୍ଧି କରିବା ପାଇଁ ଚେଷ୍ଟା କରାଯାଉଛି ।

ବିଶ୍ୱବିଦ୍ୟାଳୟ ଅଧୀନରେ ଏବେ ସାତୋଟି କୃଷି ବିଜ୍ଞାନ କେନ୍ଦ୍ର ପରିଚାଳିତ ହେଉଛି । ଏଗୁଡ଼ିକ କୋରାପୁଟର ଶିମିଳିଗୁଡା, ବାଲେଶ୍ୱରର ଚାଲିଆପାଳ, ଗଞ୍ଜାମର ଭଞ୍ଜନଗର ଓ କେନ୍ଦୁଝରଠାରେ ଅବସ୍ଥିତ । ଏହି କେନ୍ଦ୍ରମାନଙ୍କରେ ସ୍ଥାନୀୟ ଚାଷୀମାନଙ୍କୁ କୃଷି ଓ ଆନୁଷଙ୍ଗିକ ଧନ୍ଦା ବିଷୟରେ ତାଲିମ ଦିଆଯିବାର ବ୍ୟବସ୍ଥା ରହିଛି । ଏହି କେନ୍ଦ୍ରଗୁଡ଼ିକ ଭଲଭାବେ ପରିଚାଳିତ ହେଉଥିବା ଜଣାଯାଇଛି ।

ପରୀକ୍ଷାଗାରରୁ କୃଷିକ୍ଷେତ୍ର ଯୋଜନା ବିଶ୍ୱବିଦ୍ୟାଳୟର ସଂପ୍ରସାରଣ ଶିକ୍ଷା କ୍ଷେତ୍ରରେ ଏକ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଛି । ଓଡ଼ିଶାର ଚାଷୀମାନଙ୍କ ସାମାଜିକ ଓ ଅର୍ଥନୈତିକ ଜୀବନକୁ ସମୃଦ୍ଧ କରିବାପାଇଁ ଏହି ଯୋଜନା ଆରମ୍ଭ ହୋଇଛି ।

ବର୍ତ୍ତମାନ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରାୟ ୩୦୦ କୃଷକ ପରିବାର ଏହି ଯୋଜନାର ଅନ୍ତର୍ଭୁକ୍ତ । ଏହା ମାଧ୍ୟମରେ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଚାଷୀମାନଙ୍କୁ ଉନ୍ନତ ଜ୍ଞାନକୌଶଳ ବିଷୟରେ ଦିଗ୍‌ଦର୍ଶନ ଦେଉଛନ୍ତି । ଏହାଛଡ଼ା ବିଭିନ୍ନ ସମୟରେ ବିଶ୍ୱ-ବିଦ୍ୟାଳୟର ସଂପ୍ରସାରଣ ଅଫିସରମାନେ ଚାଷୀମାନଙ୍କୁ ତାଲିମ ଦେଇ ଆସୁଛନ୍ତି । ଧାନ, ଗହମ, ମାଣ୍ଡିଆ ଓ ତୈଳବୀଜ ଜାତୀୟ ଫସଲ ଉପରେ ନୂଆ ନୂଆ ତଥ୍ୟ ଯୋଗାଇ ଦିଆଯାଉଛି । ଏହା କେବଳ କୃଷି କ୍ଷେତ୍ରରେ ସୀମିତ ନ ରହି ଅନ୍ୟାନ୍ୟ ଆନୁଷଙ୍ଗିକ ବିଷୟ ଯଥା ଫଳଚାଷ, ଗୃହବିଜ୍ଞାନ, ସାମାଜିକ ବନୀକରଣ, ମତ୍ସ୍ୟଚାଷ ବିଷୟରେ ମଧ୍ୟ ତାଲିମ ଦିଆଯାଉଛି ।

ଏହି ବର୍ଷ ବିଶ୍ୱବିଦ୍ୟାଳୟର ରଜତ ଜୟନ୍ତୀ ପାଳନ ଅବସରରେ ଆମେ କେତେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହାତକୁ ନେଇଛୁ । ବିଭିନ୍ନ ସମୟରେ କୃଷକ ସମାବେଶ ପ୍ରଦର୍ଶନୀ ଆଦିର ଆୟୋଜନ କରି ଚାଷୀମାନଙ୍କୁ ନୂଆ ଜ୍ଞାନ କୌଶଳ ଯୋଗାଇ ଦେଉଛୁ । ଏପର୍ଯ୍ୟନ୍ତ ଓଡ଼ିଶାର ବିଭିନ୍ନସ୍ଥାନରେ ଆଠଟି କୃଷକମେଳାର ଆୟୋଜନ ସଫଳତାର ସହିତ କରାଯାଇପାରିଛି । ଏହାଦ୍ୱାରା କୃଷକ ଓ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନଙ୍କ ମଧ୍ୟରେ ମନଖୋଲା ଆଲୋଚନା ହୋଇ-ପାରିଛି । ଫଳରେ କୃଷକମାନେ ସେମାନଙ୍କ ସ୍ଥାନୀୟ ସମସ୍ୟାର ସମାଧାନ ପାଇଁ ବିଶେଷଜ୍ଞମାନଙ୍କଠାରୁ ଆବଶ୍ୟକ ପରାମର୍ଶ ପାଉଛନ୍ତି । ସେହିପରି ଚାଷୀମାନଙ୍କଠାରୁ ନୂଆ ନୂଆ ସମସ୍ୟା ବିଷୟରେ ଅବଗତ ହୋଇ ବିଶେଷଜ୍ଞମାନେ ସେମାନଙ୍କ ଗବେଷଣା ପାଇଁ ଖୋରାକ ପାଉଛନ୍ତି ।

କୃଷିକର୍ମଚାରୀ ଓ କୃଷକମାନଙ୍କ ପାଇଁ ଗତ କେତେବର୍ଷ ଧରି ବିଶ୍ୱବିଦ୍ୟାଳୟରୁ ଅନେକ ପତ୍ରପତ୍ରିକା ପ୍ରକାଶ ପାଉଅଛି । ଚାଷୀମାନେ ବୁଝିପାରିବା ଭଳି ଚିତ୍ରସହ ଅନେକ ପୋଷ୍ଟର, ପୁସ୍ତିକା, ମଡେଲ ଓ ଚାର୍ଟ ପ୍ରସ୍ତୁତକରି ସେମାନଙ୍କ ନିକଟରେ ପହଞ୍ଚାଯାଉଛି । ବିଶ୍ୱବିଦ୍ୟାଳୟରୁ ସରଳଭାଷାରେ ପ୍ରକାଶିତ ଚାଷୀର ସଂସାର ଓ ଚାଷୀର ସାଥୀ ନାମରେ ଦୁଇଟି ପତ୍ରିକା କୃଷକମାନଙ୍କ ଭିତରେ ଲୋକପ୍ରିୟତା ହାସଲ କରିଛି । ଏହାଛଡ଼ା ବିଭିନ୍ନ ସମୟରେ ନୂତନ ଜ୍ଞାନ କୌଶଳକୁ ରେଡ଼ିଓ ଏବଂ ଟେଲିଭିଜନ ଜରିଆରେ ଚାଷୀମାନଙ୍କ ନିକଟରେ ପହଞ୍ଚାଯାଇ ପାରୁଛି ।

ବିଗତ ଦିନମାନଙ୍କର ସମସ୍ତ ସଫଳତା ଆମକୁ ଆଗେଇବାକୁ ପ୍ରେରଣା ଯୋଗାଇଛି । ଆଗାମୀ ଦିନରେ ବିଶ୍ୱବିଦ୍ୟାଳୟକୁ ଆହୁରି କେଇପାଦ ଆଗେଇନେବାପାଇଁ ଆମେ ସଂକଳ୍ପବଦ୍ଧ । ଆମର ଆଗାମୀ ଯୋଜନାମାନଙ୍କ ମଧ୍ୟରେ ବିଶ୍ୱବିଦ୍ୟାଳୟରେ ଏକ କଂପ୍ୟୁଟର କେନ୍ଦ୍ର ଖୋଲିବା, ଚାଷୀମାନଙ୍କ ପାଇଁ ପତ୍ରବିନିମୟ ଶିକ୍ଷାର ପ୍ରଚଳନ କରିବା, ରେଡ଼ିଓ ପ୍ରୋଜେକ୍ଟ ଖୋଲିବା, ଇଲେକ୍‌ଟ୍ରୋନିକ୍ସ ଓ ମାଇକ୍ରୋ ବାଇଓଲୋଜି ବିଭାଗ ଖୋଲିବା ଅନ୍ୟତମ । ଏଥିସହିତ କେତେକ ନୂତନ ଗବେଷଣା କରିବା ପାଇଁ ମଧ୍ୟ ଆମେ ପ୍ରତିଶ୍ରୁତିବଦ୍ଧ ।

ସୂଚନା ବିଶେଷଜ୍ଞ



# କୃଷି ବିଜ୍ଞାନ କେନ୍ଦ୍ର ଓ ମୁଁ

ଶ୍ରୀ ସୃଷ୍ଟିଧର ଗିରି

ଗାରିବର୍ଷ ତଳେ ଯେଉଁ ଦିନ ଆମ ଗାଁରେ କୃଷି ବିଜ୍ଞାନ କେନ୍ଦ୍ର ସମସ୍ତ ଭାବନାରେ ପୂର୍ଣ୍ଣଚ୍ଛେଦ ପକାଇ ଗଢ଼ି ଉଠିଥିଲା ହେଲା, ସେ ଦିନ ଆମେ କେହି ଅନୁମାନ ମଧ୍ୟ କରି ପାରିନଥିଲୁ ଯେ ଏହି କ୍ଷୁଦ୍ର ଅନୁଷ୍ଠାନ ଦିନେ ଆମମାନଙ୍କର ସାମାଜିକ ଓ ଅର୍ଥନୈତିକ ଜୀବନର ଚରମ ସଫଳତାକୁ ଆମ ନିକଟରେ ଆଣି ପହଞ୍ଚାଇ ଦେବ । ଏହି କେନ୍ଦ୍ର ନିଶ୍ଚିତ ଭାବରେ ଆମକୁ ବୈଷୟିକ ଜ୍ଞାନ ଯୋଗାଇ ଆସୁଛି ।

ମୁଁ ହେଉଛି ଶ୍ରୀ ସୃଷ୍ଟିଧର ଗିରି । ବିଷ୍ଣୁପୁର ଗ୍ରାମର ଜଣେ ଛୋଟିଆ ଚାଷୀ । ଆମ ଗାଁରେ କୃଷି ବିଜ୍ଞାନ କେନ୍ଦ୍ରଟି ପ୍ରତିଷ୍ଠା ହୋଇ ଏହାର ସମ୍ମାନ ବୃଦ୍ଧି କରୁଛି । ମୋର ମାତ୍ର ୧.୫ ଏକର ଜମିରୁ ଲବ୍ଧ ଫସଲରେ ସମସ୍ତ ପରିବାରକୁ ଭରଣ ପୋଷଣ କରିଥାଏ । ଏହି କେନ୍ଦ୍ରର ବୈଜ୍ଞାନିକ ମାନଙ୍କ ପରାମର୍ଶରେ ମୁଁ ବର୍ଷର ବିଭିନ୍ନ ସମୟରେ ବିଭିନ୍ନ ପନିପରିବା ଚାଷ କରି ମୋର ପରିବାରଟିକୁ ସୁରୁଖୁରୁରେ ଚଳାଇ ନେଉଥାଏ । ଏବର୍ଷ ମୁଁ ମୋ ଜମିରେ କଲରା ୨୦ ଡେସିମିଲି, ବାଇଗଣ ୨୫ ଡେସିମିଲି, କାକୁଡ଼ି ୨୦ ଡେସିମିଲି, ଲଙ୍କାମରିଚ ୧୦ ଡେସିମିଲି ଚାଷ କରିଛି । ଏହା ପୂର୍ବରୁ ଏହି ଜମିରେ ବର୍ଷାଦିନେ ଧାନ ଓ ଶୀତ ଦିନେ ଗହମ ଫସଲ କରି ଖୁବ୍ ଲାଭବାନ ହୋଇଛି । ମାତ୍ର ୧୨ ଡେସିମିଲି ଜମିରୁ ୩ କ୍ୱିଣ୍ଟାଲ ଗହମ ପାଇ ଏବର୍ଷ ମୁଁ ଆଶ୍ଚର୍ଯ୍ୟ ହୋଇଗଲି । କାକୁଡ଼ି ଏପର୍ଯ୍ୟନ୍ତ ପ୍ରାୟ ୪୦୦ ଟଙ୍କାର ବିକ୍ରୀକରି ସାରିଲିଣି । ଆହୁରି ପ୍ରାୟ ୧୫୦୦ ଟଙ୍କା ପର୍ଯ୍ୟନ୍ତ ପାଇ ପାରିବି ବୋଲି ମୋର ଆଶା । କଲରାରୁ ପ୍ରାୟ ଟ ୫୦୦ଙ୍କା ପାଇ ସାରିଛିଣି ଓ ଆଉ ଟ ୨୦୦ଙ୍କା ପର୍ଯ୍ୟନ୍ତ ପାଇ ପାରିବି ବୋଲି ଭାବୁଛି । ତାଳୁଅ ଧାନ ମଧ୍ୟ ୭୦ ଡେସିମିଲି କରିଛି ।

ବିଜ୍ଞାନାଗାରରୁ କୃଷିକ୍ଷେତ୍ର କାର୍ଯ୍ୟକ୍ରମରେ ମୁଁ କେନ୍ଦ୍ର ତରଫରୁ ୧୫ଟି କୁକୁଡ଼ା ଓ ତାହାପାଇଁ ଖାଦ୍ୟ ଓ ଔଷଧ ନେଇ ମୁଁ ବେଶ ଲାଭବାନ ହୋଇଛି । ଦୁଇମାସ ମଧ୍ୟରେ ସେହି କୁକୁଡ଼ାଗୁଡ଼ିକ ୧.୫ କେ.ଜି. ଓଜନ ହୋଇ ସାରିଥିଲେ । କିନ୍ତୁ କୁକୁଡ଼ାଗୁଡ଼ିକର ଚେହେରା ବୃଦ୍ଧି ଦେଖି ମୁଁ ତଥା ଆମ ପରିବାର ଲୋକମାନେ ଲୋଭର ବଶବର୍ତ୍ତୀ ହୋଇ ପଡ଼ିଲୁ । ବୈଜ୍ଞାନିକମାନଙ୍କ ପରାମର୍ଶ ସତ୍ତ୍ୱେ ନ ବିକିବାରୁ କେତୋଟି ମରିଗଲେ । ସେ ଯାହା ହେଉନା କାହିଁକି, କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଆମେ ସବୁବେଳେ ସବୁ ପ୍ରକାର ସାହାଯ୍ୟ ଓ ସହାନୁଭୂତି ପାଇଥାଉ । ବୈଜ୍ଞାନିକମାନେ ମଧ୍ୟ ଆମ ଜମିକୁ ଯିବା ସହିତ ବିଭିନ୍ନ ସମୟରେ ବିଭିନ୍ନ ପ୍ରକାର ବୈଷୟିକ ଶିକ୍ଷା ଦେଇ ଆମକୁ ଉପକୃତ କରିଛନ୍ତି । ଏପରିକି ଆମ ଗ୍ରାମରେ ସ୍ପ୍ରେୟାର ମେସିନ୍‌ର ଅଭାବ ସମୟରେ ସ୍ପ୍ରେୟାର ମେସିନ୍ ଯୋଗାଇ ଦେଇ, କିପରି ଭାବରେ ସ୍ପ୍ରେ କରାଯିବ ତାହା ମଧ୍ୟ ଆମକୁ ଦେଖାଇ ଦେଉଛନ୍ତି । କୃଷି ବିଜ୍ଞାନ କେନ୍ଦ୍ର ଆମର ବହୁ ଉପକାର କରିଛି ଏବଂ ଭବିଷ୍ୟତରେ ନିଶ୍ଚିତ ଭାବରେ ଉପକାର କରିବ ବୋଲି ମୋର ଆଶା ଓ ବିଶ୍ୱାସ ।

ବିଷ୍ଣୁପୁର

---

# ଉନ୍ନତ ଜର୍ଷି ଜାତୀୟ ଗାଈଙ୍କ ସ୍ୱାସ୍ଥ୍ୟ ରକ୍ଷାର କେତୋଟି ଦିଗ

ଡ: ଶଶୀଭୂଷଣ ତ୍ରିପାଠୀ

ଡା: ପ୍ରବୋଧ ଚନ୍ଦ୍ର ଦେ

"ସ୍ୱାସ୍ଥ୍ୟ ହିଁ ସମ୍ପଦ" ଏହା ମନୁଷ୍ୟ ତଥା ଗୃହପାଳିତ ପଶୁ ଉଭୟଙ୍କଠାରେ ପ୍ରଯୋଜ୍ୟ । ଗୃହପାଳିତ ପଶୁଙ୍କ ମଧ୍ୟରେ ଜର୍ଷି, ହଲଷ୍ଟିନ୍ ତଥା ଏହି ଜାତୀୟ ବିଦେଶୀ ମିଶ୍ରିତ ଗାଈ ଅଧିକ ଉତ୍ପାଦନକ୍ଷମ ହୋଇଥିବାରୁ ଓ ଆମ ଦେଶର ଜଳବାୟୁରେ ଚଳାଚଳ କରିବାରେ ବିଶେଷ ଅଭ୍ୟସ୍ତ ନଥିବାରୁ ଅନେକ ସମୟରେ ସହଜରେ ନାନାଦି ଜଟିଳ ରୋଗରେ ଆକ୍ରାନ୍ତ ହୋଇଥାଆନ୍ତି । ତେଣୁ ଏମାନଙ୍କୁ ସୁସ୍ଥ, ସବଳ ଓ ଉତ୍ପାଦନ କ୍ଷମ କରି ରଖିବା ପାଇଁ ବିଭିନ୍ନ ବୟସରେ ସ୍ୱାସ୍ଥ୍ୟରକ୍ଷାର କେତୋଟି ଜ୍ଞାତବ୍ୟ ବିଷୟ ଏଠାରେ ଅବତାରଣା କରାଯାଉଅଛି ।

## ବାଛୁରୀ

ବୟସ୍କ ସଙ୍କରଜାତୀୟ ବା ବିଦେଶୀ ଗାଈ କିଣିବା ଅପେକ୍ଷା ଦେଶୀ ଗାଈଙ୍କଠାରୁ ଉନ୍ନତ ବାଛୁରୀ ଉତାରିବା ଲାଭଜନକ । ଏଥିପାଇଁ କୃତ୍ରିମ ପ୍ରଜନନ ସର୍ବୋତ୍କୃଷ୍ଟ ଉପାୟ । ଏହାଦ୍ୱାରା ଅକର୍ମଣ୍ୟ ବା ବିକଳାଙ୍ଗ ବାଛୁରୀ ଜନ୍ମହେବାର ସମ୍ଭାବନା ନଥାଏ । ବାଛୁରୀ ଜନ୍ମ ହେବାର ୬ ରୁ ୧୨ ଘଣ୍ଟା ମଧ୍ୟରେ ମାଆର କଷକ୍ଷୀର ଖାଇବା ନିତାନ୍ତ ଦରକାର । ଏହା ବ୍ୟତିରେକେ ବାଛୁରୀ ନାଭିରନ୍ଧ୍ର ଘାଆ ତଥା ଅନ୍ୟାନ୍ୟ ରୋଗରେ ଆକ୍ରାନ୍ତ ହୁଏ । ଜନ୍ମ ହେବାଠାରୁ ସାତଦିନ ପର୍ଯ୍ୟନ୍ତ ଅଧକପ୍ କ୍ଷୀରରେ ଏକ ଚା ସ୍ପୁନ୍ ଟେଟ୍ରାସାଇକ୍ଲିନ୍ ଜାତୀୟ ଔଷଧ ଦେଲେ ନବଜାତ ବାଛୁରୀ ଅନେକ ସଂକ୍ରାମକ ରୋଗରୁ ରକ୍ଷାପାଏ । ଏହା ସାଙ୍ଗରେ ଖାଦ୍ୟପ୍ରାଣ 'ଢ' ମଧ୍ୟ ଦେବା ବିଧେୟ । ଗୋଟିଏ ସାଧାରଣ ସ୍ୱାସ୍ଥ୍ୟବାନ୍ ବାଛୁରୀ ଦିନକୁ ୧ରୁ ୨ ଲିଟର୍ କ୍ଷୀର ଖାଇବା ଦରକାର । ଅନ୍ତତଃ ଏକମାସ ପର୍ଯ୍ୟନ୍ତ ଏହି ପରିମାଣ କ୍ଷୀର ଖାଇଲେ ବୟସ ବୃଦ୍ଧି ସଙ୍ଗେ ସଙ୍ଗେ ଶରୀରର ବିଭିନ୍ନ ଅବୟବର ଉପଯୁକ୍ତ ବୃଦ୍ଧି ହୁଏ ଓ ୧ ୧/୨ ରୁ ୨ ବର୍ଷ ମଧ୍ୟରେ ବାଛୁରୀ ଉତ୍ପାଦନକ୍ଷମ ହୋଇଥାଏ । ତିନିମାସ ବୟସରେ ବାଛୁରୀକୁ ଫାଟୁଆ ପ୍ରତିଷେଧକ ଟିକା ଓ ଛଅ ମାସ ହେବା ମାତ୍ରେ ଗୋବସନ୍ତ, ସାହାଣ ଏବଂ ଏକଟଙ୍ଗିଆ ପ୍ରତିଷେଧକ ଟିକା ଦେବା ବିଧେୟ । ଏକମାସରୁ ଛଅମାସ ପର୍ଯ୍ୟନ୍ତ ପ୍ରତ୍ୟେକ ମାସରେ କୃମି ନାଶକ ଔଷଧ ପରାମର୍ଶରେ ଦିଆଯିବା ଉଚିତ ।

## ଛଡ଼ା

ସୁଷମ ଖାଦ୍ୟ ଓ ଉପଯୁକ୍ତ ଯତ୍ନ ନେଲେ ବାଛୁରୀ ୧୫ ରୁ ୧୮ ମାସ ମଧ୍ୟରେ ଫଳାଇବା ପାଇଁ ଉପଯୁକ୍ତ ହୁଏ । ଏହି ସମୟରେ ଡାକ୍ତରଙ୍କ ଦ୍ୱାରା ତାର ସାଧାରଣ ସ୍ୱାସ୍ଥ୍ୟ ଓ ଜନନେନ୍ଦ୍ରିୟର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନେବା ଉଚିତ । ସୁଷମ ଖାଦ୍ୟ, ଘାସ ଖାଦ୍ୟ ପ୍ରାଣ ଓ କେତେକ ଖଣିଜ ଲବଣ ଅଭାବରେ ଛଡ଼ାର ଗରମ ଆସିବାରେ ବ୍ୟତିକ୍ରମ ଦେଖାଯାଏ । ଛଡ଼ା ଗରମ ହେଲେ ପ୍ରଥମେ ଦୁଇଥର ଛାଡ଼ି ଦେଇ ତୃତୀୟ ଥରରୁ କୃତ୍ରିମ ପ୍ରଜନନ ଦ୍ୱାରା ଗର୍ଭାଧାନ କରାଇବା ଉଚିତ । ଏଥିରେ ହେଳା କଲେ ଅନେକ ସମୟରେ ଛଡ଼ା ବାରମ୍ବାର ଲେଉଟେଇବା ଦେଖାଯାଏ । ଏହି ସମୟରେ ଅସାବଧାନତା ହେତୁ ବୁଲା ଷଣ୍ଢ ଦ୍ୱାରା ସଂଗମ ହେଲେ ଅନେକ କ୍ଷେତ୍ରରେ ନାନାଦି ଯୌନରୋଗ ସଂକ୍ରମିତ ହୁଏ ଓ ଫଳ ହୁଏ ନାହିଁ । ଏପରି ଅବସ୍ଥାରେ ଡାକ୍ତରଙ୍କ ଦ୍ୱାରା ଜରାୟୁ ପରୀକ୍ଷା କରାଇ ଉପଯୁକ୍ତ ଚିକିତ୍ସା ନ କଲେ ଛଡ଼ା ବନ୍ଧ୍ୟା ହୋଇଯାଇ ପାରେ ।

## ଗର୍ଭବତୀ ଗାଈ

ଗୋଟିଏ ୨୦୦ ରୁ ୨୫୦ କି:ଗ୍ରା: ଓଜନର ଗର୍ଭବତୀ ଗାଈ ଦୈନିକ ହାରାହାରି ୨.୫ କି:ଗ୍ରା: ସୁଷମ ମିଶ୍ରିତ ଦାନା, ପ୍ରଚୁର କଞ୍ଚାଘାସ ଓ ନଡ଼ା ଖାଇବା ଦରକାର । ଏହା ସହିତ ପ୍ରତ୍ୟହ ୩୦ ଗ୍ରାମ ମିଶ୍ରିତ ଖଣିଜ ମିଶ୍ରଣ ମଧ୍ୟ ଦେବା ଉଚିତ । ଏହାଦ୍ୱାରା ମାଆ ଓ ଗର୍ଭସ୍ଥିତ ଭ୍ରୂଣର ସ୍ୱାସ୍ଥ୍ୟ ଅତୁଟ ରହେ । କୃତ୍ରିମ ପ୍ରଜନନର ୧ ୧/୨ ମାସ ପରେ ଡାକ୍ତରଙ୍କ ଦ୍ୱାରା ଗର୍ଭ ପରୀକ୍ଷା କରାଇ ନେବା ଉଚିତ । କାରଣ ଅନେକ ସମୟରେ ବିଭିନ୍ନ କାରଣରୁ ଗର୍ଭ ନ ଥାଇ ମଧ୍ୟ ଗାଈ ଗରମ ହୁଏ ନାହିଁ । ଏଥି ପାଇଁ ଉପଯୁକ୍ତ ଚିକିତ୍ସା ବ୍ୟବସ୍ଥା ଅଛି । ଗର୍ଭବତୀ ଗାଈ ପାଇଁ ସବୁଜ ଘାସ ନିତାନ୍ତ ଦରକାର । ଏହାର ଅଭାବରେ ନବଜାତ ବାଛୁରୀଠାରେ ନାନା ଉପସର୍ଗ ଦେଖାଯାଏ ଓ ଜନ୍ମ ପରେ ପରେ ଅଧିକାଂଶ ବାଛୁରୀ ମୃତ୍ୟୁ ମୁଖରେ ପଡ଼ନ୍ତି । ଆଜିକାଲି ସହର ତଥା ଗ୍ରାମାଞ୍ଚଳରେ ମଧ୍ୟ ଅନେକ ସମୟରେ କଞ୍ଚାଘାସ ଦୁଷ୍ପ୍ରାପ୍ୟ । ଏହାର ବିକଳ୍ପ ସ୍ୱରୂପ ଡାକ୍ତରଙ୍କ ପରାମର୍ଶରେ ଉପଯୁକ୍ତ ପରିମାଣର ଖାଦ୍ୟପ୍ରାଣ 'ଢ' ଖାଦ୍ୟରେ ବା ଇଞ୍ଜେକ୍ସନ୍ ଆକାରରେ ଦିଆଯାଇପାରେ । ଗାଈ ପ୍ରସବ କରିବାର ୮/୧୦ ଦିନ ଆଗରୁ ଅନେକ କ୍ଷେତ୍ରରେ ପଛ ବିରାଟ ଆକାର ଧାରଣ କରେ ପେଟତଳ ନାଭି କିମ୍ବା ତା ଆଗରୁ ଫୁଲିଯାଏ । ଏହା କ୍ଷତିକାରକ ନୁହେଁ । ବାଛୁରୀ ଜନ୍ମ ହେବାର ତିନି ଚାରି ଦିନ ଭିତରେ ଏହା ଆପେ ଆପେ ଭଲ ହୋଇଯାଏ । ଗର୍ଭାବସ୍ଥାରେ ମଧ୍ୟ ଫାଟୁଆ ଓ ଗୋବସନ୍ତ ଆଦି ଟିକାନିର୍ଦ୍ଦିଷ୍ଟ ଦିଆ ଯାଇପାରେ । କୃମି ଜନିତ ରୋଗ ପାଇଁ ଆଜିକାଲି ଅନେକ ଉନ୍ନତଶକ୍ତି ସମ୍ପନ୍ନ ନିରାପଦ ଔଷଧ ଉଦ୍ଭାବନ କରାଯାଇଛି । ପ୍ରତ୍ୟେକ ତିନି ଚାରି ମାସରେ ମଳ ପରୀକ୍ଷା କରାଇ ଆବଶ୍ୟକ ସ୍ଥଳେ ଏପରି ଔଷଧ ଅନାୟାସରେ ଦିଆଯାଇପାରେ ।

## ଦୁଗ୍ଧବତୀ ଗାଈ

ଗର୍ଭବତୀ ଗାଈ ଭଳି ଗୋଟିଏ ସାଧାରଣ ସ୍ୱାସ୍ଥ୍ୟର ଦୁଗ୍ଧବତୀ ସଙ୍କରଜାତୀୟ ଗାଈ ପାଇଁ ପ୍ରତ୍ୟହ ୨ କି:ଗ୍ରା: ମିଶ୍ରିତ ସୁଷମ ଦାନା ଛଡ଼ା

ପ୍ରତ୍ୟେକ ୨.୫ ଲିଟର କ୍ଷୀର ପାଇଁ ଅଧିକ ୧ କି.ଗ୍ରା ମିଶ୍ରିତ ଦାନା ଦରକାର । ଏହା ଛଡ଼ା ୩୦ ଗ୍ରାମ ମିଶ୍ରିତ ଖଣିଜ ମିଶ୍ରଣ, ଭିଟାମିନ୍ 'ଏ' ଓ 'ଘ' ଆଦି ଉତ୍ପାଦିକା ଶକ୍ତି ଅତୁଟ ରଖିବାରେ ସାହାଯ୍ୟ କରେ । ସୁଷମ ଖାଦ୍ୟ ଦେଲେ ମଧ୍ୟ ଅନେକ ସମୟରେ ଅଧିକ କ୍ଷୀର ଦେଉଥିବା ଗାଈଙ୍କଠାରେ କ୍ୟାଲ୍‌ସିୟମ୍, ମାଗ୍ନେସିୟମ୍, ଫସ୍‌ଫରସ୍, ଗ୍ଲୁକୋଜ୍, ଭିଟାମିନ୍ 'ଡି' ଆଦି ଅଭାବ ଜନିତ ମାରାତ୍ମକ ରୋଗ ଦେଖାଯାଏ କାରଣ ଖାଦ୍ୟରେ ଥିବା ଏହି ଖଣିଜଲବଣ ଆଦି ଦୁଗ୍ଧ ଉତ୍ପାଦନ ପାଇଁ ଶରୀର ଦରକାର କରୁଥିବା ପରିମାଣ ସହିତ ଭାରସାମ୍ୟ ରକ୍ଷା କରିପାରେ ନାହିଁ । ଦୁଧିଆଳି ଗାଈ ଜନ୍ମ କରିବା ପରେ ପରେ ସଂଜ୍ଞାହୀନ ହେଲେ, ମୁଣ୍ଡ ବୁଲାଇ ପଡ଼ିଲେ, ଖାଇବାରେ ବ୍ୟତିକ୍ରମ ହେଲେ, କ୍ଷୀର ହଠାତ୍ କମିଗଲେ ବା ପାଗଳ ପରି ହେଲେ ଏ ଖାଦ୍ୟାଂଶ ଗୁଡ଼ିକର ଅଭାବ ଥିବା ସନ୍ଦେହ କରାଯାଏ । ଏଥିପାଇଁ ଯଥାଶୀଘ୍ର ଡାକ୍ତରଙ୍କ ପରାମର୍ଶ ନେବା ଉଚିତ୍ । ଦୁଗ୍ଧବତୀ ଗାଈଙ୍କଠାରେ କେଉଁ ସମୟରେ ଏପରି ରୋଗ ଦେଖାଦେଇପାରେ। ସେଥିପାଇଁ ଓଡ଼ିଶା ପଶୁଚିକିତ୍ସା ମହାବିଦ୍ୟାଳୟର ଭୈଷଜ ବିଭାଗରେ ଗବେଷଣା କରାଯାଉଅଛି । ଗୋପାଳକମାନେ ଉକ୍ତ ବିଭାଗ ସଙ୍ଗେ ପରାମର୍ଶ କଲେ ଉପଯୁକ୍ତ ପ୍ରତିଷେଧକ ବ୍ୟବସ୍ଥାର ପରାମର୍ଶ ଦିଆଯିବ । ଦୁଧିଆଳି ଗାଈଙ୍କର ଆଉ ଗୋଟିଏ ବିପଜ୍ଜନକ ରୋଗ ହେଲା 'ଥନହରା' । କ୍ଷୀର ପରୀକ୍ଷା କରାଇ ୨୪ ଘଣ୍ଟା ମଧ୍ୟରେ ଉପଯୁକ୍ତ ଚିକିତ୍ସା ନ କଲେ ଚିରଦିନ ପାଇଁ ପନ୍ଥା ନଷ୍ଟ ହୋଇଯାଏ । ଏହି ମହାବିଦ୍ୟାଳୟର ସେଣ୍ଟ୍ରାଲ କ୍ଲିନିକ୍‌ରେ ଥନହରାରୋଗର ପରୀକ୍ଷା କରି ବ୍ୟବସ୍ଥାପତ୍ର ଦେବାର ସୁବନ୍ଦୋବସ୍ତ କରାଯାଇଅଛି ।

ସବୁ ବୟସର ଜର୍ସିଜାତୀୟ ଗାଈଙ୍କର ଆଉଗୋଟିଏ ମାରାତ୍ମକ ରୋଗ ହେଲା "ଥାଇଲେରିଆ" ରୋଗ । ଏହା ଟିକ୍ସମାନଙ୍କ ଦ୍ୱାରା ପ୍ରସାରିତ ହୁଏ । ତେଣୁ ଏହାର ପ୍ରତିଷେଧକ ବ୍ୟବସ୍ଥା ସ୍ୱରୂପ ବିଭିନ୍ନ ଟିକ୍ସନାଶକ ଔଷଧ ପ୍ରୟୋଗ କରି ଗାଈ ଗୋରୁଙ୍କୁ ଟିକ୍ସମୁକ୍ତ କରି ରଖିବା ଉଚିତ ।

ପରିଶେଷରେ, ଆମ ରାଜ୍ୟର ଗୋପାଳକମାନଙ୍କୁ ଏତିକି ଅନୁରୋଧ ଯେ ସେମାନେ ବିଦେଶୀ ଗାଈ ପାଳନ କରି ଲାଭବାନ୍ ହେବାକୁ ଇଚ୍ଛୁକ ଥିଲେ ଉପଯୁକ୍ତ ଖାଦ୍ୟପେୟ ଛଡ଼ା ପାଞ୍ଚୋଟି ସଂକ୍ରାମକ ରୋଗ ଯଥା—ଫାଟୁଆ, ଗୋବସନ୍ତ (ରିଣ୍ଡରପେଷ୍ଟ), ସାହାଣ, ବଙ୍କବଳିଆ ଓ ଆନଥ୍ରାକସ୍ ପାଇଁ ଉପଯୁକ୍ତ ବ୍ୟବଧାନରେ ପ୍ରତିଷେଧକ ଟିକା ଦେବେ । ଏହାଛଡ଼ା ବର୍ଷର ଜାନୁୟାରୀ, ଜୁନ୍ ଓ ସେପ୍ଟେମ୍ବର ମାସରେ ଝାଡ଼ା ପରୀକ୍ଷା କରି ନିର୍ଦ୍ଦିଷ୍ଟ କୃମି ନାଶକ ଔଷଧ ଦେବେ । ଅନ୍ୟାନ୍ୟ ସାମୟିକ ରୋଗ ପାଇଁ ଡାକ୍ତରଙ୍କ ପରାମର୍ଶରେ ଚିକିତ୍ସା କରାଇବେ ।



# ଦାଲୁଅ ଧାନର ମୁଖ୍ୟ ଅନିଷ୍ଟକାରୀ ପୋକ ଓ ତାର ନିରାକରଣ

ଶ୍ରୀ ଉମାକାନ୍ତ ନନ୍ଦ, ପ୍ରାଧ୍ୟାପକ
ଶ୍ରୀ ଲଡୁ କିଶୋର ରଥ, ଅଧ୍ୟାପକ

ଦାଲୁଅ ଧାନରେ ସାଧାରଣତଃ କାଣ୍ଡବିନ୍ଧା, ମାଟିଆଗୁଣ୍ଡି, ହୋର୍ଲ ମାଗଟ୍, ପତ୍ରମୋଡା, କେଣ୍ଡାକଟା ଲାଗିଥାଆନ୍ତି । ଏମାନଙ୍କ ମଧ୍ୟରୁ ମାଟିଆଗୁଣ୍ଡି ଓ କାଣ୍ଡବିନ୍ଧା ପୋକ, ଦାଲୁଅ ଧାନର ବେଶୀ କ୍ଷତି କରିଥାଆନ୍ତି । ସମୟ ସମୟରେ ପାଗ ଅନୁକୂଳ ହେଲେ, କେଣ୍ଡାକଟା ପୋକ ଧାନ ଅମଳ ପୂର୍ବରୁ କେଣ୍ଡା ଗୁଡ଼ିକ ବିଲରେ କାଟି ପକାଏ, ଯାହା ଫଳରେ ଚାଷୀକୁ ବହୁତ କ୍ଷତି ସହିବାକୁ ପଡ଼ିଥାଏ । ଦାଲୁଅ ଧାନରେ ପୋକ ଲାଗିବା ତଳିଘେରାରୁ ମଧ୍ୟ ଦେଖାଯାଏ । ବିଶେଷ କରି କାଣ୍ଡବିନ୍ଧା ପୋକ ତଳିଘେରାରେ ଧାନର ପ୍ରଧାନ ଶତ୍ରୁ ହୋଇଥାଏ । ଏହି ପୋକ ଲାଗିଲେ ଗଛର ମଞ୍ଜ ପତ୍ରଟି ଶୁଖିଯାଏ ଏବଂ ଅଳ୍ପ ଜୋରରେ ଟାଣିଲେ, ଗଛରୁ ମଞ୍ଜି ପତ୍ରଟି ବାହାରି ଆସେ । ଏହି ଆକ୍ରମଣରୁ ରକ୍ଷା କରିବା ପାଇଁ ଗଜା ବାହାରିବାର ୧୫ ରୁ ୨୫ ଦିନ ମଧ୍ୟରେ ୧୦ ଡେସିମିଲ ତଳିଘେରାକୁ ଡରସ୍‌ବାନ୍ କିମ୍ବା କରୋବାନ୍ କିମ୍ବା ନୁଭାକ୍ରନ୍ କିମ୍ବା ମନୋସିଲ କିମ୍ବା ଫଲିଥିଅନ୍ କିମ୍ବା ସୁମିଥିଅନ୍ ୪୦ ମିଲିଲିଟର ତରଳ ବିଷକୁ ପାଣିରେ ମିଶାଇ ସ୍ପ୍ରେୟାର ସାହାଯ୍ୟରେ ପ୍ରୟୋଗ କରିବାକୁ ପଡ଼ିବ । ଡିମେକ୍ରନ୍ ତରଳ ବିଷ ବ୍ୟବହାର କଲେ କେବଳ ୧୫ ମିଲିଲିଟର ଔଷଧ ଦରକାର ହୋଇଥାଏ । ତରଳ ବିଷ ପ୍ରୟୋଗ ପରିବର୍ତ୍ତେ ଦାନାଦାର ପୋକମରା ବିଷ ମଧ୍ୟ ପ୍ରୟୋଗ କରାଯାଇ ପାରେ । ତଳି ରୋଇବାର ୧୦ ଦିନ ପୂର୍ବରୁ ଥିମେଟ (ଶତକଡା ୧୦ ଭାଗ ବିଷଥିବା ଦାନାଦାର ଔଷଧ ଅଧକିଲୋଗ୍ରାମ୍ କିମ୍ବା ଫ୍ୟୁରାଡନ୍ (ଶତକଡା ୩ ଭାଗ ବିଷଥିବା ଦାନାଦାର ଔଷଧ ଏକ କିଲୋଗ୍ରାମ ହିସାବରେ ଗ୍ରାମ ହିସାବରେ ୧୦ ଡିସିମିଲ ତଳିଘେରାରେ ପକାଯାଇଥାଏ । ଦାନାଦାର ବିଷ ପ୍ରୟୋଗ ଫଳରେ ସାଧାରଣତଃ ତଳିଘେରାରେ ଗଛ ବିଭିନ୍ନ ରକମର ପୋକର ଆକ୍ରମଣରୁ ରକ୍ଷା ପାଇଥାଏ ।

ଧାନ ତଳିଘେରାରୁ ଉପାଡ଼ିବା ପରେ ତାହାକୁ ରୋଇବା ପୂର୍ବରୁ ତାହାର ଚେରକୁ ରାସାୟନିକ ପୋକମରା ଔଷଧ ଦ୍ୱାରା ପ୍ରସ୍ତୁତ କରାଯାଇଥାଏ । ଧାନଚେରିକୁ ଉପାଡ଼ିବା ପରେ ପ୍ରଥମେ ଚେର ଅଂଶକୁ ପାଣି ଦ୍ୱାରା ପରିଷ୍କାର ଭାବରେ ଧୁଆଯାଏ । ଡରସ୍‌ବାନ୍ କିମ୍ବା କରୋବାନ୍ (ଶତକଡା ୨୦ ଭାଗ ତରଳ ବିଷ) ତରଳ ବିଷକୁ ଏକ ଲିଟର ପାଣିରେ ୧ ମିଲିଲିଟର ହିସାବରେ ମିଶାଇ ସେହି ବିଷ ମିଶ୍ରିତ ପାଣିରେ ଧାନ ତଳିର ଚେର ଅଂଶକୁ ଅତିକମ୍‌ରେ ବାର ଘଣ୍ଟା ପର୍ଯ୍ୟନ୍ତ ବୁଡାଇ ରଖାଯାଏ । ତାହାପରେ ଧାନଚେରି ଗୁଡ଼ିକ ବିଲରେ ରୋଇବାକୁ ନିଆଯାଏ । ଏ ପଦ୍ଧତି ଅନୁସରଣ କଲେ ଧାନ ଫସଲ ପ୍ରାୟ ଏକ ମାସ ପର୍ଯ୍ୟନ୍ତ କାଣ୍ଡବିନ୍ଧା, ଗିଡ଼ିଆ ଓ ହୋର୍ଲ୍ ମାଗଟ୍ ପୋକ ଦାଉରୁ ରକ୍ଷା କରାଯାଇ ପାରେ ।

ଧାନ ତଳି ଗୁଡ଼ିକ ବିଲରେ ରୋଇଲା ପରେ, ଯେତେବେଳେ ସେଥିରୁ ପିଲ ବାହାରେ, ସେହି ଅବସ୍ଥାରେ ଧାନରେ କାଣ୍ଡବିନ୍ଧା ପୋକ ଦେଖାଯାଆନ୍ତି । ଏହି ପୋକ ଲାଗିଲେ, ପିଲ ଶୁଖିଯାଏ ଏବଂ ଆକ୍ରାନ୍ତ ପିଲକୁ ଟାଣିଲେ, ତାହା ସହଜରେ ଉପୁଡ଼ି ଆସେ । ଏହି ପୋକ ପରବର୍ତ୍ତୀ ଅବସ୍ଥାରେ ଧାନକେଣ୍ଡା ବାହାରିବା ସମୟରେ ମଧ୍ୟ ଲାଗନ୍ତି । ଏ ସମୟରେ ଏହି ପୋକ ଲାଗିଲେ ଆକ୍ରାନ୍ତ ଧାନ କେଣ୍ଡା ଶୁଖିଯାଏ ଓ ଧଳା ଦିଶେ । ଧାନବିଲକୁ ଲକ୍ଷ୍ୟ କଲେ ଏ ପ୍ରକାରର ବହୁତ କେଣ୍ଡା ଦେଖିବାକୁ ମିଳେ । ଏହି ଧଳାକେଣ୍ଡାକୁ ଟାଣିଲେ ତାହା ମଧ୍ୟ ସହଜରେ ଉପୁଡ଼ି ଆସେ । ଆକ୍ରାନ୍ତ କେଣ୍ଡାର ସବୁ ଧାନ ଶୁଖି ଅଗାଡ଼ି ହୋଇଯାଏ । ଏହି ପୋକ ଆକ୍ରମଣ କଲେ ସାଧାରଣତଃ ଚାଷୀକୁ ପ୍ରଚୁର କ୍ଷତି ସହିବାକୁ ପଡ଼େ । ବୈଜ୍ଞାନିକ ଗବେଷଣା ଅନୁଯାୟୀ ଯଦି ପ୍ରତି ବର୍ଗମିଟର ପରିମିତ ଧାନ ବିଲରେ ଶତକଡା ୫ ଭାଗ ଆକ୍ରାନ୍ତ ପିଲ ଦେଖାଯାଏ, ତେବେ କୀଟନାଶକ ଔଷଧର ବ୍ୟବହାର ନିଶ୍ଚିତ ରୂପେ ହୋଇଥାଏ । ଏହି ସମୟରେ ଯଦି ଆବଶ୍ୟକ ଔଷଧ ପ୍ରୟୋଗ କରା ନ ଯାଏ, ତେବେ ପ୍ରଥମାବସ୍ଥାରେ ଶତକଡା ୭୦ରୁ ୮୦ ଭାଗ ଧାନଗଛ ନଷ୍ଟ ହୋଇଯାଏ ଓ ଚାଷୀକୁ ନିଶ୍ଚିତ ଭାବରେ କ୍ଷତି ସହିବାକୁ ପଡ଼ିଥାଏ । ମାତ୍ର ପୋକ ଆକ୍ରମଣ ଯୋଗୁଁ ଯଦି ଆକ୍ରାନ୍ତ ପିଲ ଶତକଡା ୫ ଭାଗରୁ କମ୍ ଥାଏ, ତେବେ ସେହି କ୍ଷେତ୍ରରେ କୀଟନାଶକ ଔଷଧ ବ୍ୟବହାର ଲାଭଜନକ ହୁଏ ନାହିଁ । ଏଣୁ ସମୟୋପଯୋଗୀ ଔଷଧ ବ୍ୟବହାର କରିବା ନିତାନ୍ତ ଆବଶ୍ୟକ ଅଟେ । ଏ ପ୍ରକାର ପୋକର ଦମନ ପାଇଁ ବିଭିନ୍ନ ପ୍ରକାରର ତରଳ ବିଷ ଯଥା ଇକାଲ୍‌କ୍ସ (ଶତକଡା ୨୫ ଭାଗ ତରଳ ବିଷ), କିମ୍ବା ଡରସ୍‌ବାନ (ଶତକଡା ୨୦ ଭାଗ ବିଷ) କିମ୍ବା ନୁଭାକ୍ରନ୍ (ଶତକଡା ୪୦ ଭାଗତରଳ ବିଷ) କିମ୍ବା ଡିମେକ୍ରନ୍ (ଶତକଡା ୧୦୦ ଭାଗ ତରଳ ବିଷ) ଆଦି ପ୍ରୟୋଗ କରାଯାଇଥାଏ । ଏକର ପ୍ରତି ୧୫୦–୨୦୦ ଲିଟର ପାଣିରେ ଇକାଲ୍‌କ୍ସ ୪୦୦ ମିଲିଲିଟର କିମ୍ବା ନୁଭାକ୍ରନ୍ ୪୦୦ ମିଲିଲିଟର କିମ୍ବା ସୁମିଥିଅନ୍ ୩୦୦ ମିଲିଲିଟର କିମ୍ବା ଡିମେକ୍ରନ୍ ୧୫୦ ମିଲିଲିଟର ମିଶାଇ ଧାନ ବିଲରେ ସ୍ପ୍ରେ କରାଯାଇଥାଏ । ପୋକମରା ଔଷଧ ସ୍ପ୍ରେ କଲାବେଳେ, ଯେପରି ଗଛର ସମସ୍ତ ଅଂଶରେ ଔଷଧ ପଡ଼େ, ସେ ବିଷୟରେ ସାବଧାନ ହେବା ଆବଶ୍ୟକ ନଚେତ୍ ଔଷଧର ପ୍ରଭାବ ଠିକ୍ ରୂପେ ପରିଲକ୍ଷିତ ହୁଏ ନାହିଁ ଏବଂ ଆମେ ଠିକ୍ ଉପକାର ପାଇ ପାରିବା ନାହିଁ ।

କାଣ୍ଡବିନ୍ଧା ପୋକ ପାଇଁ ଦାନାଦାର ବିଷ ମଧ୍ୟ ପ୍ରୟୋଗ କରାଯାଇପାରେ । ଏଥିପାଇଁ ଜଳ ନିୟନ୍ତ୍ରଣ ପ୍ରତି ସବିଶେଷ ଦୃଷ୍ଟି ଦେବା ଆବଶ୍ୟକ । ଦାନାଦାର ବିଷ ପକାଇବା ସମୟରେ ବିଲରେ ପ୍ରାୟ ଏକ

ଛଣ୍ଟ ପାଣି ରହିବା ଦରକାର । ଏହି ବିଷ ସାଧାରଣତଃ ଧାନରେ କେଣ୍ଟା ବାହାରିବା ପୂର୍ବରୁ ଦିଆଯାଏ । ଏକର ପ୍ରତି ଫ୍ୟୁରାଡନ୍ (ଶତକଡା ୩ ଭାଗ ଦାନାଦାର ବିଷ) ୧୨ କିଲୋଗ୍ରାମ୍ କିମ୍ବା ଥିମେଟ୍ (ଶତକଡା ୧୦ ଭାଗ ଦାନାଦାର ବିଷ) କିଲୋଗ୍ରାମ ଧାନ ବିଲରେ ବୁଣି ଦିଆଯାଏ । ମାତ୍ର ଏହି ବିଷ ପ୍ରୟୋଗ କରାଯିବାର ୬ରୁ ୬ ଦିନ ପର୍ଯ୍ୟନ୍ତ ବିଲରେ ସାମାନ୍ୟ ପାଣି ରହିବା ଆବଶ୍ୟକ । ଆଉ ଗୋଟିଏ କଥା ହେଲା, ଯେଉଁ ଅଞ୍ଚଳରେ କାଣ୍ଡବିନ୍ଧା ପୋକ ବେଶି ପରିମାଣରେ ଦେଖାଯାଆନ୍ତି, ସେସବୁ ଅଞ୍ଚଳରେ କାଣ୍ଡବିନ୍ଧା ପୋକ ପାଇଁ କିଛି ନିରୋଧ ଶକ୍ତିଥିବା ଧାନ କିସମ ଚାଷ କରିବା ଭଲ । ଏ ପ୍ରକାରର ଧାନ ଗୁଡ଼ିକ ହେଲା ରତ୍ନା, ପାରିଜାତ, ଗୌରୀ ଇତ୍ୟାଦି ।

କାଣ୍ଡବିନ୍ଧା ପୋକ ଛଡା, ମାଟିଆଗୁଣ୍ଡି ପୋକ ମଧ୍ୟ ଦାଳୁଅ ଧାନର ଏକ ପ୍ରଧାନ ଶତ୍ରୁ । ଅନୁକୂଳ ପାଗ ହେଲେ ଏ ପ୍ରକାର ପୋକ ଏପ୍ରିଲ ଓ ମେ ମାସରେ ବେଶୀ ପରିମାଣରେ ଲାଗନ୍ତି । ଏମାନେ ଗଛରମୂଳରେ ଲାଗନ୍ତି । ଏମାନଙ୍କର ଦେହର ରଙ୍ଗ ମାଟିଆ ବା ବାଦାମୀ । ଏମାନେ ଗଛ ମୂଳରୁ ଖାଦ୍ୟ ପଦାର୍ଥ ଶୋଷି ନିଅନ୍ତି, ଯାହା ଫଳରେ ଗଛ ହଳଦିଆ ପଡ଼ି ମରିଯାଏ । ଆକ୍ରାନ୍ତ କିଆରୀର ମଝିରେ ଚକଡା ଚକଡା ହୋଇ ଗଛ ଶୁଖିଯାଏ ଓ କ୍ରମଶଃ ସମୁଦାୟ କିଆରୀ ଶୁଖିଯାଏ । ତା'ଛଡା ମାଟିଆଗୁଣ୍ଡି ପୋକ ତିନି ପ୍ରକାରର ଭୁତାଣୁଜନିତ ରୋଗ ବିସ୍ତାର କରିଥାଆନ୍ତି । ସାଧାରଣତଃ ଅଧିକ ଅମଳକ୍ଷମ ଧାନ ଫସଲର ଏହି ପୋକ ବେଶୀ କ୍ଷତି କରିଥାଏ । କାରଣ ଏହି ଫସଲରେ ଅଧିକ ପରିମାଣର ଯବକ୍ଷାରଜାନ ଜାତୀୟ ସାର ବ୍ୟବହାର ହେଉଥିବାରୁ ଗଛଗୁଡ଼ିକର କାଣ୍ଡ ଅପେକ୍ଷାକୃତ ନରମ ହୋଇଯାଏ ଓ ପ୍ରତିଗଛରୁ ଆବଶ୍ୟକତା ଠାରୁ ଅଧିକ ପିଲ ବାହାରି ଗଛମୂଳ ଘଞ୍ଚ ହୋଇଥାଏ । ଏହି ଘଞ୍ଚ ଅବସ୍ଥା ଓ ନରମ କାଣ୍ଡ ଯୋଗୁଁ ମାଟିଆଗୁଣ୍ଡି ପୋକର ଅର୍ଭକ ଓ ପୂର୍ଣ୍ଣାଙ୍ଗ ପୋକ ବହୁତ ପରିମାଣରେ ଦେଖାଯାଆନ୍ତି । ସାଧାରଣତଃ ଦୁଇ କିସମର ମାଟିଆଗୁଣ୍ଡି ପୋକ ଦେଖାଯାଇଥାଏ ଯଥା– ପୂର୍ଣ୍ଣ ଡେଣାଯୁକ୍ତ ଓ ଅର୍ଦ୍ଧ ଡେଣାଯୁକ୍ତ । ପୂର୍ଣ୍ଣ ଡେଣା ଥିବା ପୋକ ସହଜରେ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ଉଡ଼ି ଯାଇପାରେ ଓ ନୂତନ ସ୍ଥାନରେ ଧାନଗଛକୁ ଆକ୍ରାନ୍ତ କରିଥାଏ । ସାଧାରଣତଃ ମାଈ ମାଟିଆଗୁଣ୍ଡି ପୋକ ଥରକେ ୨୦୦ରୁ ୩୦୦ ପର୍ଯ୍ୟନ୍ତ ଧଳା ଧଳା ଅଣ୍ଡା ପତ୍ର ମୂଳରେ ଦେଇଥାନ୍ତି, ୮ରୁ ୧୦ ଦିନ ମଧ୍ୟରେ ଅଣ୍ଡାଫୁଟି ଅର୍ଭକ ବାହାରେ ଓ ୧୫ ଦିନ ମଧ୍ୟରେ ଅର୍ଭକ, ପୂର୍ଣ୍ଣାଙ୍ଗ ଅବସ୍ଥାରେ ପହଞ୍ଚେ, ମାଟିଆଗୁଣ୍ଡି ପୋକ ୧୮ରୁ ୪୭ ଦିନ ପର୍ଯ୍ୟନ୍ତ ବଞ୍ଚିଥାଏ । ଏହି ପୋକକୁ ନିୟନ୍ତ୍ରଣ କରିବା ପାଇଁ ନିମ୍ନଲିଖିତ କେତେଗୋଟି ବିଷୟ ପ୍ରତି ଦୃଷ୍ଟି ଦେବା ଏକାନ୍ତ ଆବଶ୍ୟକ ।

୧. ପ୍ରଥମତଃ ମାଟିଆଗୁଣ୍ଡି ପୋକ ପ୍ରତିରୋଧକ ଶକ୍ତି ଥିବା ବିଭିନ୍ନ କିସମର ଧାନ ଚାଷ କରିବା ଦରକାର । ସେ ଗୁଡ଼ିକ ହେଲା ୧୩୫ ଦିନରେ ଅମଳ ହେଉଥିବା ଉଦୟ ଓ ଗୌରୀ, ୧୨୦ ଦିନରେ ଅମଳ ହେଉଥିବା ଜୟା, ୧୪୦ ଦିନରେ ଅମଳ ହେଉଥିବା ପ୍ରତାପ ଓ ସି.ଆର. ୫୭, ଏମ୍. ଆର. ୧୫୨୩ ଇତ୍ୟାଦି । ଏହାଛଡା ତ୍ରିବେଣୀ କିସମର ଧାନ ମଧ୍ୟ ଚାଷ କରାଯାଇପାରେ ।
୨. ଧାନ ରୋଇବା କାର୍ଯ୍ୟ ଜାନୁଆରୀ ୧୫ ତାରିଖ ସୁଦ୍ଧା ହେବା ଦରକାର ।
୩. ଧାନବିଲରେ ମଝିରେ ମଝିରେ ପାଣି ମଡାଇବା ଓ ପୁଣି ମଝିରେ ମଝିରେ ଶୁଖିଲା କରିଦେବା ଆବଶ୍ୟକ ।
୪. ଧାନବିଲକୁ ଯାଇ ପ୍ରତିଦିନ ଗଛମୂଳକୁ ଲକ୍ଷ୍ୟ କରିବା ଦରକାର . ବିଭିନ୍ନ ବୈଜ୍ଞାନିକ ଗବେଷଣାରୁ ଜଣା ପଡ଼ିଛି ଯେ, ପ୍ରତି ଗଛ ମୂଳରେ ଯଦି ୫ରୁ ୧୦ଟି ଅର୍ଭକ କିମ୍ବା ପୂର୍ଣ୍ଣାଙ୍ଗ ପୋକ ଦେଖାଯାଏ, ତେବେ ସଙ୍ଗେ ସଙ୍ଗେ ପୋକମରା ବିଷଦ୍ୱାରା ତାହାର ନିରାକରଣ କରିବା ଆବଶ୍ୟକ ନଚେତ୍ ଧାନଚାଷ ସମ୍ପୂର୍ଣ୍ଣରୂପେ କ୍ଷତିଗ୍ରସ୍ତ ହୋଇଥାଏ ।
୫. ବିଲକୁ କାଦୁଆ କରିବା ସମୟରେ ଏକର ପ୍ରତି ୪୦ କିଲୋଗ୍ରାମ ହିସାବରେ ନିମ ପିଡ଼ିଆ ଦେଲେ, ଏହି ପୋକ ଆକ୍ରମଣକୁ ଦମନ କରାଯାଇପାରେ । ଏହି ପୋକ ସାଧାରଣତଃ ଧାନଫସଲରେ ଗୋଟିଏ ଋତୁରେ ୩ ଥର ଜୀବନଚକ୍ର ସମ୍ପୂର୍ଣ୍ଣ କରେ । ଦ୍ୱିତୀୟ ପିଢ଼ି ଅବସ୍ଥାରେ ପୋକମରା ଔଷଧ ପ୍ରୟୋଗ କଲେ ସୁଫଳ ମିଳିଥାଏ । ଏହି ପୋକ ଦମନ ପାଇଁ ମାତ୍ର କେତୋଟି ବିଷ ପ୍ରୟୋଗ କରାଯାଏ । ସମସ୍ତ ପ୍ରକାରର ବିଷ ଔଷଧ ଏହି ପୋକ ଦମନ କରିପାରେ ନାହିଁ ଯଥା–ଇକାଲକ୍ସ, ମେଟାସିଡ୍, ଡିମେକ୍ରନ୍, ଫଲିଥିଅନ୍, ସୁମିଥିଅନ୍ ଓ ଡାୟାଜିନନ୍ ଇତ୍ୟାଦି ତରଳ ବିଷ ପ୍ରୟୋଗ କଲେ ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ପୋକ ପରିମାଣ କମିଯାଏ କିନ୍ତୁ ତା'ପରେ ପୋକ ସଂଖ୍ୟା ପୂର୍ବ ସଂଖ୍ୟା ଅପେକ୍ଷା ଯଥେଷ୍ଟ ଗୁଣରେ ବୃଦ୍ଧି ପାଇଥାଏ । କାରଣ ଏସବୁ ଔଷଧ ମାଈ ମାଟିଆଗୁଣ୍ଡି ପୋକର ଅଣ୍ଡା ଦେବାର କ୍ଷମତାକୁ ବହୁ ଗୁଣରେ ବଢାଇ ଦିଏ ଓ ବୁଢ଼ିଆଣୀମାନେ, ଯେକି ମାଟିଆଗୁଣ୍ଡି ପୋକକୁ ଖାଆନ୍ତି ସେମାନଙ୍କ ସଂଖ୍ୟା ବି କମିଯାଏ । ଏଣୁ ଉପର ଲିଖିତ ପୋକମରା ଔଷଧର ପ୍ରୟୋଗ ଫଳରେ କୁଫଳ ମିଳିଥାଏ । ମାତ୍ର କାର୍ବାରିଲ୍ ଜଳସେଚିତ ଗୁଣ୍ଡ ଏକର ପ୍ରତି ୧ କିଲୋଗ୍ରାମ, କିମ୍ବା ନୁଭାକ୍ରନ୍ ତରଳବିଷ ଏକର ପ୍ରତି ୪୦୦ ମିଲିଲିଟର କିମ୍ବା ମନୋସିଲ୍ ତରଳବିଷ ଏକର ପ୍ରତି ୪୦୦ ମିଲିଲିଟର କିମ୍ବା କୋଲୋନ୍ ତରଳବିଷ ଏକର ପ୍ରତି ୪୦୦ ମିଲିଲିଟର କିମ୍ବା ଡରସ୍ବାନ୍ ତରଳବିଷ ଏକର ପ୍ରତି ୪୦୦ ମିଲିଲିଟର କିମ୍ବା ନୁଭାନ୍ ତରଳବିଷ ଏକର ପ୍ରତି ୧୫୦ ମିଲିଲିଟର, ୧୮୦–୨୦୦ ଲିଟର ପାଣିରେ ମିଶାଇ ଗଛମୂଳକୁ ସ୍ପ୍ରେ କଲେ ପ୍ରତିକାର ମିଳିଥାଏ । ଫ୍ୟୁରାଡନ୍ ଶତକଡା ୩ ଭାଗ ଦାନାଦାର ବିଷ ଏକର ପ୍ରତି ୧୨ କିଲୋଗ୍ରାମ ହିସାବରେ ପ୍ରୟୋଗ କଲେ ମାଟିଆଗୁଣ୍ଡି ପୋକକୁ ଦମନ କରାଯାଇପାରେ କିନ୍ତୁ ଏଥିରେ ବେଶୀ ଖର୍ଚ୍ଚ ହୋଇଥାଏ ।

ଏହାଛଡା ସମୟ ସମୟରେ ଦାଳୁଅ ଧାନରେ ପତ୍ରମୋଡା ପୋକ ଲାଗିଥାଏ । ଏହି ପୋକ ଲାଗିଲେ ଧାନ ପତ୍ରଗୁଡ଼ିକ ଦୁଇ କଡରୁ ମୋଡ଼ି ହୋଇଯାଏ । ଏହି ପୋକର ସବୁଜ ଶୈବାଳୁଆ ପତ୍ରମୋଡା ମଧ୍ୟରେ ରହି ପତ୍ରର ସବୁଜ ଅଂଶକୁ ଖାଇଯାଆନ୍ତି ଓ ଶେଷରେ ପତ୍ରଟି କାଗଜ ପରି



ପତଳା ଓ ଧଳା ହୋଇଯାଏ । ଏହି ପୋକକୁ ଦମନ କରିବା ପାଇଁ ନୁଭାନ୍ ଶତକଡା ୧୦୦ ଭାଗ ତରଳବିଷ ଏକର ପ୍ରତି ୧୫୦ ମିଲିଲିଟର କିମ୍ବା ଇକାଲକ୍ସ ଶତକଡା ୨୫ ଭାଗ ତରଳବିଷ ୩୦୦–୩୫୦ ମିଲିଲିଟର କିମ୍ବା ନୁଭାକ୍ରନ୍ ଶତକଡା ୪୦ ଭାଗ ତରଳବିଷ ୩୫୦–୪୦୦ ମିଲିଲିଟର, ୧୮୦–୨୦୦ ଲିଟର ମିଶାଇ ସ୍ପ୍ରେ କରିବା ଦରକାର । ଏହାଛଡା ସମୟ ସମୟରେ ଦାଳୁଅ ଧାନରେ କେଣ୍ଡାକଟା ପୋକର ଆକ୍ରମଣ ଭୟଙ୍କର ପରିସ୍ଥିତି ସୃଷ୍ଟି କରିଥାଏ । ଏହି ପୋକ ରାତିରେ ଧାନକେଣ୍ଡା ଗୁଡ଼ିକ କାଟି ପକାନ୍ତି । ଏମାନେ ଦିନରେ

ଦେଖାଯାଆନ୍ତି ନାହିଁ କିନ୍ତୁ ଦିନରେ କଟା ହୋଇଥିବା ଧାନକେଣ୍ଡା ଗୁଡ଼ିକ ବିଲରେ ଦେଖାଯାଏ । ସାଧାରଣତଃ ଏହି ଧାନକେଣ୍ଡା କଟା ହେବା କାମ, ପୋକ ଦ୍ବାରା ହୋଇଥାଏ ବୋଲି ଗ୍ରାମାଞ୍ଚଳମାନେ ବିଶ୍ବାସ କରି ପାରନ୍ତି ନାହିଁ । ଏମାନଙ୍କୁ ଦମନ କରିବା ପାଇଁ ସନ୍ଧ୍ୟା ସମୟର ଠିକ୍ ପୂର୍ବରୁ କିମ୍ବା ଉପରବେଳା ମାଲାଥିଅନ୍ ଶତକଡା ୫ ଭାଗ ବିଷ ଥିବା ଗୁଣ୍ଡ ଏକର ପ୍ରତି ୧୦ କିଲୋଗ୍ରାମ୍ କିମ୍ବା କାର୍ବାରିଲ୍ ଜଳସେଚିତ ଗୁଣ୍ଡ ଏକର ପ୍ରତି ଏକ କିଲୋଗ୍ରାମ୍ ୨୦୦ ଲିଟର ପାଣିରେ ମିଶାଇ ସ୍ପ୍ରେ କରିବା ଆବଶ୍ୟକ । ଏହାଛଡ଼ା ନୁଭାନ୍ ତରଳବିଷ ୧୫୦ ମିଲିଲିଟର କିମ୍ବା ମାଲାଥିଅନ୍ ତରଳବିଷ ୪୫୦ ମିଲିଲିଟର ଏକର ପ୍ରତି ୨୦୦ ଲିଟର ପାଣିରେ ମିଶାଇ ସନ୍ଧ୍ୟା ସମୟରେ ସ୍ପ୍ରେ କଲେ, ସୁଫଳ ମିଳିଥାଏ ଧାନ ଗଛରେ ପ୍ରାୟ ୨ ମାସ ପର୍ଯ୍ୟନ୍ତ ବେଳେବେଳେ ବିରିହା ଓ ହୋର୍ଲ ମାଗଟ୍ ଆକ୍ରମଣ ଦେଖାଦେଇଥାଏ । ବିରିହା ପୋକ ଆକ୍ରମଣ ଫଳରେ ପତ୍ରର ତଳଭାଗରୁ ଠାଏ ଠାଏ ସବୁଜ ଅଂଶ ନ ଥାଏ ଓ ସେହି ଜାଗା କାଗଜ ପରି ପତଳା ହୋଇଯାଏ । କିନ୍ତୁ ହୋର୍ଲ ମାଗଟ୍ ଆକ୍ରମଣ ଫଳରେ ପତ୍ରର ଦୁଇ ଧାରରେ ଲମ୍ବା ଲମ୍ବା ଧଳା ଚିହ୍ନ ଦେଖାଯାଏ । ଏହି ପୋକ ସବୁଧଳା ଦେଖାଯାଉଥିବା ସ୍ଥାନ ମାନଙ୍କରୁ ପତ୍ରର ସବୁଜ ଅଂଶକୁ ଖାଇ ଦିଅନ୍ତି । ଏମାନଙ୍କର ନିରାକରଣ ପାଇଁ ନୁଭାନ୍ ତରଳବିଷ ୨୫୦ ମିଲିଲିଟର କିମ୍ବା ଇକାଲକ୍ସ ତରଳ ବିଷ ୩୦୦–୩୫୦ ମିଲିଲିଟର କିମ୍ବା କାରବାରିଲ୍ ଗୁଣ୍ଡ ଏକର ପ୍ରତି ୧ କି.ଗ୍ରା. ୨୦୦ ଲିଟର ପାଣିରେ ମିଶାଇ ସ୍ପ୍ରେ କରିବା ଆବଶ୍ୟକ ।

## କର୍କଟରୋଗ ଉପଶମ ପାଇଁ ସଦାବିହାରୀ ଗଛ

ସଦାବିହାରୀ ଗଛର ଜନ୍ମସ୍ଥଳୀ ଆଫ୍ରିକାର ମାଡାଗାସ୍କା ଦ୍ବୀପରେ ବୋଲି ଜଣାଯାଇଛି । ପୂର୍ବେ ଏହା ମଧୁମେହ ରୋଗ ଉପଶମ ପାଇଁ ବ୍ୟବହାର କରାଯାଉଥିଲା । ମାତ୍ର ଏବେ ଏଥିରେ କର୍କଟ ରୋଗ ନିରୋଧୀ ଶକ୍ତିଥିବା କଥା ଆବିଷ୍କାର କରାଯାଇଛି । କାନଡ଼ାର କେତେଜଣ ବୈଜ୍ଞାନିକଙ୍କ କହିବା ଅନୁଯାୟୀ ଏହାର ପତ୍ରର ରସ ରକ୍ତକର୍କଟ ରୋଗ ଉପଶମ କରିବାରେ ସହାୟକ ହୋଇ ପାରିବ । ସଦାବିହାରୀ ପତ୍ରରୁ ଭିନିକ୍ରିଷ୍ଟିନ୍ ଓ ଭିନକାଲିଉକୋବ୍ଲାଷ୍ଟିନ୍ ନାମକ ଦୁଇଟି ଔଷଧ ପ୍ରସ୍ତୁତ କରାଯିବ, ଯାହାକି ରକ୍ତ କର୍କଟ ରୋଗ ପାଇଁ ବେଶ୍ ଫଳପ୍ରଦ ହୋଇ ପାରିବ ।





# ସଫଳ କାହାଣୀ

## ଦକ୍ଷିଣୀ ନୂଆଗାଁ

ଅଧ୍ୟାପକ ଲକ୍ଷ୍ମୀନାରାୟଣ କର
ନିର୍ଦ୍ଦେଶକ, ଜ୍ଞାନଦୀପ୍ତି କାର୍ଯ୍ୟକ୍ରମ

ପିପିଲି ବ୍ଲକର ପୋପରଙ୍ଗୀ ପଞ୍ଚାୟତ ଅନ୍ତର୍ଗତ ଦକ୍ଷିଣୀ ନୂଆଗାଁ ଗୋଟିଏ ଛୋଟ ଗାଁ । ଗାଁର ଦକ୍ଷିଣ ଦିଗରେ ବହିଯାଉଛି ଐତିହାସିକ



ଦୟାନଦୀ । ପିପିଲି ଠାରୁ କଟଣା ରାସ୍ତାରେ ମଠସାହି ପର୍ଯ୍ୟନ୍ତ ଯାଇ ସେଠାରୁ ବାହାଣ ପଟକୁ ପ୍ରାୟ ଅଧ କିଲୋମିଟର ଗଲେ ନଦୀ ପାର ହୋଇ ଗ୍ରାମକୁ ଯିବାକୁ ହେବ । ନଦୀଟି ଗାଁ ଲୋକଙ୍କର ଯେତିକି ଉପକାର କରେ, ଅପକାର ମଧ୍ୟ କମ୍ କରେ ନାହିଁ । କାରଣ ଏକେତ ବନ୍ୟା ଲାଗି ବର୍ଷାଦିନେ ସବୁ ଫସଲ ନଷ୍ଟ ହୋଇଯାଏ । ଦ୍ୱିତୀୟରେ ନଦୀର ଅବସ୍ଥିତି ଲାଗି ସେ ଗାଁକୁ କୌଣସି ସରକାରୀ କର୍ମଚାରୀ ଯିବାକୁ ଇଚ୍ଛାକରନ୍ତି ନାହିଁ ।

ଗାଁର ପରିବାର ସଂଖ୍ୟା ଷାଠିଏ । ସେମାନଙ୍କ ଭିତରୁ ବ୍ରାହ୍ମଣ ତିରିଶ ଘର, ଗଉଡ ଦୁଇ ଘର ଓ ଅବଶିଷ୍ଟ ଅଠେଇଶ ଘର ହରିଜନ । ଗାଁ ସମୁଦାୟ ଜମି ପରିମାଣ ପ୍ରାୟ ତେଷଠି ଏକର । କିନ୍ତୁ ଦୁଃଖର କଥା ବର୍ଷାଦିନେ ବଢି ପାଣି ଆସି ଏକାଦିକ୍ରମେ ୧୫ ଠାରୁ ୨୫ ଦିନ ପର୍ଯ୍ୟନ୍ତ ବିଲକୁ ବୁଡାଇ ରଖୁଥିବାରୁ କୌଣସି ଫସଲ ହୁଏ ନାହିଁ । ଶୀତ ଓ ଖରାଦିନେ ଜଳସେଚନର ସୁବିଧା ନଥିବାରୁ ଲୋକମାନେ କୌଣସି ଫସଲ କରିବା ପାଇଁ ସକ୍ଷମ ହେଉ ନଥିଲେ । ଫଳରେ ସେମାନଙ୍କର ଅବସ୍ଥା ଦିନକୁ ଦିନ ଶୋଚନୀୟ ହୋଇ ଯାଉଥିଲା । ଏପରିକି ପାଞ୍ଚ/ଛଅ ଏକର ପର୍ଯ୍ୟନ୍ତ ଜମି ଥିବା ପରିବାର ମଧ୍ୟ ବେଳାଏ ଲେଖାଏଁ ଖାଇବାକୁ

ପାଉ ନଥିଲେ, ଉଭୟ ହରିଜନ ଓ ସବର୍ଣ୍ଣ ସମସ୍ତେ ଏକପ୍ରକାର ଅସୁବିଧା ଭୋଗୁଥିଲେ ।

## ସମସ୍ୟା ସମାଧାନ ଦିଗରେ ଉଦ୍ୟମ

ଏହି ଗ୍ରାମର କେତେକ ଯୁବକ ଆମ ବିଶ୍ୱବିଦ୍ୟାଳୟକୁ ଆସି ସେମାନଙ୍କୁ ସାହାଯ୍ୟ କରିବା ପାଇଁ ଅନୁରୋଧ କରିଥିଲେ । ଫଳରେ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ସେ ଗ୍ରାମକୁ ଯାଇ ଲୋକମାନଙ୍କ ସହିତ ଆଲୋଚନା କରି ସେମାନଙ୍କର ସମସ୍ୟା ବିଷୟରେ ଅନୁଧ୍ୟାନ କଲେ । ବିଶେଷ କରି ଅଧ୍ୟାପକ ଲକ୍ଷ୍ମୀନାରାୟଣଙ୍କର, ଅଧ୍ୟାପକ କମଳାକ୍ଷ ମାଇତି, ରବିନ୍ଦ୍ରନାଥ ରାଜ ଓ ଆର୍ତ୍ତତ୍ରାଣ ଦାସ ଗ୍ରାମର ସର୍ବବିଧ ଉନ୍ନତି ପାଇଁ ଲୋକମାନଙ୍କ ସହିତ ନାନାଦି ଦିଗରୁ ଆଲୋଚନା କରି ଏକ ଯୋଜନା ପ୍ରସ୍ତୁତ କଲେ । ସେହି ଗ୍ରାମର ରବିନ୍ଦ୍ରନାଥ ଦାସ, ଭିକାରୀଚରଣ ଦାସ, ଲକ୍ଷ୍ମଣ ଦାସ ଓ ଦୁଃଖିଶ୍ୟାମ ବେହେରା ପ୍ରଭୃତି ଲୋକମାନେ ମଧ୍ୟ ଖୁବ୍ ଆଗ୍ରହର ସହିତ ଏହି ଯୋଜନାକୁ କାର୍ଯ୍ୟକାରୀ କରିବାପାଇଁ ବାହାରିଲେ । ପ୍ରଥମେ ସ୍ଥିର କରାଗଲା ଯେ ଗୋଟିଏ ଉଠା ଜଳସେଚନ ବ୍ୟବସ୍ଥା କରି ଶୀତ ଓ ଖରାଦିନେ ଫସଲ କରାଯିବ । ଏଥିପାଇଁ ଉଠା ଜଳସେଚନ ବିଭାଗର ତତ୍‌କାଳୀନ ପରିଚାଳନା ନିର୍ଦ୍ଦେଶକ ଶ୍ରୀଯୁକ୍ତ ସୁରେନ୍ଦ୍ରନାଥ ପ୍ରଧାନଙ୍କୁ ଅନୁରୋଧ କରାଗଲା, ଯାହାଫଳରେ ୧୯୮୧ ମସିହା ମାର୍ଚ୍ଚ ୧୩ ତାରିଖ ଦିନ ପୁରୀ ଜିଲ୍ଲାର ସେ ସମୟର ଜିଲ୍ଲାପାଳଙ୍କ ଦ୍ୱାରା ଏହା ଉଦ୍‌ଘାଟିତ ହୋଇଥିଲା । ଜିଲ୍ଲାପାଳ ମହୋଦୟ ମଧ୍ୟ ହରିଜନମାନଙ୍କର ଗୃହନିର୍ମାଣ, ଗ୍ରାମ୍ୟରାସ୍ତା, ପୁରୁଣା ପୋଖରୀରୁ ପଙ୍କୋଦ୍ଧାର ଓ ମାଛ ଚାଷ ପ୍ରଭୃତି ଦିଗରେ ସାହାଯ୍ୟ କରିଥିଲେ । ୧୯୮୦-୮୧ ବେଳକୁ ଏହି ଗ୍ରାମକୁ ବିଜ୍ଞାନାଗାରରୁ କୃଷିକ୍ଷେତ୍ର କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ କରାଗଲା । ଫଳରେ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଗ୍ରାମକୁ ଆସି ଲୋକମାନଙ୍କୁ କୃଷି, ପଶୁପାଳନ, କୁକୁଡ଼ା ପାଳନ, ପନିପରିବା, ମାଛ ଚାଷ ପ୍ରଭୃତି ବିଷୟରେ ବୈଷୟିକ ପରାମର୍ଶ ଦେଇ ସେ ଗୁଡ଼ିକୁ ଗ୍ରହଣ କରିବାକୁ ଉତ୍ସାହିତ କରିଥିଲେ । ସରକାରଙ୍କର ବିଭିନ୍ନ ବିଭାଗ ଯଥା– ଗ୍ରାମଗୋଷ୍ଠୀ ଉନ୍ନୟନ, ଉଠାଜଳସେଚନ, ବିଦ୍ୟୁତ୍, ରାଜସ୍ୱ, ସମବାୟ, ଜିଲ୍ଲା ଗ୍ରାମ ଉନ୍ନୟନ ସଂସ୍ଥା, କୃଷି ଓ ପଶୁପାଳନ ବିଭାଗ, ଜିଲ୍ଲା ଶିଳ୍ପ କେନ୍ଦ୍ର ଓ ଖଦିବୋର୍ଡ ପ୍ରଭୃତିଙ୍କ ସହଯୋଗରେ ଗ୍ରାମର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଉଦ୍ୟମ ଆରମ୍ଭ ହେଲା । ଏକ ଦିଗରେ ଲୋକମାନଙ୍କର ଉତ୍ସାହ ଓ ସହଯୋଗ ଓ ଅନ୍ୟ ଦିଗରେ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକ ଓ ସରକାରୀ କର୍ମଚାରୀମାନଙ୍କର ସହଯୋଗ ଫଳରେ ଗ୍ରାମର ସର୍ବବିଧ ଉନ୍ନତି ଦିଗରେ ଆରମ୍ଭ ହେଲା ଏକ ନୂତନ ଜାଗରଣ ।

## ଗ୍ରାମ ପାଇଁ କେତେକ ସଫଳତା

୧. ବର୍ତ୍ତମାନ ଏହି ଗ୍ରାମରେ ଉଠା ଜଳସେଚନ ନିଗମଙ୍କ ସହାୟତାରେ ଦୁଇଗୋଟି ପମ୍ପ୍ ବସିଅଛି । ଫଳରେ ଶୀତ ଓ ଖରାଦିନେ ପ୍ରାୟ ୧୫୦ ଏକର ଜମିରେ ପାଣି ମାଡ଼ିବାର ବ୍ୟବସ୍ଥା ହୋଇଅଛି । ବର୍ତ୍ତମାନ ଗାଁର ଲୋକ ଚିନାବାଦାମ, ଆଳୁ, ଆଖୁ, ଡାଲୁଅ ଧାନ ପ୍ରଭୃତି ଫସଲ କରିବାକୁ ସକ୍ଷମ ହୋଇ ଅଛନ୍ତି । ବିଶେଷ କରି ଖରାଦିନେ ପ୍ରାୟ ଷାଠିଏ ଏକର ଜମିରେ ଡାଲୁଅ ଧାନକରିବା ଫଳରେ ଗ୍ରାମର ପ୍ରତ୍ୟେକ ପରିବାର ନିଜ ପାଇଁ ଧାନ ଅମଳ କରିବାକୁ ସକ୍ଷମ ହୋଇଅଛନ୍ତି ।

୨. ଗ୍ରାମକୁ ବିଦ୍ୟୁତ୍ ସଂଯୋଗ କରା ଯାଇଅଛି ଏବଂ ତାହା ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଅଛି ।

୩. ଗ୍ରାମରେ ଥିବା ସାତ ଏକର ବିଶିଷ୍ଟ ଏକ ପୁରୁଣା ପୋଖରୀରୁ ପଙ୍କୋଦ୍ଧାର କରଯାଇ ମାଛ ଚାଷ କରା ଯାଉଅଛି ।

୪. ଜିଲ୍ଲାପାଳ ମହୋଦୟଙ୍କ ସାହାଯ୍ୟରେ ହରିଜନ ଭାଇମାନଙ୍କ ପାଇଁ ପଥର କାନ୍ଥ ଓ ଆସ୍‌ବେଷ୍ଟସ୍ ଛାତ ବିଶିଷ୍ଟ ଘର କରିବା ପାଇଁ ସାହାଯ୍ୟ ମିଳିଅଛି ।

୫. ପିଇବା ପାଣିର ସୁବିଧା ପାଇଁ ଗ୍ରାମରେ ଦୁଇଗୋଟି ନଳକୂପ ବସାଯାଇଅଛି ଓ ବ୍ଲକ୍ ସହାୟତାରେ ଗ୍ରାମ ଭିତରେ ରାସ୍ତା ନିର୍ମାଣ କରାଯାଇଅଛି ।

୬. ଗ୍ରାମର ଛୋଟ ପିଲାଙ୍କ ପାଠ ପଢ଼ା ପାଇଁ ଏକ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା କରାଯାଇଅଛି ।



୭. ୧୦ ଜଣ ଝିଅ ପିଲାଙ୍କୁ ଜିଲ୍ଲା ଶିଳ୍ପକେନ୍ଦ୍ର ସହାୟତାରେ ସିଲେଇ ଶିଖାଇ ଦିଆ ଯାଇଅଛି ।

ଗ୍ରାମର ସର୍ବବିଧ ଉନ୍ନତି ଦିଗରେ ଅନେକ ଗୁଡ଼ିଏ କାର୍ଯ୍ୟକ୍ରମ ସ୍ଥିର କରାଯାଇ ଅଛି ଓ ସେଗୁଡ଼ିକୁ କାର୍ଯ୍ୟକାରୀ କରାଇବା ପାଇଁ ଗ୍ରାମରେ ଏକ କମିଟି ଗଠନ କରାଯାଇ ଅଛି । ବୈଜ୍ଞାନିକ, ସରକାରୀ କର୍ମଚାରୀ ତଥା ଲୋମାନଙ୍କର ମିଳିତ ଉଦ୍ୟମରେ ଯେ ଗ୍ରାମର ସର୍ବବିଧ ଉନ୍ନତି ହୋଇ ପାରିବ ଏହା ଦକ୍ଷିଣୀ ନୂଆଗାଁରେ ସଫଳ ଭାବେ ପ୍ରମାଣିତ ହୋଇଅଛି ।

ଦେଇଥିଲି । ସୋରିଷ ବୁଣିବା ସମୟରେ ୧୫ କେ.ଜି. ୟୁରିଆ, ୪ କେ.ଜି. ପଟାସ୍ ଏବଂ ୧୨ କେ.ଜି. ସୁପର ସାର ପ୍ରୟୋଗ କରିଥିଲି । ଧାନରେ ଦୁଇଥର କୀଟନାଶକ ଔଷଧ ସ୍ପ୍ରେ କରିଥିଲି । ଧାନ ଓ ସୋରିଷ ସମସ୍ତ ଗ୍ରାମବାସୀ ଓ ଆଦିବାସୀ ଗବେଷଣା କର୍ମଚାରୀଙ୍କ ଉପସ୍ଥିତିରେ ଅମଳ ହୋଇଥିଲା, ୨୫ ଡେସିମିଲି ଜମିରୁ ୨ କ୍ୱିଣ୍ଟାଲ ୭୫ କେ.ଜି. ଧ ଓ ୧୨୦ କେ.ଜି. ସୋରିଷ ପାଇଥିଲି । ମୋର ଅଭିଜ୍ଞତାର ସ୍ୱପ୍ନ ଘଣାକା ମୁଁ ଆମ ଗ୍ରାମର ଚାଷୀମାନଙ୍କୁ ବୁଝାଇ ଦେଇଥିଲି । ହାରାହାରି ୨୫



ନଡ଼ି ଆଣ୍ଠୁଣ୍ଡ ବର୍ଣ୍ଣନ

## ଭାତ ରୁଟିର ଚିନ୍ତା ନାହିଁ

ଶ୍ରୀ ଧରଣୀଧର ନାଏକ
ବାଁଶପାଳ, ଭୂୟାଁପୀଢ଼, କେନ୍ଦୁଝର

୧୯୮୬ ମସିହାରେ ମୁଁ ମୋର ମଝିଆଳ ଜମିରେ କୁଟିଆ ଫାର୍ମରେ ଆଦିବାସୀ ଗବେଷଣା ସଂସ୍ଥା ତରଫରୁ ଦିଆଯାଇଥିବା ବେଣର ଧାନ ୨୫ ଡେସିମିଲି ଜମିରେ ଚାଷ କରି ୨.୭୫ କ୍ୱିଣ୍ଟାଲ ଅମଳ ପାଇଛି ଏବଂ ଧାନ ପରେ ଆର.ଏଲ୍.ଏମ୍. ୫୧୪ ସୋରିଷ ଚାଷ କରିଥିଲି ସୋରିଷ ପରେ ୧୦ ଡେସିମିଲି ଜମିରେ ବିଲାତି ବାଇଗଣ ଓ ୧୫ ଡେସିମିଲି ଜମିରେ ବନ୍ଧାକୋବି କରି ପ୍ରାୟ ୧୨୦୦ ଟଙ୍କା ପାଇଛି ଆମର ପୂର୍ବ ପରମ୍ପରା ଅନୁସାରେ ଏସବୁ ଜମିଗୁଡ଼ିକ ଧାନ ଫସଲପରେ ପଡ଼ିଆ ପଡ଼ୁଥିଲା । ଗତ ୩/୪ ବର୍ଷ ହେଲା ଆଦିବାସୀ ଗବେଷଣ କର୍ମଚାରୀଙ୍କ ପରାମର୍ଶକ୍ରମେ ବର୍ଷକ ଭିତରେ ୩/୪ଟି ଫସଲ ଆଦାୟ କରୁଛି । ଧାନ ପରେ ଆଉ ଦୁଇଟି ଫସଲ ଆଦାୟ କରିପାରିଛି । ୨୫ ଡେସିମିଲି ଜମିରେ ଗୋଟିଏ ପ୍ୟାକେଟ୍ (୧ କେ.ଜି) ବି.ଜିଏ. ୨୦୧ କେ.ଜି ୟୁରିଆ ମିଲ ଓ ଥୋଡ ସମୟରେ ପ୍ରୟୋଗ କରିଥିଲି ଏବଂ ଧାନ ବୁଣିବା ସମୟରେ ୪ କେଜି ପଟାସ ଏବଂ ୧୨ କେଜି ସୁପର

ଡେସିମିଲି ଜମିରୁ ଧାନ, ସୋରିଷ, ପନିପରିବା (ବିଲାତି ବାଇଗଣ + ବନ୍ଧାକୋବି) ଚାଷକରି ନିମ୍ନଲିଖିତ ହିସାବ ଅନୁସାରେ ଆଦାୟ ପାଇଥିଲି- : ୨୫ ଡେସିମିଲ ଜମି

| | | |
|---|---|---|
| ଧାନ | ୨.୭୫ କେ.ଜି. = | ଟ ୪୧୨.୦୦ |
| ସୋରିଷ | ୧.୨୦ କେ.ଜି. = | ଟ ୬୨୦.୦୦ |
| ବିଲାତି ବାଇଗଣ + ବନ୍ଧା କୋବି | | ଟ ୧୨୦୦.୦୦ |
| | ମୋଟ | ଟ ୨୩୩୨.୦୦ |

ବନ୍ଧାକୋବି ଓ ବିଲାତି ବାଇଗଣରୁ ଅଧିକ ଅମଳ ପାଇବା ପାଇଁ ଟ୍ରେସେଲ୍ ସ୍ପ୍ରେ କରିଥିଲି । ୨୫ ଡେସିମିଲି ଜମିରୁ ମୋଟାମୋଟି ୨୩୦୦ ଟଙ୍କା ପାଇଛି । ଏବେ ମୋର କିଛି ଚିନ୍ତା ନାହିଁ । ପରିବାର ପାଇଁ ଭାତ, ରୁଟି, ଡାଲି ତରକାରୀ ମିଳି ଯାଉଛି । ଘରର ଅନ୍ୟାନ୍ୟ ଖର୍ଚ୍ଚ ମଧ୍ୟ ଚଳି ଯାଉଛି ।

ବର୍ତ୍ତମାନ ଗୋଟିଏ ମାଈ ଜର୍ସି ବାଛୁରୀ କିଣିବା ପାଇଁ ସ୍ଥିର କରିଛି । ବର୍ତ୍ତମାନ ଏହି ଜମିରେ ଷାଠିଏଦିନିଆ ମୁଗ ଚାଷ କରିଛି । ଏହି ଆଦିବାସୀ ଗବେଷଣା ସଂସ୍ଥା ତରଫରୁ ଗୋଟିଏ ଜମିରେ ୩ରୁ ୪ଟି ଫସଲ ଅମଳ ହେଉଛି । ଆମ ଗାଁରେ କୃତ୍ରିମ ଉପାୟରେ ଲାକ୍ଷ ଚାଷ ହୋଇ ଗୋଟିଏ

ଗଛରୁ ୧୦ କେ.ଜି ଲାଖ ପାଇଥାନ୍ତି । ଆମ ଗ୍ରାମ ଭାଇମାନଙ୍କୁ ଲାଖ ଚାଷ ବିଶେଷ ଆକର୍ଷଣ କରିଛି । ଆଦିବାସୀ ଗବେଷଣା ସଂସ୍ଥା ତରଫରୁ ପାଇଥିବା ୫୦୦ ଗ୍ରାମ୍ ଅଦା ଲଗାଇ ମୁଁ ପ୍ରାୟ ୬ କେ.ଜି. ୫୦୦ ଗ୍ରାମ ଅଦା ଏବଂ ୧୫ କେ.ଜି. ଚିନାବାଦାମ ଚାଷ କରି ଟାଙ୍ଗର ଜମିରୁ ୧ କୁଇଣ୍ଟାଲ ଚିନାବାଦାମ ପାଇଛି । ଟାଙ୍ଗର ଜମିରେ ଧାନ ଅପେକ୍ଷା ଚିନାବାଦାମରୁ ତିନିଗୁଣ ଅଧିକ ଲାଭ ମିଳୁଛି ଏବଂ ଡିପ ଜମିରେ ଧାନ ଅପେକ୍ଷା ଅଦା ଚାଷରେ ୭/୮ ଗୁଣ ଲାଭ ମିଳୁଛି । ଏଣୁ ଆମ ଗାଁର ସମସ୍ତ ଚାଷୀ ଆସନ୍ତା ବର୍ଷ ଚିନାବାଦାମ, ଅଦା, ହଳଦୀଚାଷ ପାଇଁ ବିଶେଷ ଆଗ୍ରହ ପ୍ରକାଶ କରୁଛନ୍ତି ।

## ଜାତୀୟ କ୍ଷେତ୍ର ପ୍ରଦର୍ଶନ ଯୋଜନାରେ

ଶ୍ରୀ ଜନାର୍ଦ୍ଦନ ନାଏକ
ନୂଆଧନଞ୍ଜୟପୁର

କେନ୍ଦୁଝର ଜିଲ୍ଲା ଝୁମ୍ପୁରା ବ୍ଲକ ଅନ୍ତର୍ଗତ ଆମ ନୂଆଧନଞ୍ଜୟପୁର ଗ୍ରାମ ଝୁମ୍ପୁରାଠାରୁ ଉଖୁଣ୍ଡା ଯିବା ରାସ୍ତାର ବାମପଟେ ପଡ଼େ । ଏହା ଏକ ଆଦିବାସୀ ବହୁଳ ଗ୍ରାମ । ଆମମାନଙ୍କର ମୁଖ୍ୟ ଜୀବିକା ହେଲା ଚାଷ । ବର୍ଷାଦିନେ ଆମେମାନେ କେବଳ ଧାନ ଚାଷ କରି ଆସୁଥିଲୁ । ବିଲମଝିରେ ଥିବା ଏକ ବିରାଟ ପୋଖରୀରେ ପାଣି ବର୍ଷସାରା ଭରପୁର ଥିଲେ ମଧ୍ୟ ଶୀତଦିନେ ଓ ଖରାଦିନେ ସମସ୍ତ ୨୫୦ ଏକର ଜମିରେ କେଉଁ ସାହାଯ୍ୟରେ ପାଣି ମଡାଇ ରବି ଫସଲ ଓ ଖରାଟିଆ ଫସଲ ଫଳାଇପାରୁନି । ତେବେ ମୋର ଚାଷ କରି ଫସଲ ଆଦାୟ କରିବାର ପ୍ରବଳ ଉତ୍ସାହ ଥିବାରୁ ଆର୍ଥିକ ଅନାଟନ ଭିତରେ ଗତି କରି ମଧ୍ୟ କିପରି ଚାଷରୁ ସୁଫଳ ପାଇବି ସେଥିନିମନ୍ତେ ବହୁ କଷ୍ଟ ସହି ବ୍ୟାଙ୍କରୁ ଋଣ ନେଇ ଗୋଟିଏ ଡିଜେଲ ପମ୍ପ କିଣିଲି । ରବି ଫସଲ ରୂପେ ଗହମ, ସୋରିଷ ଚାଷ କରି କିଛି ପରିମାଣରେ ଲାଭବାନ ହେଲି । ସେଥିରୁ ଯାହା କିଛି ଅମଳ ମିଳୁଥିଲା, ତାହା ଆଖି ଦୃଶିଆ ନଥିଲା, କାରଣ ଚାଷ ପ୍ରଣାଳୀ ଓ ଚାଷର ନୂତନ କୌଶଳ ବିଷୟରେ ମୋର ମୋଟ ଉପରେ ଧାରଣା ନଥିଲା । ଏହିପରି କିଛି ବର୍ଷ କଟିଗଲା ପରେ ୧୯୮୫ ମସିହା ମେ ମାସରେ କେନ୍ଦୁଝର ଜିଲ୍ଲା ଆଞ୍ଚଳିକ କୃଷି ଗବେଷଣା ଅନୁଷ୍ଠାନ ଅନ୍ତର୍ଗତ ଜାତୀୟକ୍ଷେତ୍ର ପ୍ରଦର୍ଶନ ଯୋଜନାର କୃଷିବିତ୍‌ମାନେ ଆସି ମୋ ଠାରୁ ଚାଷର ବିବରଣୀ ନେଇ ମୋତେ ଜାତୀୟ କ୍ଷେତ ପ୍ରଦର୍ଶନଯୋଜନାର ଚାଷୀରୂପେ ବାଛି ନେଲେ । ମୋ ଜମିରେ ବର୍ଷକୁ ତିନୋଟି ଫସଲ ପ୍ରଦର୍ଶନ କରିବାର ବ୍ୟବସ୍ଥା କଲେ, ମୁଁ ଏଥିରେ ଆଗ୍ରହ ପ୍ରକାଶ କଲି । ବର୍ଷକୁ ତିନୋଟି ଫସଲ ହିସାବରେ ବର୍ଷାଦିନରେ ଅଧିକ ଅମଳକ୍ଷମ ଉନ୍ନତଧାନ, ଶୀତଦିନେ ଏମ୍–୨୭ ସୋରିଷ ଓ ଖରାଦିନେ କେ–୮୫୧ ମୁଗ ଚାଷ କରିବାର ଯୋଜନା କରାଗଲା । କୃଷିବିତ୍‌ମାନେ ଫସଲ ବୁଣାଠାରୁ ଫସଲ ଅମଳ ଭିତରେ ବାରମ୍ବାର ବିଲକୁ ଆସି ଫସଲର ବିଭିନ୍ନ ଅବସ୍ଥାରେ ଥିବା ନୂତନ ଚାଷ ପ୍ରଣାଳୀ ଓ କୌଶଳପ୍ରଦର୍ଶନ କରିଥିଲେ । ଫଳରେ ମୁଁ ମୋର ପରିବାର ବର୍ଗଙ୍କୁ ନେଇ ବିଲରେ ଖଟି ପରାମର୍ଶ ଅନୁସାରେ ଫସଲର ବିଭିନ୍ନ ଅବସ୍ଥାରେ ନୂଆ କୌଶଳ ଅବଲମ୍ବନ କଲି । ଅନୁମୋଦିତ ପରିମାଣର ସାର, ଔଷଧ ଓ ଫସଲର ଚାହିଦା ମୁତାବକ ପାଣି ମଡାଇ ଏକ ଏକର



କହିବା ଯଥେଷ୍ଟ ହେଉନଥିଲା । କେବେ କେମିତି ଏକରେ ଦୁଇ ଏକରେ ଜମିରେ ରବିଫସଲ କରାଯାଉଥିଲା, ତେଣୁ ବର୍ଷାଦିନେ କେବଳ ଧାନଚାଷ କରି ସେଥିରୁ ମିଳୁଥିବା ଆୟରେ ଗୁଜୁରାଣ ମେଣ୍ଟାଇବା କଷ୍ଟସାଧ୍ୟ ହୋଇ ପଡୁଥିଲା । ଫଳରେ ବର୍ଷାଦିନେ ବିଲରେ ଗଣ୍ଡେ ଗଣ୍ଡେ ଖାଇ ଶୀତଦିନେ ଅଧିକ ରୋଜଗାର ଆଶା ନେଇ ଆମ ଗ୍ରାମର ଅଧିକାଂଶ ଲୋକ ଜୋଡ଼ାଖମାରା କ୍ରସ ମୁଖ କାରଖାନାରେ କାମ କରିବାକୁ

ଟାଣ୍ଡି ଏର୍ଂ

ଜମିରୁ ବର୍ଷାଦିନେ ୨୦ କ୍ୱିଣ୍ଟାଲ ୮୦ କେ.ଜି. ଉନ୍ନତଧାନ, ଶୀତଦିନେ ୪ କ୍ୱିଣ୍ଟାଲ ୪୦ କେ.ଜି. ସୋରିଷ ଏବଂ ଖରାଦିନେ ୩ କ୍ୱିଣ୍ଟାଲ ୨୦ କେ.ଜି. ମୁଗ ଅମଳ କରିବାକୁ ସକ୍ଷମ ହେଲି । କିନ୍ତୁ ପୂର୍ବରୁ ସ୍ଥାନୀୟ ଧାନ ଚାଷ କରି ଏକର ଜମିରୁ ମାତ୍ର କ୍ୱିଣ୍ଟାଲ ଧାନ ଅମଳ କରୁଥିଲି । ଖର୍ଚ୍ଚ ଓ ଲାଭ ହିସାବରେ ପୂର୍ବରୁ ଏକ ଏକର ଜମିରୁ ଧାନ ଚାଷରେ ୫୦୦

ଟଙ୍କା ଲାଭ ପାଉଥିବା ସ୍ଥଳେ, ଜାତୀୟ କ୍ଷେତ୍ର ପ୍ରଦର୍ଶନ ଯୋଜନାର କୃଷିବିତ୍‌ମାନଙ୍କର ପରାମର୍ଶରେ ଏକ ଏକର ଜମିରୁ ବର୍ଷାଦିନେ ଧାନରୁ ୨,୯୮୦ ଟଙ୍କା ଶୀତଦିନେ ସୋରିଷରୁ ୨,୨୧୪ ଟଙ୍କା ଏବଂ ଖରାଦିନେ ମୁଗରୁ ୯୯୦ ଟଙ୍କା ସମୁଦାୟ ମୋଟରେ ୬,୧୮୪ ଟଙ୍କା ଲାଭ ପାଇଲି, ଯାହାକି ମୋ କଳ୍ପନାର ବାହାରେ ଥିଲା । ଏହାଫଳରେ ମୁଁ ଗୋଟିଏ ବର୍ଷରେ ମୋର ଋଣ ପରିଶୋଧକରି ପରିବାର ଚଳାଇବା ପାଇଁ ଯଥେଷ୍ଟ ସମ୍ବଳ ପାଇଲି ।

ଫସଲ ଅମଳ ସମୟରେ ପଡୋଶୀ ଚାଷୀ ଭାଇମାନେ ଧାନ, ସୋରିଷ ଓ ମୁଗ ଫସଲ ଅମଳର ପରିମାଣ ଦେଖିଥିଲେ ଏବଂ ଏହି ଫସଲର ଚାଷ ପ୍ରଣାଳୀ ଏବଂ ନୂଆ କୌଶଳ ସମ୍ବନ୍ଧରେ ବୁଝିଥିଲେ । ଏଥିରେ ପଡୋଶୀ ଭାଇମାନଙ୍କ ମଧ୍ୟରୁ ଆଉ ୯ ଜଣ ଆଗଭର ହୋଇ ୧୯୮୬ ମସିହାରେ ଜାତୀୟ କ୍ଷେତ୍ର ପ୍ରଦର୍ଶନ ଯୋଜନାର ସହାୟତାରେ ୧୦ ଏକର ଜମିରେ ବର୍ଷାଦିନେ ଆଇ.ଆର.–୩୬ ଧାନ, ଶୀତଦିନେ ଏମ୍–୨୭ ସୋରିଷ ଚାଷ କରି ଅଧିକ ଲାଭବାନ ହୋଇ ପାରିଛନ୍ତି । ଏ ବର୍ଷ ଖରାଦିନେ ଏହି ୧୦ ଏକର ଜମିରେ ପୁଷା ବୈଶାଖୀ ମୁଗ ଚାଷ କରାଯାଉଛି । ଶୀତଦିନେ ଓ ଖରାଦିନେ ଯେଉଁ ଜମିସବୁ ଧୂସର ଦେଖାଯାଉଥିଲା ଏବେ ତାହା ସବୁଜ ଦେଖାଯାଉଛି । ଏଥିରେ ଅନ୍ୟାନ୍ୟ ଚାଷୀଭାଇମାନେ ଉତ୍ସାହିତ ହୋଇ ଆଗବର୍ଷକୁ ଆମ ଗ୍ରାମର ସମସ୍ତ ବିଲରେ ଅଧିକ ଅମଳକ୍ଷମ ଧାନ, ଗହମ, ସୋରିଷ, ମୁଗ ବିରି ଚାଷ କରିବାକୁ ମନସ୍ଥ କରିଛୁ । ଚାଷ ପୂର୍ବରୁ କୃଷିବିତ୍‌ମାନଙ୍କ ପରାମର୍ଶ ନେଇ ଆମେ ଏକ ଉଠା ଜଳସେଚନର ବ୍ୟବସ୍ଥା କରିବାପାଇଁ ଦରଖାସ୍ତ କରିଛୁ । ତେବେ ଜାତୀୟ କ୍ଷେତ୍ର ପ୍ରଦର୍ଶନ ଯୋଜନାର କୃଷିବିତ୍‌ମାନଙ୍କର ଚେଷ୍ଟା ଓ ପ୍ରେରଣାନେଇ ମୁଁ ଓ ମୋର ପଡୋଶୀଭାଇମାନଙ୍କ ବିଶେଷ ଲାଭବାନ ହୋଇଛୁ । ସେମାନଙ୍କ ପରାମର୍ଶ ଆମମାନଙ୍କୁ ଅମୂଲ ମୂଲ ଦେଇଛି, ସେ ଋଣ କଣ ଆମେ ସୁଝି ପାରିବୁ ? ତେବେ ଆମ ଗାଁର ଭାଇମାନଙ୍କ ତରଫରୁ ମୁଁ ଏତିକି କାମନା କରେ ଯେ ମଝିରେ ମଝିରେ ଆମମାନଙ୍କୁ ତାଲିମ ମାଧ୍ୟମରେ ବିଭିନ୍ନ ଫସଲ ସମ୍ବନ୍ଧରେ ନୂତନ ଜ୍ଞାନ ଓ କୌଶଳ ଦିଆଯାଇ ପାରିଲେ ଆମେମାନେ ମଧ୍ୟ ଯଥେଷ୍ଟରୁ ଅଧିକରୁ ଅଧିକ ଅମଳ ପାଇବାକୁ ସକ୍ଷମ ହୋଇ ପାରିବୁ ।

## ବିଜ୍ଞାନାଗାରରୁ କୃଷିକ୍ଷେତ୍ର

ଶ୍ରୀ ଗୌରଚନ୍ଦ୍ର ଦାସ
ବୋଦାପଲସା

କେନ୍ଦୁଝର ଜିଲ୍ଲା ସଦର ସବ୍‌ଡିଭିଜନ ଅନ୍ତର୍ଗତ ବୋଦାପଲସା ମୌଜାଟି ଅରଡେଇ ନଦୀ କୂଳରେ ଅବସ୍ଥିତ । ଏହି ଗ୍ରାମରେ ପ୍ରାୟ ୧,୨୦୦ ଲୋକ ବାସ କରନ୍ତି । ସେମାନଙ୍କ ମଧ୍ୟରୁ ଶତକଡା ୯୦ ଭାଗ ଚାଷୀ ପରିବାର । ସେମାନେ ମୁଖ୍ୟତଃ ଚାଷ ଉପରେ ନିର୍ଭର କରି ଚଳି ଆସୁଛନ୍ତି । ଏହି ଗ୍ରାମଟି କେନ୍ଦୁଝର ଜିଲ୍ଲାର ଏକ ମରୁଡ଼ି ପ୍ରପୀଡ଼ିତ ଗ୍ରାମ । କେବଳ ବର୍ଷାପାଣି ଉପରେ ଖରିଫ ଋତୁରେ ଚାଷୀମାନେ ଦେଶୀ ଧାନ ଚାଷ କରି ଆସୁଥିଲେ । ୧୯୭୧ ମସିହାଠାରୁ ସରକାରଙ୍କ କ୍ଷୁଦ୍ର ଚାଷୀ ଉନ୍ନୟନ ସଂସ୍ଥା କରିଆରେ, ଏହି ଗ୍ରାମରେ କେତେକ ଚାଷୀ ଉଠା ଜଳସେଚନ ଯୋଜନା ଦ୍ୱାରା ଋଣ ମାଧ୍ୟମରେ ବିଦ୍ୟୁତ୍ ଚାଳିତ ମୋଟର ପମ୍ପ ବସାଇ ଚାଷ ଆରମ୍ଭ କଲେ । ଏହାଦ୍ୱାରା ଗ୍ରାମରେ ଦୁଇ ଫସଲି ଚାଷ ହେବା ସଙ୍ଗେ ସଙ୍ଗେ ଅଧିକ ଅମଳକ୍ଷମ ଧାନଚାଷ କରାଯାଇପାରିଲା ।

ଚାଷୀମାନେ ଉନ୍ନତ ଚାଷ କୌଶଳ ଜାଣି ନଥିବାରୁ, କ୍ରମାଗତ ଭାବରେ ଋଣଗ୍ରସ୍ତ ହୋଇ ପଡ଼ିଲେ । ସୌଭାଗ୍ୟବଶତଃ ୧୯୮୪ ମସିହାରେ କେନ୍ଦୁଝର ଜିଲ୍ଲା ଆଞ୍ଚଳିକ କୃଷି ଗବେଷଣା କେନ୍ଦ୍ରର କୃଷି ବିଶେଷଜ୍ଞମାନେ ଏହି ଗ୍ରାମର ଚାଷୀମାନଙ୍କ ସହ ଆଲୋଚନା କରି ସେମାନଙ୍କୁ ଆର୍ଥିକ ସହାୟତା ସହ ବୈଜ୍ଞାନିକ କୌଶଳ ଶିକ୍ଷା ଦେଇ ଚାଷ ଆରମ୍ଭ କଲେ । ଚାଷୀଙ୍କର ଆଗ୍ରହ ଦେଖି ଏହି ଗ୍ରାମକୁ କ୍ରମାଗତ ଦୁଇବର୍ଷ ପର୍ଯ୍ୟନ୍ତ ଆଞ୍ଚଳିକ କୃଷି ଗବେଷଣା କେନ୍ଦ୍ରରୁ ବାରମ୍ବାର ତାଲିମ ଶିବିର ମାଧ୍ୟମରେ ଶିକ୍ଷା ଦେବା ସଙ୍ଗେ ସଙ୍ଗେ, ବିଲରେ ନିଜେ ଚାଷୀମାନଙ୍କ ସହ ମିଶି, ଚାଷ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାରେ ଲାଗିଲେ । ଫଳରେ ଏଥି ପୂର୍ବରୁ ଏକ ଏକର ଜମିରେ ଅନ୍ତତଃ ୮–୧୦ କ୍ୱିଣ୍ଟାଲ ପର୍ଯ୍ୟନ୍ତ ଧାନ ଅମଳ ହେଲା । ଶୀତଦିନେ ଯେଉଁଠି ପୂର୍ବରୁ ଏକ ଏକର ଜମିରେ ୬ରୁ ୭ କ୍ୱିଣ୍ଟାଲ ଗହମ ମିଳୁଥିବା ସ୍ଥଳେ ଏହାଦ୍ୱାରା ୧୨--୧୪ କ୍ୱିଣ୍ଟାଲ ଯାଏ ଗହମ ଅକ୍ଲେଶରେ ପାଇଲେ । ଏପରିକି ପନିପରିବା ଚାଷ ମଧ୍ୟ ଆଧୁନିକ ପ୍ରଣାଳୀରେ କରିବା ଦ୍ୱାରା ବହୁ ଲାଭବାନ ହୋଇ ପାରିଲେ । ପୂର୍ବରୁ ବାଇଗଣ ଫସଲରେ ଫଳବିନ୍ଧା ପୋକ ଲାଗି ହାରାହାରି ୫୦ ଭାଗ ଫସଲ ନଷ୍ଟ ହୋଇ ଯାଉଥିଲା । ବିଶେଷଜ୍ଞମାନଙ୍କ ପରାମର୍ଶ ଅନୁଯାୟୀ ଡେସିସ୍ ( DECIS ) ନାମକ ଏକ କୀଟନାଶକ ଔଷଧର ପ୍ରୟୋଗ ଫଳରେ ଏହି ପୋକର ଆକ୍ରମଣକୁ ସମ୍ପୂର୍ଣ୍ଣ ରୂପେ ଦମନ କରାଯାଇ ପାରିଲା । ଫ୍ରେଞ୍ଚ ବିନ୍ ନାମକ ଏକ ନୂତନ ପରିବା ଚାଷ କରି ୫ ଡେସିମିଲ୍ ଜମିରୁ ଦୁଇ ହଜାର ଟଙ୍କା ଯାଏଁ ଆୟ ମିଳିବା ପରିଲକ୍ଷିତ ହେଲା । ବିଶେଷ କରି ବର୍ଷାଦିନେ ଏହି ଜିଲ୍ଲାରେ ବିଲାତି ବାଇଗଣ ଚାଷ ପ୍ରାୟ ହୋଇ ନଥିଲା । ତାହା ମଧ୍ୟ ଏହି ଗ୍ରାମର ଚାଷୀମାନଙ୍କ କ୍ଷେତରେ ଚାଷ କରାଇ ଅଧିକ ଲାଭ ମିଳି ପାରିଥିଲା ।

ମୋଟ ଉପରେ ଏହି ପ୍ରକାର ଚାଷ ବିଜ୍ଞାନାଗାରର କୌଶଳ ଦ୍ୱାରା ହେଉଥିବା ଉପଲବ୍ଧି କରି ଗ୍ରାମର ଚାଷୀମାନେ ଏବଂ ପାଖଆଖ ଗାଁର ଯେଉଁ ଚାଷୀ ଆଦୌ ଉନ୍ନତ ପ୍ରଣାଳୀର ଚାଷ, ଦୋ ଫସଲି ବା ତିନି ଫସଲି ଚାଷ କରୁ ନଥିଲେ ସେମାନେ ବୋଦାପଲସା ଗ୍ରାମର ଚାଷ ଦେଖି ଏବଂ ବୈଜ୍ଞାନିକ ମାନଙ୍କ ତାଲିମ ଶିବିରରେ ଯୋଗଦେଇ ନିଜେ ନିଜେ ଚାଷ କରି ଡ଼ିଜେଲ ପମ୍ପ ଓ ମୋଟର ପମ୍ପ ଲଗାଇ ଚାଷ କରିବାକୁ ଆରମ୍ଭ କଲେଣି । ଏହି ବୈଜ୍ଞାନିକ କୌଶଳ ଆଜି ଚାଷୀଙ୍କ ମନରେ ଏପରି ପ୍ରଭାବ ପକାଇଛି ଯେ ଯେଉଁ ଚାଷୀ ଭାଇମାନେ ଚାଷ ଉପରେ ନିର୍ଭର କରି ନିଜର ପରିବାର ଭରଣ ପୋଷଣ କରିବାକୁ ସକ୍ଷମ ହେଉ ନଥିଲେ, ସେମାନେ ଆଜି ବହୁ ପରିମାଣରେ ଋଣ କରି ଭବିଷ୍ୟତ ଜୀବନଧାରଣର କର୍ମପନ୍ଥ ନିର୍ଦ୍ଧାରଣ କରିଛନ୍ତି ।

ଏପରିକି ଏହି ଗ୍ରାମର ଜଣେ ଚାଷୀ ହିସାବରେ ମୁଁ ଶ୍ରୀ ଗୌର ଚନ୍ଦ୍ର ଦାସ ସନ ୧୯୭୧ ମସିହାରୁ ସଂପୃକ୍ତ ବୋଦାପଲସା ସେବା ସମବାୟ ସମିତିର ଜଣେ ଖିଲାପିକାରୀ ସଭ୍ୟ ଥାଇ ବହୁ ଅସୁବିଧା ଭିତରେ ଚଳିଆସୁଥିଲି । ମୁଁ ଗତ ୧୯୮୪ ମସିହାରୁ ଉକ୍ତ କେନ୍ଦୁଝର ଜିଲ୍ଲାର ଆଞ୍ଚଳିକ କୃଷି ଗବେଷଣା କେନ୍ଦ୍ରର ବିଶେଷଜ୍ଞମାନଙ୍କ ପରାମର୍ଶରେ ଚାଷ କରି ସମିତିର ସମସ୍ତ ଋଣ ପରିଶୋଧ କରି ନିଜର ପରିବାର ପାଇଁ ଯଥେଷ୍ଟ ସମ୍ବଳ ସୃଷ୍ଟି କରି ପାରିଛି । ପ୍ରକୃତରେ ଆଧୁନିକ କୃଷି କୌଶଳ ସହିତ ଉନ୍ନତ ବିହନ ବ୍ୟବହାର କଲେ ଯେ କୌଣସି ଚାଷୀ ନିଜର ଆର୍ଥିକ ମାନଦଣ୍ଡ ବଢାଇବାରେ ସକ୍ଷମ ହୋଇ ପାରିବେ, ଏଥିରେ ସନ୍ଦେହ ନାହିଁ ।

ଆମ ଗ୍ରାମର ଚାଷୀକୁଳ ଆଜି ପ୍ରକୃତରେ କେନ୍ଦୁଝର ଆଞ୍ଚଳିକ କୃଷି ଗବେଷଣା କେନ୍ଦ୍ରର ବିଶେଷଜ୍ଞମାନଙ୍କ ଚେଷ୍ଟା ତଥା ପ୍ରେରଣା ଯୋଗୁଁ ହିଁ ଉପକୃତ ହୋଇ ପାରିଛନ୍ତି ।



## ରାସ୍ତାଘାଟ ପାଇଁ ୧୫ ଲକ୍ଷ ଟଙ୍କା

ଭଦ୍ରକ ପୂର୍ତ୍ତ ଡିଭିଜନ ଅନ୍ତର୍ଗତ ୬ଟି ରାସ୍ତାର ଉନ୍ନୟନ, ଗୋଟିଏ ରାସ୍ତା ଓ ୨ଟି ସେତୁର ନିର୍ମାଣ ବାବଦରେ ଚଳିତ ଆର୍ଥିକ ବର୍ଷରେ ୧୫ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି । ୬ଟି ରାସ୍ତାର ଉନ୍ନୟନ ପାଇଁ ୧ ଲକ୍ଷ ଟଙ୍କା ଲେଖାଏଁ ବ୍ୟୟ କରାଯିବ । ସେହିସବୁ ରାସ୍ତା ହେଲା:—ଭଦ୍ରକ—କୋଠାର—ଆରଡି ରାସ୍ତା, ଜାମୁଝରୀ—ବାସୁଦେବପୁର ରାସ୍ତା, ଇଛାପୁର—ବାସୁଦେବପୁର ରାସ୍ତା, ଭଦ୍ରକ—ବାରିପଦା ରାସ୍ତା, ଭଦ୍ରକ—ଗୁଡ଼ଭାଲି ରାସ୍ତା ଏବଂ ଧାମନଗର—କୋଠାର—ଆରଡି ରାସ୍ତା । ସେହିପରି ବାସୁଦେବପୁରଠାରୁ ଚନ୍ଦନ ଘୋଳ ଦେଇ ଭଦ୍ରକ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ଲାଗି ୨ ଲକ୍ଷ ଟଙ୍କା ବ୍ୟୟ କରାଯିବ ।

ଏହା ବ୍ୟତୀତ ଭଦ୍ରକ କୋଠାର—ଆରଡି ରାସ୍ତାର ରେବା ନଦୀ ଉପରେ ଏକ ଛୋଟ ସେତୁ ଏବଂ ବୁଢ଼େଇ—ଖଣ୍ଡପୁର ରାସ୍ତାରେ ସେଂଗୁଡି ନଦୀ ଉପରେ ଅନ୍ୟ ଏକ ସେତୁ ନିର୍ମାଣ ବାବଦରେ ଯଥାକ୍ରମେ ୨ ଲକ୍ଷ ଟଙ୍କା ଓ ୫ ଲକ୍ଷ ଟଙ୍କା ବ୍ୟୟ କରାଯିବ । ସେଂଗୁଡି ଓ ରେବା ସେତୁର ନିର୍ମାଣ ଏବଂ ଗୋଟିଏ ରାସ୍ତାର ଉନ୍ନୟନ ବାବଦରେ ଗତ ମଇ ମାସ ସୁଦ୍ଧା ଏକ ଲକ୍ଷ ୧୭ ହଜାର ଟଙ୍କା ବ୍ୟୟ କରାଯାଇଛି ।

## ନୂତନ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା

ଚଳିତ ବର୍ଷ ହରିଜନ ଓ ଆଦିବାସୀ ଛାତ୍ରଛାତ୍ରୀଙ୍କ ଶିକ୍ଷା ପାଇଁ ରାଜ୍ୟ ସରକାର ୧୦ଟି ଉଚ୍ଚ ବିଦ୍ୟାଳୟ, ୧୨ଟି ଆଶ୍ରମ ସ୍କୁଲ ଓ ୮ଟି ଆବାସିକ ସେବାଶ୍ରମ ପ୍ରତିଷ୍ଠା କରିବେ ବୋଲି ଜଣାଯାଇଛି ।

ହରିଜନ ଓ ଆଦିବାସୀ ମଙ୍ଗଳ ବିଭାଗ ଅଧୀନରେ ପରିଚାଳିତ ହେଉଥିବା ୧୧ଟି କନ୍ୟାଶ୍ରମ, ୬୪ଟି ଆଶ୍ରମ ସ୍କୁଲରେ ୧,୨୦୦ ହରିଜନ ଓ ୫,୮୦୦ ଆଦିବାସୀ ଛାତ୍ରଛାତ୍ରୀ ଅଧ୍ୟୟନ ସୁବିଧା ପାଉଛନ୍ତି । ସେହିପରି ୧୨ଟି ଉଚ୍ଚ ବିଦ୍ୟାଳୟରେ ୧୧,୮୦୦ ଛାତ୍ର ଓ ୩୦ଟି ଉଚ୍ଚ ବାଳିକା ବିଦ୍ୟାଳୟରେ ୨,୩୬୯ ଛାତ୍ରୀଙ୍କ ପଢିବା ପାଇଁ ବ୍ୟବସ୍ଥା ହୋଇଛି ।

ସମଗ୍ର ରାଜ୍ୟରେ ୩୭ଟି ଆବାସିକ ସେବାଶ୍ରମ ଓ ୧,୧୨୫ଟି ସେବାଶ୍ରମ ପରିଚାଳିତ ହେଉଛି । ଆବାସିକ ସେବାଶ୍ରମ ପ୍ରତିଷ୍ଠା ଫଳରେ ବିଦ୍ୟାଳୟମାନଙ୍କରେ ଉପସ୍ଥାନ ସଂଖ୍ୟା ବୃଦ୍ଧି ପାଉଥିବାର ଲକ୍ଷ୍ୟ କରାଯାଉଛି ।

## ବଲାଙ୍ଗୀର ଜିଲ୍ଲା ପାଇଁ ୪୬ ଲକ୍ଷ ଟଙ୍କା

ଚଳିତ ଆର୍ଥିକ ବର୍ଷରେ ବଲାଙ୍ଗୀର ପୂର୍ତ୍ତ ଡିଭିଜନ ଅଞ୍ଚଳରେ ୬ଟି ସେତୁ ନିର୍ମାଣ ଏବଂ ୬ଟି ରାସ୍ତାର ଉନ୍ନୟନ ବାବଦରେ ସମୁଦାୟ ୪୬ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି । ତନ୍ମଧ୍ୟରେ ସେତୁଗୁଡିକର ନିର୍ମାଣ ପାଇଁ ମଞ୍ଜୁର ହୋଇଥିବା ୪୧ ଲକ୍ଷ ଟଙ୍କା ଅନ୍ତର୍ଭୁକ୍ତ । ଅବଶିଷ୍ଟ ୫ ଲକ୍ଷ ଟଙ୍କା ୬ଟି ରାସ୍ତାର ଉନ୍ନୟନ ପାଇଁ ବିନିଯୋଗ କରାଯିବ ।

ପ୍ରସ୍ତାବିତ ୬ଟି ସେତୁ ହେଲା:—ବଲାଙ୍ଗୀର—ସୋନପୁର ରାସ୍ତାର କୁଲୁଡା ଯୋର ସେତୁ (୨ଲକ୍ଷ ଟଙ୍କା), ସୋନପୁର—ବିନିକା ରାସ୍ତାର ଔଂଗ୍ ସେତୁ (୩୦ଲକ୍ଷ ଟଙ୍କା), ବଲାଙ୍ଗୀର ସହରର ସୁକ୍ତେଲ ଉପରେ ଥିବା ପୁରୁଣା ଲୁହା ସେତୁ ପରିବର୍ତ୍ତେ କଂକ୍ରିଟ୍ ସେତୁ (୫ଲକ୍ଷ ଟଙ୍କା), ତୁଷୁରା—ଗୁଡ଼ୁଭେଲା ରାସ୍ତାରେ ତେଲ ସେତୁ (୨ଲକ୍ଷ ଟଙ୍କା), କଂଗମୁଣ୍ଡା—ଟିଟିଲାଗଡ଼ ରାସ୍ତାରେ ହଲଦୀ ନାଳ ସେତୁ (ଏକ ଲକ୍ଷ ଟଙ୍କା), ଏବଂ ଦେଓଗାଁ ତୁଷୁରା—ଅର୍ଜୁନପୁର ରାସ୍ତାରେ ନିଧିଆପାଲୀ ସେତୁ (ଏକଲକ୍ଷ ଟଙ୍କା) । ଉକ୍ତ ୬ଟି ସେତୁ ମଧ୍ୟରୁ ପ୍ରଥମ, ୨ୟ ଓ ୫ମ ସେତୁର ନିର୍ମାଣ ବାବଦରେ ଗତ ମଇ ମାସ ଶେଷ ସୁଦ୍ଧା ସମୁଦାୟ ୪ଲକ୍ଷ ୩୪ ହଜାର ଟଙ୍କା ବ୍ୟୟ କରାଗଲାଣି ।

ଉନ୍ନତ କରାଯାଉଥିବା ରାସ୍ତାଗୁଡିକ ହେଲା:—ବଲାଙ୍ଗୀର—ସୋନପୁର ରାସ୍ତା, ବଲାଙ୍ଗୀର—ଅର୍ଜୁନପୁର ରାସ୍ତା, ଦେଓଗାଁ—ତୁଷୁରା—ଅର୍ଜୁନପୁର ରାସ୍ତା, ତୁଷୁରା—ଗୁଡ଼ୁଭେଲା ରାସ୍ତା, ଟିଟିଲାଗଡ଼—ସିଂଧେକେଲା ରାସ୍ତା ଏବଂ ବରଗଡ଼—ବଲାଙ୍ଗୀର—ସଇଁତଳା ରାସ୍ତା ।

## ମତ୍ସ୍ୟଜୀବୀ ବହୁଳ ଗ୍ରାମକୁ

ଉପକୂଳସ୍ଥ ମତ୍ସ୍ୟଜୀବୀ ବହୁଳ ଗ୍ରାମମାନଙ୍କୁ ଭିତ୍ତିଭୂମି ଉନ୍ନୟନ ସଂକ୍ରାନ୍ତୀୟ ସୁବିଧାସୁଯୋଗ ଯୋଗାଇ ଦେବା ପାଇଁ ରାଜ୍ୟ ସରକାର କେତେକ ପଦକ୍ଷେପ ଗ୍ରହଣ କରୁଛନ୍ତି । ଏଥିପାଇଁ ବାଲେଶ୍ୱର ଜିଲ୍ଲାର କଣ୍ଠାଫଳଠାରେ କାର୍ଯ୍ୟକାରୀ ହେଉଥିବା ସମନ୍ୱିତ ମତ୍ସ୍ୟ ଉନ୍ନୟନ ଯୋଜନା ଅନ୍ୟତମ । ନରୱେ ସରକାରଙ୍କ ସହାୟତାରେ ଏ ଅଞ୍ଚଳର ପାରଂପରିକ ମତ୍ସ୍ୟଜୀବୀଙ୍କ ସାମାଜିକ-ଆର୍ଥିକ ଅବସ୍ଥାରେ ଆଶୁ ଉନ୍ନତି ପାଇଁ ଯେଉଁ କାର୍ଯ୍ୟକ୍ରମମାନ ଗ୍ରହଣ କରାଯାଇଛି, ସେଥିରେ ମୋଟ୍ ୪କୋଟି ୩୫ ଲକ୍ଷ ଟଙ୍କା ବ୍ୟୟ କରାଯିବ ବୋଲି ଅଟକଳ କରାଯାଇଛି । ପାରଂପରିକ ମତ୍ସ୍ୟଜୀବୀଙ୍କ ମାଛଧରାର ଉନ୍ନତି ପାଇଁ ଭିତ୍ତିଭୂମି ସୁବିଧା ସୁଯୋଗ, ମାଛ ବିକ୍ରୟ କେନ୍ଦ୍ରକୁ ଯାତାୟାତ ପାଇଁ ରାସ୍ତାଘାଟର ସୁବିଧା ସମେତ ସେ ଅଞ୍ଚଳରେ ଶିକ୍ଷା, ପାନୀୟ ଜଳ ଯୋଗାଣ ପ୍ରଭୃତି କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ।

ଉକ୍ତ କାର୍ଯ୍ୟକ୍ରମରେ ୧୯୮୬-୮୭ ଓ ୧୯୮୭-୮୮ରେ ୨କୋଟି ୬୩ ଲକ୍ଷ ୪୭ ହଜାର ଟଙ୍କା ବ୍ୟୟ କରାଯିବ ପାଇଁ ସ୍ଥିର ହୋଇଛି ।

## ରିହାତି ଦରରେ ଚାଉଳ ଏବଂ ଗହମ

ରାଜ୍ୟର ୯ଟି ଆଦିବାସୀ ଅଧ୍ୟୁଷିତ ଜିଲ୍ଲାର ୨୧ଟି ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଅଧୀନସ୍ଥ ୧୧୮ଟି ବ୍ଲକ୍‌ରେ (ପୌଢ଼ି ଅଞ୍ଚଳ ବ୍ୟତୀତ) ବାସ କରୁଥିବା ଆଦିବାସୀ ଓ ହରିଜନଙ୍କ ସମେତ ଜନସାଧାରଣଙ୍କୁ ରିହାତି ଦରରେ ଚାଉଳ ଓ ଗହମ ବିକ୍ରୟ କରାଯାଉଛି । ବର୍ତ୍ତମାନ ସାଧାରଣ ଚାଉଳ ଦର କିଲୋ ପ୍ରତି ଟ ୧.୮୫ ପଇସା ଓ ଗହମ ଦର କିଲୋ ପ୍ରତି ଟ ୧.୫୫ପଇସା ରଖାଯାଇଛି । ମାସିକ ଜଣେ ବୟସ୍କ ବ୍ୟକ୍ତିଙ୍କ ପାଇଁ ୨କେ:ଜି: କିମ୍ବା ପରିବାର ପ୍ରତି ସର୍ବୋଚ୍ଚ ୧୦ କେ: ଜି: ଚାଉଳ ଏବଂ ସେହିପରି ମାସିକ ପ୍ରତ୍ୟେକ ବୟସ୍କ ବ୍ୟକ୍ତିଙ୍କ ପାଇଁ ୫ କେ: ଜି: କିମ୍ବା ପରିବାର ପ୍ରତି ୨୦ କେ: ଜି: ଗହମ ଦିଆଯାଉଛି । ଏହାଛଡ଼ା ପରିବାରର ପ୍ରତ୍ୟେକ ବୟସ୍କ ବ୍ୟକ୍ତି ଅଧିକା ୫କେ:ଜି: ଗହମ ମଧ୍ୟ କିଣିପାରିବେ । ଏହି ସବୁ ରିହାତି ଦରର ଚାଉଳ ଓ ଗହମ ଆଇ:ଟି:ଡି:ପି: ବ୍ଲକ୍ ଅଞ୍ଚଳର ହାଟମାନଙ୍କରେ ବିକ୍ରୟ କରାଯାଉଛି । ଏହାଛଡ଼ା ଯୋଗାଣ ନିଗମ କୋରାପୁଟ ଜିଲ୍ଲାର ୧୨ଟି, ଫୁଲବାଣୀ ଜିଲ୍ଲାରେ ୩ଟି, କଳାହାଣ୍ଡି ଜିଲ୍ଲାରେ ୨ଟି ଏବଂ କେନ୍ଦୁଝର ଜିଲ୍ଲାରେ ଗୋଟିଏ, ଏପରି ୧୮ଟି ଭ୍ରାମ୍ୟମାଣ ଦୋକାନ ସାହାଯ୍ୟରେ ଦୁର୍ଗମ ଅଞ୍ଚଳରେ ଏହି ରିହାତି ଚାଉଳ ଓ ଗହମ ବିକ୍ରୟ କରୁଛନ୍ତି ।

ଗତ ଅପ୍ରେଲ ମାସରେ ଏହିସବୁ ବ୍ଲକ୍ ଅଞ୍ଚଳରେ ୩୨ଲକ୍ଷ ୨୮ ହଜାର ୩୯୦ ଜଣ ଏହି ରିହାତି ଚାଉଳ ଓ ଗହମ କିଣି ଉପକୃତ ହୋଇଛନ୍ତି । ଏହି ମାସରେ ୬ହଜାର ୪୪୪ ମେଟ୍ରିକ୍ ଟନ୍ ରିହାତି ଚାଉଳ ଏବଂ ୧,୧୬୩ ମେଟ୍ରିକ୍ ଟନ୍ ରିହାତି ଗହମ ବିକ୍ରୟ କରାଯାଇଥିଲା ।

## ହରିଜନ ବସ୍ତିରେ ରାସ୍ତା ଆଲୁଅ

ମୟୂରଭଞ୍ଜ ଜିଲ୍ଲାରେ ୨୦୦ରୁ ଅଧିକ ଅନୁସୂଚିତ ଜନ ଜାତିର ଲୋକ ବାସ କରୁଥିବା ସମୁଦାୟ ୮୨ଟି ଗ୍ରାମ ମଧ୍ୟରୁ ଗତ ମାର୍ଚ୍ଚ ମାସ ସୁଦ୍ଧା ୭୫ଟି ଗ୍ରାମକୁ ବିଦ୍ୟୁତ ଶକ୍ତି ଯୋଗାଇ ଦିଆଯାଇ ଅନୁସୂଚିତ ଜନ ଜାତି ଗ୍ରାମର ଶତକଡ଼ା ୯୧ ଭାଗ ସାଫଲ୍ୟ ଅର୍ଜନ କରାଯାଇ ପାରିଛି । ଏହି ଜିଲ୍ଲାର ସମୁଦାୟ ୩ ହଜାର ୭୧୨ଟି ଗ୍ରାମ ଅଛି । ଗତ ମାର୍ଚ୍ଚ ମାସ ସୁଦ୍ଧା ୧ ହଜାର ୮୧୬ଟି ଗ୍ରାମ ଓ ୩୮ଟି ପତା-ଗ୍ରାମକୁ ବିଦ୍ୟୁତକରଣ କରାଯାଇଛି ଏହା ଫଳରେ ଜିଲ୍ଲାରେ ଶତକଡା ୪୯ ଭାଗ ଗ୍ରାମ ଉପକୃତ ହେବା ସଙ୍ଗେ ସଙ୍ଗେ ଗ୍ରାମାଞ୍ଚଳରେ ବାସ କରୁଥିବା ଶତକଡ଼ା ୬୪ ଭାଗ ଲୋକ ବିଦ୍ୟୁତ ଶକ୍ତି ବିନିଯୋଗ କରିବା ପାଇଁ ସୁବିଧା ସୁଯୋଗ ପାଉଛନ୍ତି ।

ଏହି ସମୟ ଶେଷ ସୁଦ୍ଧା ୨୮୪ଟି ହରିଜନ ବସ୍ତିରେ ରାସ୍ତା ଆଲୋକ ଯୋଗାଇ ଦିଆଯାଇଛି । ଜିଲ୍ଲାରେ ୧ ହଜାର ୪୩୨ଟି ପଂପ୍‌କୁ ବିଦ୍ୟୁତକରଣ କରାଯାଇଛି ।

ଚଳିତ ବର୍ଷରେ ଜିଲ୍ଲାର ୮୫ଟି ଗ୍ରାମ ଓ ୨୨୫ଟି ପଂପ୍ ସେଟ୍‌କୁ ବିଦ୍ୟୁତ୍ ସଂଯୋଗ କରିବା ସଙ୍ଗେ ସଙ୍ଗେ ୩୦ଟି ହରିଜନ ବସ୍ତିରେ ରାସ୍ତା ଆଲୁଅ ଯୋଗାଇ ଦେବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

ଗ୍ରାମ ବିଦ୍ୟୁତକରଣ ନିଗମ ମୟୂରଭଞ୍ଜ ଜିଲ୍ଲା ପାଇଁ ଗତ ମାର୍ଚ୍ଚ ଶେଷ ସୁଦ୍ଧା ୨୪ଟି ଯୋଜନା ମଞ୍ଜୁର କରିଛନ୍ତି । ଏଗୁଡ଼ିକ କାର୍ଯ୍ୟକାରୀ ହେଲେ ଜିଲ୍ଲାରେ ୧ ହଜାର ୧୧୭ଟି ଗ୍ରାମ, ୧ ହଜାର ୬୦୪ଟି ବିଦ୍ୟୁତ୍ ଚାଳିତ ପଂପ୍ ଏବଂ ୧୦୧ଟି ହରିଜନ ବସ୍ତିରେ ରାସ୍ତା ଆଲୁଅ ବ୍ୟବସ୍ଥା କରାଯାଇ ପାରିବ ।

## ମାଥିଲି ବ୍ଲକର ବିଂଶସୂତ୍ରୀ କାର୍ଯ୍ୟକ୍ରମ

ସେଚ ଓ ସୂଚନା ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଭୂପିନ୍ଦର ସିଂହ ଗତ ୧୨ ତାରିଖରେ କୋରାପୁଟ ଜିଲ୍ଲା ମାଥିଲି ବ୍ଲକ୍‌ରେ କାର୍ଯ୍ୟକାରୀ ହେଉଥିବା ବିଂଶସୂତ୍ରୀ କାର୍ଯ୍ୟକ୍ରମର ଅଗ୍ରଗତି ସଂପର୍କରେ ସମୀକ୍ଷା କରିଥିଲେ । ସମୀକ୍ଷାରୁ ପ୍ରକାଶ ଯେ ଏହି ବ୍ଲକ୍‌କୁ ମାସିକ ୧୨ ହଜାର ଲିଟର କିରୋସିନ ଯୋଗାଣ ହେଉଛି ଓ ପାଞ୍ଚଗୋଟି ହାଟକୁ ୨୦ କୁଇଣ୍ଟାଲ ଲେଖାଏ ଚାଉଳ କିଲୋ ପ୍ରତି ଟ ୧'୮୫ ପଇସାରେ ବିକ୍ରୟ ପାଇଁ ପଠାଯାଉଛି । ଏହି ବ୍ଲକ୍‌ରେ ୬ଟି ଗ୍ରାମପଞ୍ଚାୟତ ବର୍ଷାଋତୁରେ କୋଲାବ୍ ଓ ଶବରି ନଦୀ ଦ୍ୱାରା ବିଚ୍ଛିନ୍ନ ହୋଇ ରହୁଥିବାରୁ ସେସବୁ ଅଞ୍ଚଳରେ ବର୍ଷାଋତୁ ପୂର୍ବରୁ ପର୍ଯ୍ୟାପ୍ତ ପରିମାଣର ଅତ୍ୟାବଶ୍ୟକୀୟ ଦ୍ରବ୍ୟ ମହଜୁତ ରଖିବା ପାଇଁ ଶ୍ରୀ ସିଂହ ସ୍ଥାନୀୟ ଲ୍ୟାଂପସ୍ ପରିଚାଳନା ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ଏହି ବ୍ଲକ୍‌ରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଲାଗି ୨୪୮ଟି ନଳକୂପ ଓ ୮୨ଟି କୂପ ଖନନ କରାଯାଇଛି ଏବଂ ଅଧିକ ୧୨୭ଟି ନଳକୂପ ଖନନର ଆବଶ୍ୟକତା ରହିଛି ବୋଲି ସମୀକ୍ଷାରୁ ପ୍ରକାଶ । ଅସଂପୂର୍ଣ୍ଣ ରହିଥିବା ୩୦ଟି ନଳକୂପକୁ ସଂପୂର୍ଣ୍ଣ କରିବା ଲାଗି ରାଷ୍ଟ୍ରମନ୍ତ୍ରୀ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଥିଲେ । ଆର : ଏଲ: ଇ: ଜି: ପି: ଅନୁଯାୟୀ

୫୯ଟି ପ୍ରାଥମିକ ସ୍କୁଲଗୃହ ନିର୍ମାଣ ପାଇଁ ବ୍ୟୟ ବରାଦ ହୋଇଥିବା ବେଳେ ସେଥିରୁ ୩୧ଟି ଗୃହ ନିର୍ମାଣ ଶେଷ ହୋଇପାରିଛି ଓ ୨୬ଟି ଗୃହ ନିର୍ମାଣାଧୀନ ଅଛି । ଏହି ବ୍ଲକ୍‌ରେ ଥିବା ସମୁଦାୟ ୧୧୧ଟି ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତ ଥିବା ସ୍ଥଳେ ମାତ୍ର ୧୪ଟି ଶିକ୍ଷକ ପଦବୀ ଖାଲି ରହିଛି ବୋଲି ସମୀକ୍ଷାରୁ ଜଣାପଡିଛି ।

ଏହି ବ୍ଲକ୍‌ରେ କାର୍ଯ୍ୟକାରୀ ହେଉଥିବା ଇ: ଆର: ଆର: ପି:, ଏନ୍: ଆର: ଇ: ପି:, ଆର: ଡି: ଡି: ଏ:, ଗୋତିମୁକ୍ତ ଶ୍ରମିକଙ୍କ ଥଇଥାନ ଓ ଆଇ: ଆର: ଡି: କାର୍ଯ୍ୟକ୍ରମ ପରି ବିଭିନ୍ନ ଦାରିଦ୍ର୍ୟ ଦୂରୀକରଣ ଯୋଜନାର ଅଗ୍ରଗତି ସଂପର୍କରେ ମନ୍ତ୍ରୀ ସମୀକ୍ଷା କରିଥିଲେ । ୫୬,୬୬୨ ଜନସଂଖ୍ୟା ବିଶିଷ୍ଟ ଏହି ବ୍ଲକ୍‌ରେ ୪୧,୪୫୪ ଜଣ ଆଦିବାସୀ ଓ ୪୦୦୫ ଜଣ ହରିଜନ ବାସ କରନ୍ତି । ସେମାନଙ୍କ ମଧ୍ୟରୁ ୪,୨୪୧ଜଣ ଆଦିବାସୀ ଓ ୮୩୧ ଜଣ ହରିଜନ ବିଭିନ୍ନ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମରେ ଉପକୃତ ହୋଇଛନ୍ତି । ୧୯୮୧–୧୯୮୨ ଠାରୁ ଗତ ଆର୍ଥିକ ବର୍ଷ ଶେଷସୁଦ୍ଧା ଇ. ଆର. ଆର. ପି. ଅନୁଯାୟୀ ୧,୫୧୨ ଦରିଦ୍ରତମ ପରିବାର ଏବଂ ଆଇ. ଆର. ଡି. ରେ ସେହି ସମୟ ମଧ୍ୟରେ ୩,୨୨୧ ପରିବାର ଉପକୃତ ହୋଇଛନ୍ତି । ସେହିପରି କେବଳ ଗତ ଆର୍ଥିକ ବର୍ଷରେ ୨୮୦ଜଣ ଦରିଦ୍ର ଲୋକଙ୍କୁ ଘରଡିହ ଯୋଗାଇ ଦେବା ଲାଗି ଲକ୍ଷ୍ୟଧାର୍ଯ୍ୟ ହୋଇଥିବା ସ୍ଥଳେ ୨୬୪ ଜଣଙ୍କୁ ଘରଡିହ ଯୋଗାଇ ଦିଆଯାଇଛି ବୋଲି ସମୀକ୍ଷାରୁ ପ୍ରକାଶ ।

ଶତାଧିକ ମହିଳାଙ୍କ ସମେତ ବହୁ ଆଦିବାସୀ ଲୋକଙ୍କ ଉପସ୍ଥିତିରେ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ସିଂହ ବ୍ଲକ୍ କାର୍ଯ୍ୟାଳୟର ସମୀକ୍ଷା କରିବାର ଉଦ୍ଦେଶ୍ୟ ସଂପର୍କରେ ସେମାନଙ୍କୁ ବୁଝାଇଥିଲେ ଏବଂ ବିଭିନ୍ନ ଜନହିତକର କାର୍ଯ୍ୟରେ ଜନ ସହଯୋଗ କାମନା କରିଥିଲେ । ଏହି ସମୀକ୍ଷା ବେଳେ ସ୍ଥାନୀୟ ବିଧାୟକ ଶ୍ରୀ ଗଙ୍ଗାଧର ମାଡୀ ଓ ଜୟପୁର ବିଧାୟକ ଶ୍ରୀ ଗୁରୁପ୍ରସାଦ ଦାସ ଉପସ୍ଥିତ ଥିଲେ ।

## ଦାରିଦ୍ର୍ୟ ଦୂରୀକରଣ

ମୟୁରଭଞ୍ଜ ଜିଲ୍ଲାରେ ବ୍ଲକ୍‌ସ୍ତରରେ ବିଂଶସୂତ୍ରୀ କାର୍ଯ୍ୟକ୍ରମ କିପରି ଭାବେ କାର୍ଯ୍ୟକାରୀ ହେଉଛି; ସେଗୁଡ଼ିକ ସମୀକ୍ଷା କରିବା ଉଦ୍ଦେଶ୍ୟରେ ଜଙ୍ଗଲ ଓ ପରିବେଶ ବିଭାଗ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଜଗନ୍ନାଥ ଭଲ୍ଲା ସଂପ୍ରତି ଉକ୍ତ ଜିଲ୍ଲା ଗସ୍ତରେ ଯାଇ ବିଶୋଇ, ଥିରିଙ୍ଗ ଓ ଜାମଦା ବ୍ଲକ୍‌ରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ ।

ଉକ୍ତ ବ୍ଲକ୍‌ଗୁଡ଼ିକରେ କାର୍ଯ୍ୟକାରୀ ହେଉଥିବା ଇ. ଆର. ଆର. ପି. ଓ ଆଇ. ଆର. ଡି. କାର୍ଯ୍ୟକ୍ରମର ଅଗ୍ରଗତି ସମ୍ବନ୍ଧରେ କରାଯାଇଥିବା ସମୀକ୍ଷାରୁ ପ୍ରକାଶ ଯେ ଉକ୍ତ ଯୋଜନା କାଳରୁ ଗତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ବିଶୋଇ ବ୍ଲକ୍‌ରେ ଆଦିବାସୀ ଓ ହରିଜନ ପରିବାରଙ୍କ ସମେତ ସମୁଦାୟ ୩,୭୩୬ଟି ପରିବାର ଉକ୍ତ କାର୍ଯ୍ୟକ୍ରମରେ ଉପକୃତ ହୋଇଛନ୍ତି । ସେହିପରି ଥିରିଙ୍ଗ ବ୍ଲକରେ ୨,୮୪୨ଟି ପରିବାର ଉପକୃତ ହୋଇଥିବା ବେଳେ ଜାମଦା ବ୍ଲକ୍‌ରେ ଉକ୍ତ ସମୟ ମଧ୍ୟରେ ୨,୬୨୪ଟି ଦରିଦ୍ର ପରିବାର ଉପକୃତ ହୋଇଛନ୍ତି ।

ସେହିପରି ସମୀକ୍ଷା କରାଯାଇଥିବା ସମନ୍ୱିତ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟକ୍ରମ ଓ ଗ୍ରାମ୍ୟ ଭୂମିହୀନଙ୍କ କର୍ମ ନିଯୁକ୍ତି ନିର୍ଭରତା କାର୍ଯ୍ୟକ୍ରମ ଅନୁଯାୟୀ ଗତ ଦୁଇବର୍ଷ ମଧ୍ୟରେ ସ୍କୁଲଗୃହ ନିର୍ମାଣ ଓ ଇନ୍ଦିରା ଆବାସ ଯୋଜନାରେ ବିଶୋଇ ବ୍ଲକ୍‌ରେ ୧୧ ଲକ୍ଷ ୮୧ ହଜାର ଟଙ୍କା ବିନିଯୋଗ କରାଯାଇ ୧ ଲକ୍ଷ ୬୦ ହଜାର ୧୫୪ ଶ୍ରମ ଦିବସ ସୃଷ୍ଟି କରାଯାଇଛି । ଥିରିଙ୍ଗ ବ୍ଲକ୍‌ରେ ୧୨ଲକ୍ଷ ୪୦ ହଜାର ୯୭୩ଟଙ୍କା ବିନିଯୋଗରେ ୧ଲକ୍ଷ ୬ ହଜାର ଶ୍ରମ ଦିବସ ସୃଷ୍ଟି କରାଯାଇଥିବା ବେଳେ ଜାମଦା ବ୍ଲକ୍‌ରେ ୧୩ଲକ୍ଷ ୧୨ ହଜାର ୯୭୩ ଟଙ୍କା ବ୍ୟୟ କରାଯାଇ ସ୍କୁଲଗୃହ ଓ ଇନ୍ଦିରା ଆବାସ ଯୋଜନାରେ ୧ଲକ୍ଷ ୩୨ ହଜାର ଶ୍ରମ ଦିବସ ସୃଷ୍ଟି କରାଯାଇ ଗରିବ ଲୋକଙ୍କୁ କାମଧନ୍ଦା ଯୋଗାଇ ଦିଆଯାଇଛି ବୋଲି ଜଙ୍ଗଲ ବିଭାଗ ରାଷ୍ଟ୍ରମନ୍ତ୍ରୀ ସଂପ୍ରତି କରିଥିବା ସମୀକ୍ଷାରୁ ପ୍ରକାଶ ।

## ନିଯୁକ୍ତି ପାଇଁ ବେକାରଙ୍କୁ ନ୍ୟାୟ ପ୍ରଦାନ

ରାଜ୍ୟରେ ବେକାରୀ ସମସ୍ୟା ଉତ୍କଟ ହୋଇଥିବା ଦୃଷ୍ଟିରୁ ଏହାର ନିରାକରଣ ଦିଗରେ ନିଯୋଜନ ଅଧିକାରୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ମତବ୍ୟକ୍ତ କରି ଶ୍ରମ ଓ ନିଯୋଜନ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଭୂପାଳ ଚନ୍ଦ୍ର ମହାପାତ୍ର ବେକାରମାନଙ୍କୁ ନ୍ୟାୟ ଦେବା ଲାଗି ଏହି ଅଧିକାରୀମାନଙ୍କୁ ଆହ୍ୱାନ ଦେଇଛନ୍ତି ।

ରାଜ୍ୟ ସମବାୟ ବ୍ୟାଙ୍କ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ନିଯୋଜନ ଅଧିକାରୀମାନଙ୍କର ବାର୍ଷିକ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଶ୍ରୀ ମହାପାତ୍ର କହିଲେ ଯେ ଆଗାମୀ ବର୍ଷମାନଙ୍କରେ ବେକାରୀ ସମସ୍ୟା ଅଧିକ ଉତ୍କଟ ହେବାର ଆଶଙ୍କା ରହିଛି । ରାଜ୍ୟରେ ବର୍ଷକୁ ପ୍ରାୟ ୨ ଲକ୍ଷ ବେକାର ଯୁବକ/ଯୁବତୀ ରେଜେଷ୍ଟ୍ରୀଭୁକ୍ତ ହେଉଥିବାବେଳେ ସେମାନଙ୍କ ମଧ୍ୟରୁ ହାରାହାରି ୧୪ରୁ ୧୫ ହଜାର ବେକାର ଚାକିରି ପାଇବା ପାଇଁ ସକ୍ଷମ ହେଉଛନ୍ତି । ନିଯୋଜନ ଅଧିକାରୀମାନଙ୍କର କାର୍ଯ୍ୟ ପରିସର କେବଳ ବେକାରଙ୍କ ନାମ ରେଜିଷ୍ଟ୍ରେସନ ଓ ସୁପାରିଶ କରିବାରେ ସୀମିତ ହେବା ଯଥାର୍ଥ ହେବନାହିଁ ବୋଲି ମତବ୍ୟକ୍ତ କରି ଶ୍ରୀ ମହାପାତ୍ର କହିଲେ ଯେ ସେମାନଙ୍କ କାର୍ଯ୍ୟ ପରିସର ସୁଦୂର ପ୍ରସାରୀ ହେବା ବାଞ୍ଛନୀୟ । ସେମାନେ ନିୟମିତଭାବେ ବିଭିନ୍ନ ଶିକ୍ଷାନୁଷ୍ଠାନମାନଙ୍କୁ ଯାଇ ଧନ୍ଦାମୂଳକ ଶିକ୍ଷା ପାଇଁ ଉତ୍ସାହିତ କରିବା ଏବଂ ସରକାରଙ୍କ ଦ୍ୱାରା ପ୍ରବର୍ତ୍ତିତ ବିଭିନ୍ନ ଆତ୍ମନିଯୁକ୍ତି ଯୋଜନାର ଉପଯୋଗିତା ସଂପର୍କରେ ବୁଝାଇବା ଆବଶ୍ୟକ । ବିଶେଷତଃ କୋରାପୁଟ, କଳାହାଣ୍ଡି ଓ ଫୁଲବାଣୀ ପରି ଆଦିବାସୀ ବହୁଳ ଜିଲ୍ଲାମାନଙ୍କରେ କ୍ୟାମ୍ପ୍ ରେଜିଷ୍ଟ୍ରେସନ୍ ମାଧ୍ୟମରେ ବେକାର ବ୍ୟକ୍ତିଙ୍କ ତାଲିକାଭୁକ୍ତ କରିବା ପାଇଁ ଶ୍ରମ ମନ୍ତ୍ରୀ ଶ୍ରୀ ମହାପାତ୍ର ନିଯୋଜନ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ଶ୍ରୀ ମହାପାତ୍ର କହିଲେ ଯେ କର୍ମ ଯୋଗାଣ ସଂସ୍ଥାମାନଙ୍କରୁ ନିଯୁକ୍ତିକାରୀଙ୍କ ନିକଟକୁ ପ୍ରାର୍ଥୀମାନଙ୍କ ନାମ ସୁପାରିଶ କରିବା ବେଳେ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶିତ ବାର୍ଷିକ ତାଲିକା ପ୍ରସ୍ତୁତ କରିବା ନୀତି ଚଳିତ ବର୍ଷ ଜାନୁଆରୀ ମାସଠାରୁ ଗ୍ରହଣ କରାଯାଇଛି ।

○ ○ ○







Licence No. C. R. N. P. 5—Licensed to post without Pre-Payment







PRINTED AT ORISSA GOVERNMENT PRESS, CUTTACK-10


ଉତ୍କଳ ପ୍ରସଙ୍ଗ
ସ୍ୱାଧୀନତା ଦିବସ ବିଶେଷାଙ୍କ